NITIDIN
ନିତିଦିନ
RNI REG. NO. ODIODI/2015/62237 ● POSTAL REGD. NO.BN/258/18-20
12 PAGES ● ₹ 6/-
www.nitidin.com
twitter.com/nitidintoday
facebook.com/nitidintoday
FRIDAY
27 SEPTEMBER 2024
ଶୁକ୍ରବାର
୨୭ ସେପ୍ଟେମ୍ବର ୨୦୨୪
NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 10 ● ISSUE 131 BHUBANESWAR | BERHAMPUR | SAMBALPUR | BALASORE | JAJPUR ବର୍ଷ ୧୦ ● ସଂଖ୍ୟା ୧୩୧ ଭୁବନେଶ୍ୱର | ବ୍ରହ୍ମପୁର | ସମ୍ବଲପୁର | ବାଲେଶ୍ୱର | ଯାଜପୁର

# ଶ୍ରମିକଙ୍କ ପାଇଁ ସର୍ବନିମ୍ନ ମଜୁରୀ ହାର ବୃଦ୍ଧିକଲେ କେନ୍ଦ୍ର ସରକାର

ନୂଆଦିଲ୍ଲୀ, ୨୬।୯/ଏଜେନ୍ସି:



ଆଗକୁ ଦେଶରେ ପାର୍ବଣ ଋତୁ ଆସୁଥିବା ବେଳେ ଏହାପୂର୍ବରୁ କେନ୍ଦ୍ର ସରକାର ଦେଶର ଶ୍ରମିକ ବର୍ଗର ହିତାଧିକାରୀଙ୍କ ଉଦ୍ଦେଶ୍ୟରେ ଏକ ବଡ଼ ଘୋଷଣା କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାର ଦେଶର ଶ୍ରମିକ ବର୍ଗର ହିତାଧିକାରୀଙ୍କ ଦୈନିକ ପାରିଶ୍ରମିକ ବୃଦ୍ଧି କରିଛନ୍ତି। ବିଶେଷକରି ଅଣସଂଗଠିତ କ୍ଷେତ୍ରର ଶ୍ରମିକମାନଙ୍କୁ ସହାୟତା କରିବା ପାଇଁ କେନ୍ଦ୍ର ସରକାର ପରିବର୍ତ୍ତନଶୀଳ ମହଙ୍ଗା ଭତ୍ତା (ଭିଡିଏ)କୁ ସଂଶୋଧନ କରି ସର୍ବନିମ୍ନ ମଜୁରୀ ହାର ବୃଦ୍ଧି କରିଛନ୍ତି। ବର୍ଦ୍ଧିତ ଜୀବନଧାରଣ ଖର୍ଚ୍ଚର ମୁକାବିଲା କରିବାରେ ଶ୍ରମିକମାନଙ୍କୁ ସାହାଯ୍ୟ କରିବା ପାଇଁ ଏହି ବୃଦ୍ଧି କରାଯାଇଛି।

ସର୍ବନିମ୍ନ ମଜୁରୀ ହାରକୁ ଅଣକୁଶଳୀ, ଅର୍ଦ୍ଧ-କୁଶଳୀ, କୁଶଳୀ ଏବଂ ଉଚ୍ଚ କୁଶଳୀ ତଥା ଭୌଗୋଳିକ କ୍ଷେତ୍ର-ଏ, ବି ଏବଂ ସି ବର୍ଗ ଅନ୍ତର୍ଭୁକ୍ତ ତଥା ଦକ୍ଷତା ସ୍ତର ଆଧାରରେ ବର୍ଗୀକରଣ କରାଯାଇଛି। ସଂଶୋଧନ ପରେ ଅଣକୁଶଳୀ କାମ ପାଇଁ ନିର୍ମାଣ, ସଫେଇ, ଲୋଡିଂ ଓ ଅନଲୋଡିଂ କ୍ଷେତ୍ରରେ କାମ କରୁଥିବା ଶ୍ରମିକଙ୍କ ପାଇଁ ସର୍ବନିମ୍ନ ମଜୁରି ହାର ଅଣକୁଶଳୀ ପାଇଁ ଦୈନିକ ୭୮୩ ଟଙ୍କା (ମାସିକ ୨୦,୩୫୮ ଟଙ୍କା), ଅର୍ଦ୍ଧକୁଶଳୀ ପାଇଁ ୮୬୮ ଟଙ୍କା (ମାସିକ ୨୨,୫୬୮ ଟଙ୍କା), ଦକ୍ଷ କ୍ଲର୍କ୍ ଏବଂ ୱାଚ୍ ଆଣ୍ଡ ୱାର୍ଡ ପାଇଁ ଦୈନିକ ୯୫୪ ଟଙ୍କା (ମାସିକ ୨୪,୮୦୪ ଟଙ୍କା) ଏବଂ ଉଚ୍ଚ କୁଶଳୀ ପାଇଁ ଦୈନିକ ୧୦୩୫ ଟଙ୍କା ଅର୍ଥାତ୍ (ମାସିକ ୨୬,୯୧୦ ଟଙ୍କା) ଧାର୍ଯ୍ୟ କରାଯାଇଛି। ଏସମ୍ପର୍କରେ ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟ ଗୁରୁବାର ଏକ ବିଜ୍ଞପ୍ତି ଜାରି କରିଛି। ▶▶ ୭

## ନର୍ସିଂ କର୍ମଚାରୀ ସଂଘର ଆନ୍ଦୋଳନ

# ସରକାର ଗଢ଼ିଲେ ଆନ୍ତଃବିଭାଗୀୟ କମିଟି

ଭୁବନେଶ୍ୱର,୨୬।୯/ଏନ୍‌ଏନ୍‌ଏସ୍:

ଓଡ଼ିଶା ନର୍ସିଂ କର୍ମଚାରୀ ସଂଘର ଦାବି ଉପରେ ସରକାର ଆଜି ଆଲୋଚନା କରିଛନ୍ତି। ପରିସ୍ଥିତିର ଅନୁଧ୍ୟାନ କରି ସଂଘ ଉଠାଇଥିବା ବିଭିନ୍ନ ଦାବି ଉପରେ ବିଚାରବିମର୍ଶ କରିବା ପାଇଁ ସରକାର ଏକ ଅନ୍ତଃବିଭାଗୀୟ କମିଟି ଗଠନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ନିଜର ବିଭିନ୍ନ ଦାବି ନେଇ ଆନ୍ଦୋଳନ ଜାରି ରଖିଥିବା ଓଡ଼ିଶା ନର୍ସିଂ କର୍ମଚାରୀ ସଂଘକୁ ମନାଇବା ପାଇଁ ସରକାରୀସ୍ତରରେ ଜୋରଦାର ପ୍ରୟାସ ଆରମ୍ଭ ହୋଇଛି। ରାଜ୍ୟ ସ୍ୱାସ୍ଥ୍ୟ ସଚିବଙ୍କ ସହ ଆଲୋଚନା ବିଫଳ ହେବାପରେ ନର୍ସିଂ କର୍ମଚାରୀମାନେ ଆନ୍ଦୋଳନ ଜାରି ରଖିଛନ୍ତି। ଆଜି ରାଜ୍ୟ ସରକାର ନର୍ସିଂ କର୍ମଚାରୀମାନଙ୍କ ଦାବି ପୂରଣ ଓ ସମାଧାନ ପାଇଁ ଅନ୍ତଃବିଭାଗୀୟ କମିଟି ଗଠନ କରିବାକୁ ନିଷ୍ପତ୍ତି ନେଇଛନ୍ତି।ଏହାସହିତ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟସେବାର ଆବଶ୍ୟକତାକୁ ହୃଦୟଙ୍ଗମ କରି ନର୍ସିଂ ଅଫିସରମାନଙ୍କୁ ଆନ୍ଦୋଳନରୁ ଓହରି ନିଜ କାର୍ଯ୍ୟରେ ଯୋଗ ଦେବା ପାଇଁ ସରକାର ପରାମର୍ଶ ଦେଇଥିବା ଜଣାପଡ଼ିଛି।

# ଦେଶକୁ ମିଳିଲା ୩ ପରମ ରୁଦ୍ର ସୁପର କମ୍ପ୍ୟୁଟର

ନୂଆଦିଲ୍ଲୀ, ୨୬।୯/ଏଜେନ୍ସି:

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୁରୁବାର ୩ଟି ପରମ ରୁଦ୍ର ସୁପରକମ୍ପ୍ୟୁଟିଂ ସିଷ୍ଟମ୍ ଏବଂ ପାଣିପାଗ ଓ ଜଳବାୟୁ ପାଇଁ ୨ଟି ହାଇ ପରଫର୍ମାନ୍ସ କମ୍ପ୍ୟୁଟିଂ ସିଷ୍ଟମ (ଏଚ୍‌ପିସି)ର ଉଦ୍‌ଘାଟନ କରିଛନ୍ତି। ଅତ୍ୟାଧୁନିକ ବୈଜ୍ଞାନିକ ଅନୁସନ୍ଧାନକୁ ସମର୍ଥନ କରିବା ପାଇଁ ପୁଣେ, ଦିଲ୍ଲୀ ଏବଂ କୋଲକାତା ଆଦି ଦେଶର ୩ ପ୍ରମୁଖ ସହରରେ ଏହି ୩ଟି ପରମ ରୁଦ୍ର ସୁପର କମ୍ପ୍ୟୁଟିଂ ସିଷ୍ଟମ୍‌କୁ ନିୟୋଜିତ କରାଯାଇଛି। ପୁଣେର ଜଏଣ୍ଟ ମିଟର ରେଡିଓ ଟେଲିସ୍କୋପ୍ (ଜିଏମ୍‌ଆରଟି) ସୁପର କମ୍ପ୍ୟୁଟର ବ୍ୟବହାର କରି ଫାଷ୍ଟ ରେଡିଓ ବର୍ଷ୍ଟସ୍ (ଏଫ୍‌ଆର୍‌ବି) ଏବଂ ଅନ୍ୟାନ୍ୟ ଜ୍ୟୋତିର୍ବିଜ୍ଞାନ କାର୍ଯ୍ୟକଳାପକୁ ଅଧ୍ୟୟନ କରିବ। ଦିଲ୍ଲୀରେ ଇଣ୍ଟର-ୟୁନିଭର୍ସିଟି ଆକ୍ସଲେରେଟର୍ ସେଣ୍ଟର (ଆଇୟୁଏସି) ବସ୍ତୁ ବିଜ୍ଞାନ ଏବଂ ପରମାଣୁ ପଦାର୍ଥ ବିଜ୍ଞାନ କ୍ଷେତ୍ରରେ ଗବେଷଣାକୁ ଆଗକୁ ବଢ଼ାଇବ। କୋଲକାତା ସ୍ଥିତ ଏସ୍ ଏନ୍ ବୋଷ୍ ସେଣ୍ଟରରେ ଲାଗିଥିବା ସୁପର କମ୍ପ୍ୟୁଟର ପଦାର୍ଥ ବିଜ୍ଞାନ, ବ୍ରହ୍ମାଣ୍ଡ ବିଜ୍ଞାନ ଏବଂ ପୃଥିବୀ ବିଜ୍ଞାନ କ୍ଷେତ୍ରରେ ଉନ୍ନତ ଅଧ୍ୟୟନର ନେତୃତ୍ୱ ନେବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ସେହିପରି ପାଣିପାଗ ଏବଂ ଜଳବାୟୁ ଉପରେ ଗବେଷଣା ଦିଗରେ ୨ଟି ଏଚ୍‌ପିସି (ଆର୍‌କା ଏବଂ ଅରୁନିକା)କୁ ନିୟୋଜିତ କରାଯାଇଛି। ଏହି ୨ଟି ହାଇ ପରଫର୍ମାନ୍ସ ସୁପର କମ୍ପ୍ୟୁଟର ସିଷ୍ଟମ୍‌କୁ ୮୫୦ କୋଟି ଟଙ୍କା ବିନିମୟରେ ପ୍ରସ୍ତୁତ କରାଯାଇଛି। ଏଥିମଧ୍ୟରୁ ଗୋଟିଏ ସିଷ୍ଟମ୍‌କୁ ପୁଣେ ସ୍ଥିତ ଇଣ୍ଡିଆନ୍ ଟ୍ରୋପିକାଲ ମେଟେଓରୋଲୋଜି (ଆଇଆଇଟିଏମ୍) ଠାରେ ଏବଂ ଅନ୍ୟ ସିଷ୍ଟମ୍‌ଟିକୁ ନୋଏଡା ସ୍ଥିତ ନ୍ୟାସନାଲ ସେଣ୍ଟର ଫର୍ ମିଡିୟମ୍ ରେଞ୍ଜ୍ ୱେଦର ଫୋର୍‌କାଷ୍ଟ (ଏନ୍‌ସିଏମ୍‌ଆର୍‌ଡବ୍ଲ୍ୟୁଏଫ୍)ରେ ନିୟୋଜିତ କରାଯାଇଛି। ପ୍ରକାଶ, ଏସମସ୍ତ ସୁପର କମ୍ପ୍ୟୁଟରଗୁଡ଼ିକୁ ନ୍ୟାସନାଲ କ୍ୱାଣ୍ଟମ କମ୍ପ୍ୟୁଟିଂ ମିସନ ଅଧୀନରେ ବିକଶିତ କରାଯାଇଛି।

## ୨ ଏଚ୍‌ପିସି ସହ ବଢ଼ିବ ପାଣିପାଗ ପୂର୍ବାନୁମାନ ସଠିକତା ହାର

## ଆସିବ ଏଆଇ, ମେସିନ୍ ଲର୍ଣ୍ଣିଂ ଏବଂ ଡାଟା ପ୍ରୋସେସିଂ କ୍ଷେତ୍ରରେ ଯୁଗାନ୍ତକାରୀ ପରିବର୍ତ୍ତନ



ପ୍ରକାଶ, ପାଣିପାଗ, ଜଳବାୟୁ ଗଣନାକୁ ଅଧିକ ସ୍ପଷ୍ଟ ତଥା ବ୍ୟାପକ କରିବା ଦିଗରେ ଏହି ୨ ହାଇ ପରଫର୍ମାନ୍ସ ସୁପର କମ୍ପ୍ୟୁଟର ବେଶ୍ ଉପାଦେୟ ସାବ୍ୟସ୍ତ ହେବ। ଏହି ସୁପର କମ୍ପୁଟର ଜରିଆରେ ପାଣିପାଗ ପୂର୍ବାନୁମାନ ସଠିକତା ହାର ବୃଦ୍ଧି ପାଇବ। ଯାହାଦ୍ୱାରା କୃଷି, ବିପର୍ଯ୍ୟୟ ପରିଚାଳନା ଏବଂ ସହରୀ ଯୋଜନା ପାଇଁ ସୁଦୂରପ୍ରସାରୀ ପ୍ରଭାବ ପକାଇବ। ଏହି ପ୍ରଣାଳୀ ଭାରତର ପାଣିପାଗ ବିଭାଗର ପୂର୍ବାନୁମାନ କ୍ଷମତାକୁ ବୈପ୍ଳବିକ କରିବାକୁ ପ୍ରସ୍ତୁତ ହୋଇଛି, ଯାହା ପାଣିପାଗର ପରିବର୍ତ୍ତିତ ଢ଼ାଞ୍ଚା ଏବଂ ଜଳବାୟୁ ଧାରା ବିଷୟରେ ଅଧିକ ସଠିକ ପୂର୍ବାନୁମାନ ସକ୍ଷମ କରିପାରିବ। ସେହିପରି ପରମ ରୁଦ୍ର ସୁପର କମ୍ପ୍ୟୁଟିଂ ସିଷ୍ଟମ୍, ବିଜ୍ଞାନ, ସ୍ୱାସ୍ଥ୍ୟସେବା ଏବଂ ମହାକାଶ ଗବେଷଣା କ୍ଷେତ୍ରରେ ବେଶ୍ ଉପାଦେୟ ସାବ୍ୟସ୍ତ ହେବ ବୋଲି କୁହାଯାଇଛି। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ), ମେସିନ୍ ଲର୍ଣ୍ଣିଂ ଏବଂ ଡାଟା ପ୍ରୋସେସିଂ କ୍ଷେତ୍ରରେ ଏହା ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିବ। ସୂଚନାଯୋଗ୍ୟ ଏସମସ୍ତ ସୁପର କମ୍ପ୍ୟୁଟରଗୁଡ଼ିକରେ ଅତ୍ୟାଧୁନିକ ହାର୍ଡୱେର୍ ଏବଂ ସଫ୍ଟୱେୟାର ଟେକ୍ନୋଲୋଜି ବ୍ୟବହାର କରାଯାଇଥିବା ବେଳେ ଏହାର ଅଧିକାଂଶ ଉପାଦାନ ଭାରତରେ ଉତ୍ପାଦନ ଓ ଆସେମ୍ବଲ୍ କରାଯାଇଛି।

ଉଦ୍‌ଘାଟନୀ ସମାରୋହରେ ପ୍ରଧାନମନ୍ତ୍ରୀ ମୋଦୀ, ଡିଜିଟାଲ ଯୁଗରେ ଭାରତକୁ ଏକ ବିଶ୍ୱସ୍ତରୀୟ ନେତା ହେବାର ଲକ୍ଷ୍ୟ ହାସଲ କରିବାରେ ସ୍ୱଦେଶୀ ପ୍ରଯୁକ୍ତିବିଦ୍ୟା ବିକାଶର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ପରମ ରୁଦ୍ର ତଥା ଏଚ୍‌ପିସିସ୍ତରୀୟ ସୁପର କମ୍ପ୍ୟୁଟିଂ ସୁବିଧା ଭାରତ ସରକାରଙ୍କ ଆତ୍ମ ନିର୍ଭରଶୀଳ ଭାରତର ଦୃଷ୍ଟିକୋଣ ସହିତ କିପରି ମେଳ ଖାଉଛି ଏବଂ ଦେଶର ସମ୍ମୁଖୀନ ହେଉଥିବା ବାସ୍ତବ ସମସ୍ୟାର ସମାଧାନରେ କିପରି ସହାୟକ ହେବ ବୋଲି ମୋଦୀ ଦର୍ଶାଇଛନ୍ତି। ଏହି ଅବସରରେ ମୋଦୀ କହିଛନ୍ତି ଯେ, ୨୦୧୫ରେ ଦେଶରେ ନ୍ୟାସନାଲ ସୁପର କମ୍ପ୍ୟୁଟିଂ ମିସନ ଆରମ୍ଭ ହୋଇଥିବା ବେଳେ ସୁପର କମ୍ପ୍ୟୁଟର ନିର୍ମାଣ କ୍ଷେତ୍ରରେ ଭାରତ ଏବେ ବିଶ୍ୱର ଏକ ଅଗ୍ରଣୀ ଦେଶ ହୋଇପାରିଛି। ତେବେ ଏତିକିରେ ଆମେ ଅଟକି ନଯାଇ କ୍ୱାଣ୍ଟମ କମ୍ପ୍ୟୁଟିଂ କ୍ଷେତ୍ରରେ ବି କାମ କରୁଛେ। ଟେକ୍ନୋଲୋଜୀ କ୍ଷେତ୍ରରେ ଦେଶର ବିକାଶ ଦେଶର ସାଧାରଣ ଲୋକଙ୍କ ବିକାଶକୁ ତ୍ୱରାନ୍ୱିତ କରିବ। ଭାରତ ନିଜର ସେମିକଣ୍ଡକ୍ଟର ଇକୋସିଷ୍ଟମ ନିର୍ମାଣ କରୁଛି ଯାହା ବିଶ୍ୱ ଯୋଗାଣ ଶୃଙ୍ଖଳାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହେବ। ଏହାର ଚିତ୍ତାକର୍ଷକ ପ୍ରକ୍ରିୟାକରଣ ଶକ୍ତି ସହିତ ସୁପର କମ୍ପ୍ୟୁଟର କୃତ୍ରିମ ବୁଦ୍ଧି, ମେସିନ୍ ଲର୍ଣ୍ଣିଂ ଏବଂ ଡାଟା ଆନାଲିଟିକ୍ସ ପରି କ୍ଷେତ୍ରରେ ଗବେଷଣା ଏବଂ ବିକାଶକୁ ତ୍ୱରାନ୍ୱିତ କରିବ ବୋଲି ଆଶା କରାଯାଉଛି ବୋଲି ମୋଦୀ କହିଛନ୍ତି।

ପ୍ରକାଶ, ବୈଜ୍ଞାନିକ ଏବଂ ଗବେଷଣା ଉଦ୍ଦେଶ୍ୟରେ ଏହି ସୁପର କମ୍ପ୍ୟୁଟିଂ ସିଷ୍ଟମଗୁଡ଼ିକୁ ମୁଖ୍ୟତଃ ବ୍ୟବହାର କରାଯାଇଥାଏ। ଏହି ସୁପର କମ୍ପ୍ୟୁଟର ଅତ୍ୟନ୍ତ ଦ୍ରୁତ ଏବଂ ଶକ୍ତିଶାଳୀ। ଖୁବ୍ କମ୍ ସମୟ ମଧ୍ୟରେ ଜଟିଳ ଗଣନା ସମ୍ପୂର୍ଣ୍ଣ କରିଥାନ୍ତି। ଏକ ସୁପର କମ୍ପ୍ୟୁଟର ଏକାଥରକେ ଏତେ ପରିମାଣର ଡାଟା ପ୍ରୋସେସ୍ କରିପାରେ ଯେ ସାଧାରଣ କମ୍ପ୍ୟୁଟର କଳ୍ପନା ମଧ୍ୟ କରିପାରିବ ନାହିଁ। ଏକ ସୁପର କମ୍ପ୍ୟୁଟର ସେହି କାର୍ଯ୍ୟଗୁଡ଼ିକୁ ସମ୍ପୂର୍ଣ୍ଣ କରିପାରିବ ଯାହା ନିୟମିତ କମ୍ପ୍ୟୁଟର ପାଇଁ ୫୦୦ ବର୍ଷ ସମୟ ନେବ।

### ପରମ ରୁଦ୍ର ସୁପର କମ୍ପ୍ୟୁଟର୍ କ'ଣ ?

ଭଗବାନ ଶିବଙ୍କ ଭୟଙ୍କର ଅବତାର ନାମରେ ନାମିତ ପରମ ରୁଦ୍ର ବିଭିନ୍ନ ବୈଜ୍ଞାନିକ ଏବଂ ଇଞ୍ଜିନିୟରିଂ ଡୋମେନ୍‌ଗୁଡିକରେ ଜଟିଳ ଗଣନା ଚ୍ୟାଲେଞ୍ଜର ମୁକାବିଲା ପାଇଁ ଡିଜାଇନ୍ କରାଯାଇଛି। ନ୍ୟାସନାଲ ସୁପର କମ୍ପ୍ୟୁଟିଂ ମିଶନ ଅଧୀନରେ ସ୍ୱଦେଶୀ ସ୍ୱଦେଶୀ ଢ଼ାଞ୍ଚାରେ ୩ଟି ପରାମ ରୁଦ୍ର ସୁପର କମ୍ପ୍ୟୁଟରକୁ ୧୩୦ କୋଟି ଟଙ୍କା ବିନିମୟରେ ସେଣ୍ଟର ଫର ଡେଭଲପମେଣ୍ଟ ଅଫ୍ ଆଡଭାନ୍ସଡ କମ୍ପ୍ୟୁଟିଙ୍ଗ୍ (ସି-ଡାକ୍) ଦ୍ୱାରା ବିକଶିତ କରାଯାଇଛି, ଯାହାକି ଦେଶର ଉଚ୍ଚ କ୍ଷମତା ସମ୍ପନ୍ନ ଗଣନା କ୍ଷମତାକୁ ଏକ ପ୍ରମୁଖ ଉତ୍ସାହର ପ୍ରତିନିଧିତ୍ୱ କରୁଛି। ଏହି ଉନ୍ନତ କମ୍ପ୍ୟୁଟିଂ ସିଷ୍ଟମର ନିୟୋଜନ ବିଶ୍ୱ ସୁପର କମ୍ପ୍ୟୁଟିଂ ମଞ୍ଚରେ ଭାରତର ସ୍ଥିତିକୁ ବଢ଼ାଇବ। ଅନୁସନ୍ଧାନକାରୀ ଏବଂ ବୈଜ୍ଞାନିକମାନଙ୍କୁ ସ୍ୱାସ୍ଥ୍ୟସେବା, ଅକ୍ଷୟ ଶକ୍ତି ଏବଂ ଜଳବାୟୁ ପରିବର୍ତ୍ତନ ହ୍ରାସ ଭଳି କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନର ମୁକାବିଲା ପାଇଁ ଆବଶ୍ୟକ ଉପକରଣ ଯୋଗାଇବ।

# ସରୋଗେସୀ ମା'ଙ୍କୁ ୧୮୦ ଦିନର ଛୁଟି

ଭୁବନେଶ୍ୱର,୨୬।୯/ଏନ୍‌ଏନ୍‌ଏସ୍:

ଏଣିକି ଉଧାର ମାତୃତ୍ୱ(ସରୋଗେସୀ) ଦ୍ୱାରା ମା' ହେଉଥିବା ମହିଳା କର୍ମଚାରୀଙ୍କୁ ଏଣିକି ୧୮୦ଦିନ ଓ ପୁରୁଷ କର୍ମଚାରୀଙ୍କୁ ୧୫ଦିନର ମାତୃତ୍ୱ ଓ ପିତୃତ୍ୱ ଛୁଟି ମଳିବ। ରାଜ୍ୟ ଅର୍ଥ ବିଭାଗ ଆଜି ଏସଂକ୍ରାନ୍ତ ପ୍ରସ୍ତାବକୁ ଅନୁମୋଦନ କରିବା ସହ ଆନୁଷ୍ଠାନିକ ବିଜ୍ଞପ୍ତି ଜାରି କରିଛି। ୨୦୧୧ ମସିହାରୁ ରାଜ୍ୟ ସରକାର ନିଜର ମହିଳା କର୍ମଚାରୀଙ୍କୁ ୧୮୦ଦିନର ମାତୃତ୍ୱ ଛୁଟି ଓ ପୁରୁଷ କର୍ମଚାରୀଙ୍କୁ ୧୫ଦିନର ପିତୃତ୍ୱ ଛୁଟି ସୁବିଧା ମିଳୁଛି। ସରୋଗେସୀ ପାଇଁ ରାଜ୍ୟ ସରକାରଙ୍କ ଏହି ନୂଆ ଛୁଟି ନିୟମ ଆଜିଠୁ କାର୍ଯ୍ୟକାରୀ ହେବ।

ଅର୍ଥ ବିଭାଗର ବିଜ୍ଞପ୍ତି ଅନୁସାରେ, ଜଣେ ରାଜ୍ୟ ମହିଳା କର୍ମଚାରୀ ଯଦି ଦୁଇରୁ କମ୍ ଜୀବିତ ସନ୍ତାନ ଥାଇ 'ସରୋଗେଟ ମା' ହୁଅନ୍ତି ତା'ହେଲେ ସେ ୧୮୦ଦିନ ମାତୃତ୍ୱ ଛୁଟି ପାଇବାକୁ ଯୋଗ୍ୟ ବିବେଚିତ ହେବେ। ତେବେ ସମ୍ପୃକ୍ତ ମହିଳା କର୍ମଚାରୀଙ୍କୁ ସରୋଗେସି ଅଧିନିୟମ-୨୦୨୧ର ଧାରା ୪(ଖ)ରେ ପ୍ରଦତ୍ତ ସର୍ତ୍ତଗୁଡ଼ିକ ପୂରଣ କରିବାକୁ ପଡ଼ିବା ଦରକାର। ▶▶ ୭

## ଓଡ଼ିଶା ବିଜ୍ଞାନ ଏକାଡେମୀ ପୁରସ୍କାର ଘୋଷିତ

# ସମ୍ବର୍ଦ୍ଧିତ ହେବେ ୧୬ ଜଣ ବୈଜ୍ଞାନିକ

ଭୁବନେଶ୍ୱର,୨୬।୯/ଏନ୍‌ଏନ୍‌ଏସ୍:

ରାଜ୍ୟ ସରକାରଙ୍କ ବିଜ୍ଞାନ ଓ ବୈଷୟିକ ଜ୍ଞାନ ବିଭାଗର ଅନୁମୋଦନ କ୍ରମେ ଓଡ଼ିଶା ବିଜ୍ଞାନ ଏକାଡେମୀ ପକ୍ଷରୁ ପୁରସ୍କାର ତାଲିକା ପ୍ରକାଶ ପାଇଛି। ଏଥିରେ ୫ଟି ବର୍ଗରେ ୧୬ ଜଣ ବୈଜ୍ଞାନିକଙ୍କୁ ପୁରସ୍କୃତ କରାଯିବ। କିଟ୍ ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ୍ ବାୟୋଟେକ୍‌ନୋଲୋଜିର ପ୍ରଫେସର କ୍ଷୀରୋଦ କୁମାର ଜେନାଙ୍କୁ ବୈଜ୍ଞାନିକ ଉତ୍କର୍ଷ ପାଇଁ 'ବିଜୁ ପଟ୍ଟନାୟକ ପୁରସ୍କାର' ପ୍ରଦାନ କରାଯିବ। ସେହିପରି କଟକସ୍ଥିତ ଆଇସିଏଆର-ଏନ୍‌ଆରାରଆଇର ପ୍ରମୁଖ ବୈଜ୍ଞାନିକ ଡ. ସଂଘମିତ୍ରା ସାମନ୍ତରାୟଙ୍କୁ ଜୀବ ବିଜ୍ଞାନ, ଜଟଣୀସ୍ଥିତ ନାଇଜରର ପ୍ରଫେସର ବେଦାଙ୍ଗଦାସ ମହାନ୍ତିଙ୍କୁ ଭୌତିକ ବିଜ୍ଞାନ, ନିଟ୍ ରାଉରକେଲାର ପ୍ରଫେସର ସୁବ୍ରତ କୁମାର ପଣ୍ଡାଙ୍କୁ ଯାନ୍ତ୍ରିକ ଓ ପ୍ରାଦ୍ୟୋଗିକ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ 'ସାମନ୍ତ ଚନ୍ଦ୍ରଶେଖର ପୁରସ୍କାର'ରେ ସମ୍ମାନିତ କରାଯିବ। ଏଥିସହ ରାଜ୍ୟ ବାହାରେ କାର୍ଯ୍ୟରତ ପିଜିଆଇଏମ୍‌ଇଆର, ଚଣ୍ଡୀଗଡ଼ର ପ୍ରଫେସର ପିନାକୀ ଦତ୍ତଙ୍କୁ ଲାଇଫ୍ ସାଇନ୍ସ କ୍ଷେତ୍ରରେ ଉତ୍କର୍ଷ ପ୍ରଦର୍ଶନ ନିମନ୍ତେ 'ସାମନ୍ତ ଚନ୍ଦ୍ରଶେଖର ପୁରସ୍କାର' ପ୍ରଦାନ କରାଯିବ। ଏସ୍‌ସିବି ମେଡିକାଲ କଲେଜ ଓ ହସ୍‌ପିଟାଲ୍, କଟକର ସହକାରୀ ପ୍ରଫେସର ଡ. ସରିତା ଶେଖର ପଟ୍ଟନାୟକ, ରିଜିଓନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଜୁକେସନ୍, ଭୁବନେଶ୍ୱରର ସହକାରୀ ପ୍ରଫେସର ଡ. ଅପ୍ରମିତା ଚାନ୍ଦ, ଏନ୍‌ଆଇଟି ରାଉରକେଲାର ସହକାରୀ ପ୍ରଫେସର ଡ. ରାଜେଶ କୁମାର ପୃଷ୍ଟିଙ୍କୁ ଯୁବବୈଜ୍ଞାନିକ ସମ୍ମାନ ପ୍ରଦାନ କରାଯିବ। ସେହିଭଳି ରାଜ୍ୟ ବାହାରେ କାର୍ଯ୍ୟରତ ଶ୍ରେଣୀରେ ଜାତୀୟ ବୈଷୟିକ ପ୍ରତିଷ୍ଠାନ, ୱାରଙ୍ଗଲ ସହକାରୀ ପ୍ରଫେସର ଡଃ ସଞ୍ଜୟ କୁମାର ପଣ୍ଡାଙ୍କୁ ମଧ୍ୟ ଓଡ଼ିଶା ଯୁବ ବୈଜ୍ଞାନିକ ସମ୍ମାନ ପ୍ରଦାନ କରାଯିବ। ଏଥି ସହ ରବିନ୍ଦନାଥ ମାଝୀ ଓ ତୁଳସୀ ସ୍ୱାଇଁଙ୍କୁ ଯଥାକ୍ରମେ ସାଧାରଣ ଓ ଶିଶୁ ବର୍ଗରେ 'ପ୍ରାଣକୃଷ୍ଣ ପରିଜା ବିଜ୍ଞାନ ପୁସ୍ତକ ପୁରସ୍କାର' ପ୍ରଦାନ କରାଯିବ। ଏହା ବ୍ୟତୀତ ଡ. ରାଜା କିଶୋର ପରମଗୁରୁ, ଡ. ଶୁଭ୍ରାଂଶୁ ଶେଖର ମହାପାତ୍ର, ପ୍ରଫେସର କୃଷ୍ଣଚନ୍ଦ୍ର ମହାନ୍ତି, ପ୍ରଫେସର ଡ. ଆର. ଭୀମା ରାଓ ଓ ପ୍ରଫେସର ମଳୟ କୁମାର ମିଶ୍ରଙ୍କୁ ମଧ୍ୟ ବୈଜ୍ଞାନିକ ଭାବେ ସମ୍ବର୍ଦ୍ଧିତ କରାଯିବ। ଉପରୋକ୍ତ ବୈଜ୍ଞାନିକମାନଙ୍କୁ ନିକଟ ଭବିଷ୍ୟତରେ ଏକ ରାଜ୍ୟସ୍ତରୀୟ ସମାରୋହରେ ପୁରସ୍କୃତ ଓ ସମ୍ବର୍ଦ୍ଧିତ କରାଯିବ।

## ମେଜର ବାନ୍ଧବୀଙ୍କ ବିରୋଧରେ ମାମଲା ପ୍ରସଙ୍ଗ

# ରେକର୍ଡପତ୍ର ଦାଖଲ ନିର୍ଦ୍ଦେଶ

କଟକ,୨୬।୯/ଏନ୍‌ଏନ୍‌ଏସ୍ :

ମେଜର ବାନ୍ଧବୀଙ୍କ ନାମରେ ଭରତପୁର ଥାନାରେ ହୋଇଥିବା ମାମଲା ଖାରଜ କରିବା ନେଇ ହାଇକୋର୍ଟରେ ରୁଜୁ ମାମଲାର ଶୁଣାଣି ଆଜି ହୋଇଛି। ବିଚାରପତି ଆଦିତ୍ୟ ମହାପାତ୍ର ଏହି ମାମଲାର ଶୁଣାଣି କରି ମାମଲା ସଂକ୍ରାନ୍ତୀୟ ସମସ୍ତ ରେକର୍ଡପତ୍ର ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ମାମଲାର ସଠିକ ତଦନ୍ତ ପାଇଁ କ୍ରାଇମ୍‌ବ୍ରାଞ୍ଚର ତଦନ୍ତକାରୀ ଅଧିକାରୀଙ୍କୁ ହାଇକୋର୍ଟ ତାଗିଦ୍ କରିଛନ୍ତି। ଅକ୍ଟୋବର ୩ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଅଦାଲତ ଦିନ ଧାର୍ଯ୍ୟ କରିଛନ୍ତି। ସୂଚନାନୁସାରେ, ମେଜରଙ୍କ ବାନ୍ଧବୀଙ୍କ ନାମରେ ଭରତପୁର ଥାନାରେ ପୁଲିସ ପକ୍ଷରୁ ଏକ ମାମଲା ରୁଜୁ ହୋଇଥିଲା। ଉକ୍ତ ମାମଲାକୁ ଖାରଜ କରିବା ନେଇ ମେଜରଙ୍କ ବାନ୍ଧବୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗତ କିଛିଦିନ ହେବ ମେଜର ଓ ତାଙ୍କ ବାନ୍ଧବୀଙ୍କ ପ୍ରତି ପୁଲିସ ନିର୍ଯାତନାକୁ ନେଇ ସାରା ରାଜ୍ୟରେ ହଟ୍ଟଚମଟ ଲାଗିରହିଛି। ▶▶ ୭

# ଆସନ୍ତା ୨୪ଘଣ୍ଟାରେ ଉତ୍ତର ଓ ପଶ୍ଚିମରେ ପ୍ରବଳ ବର୍ଷା

ଭୁବନେଶ୍ୱର,୨୬।୯/ଏନ୍‌ଏନ୍‌ଏସ୍:



ଲଘୁଚାପ ପ୍ରଭାବରେ ରାଜ୍ୟରେ ଜାରି ରହିଛି ବର୍ଷା। ବିଶେଷ କରି ଉତ୍ତର ଓଡ଼ିଶାରେ ପ୍ରବଳ ବର୍ଷା ହେବା ନେଇ ୱାର୍ଣ୍ଣିଂ ଜାରି କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର। ତେବେ ଟ୍ୱିନ୍ ସିଟି କଟକ ଏବଂ ଭୁବନେଶ୍ୱର ସମେତ ବିଭିନ୍ନ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ଜାରି ରହିଛି। ପାଣିପାଗ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ମହାରାଷ୍ଟ୍ର ଏବଂ ଏହାର ଆଖପାଖ ଅଞ୍ଚଳରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଏବେ ଗାଙ୍ଗେଟି ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଛତିଶଗଡ଼ ଉପରେ ସକ୍ରିୟ ରହିଛି। ଏହାର ପ୍ରଭାବରେ ଓଡିଶାରେ ଦିନ ତମାମ ଲାଗି ରହିଛି ବର୍ଷା। ଅନ୍ୟପଟେ ଆସନ୍ତାକାଲି ବି ରାଜ୍ୟର ଅଧିକାଂଶ ସ୍ଥାନରେ ପ୍ରବଳରୁ ମଧ୍ୟମ ଧରଣର ବର୍ଷା ହେବ ବୋଲି ଆକଳନ କରିଛି ପାଣିପାଗ ବିଭାଗ। ଆହୁରି ୨୪ ଘଣ୍ଟା ରାଜ୍ୟରେ ପ୍ରବଳ ବର୍ଷା ହେବା ନେଇ ପୂର୍ବାନୁମାନ କରିଛି ପାଣିପାଗ କେନ୍ଦ୍ର। କାଲି ସକାଳ ସାଢେ ୮ଟା ଯାଏଁ ୨୧ ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି କରାଯାଇଛି। ରାଜ୍ୟର ଅନେକ ସ୍ଥାନରେ ବିଜୁଳି ଘଡଘଡି ସହ ହାଲୁକାରୁ ମଧ୍ୟମ ବର୍ଷା ସହ କିଛି କିଛି ସ୍ଥାନରେ ପ୍ରବଳ ବର୍ଷା ରାଜ୍ୟରେ ଜାରି ରହିବ। ଗତ ୩୬ ଘଣ୍ଟା ମଧ୍ୟରେ ତାଳଚେରରେ ସର୍ବାଧିକ ୨୪୭ ମିମି ବର୍ଷା ହୋଇଥିବା ବେଳେ ବାଲେଶ୍ୱରରେ ୧୦୮ ମିମି ବର୍ଷା ରେକର୍ଡ କରାଯାଇଥିବା ବେଳେ ଭଦ୍ରକରେ ୯୮, କେନ୍ଦୁଝରରେ ୯୨, ଚାନ୍ଦବାଲିରେ ୮୩, ଜଗତସିଂହପୁରରେ ୭୫, ବୌଦ୍ଧରେ ୬୧, ଯାଜପୁରରେ ୪୩ ମିମି ବର୍ଷା ହୋଇଛି। ଏହା ବ୍ୟତୀତ ଅନ୍ୟ ସ୍ଥାନଗୁଡ଼ିକରେ ମଧ୍ୟ ବର୍ଷାର ପରିମାଣ ଭଲ ରହିଛି। ଚଳିତ ମୌସୁମୀ ସିଜିନରେ ରାଜ୍ୟରେ ଜୁନ ୧ରୁ ଏଯାବତ ୧୧୨୫.୭ ମିମି ସ୍ୱାଭାବିକ ବର୍ଷା ତୁଳନାରେ ୧୦୫୧.୧ ମିମି ବର୍ଷା ରେକର୍ଡ ହୋଇଛି। ଏବେ ବି ୭ ପ୍ରତିଶତ ନିଅଣ୍ଟିଆ ବର୍ଷା ରହିଛି। ବର୍ତ୍ତମାନ ସୁଦ୍ଧା ଗୋଟିଏ ଜିଲ୍ଲାରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହୋଇଥିବା ବେଳେ ୨୧ ଜିଲ୍ଲାରେ ସ୍ୱାଭାବିକ ବର୍ଷା ରେକର୍ଡ ହୋଇଛି ଓ ୮ ଜିଲ୍ଲାରେ ନିଅଣ୍ଟିଆ ବର୍ଷା ରେକର୍ଡ କରାଯାଇଛି। ପୁରୀ ଓ ଭଦ୍ରକରେ ଅଧିକ ନିଅଣ୍ଟିଆ ବର୍ଷା ରହିଛି।

# ବିଜେପିରେ ନେତାଙ୍କ ପୁଅ ନେତା ହୁଅନ୍ତିନି:ନଡ୍ଡା

ଭୁବନେଶ୍ୱର,୨୬।୯/ଏନ୍‌ଏନ୍‌ଏସ୍:



ଦେଶରେ ପାଖାପାଖି ୫୦୦୦ ଛୋଟବଡ଼ ରାଜନୈତିକ ଦଳ ଥିଲାବେଳେ ସେଥିରୁ ମାତ୍ର ୫୦ଟି ଦଳ ସକ୍ରିୟ ଅଛନ୍ତି। ମାତ୍ର ଭାରତୀୟ ଜନତା ପାର୍ଟି ସମସ୍ତଙ୍କ ଠାରୁ ସ୍ୱତନ୍ତ୍ର। ଏହା ଏକ ମାତ୍ର ରାଜନୈତିକ ଦଳ, ଯାହା ସଂପୂର୍ଣ୍ଣ ଗଣତାନ୍ତ୍ରିକ ନୀତି ଆଦର୍ଶରେ ପରିଚାଳିତ। ବିଶ୍ୱର ଅନ୍ୟ କୌଣସି ଦଳରେ ଏଭଳି ଗଣତାନ୍ତ୍ରିକ ବ୍ୟବସ୍ଥା ନାହିଁ। ଏହି ଜାତୀୟ ଦଳରେ ଜଣେ ନେତାଙ୍କ ପୁଅ ନେତା ହୁଅନ୍ତିନି। ଜଣେ ସାଧାରଣ ଲୋକ ନେତା ହୋଇଥାନ୍ତି। ଏହା କହିଛନ୍ତି ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଡ.ଜଗତ ପ୍ରକାଶ ନଡ୍ଡା।

ଗୁରୁବାର ଦିନିକିଆ ଓଡ଼ିଶା ଗସ୍ତରେ ଆସି ଶ୍ରୀ ନଡ୍ଡା ଭୁବନେଶ୍ୱର ଠାରେ ଅନୁଷ୍ଠିତ 'ସଦସ୍ୟତା ଅଭିଯାନ-୨୦୨୪' ସଂପର୍କିତ କାର୍ଯ୍ୟକ୍ରମରେ ଯୋଗଦେଇ ରାଜ୍ୟରେ ବିଜେପିର ଡବଲ୍ ଇଞ୍ଜିନ ସରକାରଙ୍କ ବିଭିନ୍ନ ବିକାଶମୂଳକ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଛନ୍ତି। ଏଥି ସହ ଜାରି ରହିଥିବା ସଦସ୍ୟତା ଅଭିଯାନକୁ ସଫଳ କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ, ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ସୁନୀଲ ବଂଶଲ ଓ ଦୁଷ୍ୟନ୍ତ ଗୌତମ, ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ ସାଂସଦ ସମ୍ବିତ ପାତ୍ର ଏବଂ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ।

ଶ୍ରୀ ନଡ୍ଡା କହିଛନ୍ତି ଯେ ବିଜେପି ସବୁବେଳେ ସଦସ୍ୟତା ଅଭିଯାନକୁ ଗୁରୁତ୍ୱ ଦେଇଆସିଛି। ଏହି ଅଭିଯାନ ପାଇଁ ଗୋଟିଏ ମଞ୍ଚରେ ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କଠାରୁ ଆରମ୍ଭ କରି ପ୍ରଦେଶର ଅଧ୍ୟକ୍ଷ, ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ପର୍ଯ୍ୟନ୍ତ ସମସ୍ତେ ଏକତ୍ରିତ ହୋଇଛନ୍ତି। ଅନ୍ୟ କୌଣସି ଦଳରେ ସଦସ୍ୟତା କାର୍ଯ୍ୟକ୍ରମକୁ ଏଭଳି ଗୁରୁତ୍ୱ ଦିଆଯାଏନାହିଁ। ବିଜେପିର ସଦସ୍ୟ ସଂଖ୍ୟା ଏବେ ୧୮ କୋଟିରୁ ଊର୍ଦ୍ଧ୍ୱ ରହିଛି। ଏହା କେବଳ କଥା କୁହାଯାଉନାହିଁ। ଏହା ରେକର୍ଡ୍ ହୋଇ ରହିଛି। ପ୍ରତି ୬ ବର୍ଷରେ ଥରେ ଏହି ସଦସ୍ୟତା ଅଭିଯାନ ହୋଇଥାଏ। ସବୁ ପୁରାତନ ସଦସ୍ୟତାମାନଙ୍କୁ ପୁଣି ଥରେ ସଦସ୍ୟ ହେବାକୁ ପଡ଼େ। ପ୍ରଥମେ ପ୍ରାଥମିକ ସଦସ୍ୟ ହେବା ପରେ କାର୍ଯ୍ୟକର୍ତ୍ତାମାନେ ସକ୍ରିୟ ସଦସ୍ୟ ହୁଅନ୍ତି। ଏହାପରେ ମଣ୍ଡଳ, ଜିଲ୍ଲା, ରାଜ୍ୟ ଏବଂ ରାଷ୍ଟ୍ରୀୟସ୍ତରୀୟ କମିଟି ନିର୍ବାଚନ ହୁଏ। ଚଳିତ ଥର ସଦସ୍ୟତା ଅଭିଯାନ -

## ଅତ୍ୟନ୍ତ ସ୍ୱଚ୍ଛ ଭାବେ ସଦସ୍ୟତା ଗ୍ରହଣ ପରେ କାର୍ଯ୍ୟକର୍ତ୍ତା ନିର୍ବାଚନ

୨୦୨୪ ଗତ ୨ରୁ ଦେଶବ୍ୟାପୀ ଆରମ୍ଭ ହୋଇଛି ଏବଂ ପ୍ରଥମେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସଦସ୍ୟ ହେବାପରେ ଅନ୍ୟମାନେ ସଦସ୍ୟ ହୋଇଥିଲେ। ନୂତନ ସଦସ୍ୟତା ଅଭିଯାନ ଏବେ ୬ କୋଟି ଅତିକ୍ରମ କରିସାରିଲାଣି। ଏହି ଗଣତାନ୍ତ୍ରିକ ପ୍ରକ୍ରିୟା କେବଳ ବିଜେପିରେ ରହିଛି । ଏହି କାରଣରୁ ଦଳ ମଧ୍ୟରେ କୌଣସି ବଂଶବାଦ ରାଜନୀତି ନାହିଁ। ବିଜେପିର ମୂଳ ଆଧାର ହେଉଛି କାର୍ଯ୍ୟକର୍ତ୍ତା। ସାରା ଦେଶରେ ବିଜେପିର ଆଜି ୧୦ ଲକ୍ଷ ୪୦ ହଜାର ବୁଥ୍ ଥିବାବେଳେ ସେଥିରୁ ୮ ଲକ୍ଷ ୪୦ ହଜାର ବୁଥରେ ବିଜେପିର ଅଧ୍ୟକ୍ଷ ରହିଛନ୍ତି। ଦେଢ଼ଲକ୍ଷ ଶକ୍ତିକେନ୍ଦ୍ର ଥିବାବେଳେ ୧୫ହଜାରରୁ ଅଧିକ ମଣ୍ଡଳ ରହିଛି । ସଦସ୍ୟମାନେ ହିଁ ଦଳକୁ ଆଗକୁ ନେଇ ଚାଲିଛନ୍ତି। ଆଜି ଦଳର ୩୫୦ରୁ ଅଧିକ ସାଂସଦ ଥିବାବେଳେ, ୧୫୦୦ରୁ ଅଧିକ ବିଧାୟକ ଅଛନ୍ତି। ୭୦୦୦ରୁ ଅଧିକ ମେୟର, ଜିଲାପରିଷଦ ଅଧ୍ୟକ୍ଷ, ବ୍ଲକ ସମିତି ଅଧ୍ୟକ୍ଷ ରହିଛନ୍ତି। ମୋଦିଜୀଙ୍କ '୨୦୪୭ ବିକଶିତ ଭାରତ' ଲକ୍ଷ୍ୟ ପୂରଣ କରିବା ପାଇଁ ସମସ୍ତେ ବିଜେପି ସହ ଯୋଡ଼ି ହୋଇ ଦେଶକୁ ଆଗେଇ ନେବାକୁ ଶ୍ରୀ ନଡ୍ଡା ଆହ୍ୱାନ ଦେଇଥିଲେ।

ଶ୍ରୀ ନଡ୍ଡା କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ନେତୃତ୍ୱରେ ବିଜେପି ଏବଂ ଏନ୍‌ଡିଏ ଦେଶର ଉନ୍ନତି ପାଇଁ କାର୍ଯ୍ୟ କରୁଥିବାବେଳେ ବିରୋଧୀ ଇଣ୍ଡି ମେଣ୍ଟରେ ସାମିଲ ଦଳଗୁଡ଼ିକ ଦୁର୍ନୀତିକୁ ପ୍ରୋତ୍ସାହିତ କରିବା ସହିତ ରାଷ୍ଟ୍ର ବିରୋଧୀ ତତ୍ତ୍ୱକୁ ପ୍ରୋତ୍ସାହିତ କରୁଛନ୍ତି। ▶▶ ୭

# ୪୩ ବ୍ଲକରେ ନୂଆ ବିଡିଓ ନିଯୁକ୍ତ


ଭୁବନେଶ୍ୱର, ୨୬।୯/ଏନ୍‌ଏନ୍‌ଏସ୍:

ରାଜ୍ୟ ସରକାର ଆଜି ୫୯ ଓଏଏସ୍ ଅପିସରଙ୍କ ବଦଳି କରିଛନ୍ତି। ୪୩ଟି ବ୍ଲକରେ ନୂଆ ବିଡିଓଙ୍କୁ ନିଯୁକ୍ତି ମିଳିଥିବାବେଳେ ୩ ଜଣ ବିଡିଓଙ୍କୁ ରାଜସ୍ୱ ବିଭାଗକୁ ଫେରାଇ ଦିଆଯାଇଛି। ଆଉ ୧୩ ଜଣ ବରିଷ୍ଠ ଓଏଏସ୍ ଅଫିସରଙ୍କୁ ମଧ୍ୟ ବଦଳି କରି ନୂଆ ସ୍ଥାନରେ ଅବସ୍ଥାପିତ କରାଯାଇଛି। ସେମାନଙ୍କ ମଧ୍ୟରୁ ୪ଜଣଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ନିଯୁକ୍ତି ମିଳିଛି। ଏ ସଂକ୍ରାନ୍ତରେ ଆଜି ସାଧାରଣ ପ୍ରଶାସନ ବିଭାଗ ଓ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଭିନ୍ନ ଭିନ୍ନ ବଦଳି ନିର୍ଦ୍ଦେଶ ଜାରି ହୋଇଛି ।

ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ଓଏମସି ଜେନେରାଲ ମ୍ୟାନେଜର ବରିଷ୍ଠ ଓଏଏସ୍ ପ୍ରଫୁଲ୍ଲ କୁମାର ସ୍ୱାଇଁଙ୍କ ସମେତ କଟକସ୍ଥିତ ବନ୍ଦୋବସ୍ତ ଅଧିକାରୀ ବବିତାରାଣୀ ଦଳବେହେରା, ଓସଡମା ମୁଖ୍ୟ ଜେନେରାଲ ମ୍ୟାନେଜର ରଶ୍ମୀରଞ୍ଜନ ସାହୁ ଓ ବିଏମସି ଡେପୁଟି କମିଶନର ପ୍ରିୟବ୍ରତ ପାଢ଼ୀ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ମୁତୟନ କରାଯାଇଛି । ▶▶ ୭

## ଟ୍ରୁଡେୟୁଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

**ଓଟାଓ୍ବା, ୨୬।୯/ଏଜେନ୍ସି:** କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡେୟୁ ଅନାସ୍ଥା ପ୍ରସ୍ତାବର ସମ୍ମୁଖୀନ ହୋଇଛନ୍ତି। କାନାଡା ସଂସଦରେ ଗତ ମଙ୍ଗଳବାର ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡେୟୁଙ୍କ ବିରୋଧରେ ମୁଖ୍ୟ ବିରୋଧୀ ଦଳ କଞ୍ଜରଭେଟିଭ ପାର୍ଟି ଅଫ୍ କାନାଡା ପକ୍ଷରୁ ଅନାସ୍ଥା ପ୍ରସ୍ତାବ ଆଗତ କରାଯାଇଛି। କଞ୍ଜରଭେଟିଭ ପାର୍ଟି ଅଫ୍ କାନାଡାର ନେତା ପିୟରେ



ପୋଲେଭ୍ରେଙ୍କ ନେତୃତ୍ୱରେ ସମସ୍ତ ବିରୋଧୀ ଦଳ ପକ୍ଷରୁ ସାମୂହିକ ଭାବେ ଏହି ଅନାସ୍ଥା ପ୍ରସ୍ତାବ ଆଗତ କରାଯାଇଥିବା ସୂଚନା ମିଳିଛି। ସୂଚନାନୁସାରେ ଗତକାଲି ଅର୍ଥାତ୍ ବୁଧବାର କାନାଡା ପାର୍ଲାମେଣ୍ଟରେ ବିଭିନ୍ନ ପ୍ରସଙ୍ଗରେ ବିତର୍କ କରାଯାଇଥିବା ବେଳେ ଜଷ୍ଟିନ୍ ଟ୍ରୁଡେୟୁଙ୍କ ବିରୋଧରେ ଆସିଥିବା ଏହି ଅନାସ୍ଥା ପ୍ରସ୍ତାବ ଉପରେ ମଧ୍ୟ ଆଲୋଚନା କରାଯାଇଛି। ତେବେ ଆଗାମୀ ଦିନରେ ଏହା ଉପରେ ଭୋଟିଂ ଅନୁଷ୍ଠିତ ହେବ। ପ୍ରକାଶ, ଚଳିତ ମାସ ପ୍ରଥମ ସପ୍ତାହରେ ନ୍ୟୁ ଡେମୋକ୍ରାଟିକ୍ ପାର୍ଟି ଟ୍ରୁଡେୟୁ ସରକାରଙ୍କଠାରୁ ସମର୍ଥନ ପ୍ରତ୍ୟାହାର କରିଥିଲା। ଫଳରେ ଟ୍ରୁଡେୟୁ ସରକାର ଅଳ୍ପମତକୁ ଆସିଯାଇଥିବା ଅନୁମାନ କରାଯାଉଛି। ବିତର୍କ ସମୟରେ ବିରୋଧୀ ଦଳ ନେତା ଭାବେ ପୋଲେଭ୍ରେ ଗୃହ ସଙ୍କଟ, ଅପରାଧ ନିୟନ୍ତ୍ରଣରେ ବିଫଳତା, ଜାତୀୟ ଋଣ ଦ୍ୱିଗୁଣିତ ହେବା ଆଦିକୁ ପ୍ରସଙ୍ଗ କରି ପ୍ରଧାନମନ୍ତ୍ରୀ ଟ୍ରୁଡେୟୁ ଏବଂ ତାଙ୍କ ସରକାରକୁ ଟାର୍ଗେଟ କରିଛନ୍ତି।

## ଲେବାନନରେ ଥମିବନି ଧ୍ୱଂସଲୀଳା: ଅସ୍ତ୍ରବିରତି ପ୍ରସ୍ତାବ ଖାରଜ କଲେ ନେତାନ୍ୟାହୁ

# ପ୍ରଚଣ୍ଡ ଆକ୍ରମଣ କରିବ ଇସ୍ରାଏଲ୍

**ବେରୁତ, ଜେରୁଜେଲମ୍, ୨୬।୯/ଏଜେନ୍ସି:** ଆମେରିକା ସମେତ ବିଶ୍ୱ ସମୁଦାୟର ଚାପକୁ ଖାତିର ନ କରି ଲେବାନନରେ ଆକ୍ରମଣ ଜାରି ରହିବ ବୋଲି ଇସ୍ରାଏଲ୍ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ସୀମାରେ ଅସ୍ତ୍ରବିରତି ପ୍ରସ୍ତାବକୁ ଖାରଜ କରିଦେଇଛନ୍ତି। ଲେବାନନ୍ ବିପକ୍ଷ ଯୁଦ୍ଧକୁ ଜୋରଦାର କରିବାକୁ

### ଭାରତୀୟ ନାଗରିକଙ୍କୁ ତୁରନ୍ତ ଲେବାନନ୍ ଛାଡିବାକୁ ନିର୍ଦ୍ଦେଶ

ଇସ୍ରାଏଲ୍ ଶପଥ ନେଇଥିବା ନେତାନ୍ୟାହୁ କହିଛନ୍ତି। ନେତାନ୍ୟାହୁଙ୍କ କହିବାନୁସାରେ ଲେବାନନ୍ ସ୍ଥିତ ଆତଙ୍କୀ ସଂଗଠନ ହିଜବୁଲ୍ଲାକୁ ନିପାତ କରିବାକୁ କୌଣସି ସୁଯୋଗ ହାତଛଡ଼ା କରିବୁ ନାହିଁ। ଇସ୍ରାଏଲ ଉପରେ ହିଜବୁଲ୍ଲାର ରକେଟ୍ ତଥା କ୍ଷେପଣାସ୍ତ୍ର ମାଡର ଉପଯୁକ୍ତ ଜବାବ ଦେବାକୁ ଲେବାନନ ଉପରେ ବଡ଼ ଧରଣର ଆକ୍ରମଣ ପାଇଁ ଇସ୍ରାଏଲ୍ ପ୍ରସ୍ତୁତ। ଉଲ୍ଲେଖଯୋଗ୍ୟ, ପାଲେଷ୍ଟାଇନ୍‌ର ଗାଜା ଷ୍ଟ୍ରିପ୍‌ରେ ସକ୍ରିୟ ଥିବା ଆତଙ୍କୀ ସଂଗଠନ ହମାସକୁ ନିପାତ କଲାଭଳି ଇରାନ ସମର୍ଥିତ ହିଜବୁଲ୍ଲାକୁ ମଧ୍ୟ ଲେବାନନ ମାଟିରେ ମୂଳପୋଛ କରିବା ପାଇଁ ଇସ୍ରାଏଲ ଏବେ ଜୋରଦାର ପ୍ରସ୍ତୁତି ଆରମ୍ଭ କରିଦେଇଛି। ଇସ୍ରାଏଲ ଗତ ତିନି ଦିନରେ ଲେବାନନରେ ହେଜବୋଲ୍ଲାର



୨୦୦୦ରୁ ଅଧିକ ଠିକଣାକୁ ଧ୍ୱଂସ କରିସାରିଲାଣି ଏବଂ ଏହି ଧ୍ୱଂସଲୀଳା ଏବେ ବନ୍ଦ ହେବାର ନାହିଁ। କାରଣ ଇସ୍ରାଏଲ ଅସ୍ତ୍ରବିରତି ପାଇଁ ରାଜି ନାହିଁ। ଇସ୍ରାଏଲ ବୈଦେଶିକ ମନ୍ତ୍ରୀ ତଥା ପ୍ରତିରକ୍ଷା ମନ୍ତ୍ରୀ ଲେବାନନରେ ହିଜବୁଲ୍ଲାକୁ ନିପାତ କରିବାକୁ ଆହ୍ୱାନ କରିଛନ୍ତି।


ପ୍ରକାଶ, ଆମେରିକା ଓ ଫ୍ରାନ୍ସ ଲେବାନନ୍‌ରେ ୨୧ ଦିନିଆ ଅସ୍ତ୍ରବିରତି ପାଇଁ ଦେଇଥିବା ପ୍ରସ୍ତାବକୁ ଗୁରୁବାର ଖାରଜ କରିଦେଇଛି ଇସ୍ରାଏଲ। ଏସମ୍ପର୍କରେ ଇସ୍ରାଏଲ୍ ବୈଦେଶିକ ମନ୍ତ୍ରୀ ଏକ ପୋଷ୍ଟ କରି କହିଛନ୍ତି ଯେ, ଇସ୍ରାଏଲର ଉତ୍ତର ଭାଗରେ ଏହି ଅଭିଯାନର କେବଳ ଗୋଟିଏ ଫଳାଫଳ ରହିବ। ତାହା ହେଲା, ହିଜବୁଲ୍ଲାକୁ ନିପାତ କରିବା ଏବଂ ଇସ୍ରାଏଲ ଲୋକଙ୍କର କ୍ଷତି ଘଟାଇବାର ତା'ର କ୍ଷମତାକୁ ସମ୍ପୂର୍ଣ୍ଣ ଶେଷ କରିବା। ତାଙ୍କ କହିବାନୁସାରେ ପ୍ରସ୍ତାବିତ ଅସ୍ତ୍ରବିରତି ଦ୍ୱାରା ହିଜବୁଲ୍ଲାକୁ ପୁନର୍ଗଠିତ ହେବାକୁ ସମୟ ମିଳିଯିବ, ସେଥିପାଇଁ ଇସ୍ରାଏଲ ଅସ୍ତ୍ରବିରତି ସପକ୍ଷରେ ନାହିଁ। ସୂଚନାଯୋଗ୍ୟ, ତେଲଅଭିବ୍ ଠାରେ ଥିବା ଇସ୍ରାଏଲ୍‌ର ଗୁଇନ୍ଦା ବିଭାଗ ମୁସାଦ୍'ର ମୁଖ୍ୟାଳୟ ଉପରେ ବୁଧବାର ଦିନ ହିଜବୁଲ୍ଲା ପକ୍ଷରୁ କ୍ଷେପଣାସ୍ତ୍ର ମାଡ଼ କରାଯିବା ପରେ ଏହାକୁ ନେଇ ଇସ୍ରାଏଲ୍ ମାତ୍ରାଧିକ ହିଂସାତ୍ମକ ହୋଇପଡିଛି। ଅବଶ୍ୟ ହିଜବୁଲ୍ଲାର ଏହି ଆକ୍ରମଣକୁ ଇସ୍ରାଏଲର ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ବିଫଳ କରିଦେଇଛି। କେନ୍ଦ୍ରୀୟ ଇସ୍ରାଏଲ ଆକାଶରେ ଏହି କ୍ଷେପଣାସ୍ତ୍ରକୁ ନଷ୍ଟ କରିବାରେ 'ଆଇରନ୍ ଡୋମ୍' ସଫଳ ହୋଇଥିବାରୁ ବଡ଼ ଧ୍ୱଂସଲୀଳା ଟଳିଯାଇଛି। ତେବେ ଦକ୍ଷିଣ ଲେବାନନ୍‌ରେ ଯେଉଁ ସ୍ଥାନରୁ ଏହି କ୍ଷେପଣାସ୍ତ୍ର ଉତ୍କ୍ଷେପଣ କରାଯାଇଥିଲା ସେହି ସ୍ଥାନକୁ ତତ୍କାଳ ଇସ୍ରାଏଲ ସେନା ଟାର୍ଗେଟ୍ କରିଛି।

ଏସବୁ ମଧ୍ୟରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ରିପୋର୍ଟ ହସ୍ତଗତ ହୋଇଛି। ଲେବାନନ୍ ସ୍ଥିତ ଭାରତୀୟ ଦୂତାବାସ ସେଠାରେ ରହୁଥିବା ଭାରତୀୟ ନାଗରିକଙ୍କୁ ଯଥାଶୀଘ୍ର ଲେବାନନ୍ ଛାଡିବାକୁ କହିଛନ୍ତି। ଏହା ବ୍ୟତୀତ ଅଧିକ ସୂଚନା ନ ଆସିବା ପର୍ଯ୍ୟନ୍ତ କୌଣସି ଭାରତୀୟ ନାଗରିକଙ୍କୁ ମଧ୍ୟ ଲେବାନନ ଯାତ୍ରା ନ କରିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି। ଲେବାନନ୍‌ରେ ବିଗୁଡ଼ିଥିବା ଖରାପ ପରିସ୍ଥିତି ମଧ୍ୟରେ ଏଠାରେ ରହିବାକୁ ଚାହୁଁଥିବା ଲୋକଙ୍କୁ ଅତ୍ୟଧିକ ସତର୍କତା ଅବଲମ୍ବନ କରିବାକୁ ଏବଂ ଦୂତାବାସ ସହ ସମ୍ପର୍କ ରଖିବାକୁ ପରାମର୍ଶ ଦିଆଯାଇଛି। ଲୋକଙ୍କ ସାହାଯ୍ୟ ପାଇଁ ଏକ ନମ୍ବର ମଧ୍ୟ ଜାରି କରାଯାଇଛି। ସୂଚନାଯୋଗ୍ୟ ଇସ୍ରାଏଲ ଏବେ ପ୍ରଚଣ୍ଡ ଆକ୍ରମଣ କରିବାକୁ ପ୍ରସ୍ତୁତି ଚଳାଇଥିବା ବେଳେ ଲେବାନନ୍‌ରେ ପ୍ରାୟ ୧ଲକ୍ଷ ଲୋକଙ୍କୁ ବିସ୍ଥାପିତ କରାଯାଇଛି।

ମିଳିତ ଜାତିସଂଘର ସୁରକ୍ଷା ପରିଷଦରେ ଏସମ୍ପର୍କରେ ହୋଇଥିବା ଆଲୋଚନା ବୈଠକରେ ଲେବାନନ୍ ପ୍ରଧାନମନ୍ତ୍ରୀ ନଜିବ୍ ମିକତି କହିଛନ୍ତି ଯେ, ଇସ୍ରାଏଲ୍ ପକ୍ଷରୁ ତାଙ୍କ ଦେଶରେ ଆତଙ୍କବାଦ କାର୍ଯ୍ୟକଳାପ ଭିଆଯାଉଛି। ଇସ୍ରାଏଲ୍ ପକ୍ଷରୁ ହେଉଥିବା ଆକ୍ରମଣରେ ନୀରିହ ଜନସାଧାରଣ ମୃତ୍ୟୁବରଣ କରୁଥିବା ବେଳେ ସରକାରୀ ସମ୍ପତ୍ତିଗୁଡ଼ିକୁ କ୍ଷତି ପହଞ୍ଚୁଛି। ଗତ ୩ ଦିନ ମଧ୍ୟରେ ଇସ୍ରାଏଲର ଆକ୍ରମଣ ଯୋଗୁ ପ୍ରାୟ ୬୨୦ ଲୋକ ମୃତ୍ୟୁବରଣ କରିଥିବା ବେଳେ ହଜାର ହଜାର ଲୋକ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି।

## ଇରାନ ରଚୁଛି ଟ୍ରମ୍ପଙ୍କ ହତ୍ୟା ଷଡ଼ଯନ୍ତ୍ର

**ଓ୍ବାଶିଂଟନ, ୨୬।୯/ଏଜେନ୍ସି:** ଆମେରିକାର ପୂର୍ବତନ ରାଷ୍ଟ୍ରପତି ତଥା ରିପବ୍ଲିକାନ ପାର୍ଟିର ରାଷ୍ଟ୍ରପତି ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପଙ୍କୁ ହତ୍ୟା କରିବା ପାଇଁ ଇରାନ ଷଡ଼ଯନ୍ତ୍ର ରଚୁଛି। ଆମେରିକୀୟ ଗୋଇନ୍ଦା ଏଜେନ୍ସି 'ନ୍ୟାଶନାଲ ଇଣ୍ଟେଲିଜେନ୍ସ' ଏଭଳି ଏକ ଗୁପ୍ତ ରିପୋର୍ଟ ପ୍ରକାଶ କରିଛି। ଆମେରିକାରେ ଏବେ ଅରାଜକତା ଏବଂ ଅସ୍ଥିରତା ବୃଦ୍ଧି ପାଉଥିବା ବେଳେ ଇରାନ ଏହି ଷଡ଼ଯନ୍ତ୍ର ରଚୁଥିବା ଉକ୍ତ ରିପୋର୍ଟରେ ପ୍ରକାଶ ପାଇଛି। ମଙ୍ଗଳବାର ନିର୍ବାଚନୀ ପ୍ରଚାର କରୁଥିବାବେଳେ ଟ୍ରମ୍ପ୍ ଏସମ୍ପର୍କରେ ଆମେରିକବାସୀଙ୍କୁ ଏହା ଜଣାଇଛନ୍ତି। ତାଙ୍କୁ ହତ୍ୟା ପାଇଁ ଉଦ୍ୟମ



କରାଯାଇପାରେ, ତେଣୁ ତାଙ୍କୁ ଅଧିକ ସତର୍କ ରହିବାକୁ ନ୍ୟାଶନାଲ ଇଣ୍ଟେଲିଜେନ୍ସ ପରାମର୍ଶ ଦେଇଥିବା ଟ୍ରମ୍ପ୍ କହିଛନ୍ତି। ପ୍ରକାଶ, ୭୮ ବର୍ଷୀୟ ଟ୍ରମ୍ପଙ୍କୁ ନିକଟରେ ୨ ଥର ଗୁଳି କରି ହତ୍ୟା କରିବା ପାଇଁ ପ୍ରୟାସ ହୋଇଛି। ରାଷ୍ଟ୍ରପତି ନିର୍ବାଚନ ପାଇଁ ଟ୍ରମ୍ପଙ୍କ ପ୍ରଚାରର ମୁଖପାତ୍ର ଷ୍ଟିଭେନ୍ ଚଉଙ୍ଗ ମଧ୍ୟ କହିଛନ୍ତି, ଗତ କିଛି ମାସ ମଧ୍ୟରେ ରିପବ୍ଲିକାନ ରାଷ୍ଟ୍ରପତି ପ୍ରାର୍ଥୀଙ୍କ ଉପରେ ଆକ୍ରମଣ ବୃଦ୍ଧି ପାଇଥିବା ନେଇ ଗୁଇନ୍ଦା ଅଧିକାରୀମାନେ ଚିହ୍ନଟ କରିଛନ୍ତି। ତେଣୁ ଟ୍ରମ୍ପଙ୍କ ସୁରକ୍ଷା ଏବଂ ବିନା କୌଣସି ବାଧାରେ ଆମେରିକାରେ ରାଷ୍ଟ୍ରପତି ନିର୍ବାଚନ ସମ୍ପନ୍ନ କରାଇବାକୁ ସମସ୍ତ ଏଜେନ୍ସିର ଆଇନ ଶୃଙ୍ଖଳା ଅଧିକାରୀମାନେ କାର୍ଯ୍ୟ କରୁଥିବା ସେ ପ୍ରକାଶ କରିଛନ୍ତି।

## ମାନହାନୀ ମାମଲାରେ ସଞ୍ଜୟ ଦୋଷୀ ସାବ୍ୟସ୍ତ

# ଦଣ୍ଡାଦେଶର କିଛି ସମୟ ମଧ୍ୟରେ ଜାମିନ୍

**ମୁମ୍ବାଇ, ୨୬।୯/ଏଜେନ୍ସି:** ରାଜ୍ୟସଭା ସାଂସଦ ତଥା ଶିବସେନା (ୟୁବିଟି) ନେତା ସଞ୍ଜୟ ରାଉତଙ୍କୁ ୧୫ ଦିନ ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି ମୁମ୍ବାଇର ଏକ ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ୍ କୋର୍ଟ (ସିଓ୍ବରୀ କୋର୍ଟ)। ପୂର୍ବତନ ବିଜେପି ସାଂସଦ କିରିଟ୍ ସୋମୟାଙ୍କ ପତ୍ନୀ ମେଧା ସୋମୟା ତାଙ୍କ ବିରୋଧରେ ରୁଜୁ କରିଥିବା ମାନହାନୀ ମୋକଦ୍ଦମାରେ କୋର୍ଟ ସଞ୍ଜୟଙ୍କୁ ଦୋଷୀ ସାବ୍ୟସ୍ତ ପୂର୍ବକ ଏହି ୧୫ ଦିନିଆ ଜେଲ୍ ଦଣ୍ଡାଦେଶ ସହ ୨୫ହଜାର ଟଙ୍କାର ଜୋରିମାନା ଦଣ୍ଡାଦେଶ



କଦେଇଛନ୍ତି। ତେବେ ରିପୋର୍ଟ ଲେଖାହେବା ବେଳକୁ ସଞ୍ଜୟ ରାଉତ୍‌ଙ୍କୁ ଜାମିନ୍ ସହ ଉପର କୋର୍ଟରେ ଏହି ଦଣ୍ଡାଦେଶ ବିରୋଧରେ ଆବେଦନ କରିବାକୁ ସୁଯୋଗ ମଧ୍ୟ ଦିଆଯାଇଥିବା ସୂଚନା ମିଳିଛି।

ମେଧା ସୋମୟା, ମୁମ୍ବାଇର ରୁଇୟା କଲେଜର ଜୈବ ରସାୟନ ବିଜ୍ଞାନର ଅଧ୍ୟାପିକା ଥିବା ବେଳେ ପୂର୍ବତନ ବିଜେପି ସାଂସଦ କିରିଟ୍ ସୋମୟାଙ୍କ ପତ୍ନୀ ମଧ୍ୟ ଅଟନ୍ତି। ତେବେ ମେଧା ସୋମାୟା ନିଜ ଅଭିଯୋଗରେ ଦର୍ଶାଇଥିଲେ ଯେ, ସଞ୍ଜୟ ରାଉତ ଉଦ୍ଦେଶ୍ୟମୂଳକ ଭାବେ ତାଙ୍କ ସ୍ୱାମୀ ଏବଂ ତାଙ୍କ ବିରୋଧରେ ଭିତ୍ତିହୀନ ତଥା ସମ୍ପୂର୍ଣ୍ଣ ମିଥ୍ୟା ପ୍ରଚାର କରି ସେମାନଙ୍କୁ ବଦନାମ କରୁଛନ୍ତି। ନିଜ ଓକିଲ ବିବକୋନନ୍ଦ ଗୁପ୍ତାଙ୍କ ଜରିଆରେ ସୋମୟା ଦାଖଲ କରିଥିବା ଏଫଆଇଆର୍‌ରେ ଦର୍ଶାଇଛନ୍ତି ଯେ, ସେ ଏବଂ ତାଙ୍କ ସ୍ୱେଚ୍ଛାସେବୀ ସଂଗଠନ ୧୦୦ କୋଟି ଟଙ୍କାର ଶୌଚାଳୟ ଦୁର୍ନୀତିରେ ଜଡ଼ିତ ବୋଲି ସଞ୍ଜୟ ରାଉତ ମିଥ୍ୟା ପ୍ରଚାର କରୁଛନ୍ତି। ଏଥିପାଇଁ ସେ ସଞ୍ଜୟ ରାଉତଙ୍କ ବିରୋଧରେ ମାନହାନୀ ମୋକଦ୍ଦମା ରୁଜୁ ପୂର୍ବକ କାର୍ଯ୍ୟାନୁଷ୍ଠାନ ଚାହାନ୍ତି। ତେବେ ଏହି ମାମଲା ସୁପ୍ରିମକୋର୍ଟରେ ଶୁଣାଣି ହୋଇଥିବା ବେଳେ ମାନହାନୀ ମୋକଦ୍ଦମା ଆଧାରରେ ସଞ୍ଜୟ ରାଉତଙ୍କୁ ଭାରତୀୟ ଦଣ୍ଡବିଧି ଆଇନର ଧାରା ୫୦୦ ଅନୁଯାୟୀ ଦୋଷୀ ସାବ୍ୟସ୍ତ କରାଯାଇଛି ଏବଂ ତାଙ୍କୁ ୧୫ ଦିନ ପାଇଁ ଜେଲ୍ ଦଣ୍ଡରେ ଦଣ୍ଡିତ କରାଯାଇଛି। ଏହା ସହ ତାଙ୍କ ଉପରେ ୨୫,୦୦୦ ଟଙ୍କା ଜରିମାନା ମଧ୍ୟ ଲାଗୁ କରାଯାଇଛି।

## ବିଲ୍‌କିସ୍ ବାନୋ ମାମଲା: ଗୁଜରାଟ ସରକାରଙ୍କୁ ସୁପ୍ରିମ ଝଟ୍‌କା

# ସର୍ବୋଚ୍ଚ ନ୍ୟାୟାଳୟଙ୍କ ମନ୍ତବ୍ୟର ପୁନର୍ବିଚାର ଆବେଦନ ଖାରଜ

**ନୂଆଦିଲ୍ଲୀ, ୨୬।୯/ଏଜେନ୍ସି:** ଗୁଜରାଟ ଦଙ୍ଗା ପୀଡ଼ିତା ବିଲକିସ ବାନୋ ମାମଲାରେ ଗୁଜରାଟ ସରକାରଙ୍କୁ ବଡ଼ ଝଟ୍‌କା ଲାଗିଛି। ଏହି ଘଟଣାର ସମସ୍ତ ଦୋଷୀଙ୍କୁ ପୁନଃ ଜେଲ୍‌ଦଣ୍ଡାଦେଶ ଦିଆଯିବା ଏବଂ ଶୁଣାଣି ସମୟରେ ରାଜ୍ୟ ସରକାରଙ୍କ ବିରୋଧରେ ସୁପ୍ରିମକୋର୍ଟଙ୍କ ପୂର୍ବ ମନ୍ତବ୍ୟ ଉପରେ ସମୀକ୍ଷା କରାଯିବା ପାଇଁ ଗୁଜରାଟ ସରକାର କରିଥିବା ଆବେଦନକୁ ଗୁରୁବାର ସୁପ୍ରିମକୋର୍ଟ ପ୍ରତ୍ୟାଖ୍ୟାନ କରିଛନ୍ତି। ଜଷ୍ଟିସ ବିଭି ନାଗରତ୍ନା ଓ ଜଷ୍ଟିସ ଉଜ୍ଜ୍ୱଳ ଭୂୟାଁଙ୍କ ଖଣ୍ଡପୀଠ ଗୁଜରାଟଙ୍କ ସରକାର ଆବେଦନକୁ ଖାରଜ କରି କହିଛନ୍ତି ଯେ, ଯେଉଁ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରାଯାଇଛି ଓ ଏହାସହ ଯେଉଁ ଦସ୍ତାବିଜ୍ ରହିଛି, ସେସବୁକୁ ଭଲ ଭାବେ ଦେଖିବା ପରେ ଆମେ ହୃଦୟଙ୍ଗମ କରିଛୁ ଯେ, ପୂର୍ବ ରାୟରେ କୌଣସି ତ୍ରୁଟି ନାହିଁ କିମ୍ବା ରିଭ୍ୟୁ ପିଟିସନର କୌଣସି ପ୍ରାସଙ୍ଗିକତା ନାହିଁ। ତେଣୁ ରିଭ୍ୟୁ ପିଟିସନକୁ ଖାରଜ କରାଯାଉଛି।



୨୦୨୨ ଗୁଜରାଟ ଦଙ୍ଗା ବେଳେ ବିଲକିସ୍ ବାନୋଙ୍କୁ ଗଣ ଦୁଷ୍କର୍ମ କରାଯିବା ସହ ପରିବାର ୭ ଜଣଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଥିଲା। ଏହି ସମୟରେ ଦୁଷ୍କର୍ମ ପୀଡିତା ବିଲକିସ ବାନୋ ୫ ମାସର ଗର୍ଭବତୀ ଥିଲେ ଏବଂ ତାଙ୍କୁ ସେତେବେଳେ ୨୧ ବର୍ଷ ହୋଇଥିଲା। ସେତେବେଳେ ଏହି ମାମଲାରେ ଗୁଜରାଟ ଓ ମହାରାଷ୍ଟ୍ରର ତଳ କୋର୍ଟ ଏବଂ ହାଇକୋର୍ଟ ୧୧ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏହି ୧୧ ଜଣଙ୍କୁ ଗୁଜରାଟ ସରକାର ସାମୂହିକ ଭାବେ କ୍ଷମା ପ୍ରଦାନ କରି ଜେଲରୁ ଖଲାସ କରିଥିଲେ। ସ୍ୱତନ୍ତ୍ର କ୍ଷମା ନୀତି ବଳରେ ରାଜ୍ୟ ସରକାର ପ୍ରାୟ ଦେଢ଼ ବର୍ଷ ତଳେ ସମସ୍ତ ଦୋଷୀଙ୍କୁ ଜେଲରୁ ମୁକୁଳାଇ ଦେଇଥିଲେ। ତେବେ ଏହାକୁ ନେଇ ବିଲ୍‌କିସ୍ ବାନୋ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବା ପରେ ସୁପ୍ରିମକୋର୍ଟ ଚଳିତ ବର୍ଷ ଜାନୁଆରୀ ୧୯ରେ ଗୁଜରାଟ୍ ସରକାରଙ୍କ ଆଦେଶକୁ ଖାରଜ କରିବା ପୂର୍ବକ ସମସ୍ତ ଦୋଷୀଙ୍କୁ ପୁଣିଥରେ ଜେଲ ହାଜତ୍‌କୁ ପଠାଇ ଦେଇଥିଲେ। ଜେଲ୍‌ରୁ ମୁକୁଳିଥିବା ସମସ୍ତ ୧୧ ଦୋଷୀ ଜାନୁଆରୀ ୨୧ ସୁଦ୍ଧା ପୁଲିସ ନିକଟରେ ଆତ୍ମସମର୍ପଣ କରନ୍ତୁ ବୋଲି ସୁପ୍ରିମକୋର୍ଟ ସେତେବେଳେ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଦୋଷୀମାନେ ଆଉ କିଛି ଦିନ ସମୟ ମାଗି ସର୍ବୋଚ୍ଚ ଅଦାଲତରେ ଆବେଦନ କରିଥିଲେ, ଯାହା ଖାରଜ ହୋଇଯାଇଥିଲା। ଅନ୍ୟପକ୍ଷେ ଜାନୁଆରୀ ୮ରେ ଏହି ମାମଲାର ଶୁଣାଣି ହୋଇଥିବା ବେଳେ ସୁପ୍ରିମକୋର୍ଟଙ୍କ ତତ୍କାଳୀନ ଖଣ୍ଡପୀଠ ଗୁଜରାଟ ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ସୁପ୍ରିମକୋର୍ଟ ଦେଇଥିବା ଉକ୍ତ ବୟାନର ପୁର୍ନବିଚାର କରିବା ପାଇଁ ଗୁଜରାଟ ସରକାରଙ୍କ ପକ୍ଷରୁ ଆବେଦନ କରାଯାଇଥିଲା। କିନ୍ତୁ ଏହାକୁ ଆଜି ସୁପ୍ରିମକୋର୍ଟ ଅଗ୍ରାହ୍ୟ କରିଦେଇଛନ୍ତି।

ପ୍ରକାଶ, ଆଜିର ଶୁଣାଣି ବେଳେ ଗୁଜରାଟ ସରକାର ଯୁକ୍ତି ରଖି କହିଥିଲେ ଯେ, ସୁପ୍ରିମକୋର୍ଟ ତାଙ୍କ ରାୟରେ ରେକର୍ଡକୁ ନେଇ ତ୍ରୁଟି କରିଥିଲେ। କୋର୍ଟ ରାଜ୍ୟକୁ ଦୋଷୀ ଭାବେ ବିବେଚନା କରିଥିଲେ। ହେଲେ ଏହା ଆଦୌ ଠିକ୍ ନୁହେଁ। କିନ୍ତୁ ରାଜ୍ୟ ସରକାରଙ୍କ ଏପ୍ରକାର ଯୁକ୍ତି ୨ଜଣିଆ ଖଣ୍ଡପୀଠ ଉପରେ କୌଣସି ପ୍ରଭାବ ପକାଇପାରିନଥିଲା।

## କୃଷକଙ୍କ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଛାଡ଼ କଲେ ଝାଡ଼ଖଣ୍ଡ ସରକାର

**ରାଞ୍ଚି, ୨୬।୯/ଏଜେନ୍ସି:** ଝାଡ଼ଖଣ୍ଡରେ ଆଗକୁ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ତେବେ ନିର୍ବାଚନ ତାରିଖ ଘୋଷଣା ହେବାର ଠିକ୍ ପୂର୍ବରୁ ରାଜ୍ୟ ସରକାର (ଜେଏମ୍‌ଏମ୍-କଂଗ୍ରେସ-ଆରଜେଡି ମିଳିତ ସରକାର) କୃଷକଙ୍କ ୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଛାଡ କରିଛନ୍ତି। ଗୁରୁବାର ରାଞ୍ଚିର ପ୍ରଭାତ ତାରା ଗ୍ରାଉଣ୍ଡରେ ଆୟୋଜିତ ହୋଇଥିବା 'କିଷାନ ସମ୍ମିଳନୀ'ରେ ଯୋଗଦେବା ଅବସରରେ ଝାଡଖଣ୍ଡ ମୁଖ୍ୟମନ୍ତ୍ରୀ



ହେମନ୍ତ ସୋରେନ ସରକାରୀ ଟ୍ରେଜେରୀରୁ ୧ ଲକ୍ଷ ୭୬ ହଜାର ୯୭୭ ଚାଷୀଙ୍କ ଋଣ ପରିମାଣ ସରକାରୀ ଟ୍ରେଜେରୀକୁ ଟ୍ରାନ୍ସଫର କରିଛନ୍ତି। ଋଣ ଛାଡ ଯୋଜନା ଅଧୀନରେ ଋଣ ଆକାଉଣ୍ଟକୁ ମୋଟ ୪୦୦.୬୬ କୋଟି ଟଙ୍କା ଟ୍ରାନ୍ସଫର କରାଯାଇଥିବା ସେ ସୂଚନା ଦେଇଛନ୍ତି। ଏହି ସମ୍ମିଳନୀରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସି ଏକଜୁଟ୍ ହୋଇଥିବା ଚାଷୀଙ୍କୁ ସମ୍ବୋଧିତ କରି ହେମନ୍ତ ସୋରେନ କହିଛନ୍ତି ଯେ କୃଷକ, ଶ୍ରମିକ, ମହିଳା, ଆଦିବାସୀ ଏବଂ ପଛୁଆ ବର୍ଗର ସ୍ୱାର୍ଥରେ ଆମ ସରକାର ୨୪ ଘଣ୍ଟା କାର୍ଯ୍ୟ କରୁଛନ୍ତି। ସେହିପରି ନିଜ ଜେଲ୍ ଯିବା ସମ୍ପର୍କରେ କହିବାକୁ ଯାଇ ହେମନ୍ତ କହିଛନ୍ତି, ଯେତେବେଳେ ତାଙ୍କ ସରକାର ରାଜ୍ୟର ଗରିବ, କୃଷକ ଏବଂ ମହିଳାଙ୍କ ପାଇଁ କାମ କରୁଛନ୍ତି, କିଛି ଲୋକ ଏଥିରେ ବାଧା ସୃଷ୍ଟି କରିବାକୁ ଷଡଯନ୍ତ୍ର କରୁଛନ୍ତି। ଲୋକସଭା ନିର୍ବାଚନ ପୂର୍ବରୁ ତାଙ୍କୁ ଏକ ମିଥ୍ୟା ଅଭିଯୋଗରେ ଜେଲରେ ରଖାଯାଇଥିଲା, କିନ୍ତୁ ଲୋକଙ୍କ ଆଶୀର୍ବାଦ ସହିତ ସେ ପୁଣି ଥରେ ଲୋକଙ୍କ ଗହଣକୁ ଫେରିଆସିଛନ୍ତି। ରାଜ୍ୟବାସୀଙ୍କ ମୁହଁରେ ହସ ଆଣିବା ପାଇଁ ସେ ଏବଂ ତାଙ୍କ ସରକାର କାର୍ଯ୍ୟ ଜାରି ରଖିବୁ। କୃଷକ ସମ୍ମିଳନୀରେ ଉପସ୍ଥିତ ଥିବା ମନ୍ତ୍ରୀ ଡକ୍ଟର ରମେଶ୍ୱର ଓରନ, ଦୀପିକା ପାଣ୍ଡେ ସିଂ, ସତ୍ୟାନନ୍ଦ ଭୋକ୍ତା ମଧ୍ୟ ନିଜ ସମ୍ବୋଧନ ରଖିଛନ୍ତି।

## ଆଜିଓ' ସହ ଭାରତରେ ଅନଲାଇନ୍ ବ୍ୟବସାୟିକ ସମ୍ପ୍ରସାରଣ ଲାଗି ଏଚ୍ ଆଣ୍ଡ୍ ଏମ୍ ଆଗ୍ରହୀ

**ମୁମ୍ବାଇ, ୨୬।୯/ଏଜେନ୍ସି:** ଭାରତର ଅନ୍ୟତମ ଅଗ୍ରଣୀ ଫ୍ୟାଶନ୍ ଇ-ଟେଲର୍ 'ଆଜିଓ' ପକ୍ଷରୁ ନିଜ ପ୍ଲାଟଫର୍ମରେ ସର୍ବୋତ୍ତମ ମୂଲ୍ୟରେ ଫ୍ୟାଶନ୍ ଏବଂ ଗୁଣବତ୍ତା ପାଇଁ ଜଣାଶୁଣା ବ୍ରାଣ୍ଡ ଏଚ୍ ଆଣ୍ଡ୍ ଏମ୍‌ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏଚ୍ ଆଣ୍ଡ୍ ଏମ୍ ପକ୍ଷରୁ ଆଜିଓରେ ଏକ ଚିତ୍ତାକର୍ଷକ ସଂଗ୍ରହର ଶୁଭାରମ୍ଭ ଆରମ୍ଭ କରିବାକୁ ଯାଉଛି, ଯେଉଁଥିରେ ମହିଳା ପୋଷାକ, ପୁରୁଷ ପୋଷାକ, ଶିଶୁ ପୋଷାକ ଏବଂ ଘରୋଇ ସଜବାଜ ସାମଗ୍ରୀ ଉପରେ ୧୦,୦୦୦ ରୁ ଅଧିକ ଶୈଳୀ ରହିଛି। ୩୯୯ଟଙ୍କାରୁ ଆରମ୍ଭ ହୋଇଥିବା ଅପୂରଣୀୟ ମୂଲ୍ୟ ସହିତ, ଏଚ୍ ଆଣ୍ଡ୍ ଏମ୍ ଉଚ୍ଚମାନର ଫ୍ୟାଶନକୁ ପୂର୍ବ ଅପେକ୍ଷା ଅଧିକ ସୁଗମ କରିଥାଏ। ଆଜିଓ ଏହାର ଅନ୍ତର୍ଜାତୀୟ ବ୍ରାଣ୍ଡ ପୋର୍ଟଫୋଲିଓକୁ ମଜବୁତ କରୁଥିବାବେଳେ, ଏଚ୍ ଆଣ୍ଡ୍ ଏମ୍ ଆଜିର ଡିଜିଟାଲ୍ ପ୍ଲାଟଫର୍ମ ଏବଂ ବିସ୍ତାରିତ ପହଞ୍ଚିବା ଦ୍ୱାରା ଏହାର ପହଞ୍ଚିବା ଏବଂ ଅନଲାଇନ୍ ବଜାର ଅଂଶକୁ ବିସ୍ତାର କରିବାକୁ ଲକ୍ଷ୍ୟ ରଖିଛି। ସିଇଓ, ଭିନିଥ୍ ନାୟର କହିଛନ୍ତି, "ଗତ ଦୁଇ ବର୍ଷ ମଧ୍ୟରେ ଆମେ ଆଜିଓ ମାଧ୍ୟମରେ ସର୍ବୋତ୍ତମ ଅନ୍ତର୍ଜାତୀୟ ବ୍ରାଣ୍ଡର ଫ୍ୟାସନ୍ ସାମଗ୍ରୀକୁ ଉପଲବ୍ଧ କରାଇଛୁ। ଆଜିଓରେ ଏଚ୍ ଆଣ୍ଡ୍ ଏମ୍ ବ୍ରାଣ୍ଡ୍‌ର ଶୁଭାରମ୍ଭ କେବଳ ପ୍ଲାଟଫର୍ମ ପ୍ରଦାନ କରୁଥିବା ଷ୍ଟାଇଲ୍‌ଭିତ୍ତିକ ବିବିଧତାକୁ ସମୃଦ୍ଧ କରେ ନାହିଁ ବରଂ ଆମର ଗ୍ରାହକଙ୍କୁ ସର୍ବଶେଷ ବିଶ୍ୱ ବ୍ରାଣ୍ଡ୍ ଏବଂ ଟ୍ରେଣ୍ଡ୍ ଯୋଗାଇବା ପାଇଁ ଆମର ପ୍ରତିବଦ୍ଧତାର ପ୍ରତୀକ ମଧ୍ୟ ସାଜିଛି। ଏଚ୍ ଆଣ୍ଡ୍ ଏମ୍‌ର ବହୁ ପ୍ରତୀକ୍ଷିତ ଏ/ଡବ୍ଲ୍ୟୁ ୨୦୨୪ ସଂଗ୍ରହ ମଧ୍ୟ ଆଜିଓରେ ପ୍ରଦର୍ଶିତ ହେବ, ଯାହାକି ଋତୁକାଳୀନ ପରିବର୍ତ୍ତନ ଏବଂ ସୂକ୍ଷ୍ମ ଡିଜାଇନ୍‌ର ମିଶ୍ରଣ ପ୍ରଦର୍ଶନ କରିବ। ଏହି ସଂଗ୍ରହ ଶରତ ଏବଂ ଶୀତର ମହତ୍ତ୍ୱକୁ ସମୃଦ୍ଧ, ଅତ୍ୟାଧୁନିକ ସ୍ୱର ଏବଂ ସବିଶେଷ ବିବରଣୀ ସହିତ ଗ୍ରହଣ କରେ।




ସେହିପରି କଣ୍ଟ୍ରି ସେଲ୍ସ ମ୍ୟାନେଜର, ଏଚ୍ ଆଣ୍ଡ୍ ଏମ୍, ଭାରତ ୟାନିରା ରାମିରେଜ କହିଛନ୍ତି, "ଏଚ୍ ଆଣ୍ଡ୍ ଏମ୍‌ରେ ସମସ୍ତଙ୍କ ପାଇଁ ଫ୍ୟାଶନକୁ ମୁକ୍ତ କରିବା ଦିଗରେ ଆମେ ଆମର ପ୍ରତିବଦ୍ଧତାକୁ ହୃଦୟ ସହକାରେ ପ୍ରଦର୍ଶିତ କରିଆସୁଛୁ। ଏହି ବିଶ୍ୱାସ ସହିତ, ଆମେ ଆଜିଓ ସହିତ ଏକ ରଣନୀତିକ ଭାଗିଦାରୀ ଆରମ୍ଭ କରିଛୁ ଯାହା ଉଚ୍ଚମାନର ଫ୍ୟାଶନକୁ ସମସ୍ତଙ୍କ ପାଇଁ ଉପଲବ୍ଧ କରାଇବା ପାଇଁ ଆମର ମିଶନକୁ ବଢ଼ାଇଥାଏ। ଆଜିଓର ଦୃଢ଼ ଡିଜିଟାଲ୍ ପ୍ଲାଟଫର୍ମ ଏବଂ ବିସ୍ତାରିତ ପହଞ୍ଚିବା ଦ୍ୱାରା, ଆମେ ଆମର ବିଭିନ୍ନ ପ୍ରକାରର ଉଚ୍ଚମାନର ଏବଂ ସୁଲଭ ମୂଲ୍ୟର ପୋଷାକର ଉପଲବ୍ଧତାକୁ ସାରା ଦେଶରେ ଅଧିକ ବିଚକ୍ଷଣ ଗ୍ରାହକଙ୍କ ପାଇଁ ବିସ୍ତାର କରୁଛୁ। ଏକ ବ୍ରାଣ୍ଡ ଭାବରେ, ଆମର ପ୍ରୟାସ ହେଉଛି ସମ୍ପ୍ରସାରଣ ଏବଂ ନବସୃଜନ ପାଇଁ ନିରନ୍ତର ଅନୁସନ୍ଧାନ କରିବା, ଏବଂ ତେଣୁ, ଆମର ଗ୍ରାହକଙ୍କ ପାଇଁ ଫ୍ୟାଶନ୍ ଅଭିଜ୍ଞତା ବଢ଼ାଇବା ପାଇଁ ଆମର ପ୍ରତିବଦ୍ଧତା ମଧ୍ୟରେ ଆମେ ସ୍ଥିର ରହିଛୁ।

## ଜିଓ-ବିପିର ୫୦୦ତମ ଇଭି-ଚାର୍ଜିଂ ଷ୍ଟେସନ୍ ଉଦ୍‌ଘାଟିତ

**ନୂଆଦିଲ୍ଲୀ, ୨୬।୯/ଏଜେନ୍ସି:** ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ (ଆରଆଇଏଲ୍) ନିର୍ଦ୍ଦେଶକ ଅନନ୍ତ ମୁକେଶ ଅମ୍ବାନୀ ଏବଂ ବିପି ସିଇଓ ମୁରେ ଆଚିନକ୍ଲୋସ୍, ମିଳିତ ଭାବେ ଆଜି ଜିଓ ବିପିର ୫୦୦ତମ ଜିଓ-ବିପି ପଲ୍ସ ଇଭି-ଚାର୍ଜିଂ ଷ୍ଟେସନ୍, ଆରଆଇଏଲ୍ ଏବଂ ବିପି ମଧ୍ୟରେ ଇନ୍ଧନ ଏବଂ ମୋବିଲିଟି ମିଳିତ ଉଦ୍ୟୋଗର ଉଦ୍‌ଘାଟନ କରିଛନ୍ତି। ମୁମ୍ବାଇର ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସ (ବିକେସି)ର ନୀତା ମୁକେଶ ଅମ୍ବାନୀ ସାଂସ୍କୃତିକ କେନ୍ଦ୍ର, ଜିଓ ଓ୍ବାର୍ଲ୍ଡ ପ୍ଲାଜା ଏବଂ ଜିଓ ଓ୍ବାର୍ଲ୍ଡ କନଭେନସନ୍ ସେଣ୍ଟରରେ ଏନେଇ ସ୍ୱତନ୍ତ୍ର ଆୟୋଜନ କରାଯାଇଥିଲା। ଇଭି-ଚାର୍ଜିଂ ଷ୍ଟେସନର କାର୍ଯ୍ୟ ଆରମ୍ଭ ହେବା ଦ୍ୱାରା ୫୦୦୦ ତମ ଜିଓ-ବିପି ପଲ୍ସ ଚାର୍ଜିଂ ପଏଣ୍ଟର ସ୍ଥାପନା




ଭାରତର ମହତ୍ତ୍ୱପୂର୍ଣ୍ଣ ଇଭି ଚାର୍ଜିଂ ଭିତ୍ତିଭୂମି ବିସ୍ତାର କରିବା ଦିଗରେ ଜିଓ-ବିପି ପ୍ଲସ୍ ୫୦୦ ଚାର୍ଜିଂ ଷ୍ଟେସନ୍‌ରେ ୫୦୦୦ ଚାର୍ଜିଂ ପଏଣ୍ଟ ସ୍ଥାପିନ୍ କରିଛି। ଏହା ଜିଓ-ବିପି ନେଟ୍‌ଓ୍ବାର୍କ ଅନ୍ତର୍ଗତ ଫାଷ୍ଟ-ଚାର୍ଜିଂ ଷ୍ଟେସନ୍‌ର ୯୫%, ଯାହାକି ଭାରତରେ ଅନ୍ୟ ଚାର୍ଜିଂ ସେବା ପ୍ରଦାନକାରୀ ସଂସ୍ଥା ତୁଳନାରେ ସର୍ବାଧିକ। ଜିଓ-ବିପି ଏହାର ଇଭି-ଚାର୍ଜିଂ ଷ୍ଟେସନଗୁଡିକର ନେଟଓ୍ବାର୍କକୁ ମାତ୍ର ଗୋଟିଏ ବର୍ଷରେ ୧,୩୦୦ ରୁ ୫୦୦୦ ପର୍ଯ୍ୟନ୍ତ ବୃଦ୍ଧି କରିଛି। "ଜିଓ-ବିପି ଭାରତରେ ଇଭି ଗ୍ରହଣକୁ ତ୍ୱରାନ୍ୱିତ କରିବାରେ ଏକ ଅଗ୍ରଣୀ ଭୂମିକା ଗ୍ରହଣ କରୁଛି। ଫାଷ୍ଟ-ଚାର୍ଜିଂ ଷ୍ଟେସନଗୁଡିକର ସର୍ବ ବୃହତ୍ ନେଟ୍‌ଓ୍ବାର୍କ ଅଂଶ, ଇଭି-ଚାର୍ଜିଂ ଇନଫ୍ରାର ଦ୍ରୁତ ଅଭିବୃଦ୍ଧି ଏବଂ ସର୍ବାଧିକ ନିର୍ଭରଯୋଗ୍ୟତା ସହିତ ଜିଓ-ବିପି ଲକ୍ଷ ଲକ୍ଷ ଭାରତୀୟଙ୍କୁ ଏକ ପ୍ୟାକେଜ୍, ଡିଜିଟାଇଜଡ୍ ଚାର୍ଜିଂ ସମାଧାନ ପ୍ରଦାନ କରୁଛି ବୋଲି ଅନନ୍ତ ଅମ୍ବାନୀ କହିଛନ୍ତି।

ଜିଓ-ବିପି ଇଣ୍ଡଷ୍ଟ୍ରିରେ ପ୍ରଥମ ଅଟେ ଯାହାକି ଅନନ୍ୟ ସିଭିପି ଦ୍ୱାରା ସମର୍ଥିତ ଟପ୍-ରେଟେଡ୍ ୪୮୦ କଡ ଚାର୍ଜର ନିୟୋଜିତ କରିଥାଏ, ଯାହା ମଲ୍, ପବ୍ଲିକ୍ ପାର୍କିଂ, କର୍ପୋରେଟ୍ ପାର୍କ, ହୋଟେଲ ପରି ସ୍ଥାନଗୁଡିକରେ ଏକ ଦକ୍ଷ ଏବଂ ଶୀଘ୍ର ଚାର୍ଜିଂ ଅଭିଜ୍ଞତା ପ୍ରଦାନ କରିବାରେ ସକ୍ଷମ ହୋଇଥାଏ। ଜିଓ-ବିପି ଏହାର ସ୍ଥାୟୀ ଚାର୍ଜିଂ ଭିତ୍ତିଭୂମି ଅଭିବୃଦ୍ଧି, ଗ୍ରାହକଙ୍କ ପ୍ରସ୍ତାବକୁ ଅଗ୍ରଗତି କରିବା ଏବଂ ସ୍ଥିରତା ଉପରେ ଧ୍ୟାନ ଦେବା ସହିତ ଜିଓ-ବିପି ଭାରତର ଦ୍ରୁତତମ, ପ୍ରାୟତଃ ବ୍ୟାପକ ଭାବରେ ଉପଲବ୍ଧ ଏବଂ ସବୁଠାରୁ ନିର୍ଭରଯୋଗ୍ୟ ଇଭି ଚାର୍ଜିଂ ପାର୍ଟନର ଭାବରେ ନିଜର ସ୍ଥିତିକୁ ସୁଦୃଢ଼ କରୁଛି।







ଦିନିକିଆ ଓଡ଼ିଶା ଗସ୍ତ ପରିପ୍ରେକ୍ଷୀରେ ଭୁବନେଶ୍ୱରରେ ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଡ.ଜଗତ ପ୍ରକାଶ ନଡ୍ଡା

### ଢେଙ୍କାନାଳ ସାଂଗଠନିକ କର୍ମକର୍ତ୍ତା ସମ୍ମିଳନୀରେ ନବୀନଙ୍କ ଆହ୍ୱାନ

## ଲୋକଲୋଚନକୁ ଆଣନ୍ତୁ ବିଜେପି ସରକାରର ବିଫଳତା



**ଭୁବନେଶ୍ୱର,୨୬।୯/ଏନ୍ଏନ୍ଏସ୍:** ବିଜେଡି ସରକାର ସମୟରେ ଢେଙ୍କାନାଳ ଜିଲ୍ଲାରେ ବହୁ ଉନ୍ନୟନମୂଳକ କାର୍ଯ୍ୟ କରାଯାଇଛି। ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ କ୍ଷେତ୍ରରେ ବହୁ ଉନ୍ନତି ହୋଇଛି। ଜିଲ୍ଲାର ନେତୃମଣ୍ଡଳୀ ଏକ ହୋଇ କର୍ମୀଙ୍କ ସମେତ ଜନସାଧାରଣଙ୍କ ସୁଖଦୁଃଖରେ ନିଜକୁ ସାମିଲ କରନ୍ତୁ। ସଂଗଠନକୁ ମଜଭୁତ କରିବା ସହ ପ୍ରତ୍ୟେକ ପଞ୍ଚାୟତସ୍ତରରେ ବିଜେପି ସରକାରର ବିଫଳତାକୁ ଲୋକଲୋଚନକୁ ଆଣନ୍ତୁ। ଏଭଳି ଆହ୍ୱାନ ଦେଇଛନ୍ତି ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଗୁରୁବାର ଶଙ୍ଖ ଭବନରେ ଆୟୋଜିତ ଢେଙ୍କାନାଳ ଜିଲ୍ଲା ସାଙ୍ଗଠନିକ କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ବିଜେଡି ସଭାପତି ଶ୍ରୀ ପଟ୍ଟନାୟକ ଯୋଗଦେଇ ଜିଲ୍ଲାର କାର୍ଯ୍ୟକର୍ତ୍ତା, କର୍ମୀ ଓ ନିର୍ବାଚିତ ପ୍ରତିନିଧିମାନଙ୍କ ସହ ସଂଗଠନ ବିଷୟରେ ସିଧାସଳଖ ଆଲୋଚନା କରିଛନ୍ତି। ଏହି ସମ୍ମିଳନୀରେ ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ନୃସିଂହ ଚରଣ ସାହୁ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ପୂର୍ବତନ ବିଧାୟକ ସୁଧୀର ସାମଲ, ପୂର୍ବତନ ସାଂସଦ ମହେଶ ସାହୁ, ସାଂସଦ ପ୍ରାର୍ଥୀ ଅବିନାସ ସାମଲ ଓ ବିଭିନ୍ନ ନିର୍ବାଚିତ ପ୍ରତିନିଧି ଯୋଗଦେଇଥିଲେ।ଢେଙ୍କାନାଳ ନେତୃମଣ୍ଡଳୀ ସେମାନଙ୍କ ଅଭିଭାଷଣରେ ଆଗାମୀ ଦିନରେ ଏକ ହୋଇ ଦଳକୁ ଜିଲ୍ଲାରେ ମଜଭୁତ୍ କରିବା ପାଇଁ କାମ କରିବା ସହିତ ଆଗାମୀ ପଞ୍ଚାୟତ ନିର୍ବାଚନରେ ଦଳ କିଭଳି ଭଲ ପ୍ରଦର୍ଶନ କରିବ ସେଥିପାଇଁ ଯତ୍ନବାନ ହେବୁ ବୋଲି କହିଥିଲେ। ଏହି ଅବସରରେ ଆଗାମୀ ଦିନାରେ ଢେଙ୍କାନାଳ ଯିବାକୁ ନବୀନ ପ୍ରତିଶ୍ରୁତି ଦେଇଥିଲେ। ଉକ୍ତ ସଭାରେ ପୂର୍ବତନ ମନ୍ତ୍ରୀ ତଥା ବିଜେଡି ସମନ୍ୱୟ କମିଟି ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ର ସମସ୍ତେ ଐକ୍ୟବୋଧ ହୋଇ ଆଗାମୀ ଦିନରେ ଦଳ ପାଇଁ କାମ କଲେ ଢେଙ୍କାନାଳର ବିଜୁ ଜନତା ଦଳ ପୁଣି ବିଜୟର ବାନା ଉଡ଼ାଇବ ବୋଲି କହିଥିଲେ।

### ଉପମୁଖ୍ୟମନ୍ତ୍ରୀ-ରୟାଲ ଇଣ୍ଡିଆ କମ୍ପାନୀ ପ୍ରତିନିଧି ବୈଠକ

## କୃଷକଙ୍କୁ ଜଳସେଚନ ସୁବିଧା ଯୋଗାଇବା ନେଇ ଆଲୋଚନା




**ଭୁବନେଶ୍ୱର,୨୬।୯/ଏନ୍ଏନ୍ଏସ୍:** ଆଜି ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ସହ ରୟାଲ ଇଣ୍ଡିଆ କମ୍ପାନୀର ପ୍ରତିନିଧିଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କୃଷକମାନଙ୍କ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଜଳସେଚନର ସୁବିଧା ନେଇ ଆଲୋଚନା କରାଯାଇଥିଲା।

ପ୍ରକାଶ ଯେ କୃଷି କ୍ଷେତ୍ରରେ ଜଳସେଚନ ଭଳି ସମସ୍ୟାର ସମାଧାନ ନିମନ୍ତେ ରାଜ୍ୟ ସରକାର ସମସ୍ତ ପ୍ରକାର ସୁବିଧାସୁଯୋଗ ଯୋଗାଇ ଦେଉଛନ୍ତି। ଏହି ମର୍ମରେ ରୟାଲ ଇଣ୍ଡିଆ କମ୍ପାନୀ ରାଜ୍ୟର କୃଷକମାନଙ୍କୁ ସୌରଚାଳିତ ପମ୍ପ ଦ୍ୱାରା ଜଳସେଚନ ସୁବିଧା ଯୋଗାଇବା ନେଇ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓଙ୍କ ସହ ଆଲୋଚନା କରିଥିଲେ। ରୟାଲ ଇଣ୍ଡିଆ କମ୍ପାନୀ ଝାଡ଼ଖଣ୍ଡ ଏବଂ ଅନ୍ୟ ରାଜ୍ୟମାନଙ୍କରେ ସୌରଚାଳିତ ପମ୍ପ ସାହାଯ୍ୟରେ ଜଳସେଚନ ସୁବିଧା ଯୋଗାଇ ଦେଉଛି। ସ୍ଥାନାନ୍ତରଯୋଗ୍ୟ ସୌରଚାଳିତ ପମ୍ପ ସାଧାରଣ ଚାଷୀଙ୍କ ବ୍ୟବହାର ନିମନ୍ତେ ଉପଯୋଗୀ ହେବ ଏବଂ ଏହା ବିଦ୍ୟୁତ୍ ଶକ୍ତି ନିମନ୍ତେ ହେଉଥିବା ବ୍ୟୟଭାର ହ୍ରାସ କରିବ ବୋଲି ପ୍ରତିନିଧିମାନେ ପ୍ରକାଶ କରିଥିଲେ। କୂଅ, ପୋଖରୀ କିମ୍ବା ଅନ୍ୟକୌଣସି ଜଳଉତ୍ସକୁ ବ୍ୟବହାର କରିବାରେ ଏହି ସୌରଚାଳିତ ପମ୍ପ ବିଶେଷ ଭାବେ ଉପଯୋଗୀ ଏବଂ ଏହି ସେବା ପ୍ରଦାନ କରିବାକୁ କମ୍ପାନୀ ଆଗ୍ରହୀ ବୋଲି ପ୍ରତିନିଧିମାନେ ଉପମୁଖ୍ୟମନ୍ତ୍ରୀଙ୍କ ନିକଟରେ ପ୍ରକାଶ କରିଥିଲେ। ଚାଷୀଙ୍କ ହିତକୁ ଦୃଷ୍ଟିରେ ରଖି ଏବଂ ଜଳସେଚନ ବ୍ୟବସ୍ଥାକୁ ସୁଗମ କରିବା ନିମନ୍ତେ ସରକାର ଆବଶ୍ୟକ ପଦକ୍ଷେପ ନେଉଛନ୍ତି ବୋଲି ପ୍ରକାଶ କରିବା ସହ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କମ୍ପାନୀ ଯୋଗାଇ ଦେଉଥିବା ବିଭିନ୍ନ ବୈଷୟିକ ସେବା ବିଷୟରେ ଅବଗତ ହୋଇଥିଲେ। ବୈଠକରେ ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ହେମନ୍ତ କୁମାର ଶର୍ମା ଏବଂ ଜଳସମ୍ପଦ ଓ ଶକ୍ତି ବିଭାଗର ବହୁ ପଦାଧିକାରୀ ଉପସ୍ଥିତ ଥିଲେ।

### ବିଜେଡିର ଅଭିଯୋଗ

## ପଛୁଆ ବର୍ଗର ଲୋକଙ୍କ ସ୍ୱାର୍ଥକୁ ଅଣଦେଖା କରୁଛି ବିଜେପି ସରକାର



**ଭୁବନେଶ୍ୱର,୨୬।୯/ଏନ୍ଏନ୍ଏସ୍:** ରାଜ୍ୟ ବିଜେପି ସରକାର ଓବିସି ଓ ଏସ୍ଇବିସି ଭଳି ପଛୁଆ ବର୍ଗର ଲୋକଙ୍କ ସ୍ୱାର୍ଥକୁ ଅଣଦେଖା କରୁଛି। ଡବଲ୍ ଇଞ୍ଜିନ ଓ ଡବଲ ବିକାଶର ନାରା ଦେଇ ସରକାରକୁ ଆସିଥିବା ବିଜେପି ସରକାର ନିଜ ଶାସନର ଶହେ ଦିନ ଭିତରେ ରାଜ୍ୟରେ ବାସ କରୁଥିବା ପ୍ରାୟ ୫୪% ପଛୁଆ ବର୍ଗର ଲୋକଙ୍କ ସ୍ୱାର୍ଥପାଇଁ ପଦୁଟିଏ ମଧ୍ୟ ମୁହଁ ଖୋଲିନାହାନ୍ତି ବୋଲି ବିଜୁ ଜନତା ଦଳ ପକ୍ଷରୁ ଅଭିଯୋଗ କରିଛି। ଏନେଇ ଗୁରୁବାର ଶଙ୍ଖ ଭବନ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡି ରାଜ୍ୟସଭା ସାଂସଦ ସୁଭାଶିଷ ଖୁଣ୍ଟିଆ କହିଛନ୍ତି ଯେ ବିଜୁ ଜନତା ଦଳ ତରଫରୁ ଦେଶରେ ଜାତିଭିତ୍ତିକ ଜନଗଣନା ପାଇଁ ବିଜେଡି ସଭାପତି ନବୀନ ପଟ୍ଟନାୟକ ଦାବି କରି ଆସୁଛନ୍ତି। ରାଜ୍ୟରେ ଶିକ୍ଷା କ୍ଷେତ୍ରରେ ଓବିସିମାନଙ୍କ ପାଇଁ କୌଣସି ସଂରକ୍ଷଣ ନାହିଁ, ଯାହା ଫଳରେ ପଛୁଆ ବର୍ଗର ପିଲାମାନେ ଡାକ୍ତରୀ ଓ ଇଞ୍ଜିନିୟରିଂ ପଢ଼ିବାରୁ ବଞ୍ଚିତ ହେଉଛନ୍ତି। ସେହିପରି ନିଯୁକ୍ତି କ୍ଷେତ୍ରରେ ମାତ୍ର ୧୧. ୨୫% ସଂରକ୍ଷଣ ବ୍ୟବସ୍ଥା ରହିଛି ଯାହା ପ୍ରକୃତରେ ୨୭% ରହିବା କଥା। ତେଣୁ ଉଭୟ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ରାଜ୍ୟର ପଛୁଆ ବର୍ଗର ଲୋକମାନେ ସେମାନଙ୍କ ନ୍ୟାର୍ଯ୍ୟ ଅଧିକାର ପାଇବାରୁ ବଞ୍ଚିତ ହେଉଛନ୍ତି। ବିଜେଡି ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାରମ୍ବାର ପଛୁଆ ବର୍ଗର ନ୍ୟାର୍ଯ୍ୟ ଦାବି ପାଇଁ ଲଢ଼େଇ କରିଛନ୍ତି। ପୂର୍ବରୁ ରାଜ୍ୟ ବିଜେପି ପଛୁଆ ବର୍ଗର ଲୋକଙ୍କ ପାଇଁ ସ୍ୱର ଉତ୍ତୋଳନ କରୁଥିଲା। ହେଲେ ସରକାରକୁ ଆସିବା ପରେ ସେମାନେ ନିରବ ହୋଇଯାଇଛନ୍ତି ବୋଲି ଶ୍ରୀ ଖୁଣ୍ଟିଆ କହିଛନ୍ତି।

ସେହିପରି ବିଜେଡି ରାଷ୍ଟ୍ରୀୟ ମୁଖପାତ୍ର ତଥା ରାଜ୍ୟସଭା ସାଂସଦ ଡ଼ଃ ସସ୍ମିତ ପାତ୍ର କହିଛନ୍ତି ଯେ ଡବଲ ଇଂଜିନ ସରକାର ଆସିଲେ ଡବଲ ବିକାଶ ହେବ ବୋଲି ଡିଣ୍ଡିମ ପିଟୁଥିବା ବିଜେପି ଡବଲ ଇଞ୍ଜିନ ସରକାର ଆସିବାର ଶହେ ଦିନ ପୂରଣ ହୋଇଥିଲେ ହେଁ, ପଛୁଆ ବର୍ଗର ସ୍ୱାର୍ଥ ପୂରଣ ପାଇଁ ପଦଟିଏ ମଧ୍ୟ ମୁହଁ ଖୋଲି ନାହାନ୍ତି। ଶହେ ଦିନର ସଫଳତାକୁ ନେଇ ଉତ୍ସବମୁଖର ଥିବା ବିଜେପି ସରକାରଙ୍କୁ ଆମର ପ୍ରଶ୍ନ, ପଛୁଆ ବର୍ଗର ଲୋକଙ୍କ ପାଇଁ କରିଛ କ'ଣ ? ବିଜୁ ଜନତା ଦଳର ସାଂସଦମାନେ ଗତ ପାଞ୍ଚବର୍ଷରେ ଜାତି ଭିତ୍ତିକ ଜନଗଣନା ପାଇଁ ଦାବିକରି ଆସୁଛନ୍ତି, କିନ୍ତୁ କେନ୍ଦ୍ର ସରକାର ସେଥିପ୍ରତି କର୍ଣ୍ଣପାତ କରୁନାହାନ୍ତି ବୋଲି ଶ୍ରୀ ପାତ୍ର କହିଥିଲେ। ବିଜେଡି ମୁଖପାତ୍ର ତଥା ମିଡିଆ କୋଡିନେଟର ଡଃ ଲେନିନ ମହାନ୍ତି କହିଛନ୍ତି ଯେ କେବଳ ବଡ଼ ବଡ଼ କଥା କହି ଓ ଅନ୍ୟର ମୁଣ୍ଡରେ ଦୋଷ ଲଦି ବର୍ତ୍ତମାନର ବିଜେପି ସରକାର ଖସି ଯିବାକୁ ଚାହୁଛନ୍ତି। ରାଜ୍ୟର ସାଢ଼େ ଚାରି କୋଟି ଲୋକ ବିଜୁ ଜନତା ଦଳକୁ ବିରୋଧୀ ଦଳର ସ୍ଥାନ ଦେଇଛନ୍ତି, ତେଣୁ ରାଜ୍ୟବାସୀଙ୍କ ସ୍ୱାର୍ଥରକ୍ଷା ପାଇଁ ବିଜୁ ଜନତା ଦଳ ନିଶ୍ଚିତ ଭାବେ ଲଢେଇ କରିବ ବୋଲି ଡଃ ମହାନ୍ତି କହିଛନ୍ତି।

### ବିଶ୍ୱ ତମାଖୁ ବର୍ଜନ ପକ୍ଷରେ ଉତ୍ତମ ପ୍ରଦର୍ଶନ

## ଓଡ଼ିଶାକୁ ମିଳିଲା ଦ୍ୱିତୀୟ ସ୍ଥାନ




**ଭୁବନେଶ୍ୱର,୨୬।୯/ଏନ୍ଏନ୍ଏସ୍:** ବିଶ୍ୱ ତମାଖୁ ବର୍ଜନ ଦିବସ -୨୦୨୪ ଉପଲକ୍ଷେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ଉତ୍ତମ ପ୍ରଦର୍ଶନ କରି ଓଡ଼ିଶା ଦେଶରେ ଦ୍ୱିତୀୟ ସ୍ଥାନ ଅଧିକାର କରି ସମ୍ମାନିତ ହୋଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଅଧିନସ୍ଥ ମୌଲାନା ଆଜାଦ ଇନଷ୍ଟିଚ୍ୟୁଟ୍ ଅଫ୍ ଡେଣ୍ଟାଲ ସାଇନ୍ସର ମୁଖ ସ୍ୱାସ୍ଥ୍ୟ ଏବଂ ତମାଖୁ ବର୍ଜନ ଜାତୀୟ ସମ୍ବଳ କେନ୍ଦ୍ର ଦ୍ୱାରା ତମାଖୁ ବର୍ଜନ ସମ୍ପର୍କିତ ବିଭିନ୍ନ ପଦକ୍ଷେପର ସବିଶେଷ ମୂଲ୍ୟାଙ୍କନ କରାଯାଇ ଓଡ଼ିଶାକୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଜାତୀୟ ସ୍ୱାସ୍ଥ୍ୟ ମିଶନର ଅତିରିକ୍ତ ଶାସନ ସଚିବ ତଥା ମିଶନ ନିର୍ଦ୍ଦେଶିକା ଆରାଧନା ପଟ୍ଟନାୟକ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ପ୍ରତିନିଧିତ୍ୱ କରିଥିବା ନିର୍ଦ୍ଦେଶକ, ଜନସ୍ୱାସ୍ଥ୍ୟ ଡା ନୀଳକଣ୍ଠ ମିଶ୍ରଙ୍କୁ ମାନପତ୍ର ଏବଂ ଉପଢୌକନ ପ୍ରଦାନ କରି ସମ୍ମାନିତ କରିଥିଲେ। ମେ ୨୦ରୁ ଜୁନ ୫ ତାରିଖ ପର୍ଯ୍ୟନ୍ତ ବିଶ୍ୱ ତମାଖୁ ବର୍ଜନ ପକ୍ଷ ପାଳନ ଅବସରରେ ଦେଶ ତମାମ ନିଆଯାଇଥିବା ବିଭିନ୍ନ ପଦକ୍ଷେପକୁ ଆକଳନ କରାଯାଇ ଓଡ଼ିଶାକୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା।

## ହତ୍ୟା ମାମଲା: ବାପାଙ୍କ ସହ ଭାଇ-ଭଉଣୀଙ୍କୁ ଆଜୀବନ ଜେଲ୍

**ଆସିକା, ୨୬।୯/ଏନ୍ଏନ୍ଏସ୍:** ୨୦୧୧ ମସିହାରେ ଘଟିଥିବା ବୀଭତ୍ସ ହତ୍ୟା ମାମଲାରେ ଆଜି ରାୟ ପ୍ରକାଶ ପାଇଛି। ହତ୍ୟା ଅଭିଯୁକ୍ତଙ୍କ ଭିତରୁ ଗୋଟିଏ ପରିବାରର ବାପା, ପୁଅ ଓ ଝିଅଙ୍କୁ ଆଜୀବନ ଜେଲ୍ ସହ ଜୋରିମାନା ଶୁଣାଇଛନ୍ତି ଆସିକା ଅତିରିକ୍ତ ଜିଲ୍ଲା ଦୌରାଜଜ କୋର୍ଟ। ଜୋରିମାନା ଅନାଦେୟ ଅଧିକ ୪ ମାସ ଲେଖାଏଁ ଜୋରିମାନା ଭୋଗିବାକୁ ପଡ଼ିବ ବୋଲି କୋର୍ଟ ରାୟରେ ଶୁଣାଇଛନ୍ତି। ୨୦୧୧ ମାର୍ଚ୍ଚ ୧୫ ତାରିଖରେ ଗାଙ୍ଗପୁର ଥାନା ପୁରୁଣା ବୋରି ଗାଁରେ ନାମ ସଂକୀର୍ତ୍ତନ ଚାଲିଥିଲା। ସେହି ସମୟରେ ଗାଁର ବୁଲୁ ବିଷୋୟୀଙ୍କୁ ଖଦାଳ ପ୍ରଧାନ, ତାଙ୍କ ପୁଅ ବାବୁ ପ୍ରଧାନ ଓ ଝିଅ ବ୍ରହ୍ମ କୁମାରୀ, ଗ୍ରାମର ସୁଗ୍ରୀବ ପ୍ରଧାନ ଏବଂ ଗୋପୀ ସ୍ୱାଇଁ ହତ୍ୟା କରିଥିଲେ। ଯାହାଫଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ଗାଙ୍ଗପୁର ଥାନାରେ ଅଭିଯୋଗ ହୋଇଥିଲେ। ପୁଲିସ ଅଭିଯୋଗକୁ ଭିତ୍ତି କରି ୫ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।ଆଜି ଏହି ମାମଲାର ରାୟ ପ୍ରକାଶ ପାଇଛି। ଆସିକା ଅତିରିକ୍ତ ଜିଲ୍ଲା ଦୌରାଜଜ ପ୍ରବୀର କୁମାର ଚୌଧୁରୀ ମାମଲାକୁ ବିଚାର କରି ୫ ଅଭିଯୁକ୍ତଙ୍କ ଭିତରୁ ଗୋଟିଏ ପରିବାରର ୩ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ବାପା ଖଦାଳ ପ୍ରଧାନ, ତାଙ୍କ ପୁଅ ବାବୁ ପ୍ରଧାନ ଓ ଝିଅ ବ୍ରହ୍ମ କୁମାରୀଙ୍କୁ ଉପରୋକ୍ତ ଦଣ୍ଡାଦେଶ ଦେଇଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଦୁଇ ଅଭିଯୁକ୍ତ ସୁଗ୍ରୀବ ପ୍ରଧାନ ଓ ଗୋପୀ ସ୍ୱାଇଁଙ୍କ ରାୟ ପରେ ପ୍ରକାଶ ପାଇବ ବୋଲି ଜଣାପଡ଼ିଛି। ଏହି ମାମଲା ଆସିକା ଏଡିଜେ କୋର୍ଟରେ ଏସଟି ୯୪/୧୩ରେ ବିଚାର ଆରମ୍ଭ ହୋଇଥିଲା। ଦୀର୍ଘ ୧୩ ବର୍ଷ ପରେ ଏହି ହତ୍ୟା ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ ପାଇଛି। ଏହି ମାମଲାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କ ଅଲଗା ବିଚାର ଚାଲିଛି। ତଦନ୍ତକାରୀ ଅଧିକାରୀ ପ୍ରଦୀପ କୁମାର ବର୍ମା ଓ ଅଜୟ କୁମାର ବାରିକଙ୍କ ସହିତ ୧୩ଜଣଙ୍କ ସାକ୍ଷ୍ୟ ଓ ପ୍ରମାଣକୁ ଆଧାର କରି ଆଜି ଏହି ହତ୍ୟା ମାମଲାର ଦଣ୍ଡ ବିଧାନ ହୋଇଛି।

## ସୂର୍ଯ୍ୟମନ୍ଦିରରେ ଲହଡ଼ି ଭାଙ୍ଗିଲା ବର୍ଷା ପାଣି





**କୋଣାର୍କ,୨୬।୯/ଏନ୍ଏନ୍ଏସ୍:** ଜଳବନ୍ଦୀ କୋଣାର୍କ ସୂର୍ଯ୍ୟମନ୍ଦିର। ସୂର୍ଯ୍ୟମନ୍ଦିର ପରିସରରେ ଲହଡ଼ି ଭାଙ୍ଗିଲା ବର୍ଷା ପାଣି। ଗୁରୁବାର ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଜନିତ ପ୍ରବଳ ବର୍ଷା ଯୋଗୁ କୋଣାର୍କ ସୂର୍ଯ୍ୟମନ୍ଦିର ପରିସରରେ ଆଣ୍ଠୁଏ ଉଚ୍ଚର ବର୍ଷା ପାଣି ଜମି ରହିଥିବାକୁ ନେଇ ଦେଶ ବିଦେଶର ହଜାର ହଜାର ପର୍ଯ୍ୟଟକ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଆଜି ସକାଳୁ ବର୍ଷା ଦୀର୍ଘ ସମୟ ହେବା ଯୋଗୁଁ ସୂର୍ଯ୍ୟମନ୍ଦିର ଚାରିପାଖ ସହିତ ପରିସରରେ ଆଣ୍ଠୁଏ ଆଣ୍ଠୁଏ ବର୍ଷା ପାଣି ଜମିରହି କୃତ୍ରିମ ବନ୍ୟାର ଭ୍ରମ ସୃଷ୍ଟି କରିଥିଲା। ଫଳରେ ପର୍ଯ୍ୟଟକମାନେ ୪୦ଟଙ୍କା ଦେଇ ଟିକେଟ କରି ମଧ୍ୟ ସୂର୍ଯ୍ୟମନ୍ଦିରର କାରୁକାର୍ଯ୍ୟ ଦେଖିବାରୁ ବଞ୍ଚିତ ହୋଇଥିଲେ। ସୂର୍ଯ୍ୟମନ୍ଦିରରେ ବର୍ଷାପାଣି ଜମି ରହିବା ଘଟଣାକୁ ନେଇ ଦୀର୍ଘ ଦଶନ୍ଧି ଧରି ଅଭିଯୋଗ ହୋଇଆସୁଛି । ବିଭିନ୍ନ ସମୟରେ ମନ୍ଦିରର ସଂରକ୍ଷଣ ପାଇଁ ବିଶେଷଜ୍ଞ କମିଟି ଦ୍ୱାରା ହୋଇଥିବା ଉଚ୍ଚସ୍ତରୀୟ ଯାଞ୍ଚ ପ୍ରକ୍ରିୟାରେ ମନ୍ଦିର ପରିସରରେ ବର୍ଷାପାଣି ଜମି ରହିବା ଘଟଣାକୁ ଗୁରୁତ୍ୱ ଦିଆଯାଉଥିବାର ସୂଚନା ମିଳୁଥିଲେ ମଧ୍ୟ ଏଦିଗରେ କୌଣସି ଆଖିଦୃଶିଆ ସ୍ଥାୟୀ ପ୍ରତିକାର ବ୍ୟବସ୍ଥା ଏପର୍ଯ୍ୟନ୍ତ ହେଉନାହିଁ। ମାତ୍ର ଏଏସଆଇ ପକ୍ଷରୁ କେବଳ ୪/୫ ଟି ଉଚ୍ଚକ୍ଷମତା ସମ୍ପନ୍ନ ପମ୍ପ ଦ୍ୱାରା ଜମୁ ଥିବା ପାଣିକୁ ନିଷ୍କାସିତ କରାଯାଉଛି । ପ୍ରବଳ ଜୋରରେ ବର୍ଷା ହେଉଥିବା ସମୟରେ ଏହି ପମ୍ପ ଚାଲୁଥିଲେ ମଧ୍ୟ ଏହା ସଙ୍ଗେ ସଙ୍ଗେ ଏତେ ପରିମାଣର ପାଣିକୁ ନିଷ୍କାସିତ କରିପାରୁନଥିବା ଦେଖାଯାଇଛି। ଅନ୍ୟପକ୍ଷରେ ସଠିକ ଭାବେ ବର୍ଷା ଜଳ ନିଷ୍କାସନ ହୋଇନପାରିବା ଯୋଗୁଁ ମନ୍ଦିର ପ୍ରତି ବିପଦ ଆଶଙ୍କା ରହିଛି। ବର୍ଷାପାଣି ମନ୍ଦିରର ଚତୁଃପାର୍ଶ୍ୱରେ ଜମି ରହିବା ଯୋଗୁଁ ଏହି ଜଳ ପ୍ରାଚୀନ କଳାକୃତି ସଂପନ୍ନ ସୂର୍ଯ୍ୟମନ୍ଦିର ଦବିବା ଭଳି ପରିସ୍ଥିତି ସୃଷ୍ଟି ହୋଇପାରେ ବୋଲି ବୁଦ୍ଧିଜୀବୀ ଓ ବିଶେଷଜ୍ଞ ମହଲରେ ଆଲୋଚନା ହେଉଛି। ଗତ ୨୦୦୪ ମସିହାରେ ସୂର୍ଯ୍ୟମନ୍ଦିର ପରିସରରୁ ବର୍ଷାପାଣି ନିଷ୍କାସନ ପାଇଁ ତତ୍କାଳୀନ ଓଡ଼ିଶାର ମୁଖ୍ୟ ଶାସନ ସଚିବ ସୁବାସ ପାଣି ଡ୍ରେନେଜ ନିର୍ମାଣ ପାଇଁ ଅର୍ଥ ବ୍ୟୟବରାଦ କରିଥିଲେ ମଧ୍ୟ ସଠିକ ଭାବେ ଡ୍ରେନେଜ କାର୍ଯ୍ୟ ହୋଇନପାରିବା ଯୋଗୁଁ ପୂର୍ବଭଳି ସୂର୍ଯ୍ୟମନ୍ଦିର ପରିସରରେ ଜଳ ନିଷ୍କାସନ ସମସ୍ୟା ଲାଗି ରହିଛି। ଗୁରୁବାର ଆଣ୍ଠୁଏ ଉଚ୍ଚରେ ପାଣି ଜମି ରହିବା ଫଳରେ ଅନେକ ପର୍ଯ୍ୟଟକ ଘୋର ଅସନ୍ତୋଷ ବ୍ୟକ୍ତ କରିବା ସହିତ ଏଏସଆଇର ଏପରି ଅବ୍ୟବସ୍ଥାକୁ ତୀବ୍ର ନିନ୍ଦା କରିଛନ୍ତି । ଏହି ସମାସ୍ୟାର ସ୍ଥାୟୀ ସମାଧାନ ପାଇଁ କେନ୍ଦ୍ର ସରକାରଙ୍କ ସଂସ୍କୃତି ମନ୍ତ୍ରୀ, ବିଭାଗୀୟ ସଚିବ, ଏଏସ୍ଆଇ ମହାନିର୍ଦ୍ଦେଶକ, ରାଜ୍ୟ ମୁଖ୍ୟମନ୍ତ୍ରୀ, ରାଜ୍ୟ ମୁଖ୍ୟ ଶାସନ ଓ ପୁରୀ ଜିଲ୍ଲାପାଳଙ୍କୁ କୋଣାର୍କ ଅଞ୍ଚଳର ସାମାଜିକ କର୍ମୀ, ଗବେଷକ, ଐତିହ୍ୟ ବିଷାରଦ ଓ କୋଣାର୍କ ଅଞ୍ଚଳର ଜନସାଧାରଣଙ୍କ ପକ୍ଷରୁ ଦାବି କରାଯାଇଛି।

ନିତିଦିନ NITIDIN

## ଅଷ୍ଟମଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ

**କଣାସ,୨୬/୯/ଏନ୍‌ଏନ୍‌ଏସ୍:** କଣାସ ବ୍ଲକ ଅର୍ନ୍ତଗତ ବସନ୍ତପୁର ଗ୍ରାମର ମହେଶ୍ୱର ପରିଡାଙ୍କ ଝିଅ ନମିତା ପରିଡା(୧୩)ଙ୍କର ଆଜି ସକାଳେ ମୃତ୍ୟୁ ହୋଇଯାଇଥିବା ଜଣାପଡ଼ିଛି। ସେ କଣାସ ବ୍ଲକରେ ପ୍ରତିଷ୍ଠିତ ଆଦର୍ଶ ବିଦ୍ୟାଳୟ ୮ମ ଶ୍ରେଣୀରେ ପାଠପଢୁଥିଲେ। ସେ କିଛିଦିନ ହେଲା ଅସୁସ୍ଥ ଥିଲେ। ମୃତ୍ୟୁ ଖବର ବିଦ୍ୟାଳୟରେ ପହଞ୍ଚିବା ପରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିଲା। ମୃତ୍ୟୁ ଖବର ପାଇ ଆଦର୍ଶ ବିଦ୍ୟାଳୟ ଓ ବାଣେଶ୍ରୀ ଅନୁଶିକ୍ଷଣ କେନ୍ଦ୍ରରେ ଆତ୍ମାର ସଦ୍‌ଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା।

# ଖଣ୍ଡପଡ଼ା ଏନ୍‌ଏସି ଅଧ୍ୟକ୍ଷାଙ୍କ ବିରୁଦ୍ଧରେ ଅନାସ୍ଥା ଭୋଟ ନେଇ ପୁଲିସ୍‌ର ଫ୍ଲାଗ୍‌ମାର୍ଚ୍ଚ



**ଖଣ୍ଡପଡ଼ା,୨୬/୯/ଏନ୍‌ଏନ୍‌ଏସ୍:** ଖଣ୍ଡପଡ଼ା ଏନ୍‌ଏସି ଅଧ୍ୟକ୍ଷା ଆରତୀ ପ୍ରଧାନ ଶୁକ୍ରବାର ଅନାସ୍ଥା ଭୋଟର ସମ୍ମୁଖୀନ ହେବେ। ଜିଲ୍ଲା ପ୍ରଶାସନ ପକ୍ଷରୁ ଏଥି ନିମନ୍ତେ ସମସ୍ତ ବ୍ୟବସ୍ଥା କରାଯାଇଥିବା ବେଳେ ଆଜି ସନ୍ଧ୍ୟାରେ ପୁଲିସ୍ ପକ୍ଷରୁ ସହରରେ ଫ୍ଲାଗ୍‌ମାର୍ଚ୍ଚ ସହ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି। ଏ ପରିପ୍ରେକ୍ଷୀରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ନିମନ୍ତେ ନୟାଗଡ଼ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଖଣ୍ଡପଡ଼ା ପୁଲିସ୍‌କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁବାସ ଚନ୍ଦ୍ର ପଣ୍ଡା, ଏସଡିପିଓ ବିମଳ କୁମାର ବାରିକ, ଖଣ୍ଡପଡା ଥାନାଧିକାରୀ ନିହାର ରଂଜନ ମହାନ୍ତି, ଏସ୍‌ଆଇ ଉପେନ୍ଦ୍ର ଦିଗଲ, ମନୋସ୍ମିତା ସାହୁଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଫ୍ଲାଗ୍‌ମାର୍ଚ୍ଚରେ ସାମିଲ୍ ହୋଇଥିଲେ। ସେହିପରି ଖଣ୍ଡପଡା ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିବା ଏସଡିପିଓ ଶ୍ରୀ ବାରିକ ସୂଚନା ଦେଇଛନ୍ତି।

# ପୂର୍ବତନ ପ୍ରଧାନଶିକ୍ଷକଙ୍କ ବିୟୋଗରେ ଶୋକ



**ନୟାହାଟ,୨୬/୯/ଏନ୍‌ଏନ୍‌ଏସ୍:** ନୟାହାଟ ଫାଣ୍ଡି ଅନ୍ତର୍ଗତ ଦେସ୍ଥଳୀ ପଞ୍ଚାୟତ ଅଧୀନସ୍ଥ ଦୁର୍ଗେଶ୍ୱରଗଡ଼ ନିଜ ବାସଭବନରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପାତ୍ରଙ୍କର ୯୦ବର୍ଷ ବୟସରେ ମଙ୍ଗଳବାର ପରଲୋକ ଘଟିଛି। ସେ ଦୀର୍ଘଦିନ ଧରି ଶଯ୍ୟାଶାୟୀ ଥିଲେ। ସେ ଜଣେ ନିଷ୍ଠାପର, ପରୋପକାରୀ, ଧାର୍ମିକ ଜ୍ଞାନୀ, କବି ଭାବେ ପରିଚିତ ଥିବାବେଳେ ଶିକ୍ଷାନୁଷ୍ଠାନ ପ୍ରତି ତାଙ୍କର ନିଘୋଡ଼ ନିଷ୍ଠା ଥିଲା। ବାହାରଣା ସ୍କୁଲ୍‌ରେ ପ୍ରଧାନଶିକ୍ଷକ ଭାବରେ କାର୍ଯ୍ୟ କରିଆସୁଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ବାହାରଣା ସ୍ମୃତି ବିଦ୍ୟାପୀଠରେ ପୂର୍ବତନ ପ୍ରଧାନଶିକ୍ଷକ ଦାମୋଦର ମିଶ୍ର, ବର୍ତ୍ତମାନ ପ୍ରଧାନଶିକ୍ଷକ ପ୍ରମେଷ କୁମାର ନାୟକ, ନୋଡାଲ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅମୟ କୁମାର ମହାନ୍ତିଙ୍କ ସହିତ ଅନାଦି ଚରଣ ନାୟକ ଓ ପୂର୍ବତନ ଓ ବର୍ତ୍ତମାନର ଛାତ୍ରଛାତ୍ରୀମାନେ ଗଭୀର ଦୁଃଖପ୍ରକାଶ କରିବା ସହିତ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ।

# ୬ ମାସର ବକେୟା ପାରିଶ୍ରମିକ ଦାବିରେ ବ୍ଲକ୍ ଘେରାଉ

**ବୋଲଗଡ଼,୨୬/୯/ଏନ୍‌ଏନ୍‌ଏସ୍:** ମିଶନସକ୍ତିର ପଞ୍ଚାୟତସ୍ତରରେ କାର୍ଯ୍ୟରତ କମ୍ୟୁନିଟି ସପୋର୍ଟ ଷ୍ଟାପ୍ ଦୀର୍ଘ ୬ମାସ ଧରି ପାରିଶ୍ରମିକ ପାଇନଥିବାରୁ ଏଥି ଲାଗି ରାଜ୍ୟ ସରକାରଙ୍କ ବିରୁଦ୍ଧରେ ଯୁଦ୍ଧଂଦେହୀ ଡାକରା ଦେଇଛନ୍ତି। ରାଜ୍ୟର ସମସ୍ତ ବ୍ଲକ ସମ୍ମୁଖରେ ଶହ ଶହ ସିଆର୍‌ପି,ଏମ୍‌ବିକେ, ବ୍ୟାଙ୍କମିତ୍ର, କୃଷିମିତ୍ର, ପ୍ରାଣୀମିତ୍ର, ଏଲ୍‌ଏସ୍‌ପି ପ୍ରମୁଖ ଛଅଗୋଟି ସପୋର୍ଟ ଷ୍ଟାପ୍ ହରତାଲରେ ସାମିଲ ହୋଇଛନ୍ତି। ପ୍ରକାଶ ଯେ, ଗତ ସରକାରରେ ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କୁ ସୁପରିଚାଳନା କରିବା ଓ ସେମାନଙ୍କ ଆର୍ଥିକ ମାନଦଣ୍ଡ ବୃଦ୍ଧି କରିବା ପାଇଁ ଗ୍ରାମଠାରୁ ସହର ପର୍ଯ୍ୟନ୍ତ ଲକ୍ଷାଧିକ ସ୍ୱୟଂସହାୟିକା ଗୋଷ୍ଠୀ ଗଠନ କରାଯାଇଥିଲା। ଏହି ଏସଏଚଜିର ସୁପରିଚାଳନା ପାଇଁ ଉପରୋକ୍ତ ଛଅଗୋଟି ସପୋର୍ଟ ଷ୍ଟାପ ସୃଷ୍ଟି କରାଯାଇ ସେମାନଙ୍କ ପାଇଁ ମାସିକ ଆର୍ଥିକ ଅନୁଦାନର ବ୍ୟବସ୍ଥା କରାଯାଇଛି। ଗତ ସାଧାରଣ ନିର୍ବାଚନ ପୂର୍ବରୁ ସେମାନଙ୍କ ମାସିକ ପାରିଶ୍ରମିକ ଭତ୍ତା ଦେଢ଼ଗୁଣ ବୃଦ୍ଧି କରାଯାଇଥିବା ବେଳେ ନୂତନ ବିଜେପି ସରକାର ଏହାକୁ କାର୍ଯ୍ୟକାରୀ କରୁନାହାନ୍ତି। ଏପରିକି ଏମାନଙ୍କର ଦୀର୍ଘ ୬ମାସ ଧରି କୌଣସି ପାରିଶ୍ରମିକ ମଧ୍ୟ ପ୍ରଦାନ କରାଯାଉନାହିଁ, ଯାହାଫଳରେ ସେମାନେ ଏସଂକ୍ରାନ୍ତରେ ବାରମ୍ବାର ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତିଙ୍କ ସମେତ ମିଶନ ଶକ୍ତିର ସଚିବ, ନିର୍ଦ୍ଦେଶକ ଓ ଜିଲ୍ଲାପାଳମାନଙ୍କୁ ବାରମ୍ବାର ଲିଖିତ ଅଭିଯୋଗ କରିଆସୁଛନ୍ତି। ହେଲେ କୌଣସି ସୁଫଳ ନମିଳିବାରୁ ସେମାନେ ବାଧ୍ୟ ହୋଇ ବୁଧବାର ରାଜ୍ୟର ସମସ୍ତ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିବା ସହିତ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଅପରାହ୍ନରେ ସଂଘର ସଭାନେତ୍ରୀ ବୈଜୟନ୍ତୀ ପ୍ରଧାନ, ସମ୍ପାଦିକା ରଶ୍ମିତା ସାହୁ, କୋଷାଧ୍ୟକ୍ଷା ମମତାଜ୍ ବେଗମ୍, ସୋନାଲି ପଟ୍ଟନାୟକ, ହିତାକ୍ଷୀ ହିରାମୟୀ ବଳିୟାରସିଂହ, ଜୁଲି ମିଶ୍ରଙ୍କ ନେତୃତ୍ୱରେ ୧୯ଗୋଟି ପଞ୍ଚାୟତର ସମସ୍ତ କର୍ମକର୍ତ୍ତା ଆସି ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ରତିକାନ୍ତ ମିଶ୍ରଙ୍କୁ ପ୍ରଦାନ କରିଥିଲେ।

# ସତ୍ୟବାଦୀରେ ରାଜ୍ୟସ୍ତରୀୟ ସ୍ୱଚ୍ଛତା ହିଁ ସେବା ମହୋତ୍ସବ






**ସାକ୍ଷୀଗୋପାଳ,୨୬/୯/ଏନ୍‌ଏନ୍‌ଏସ୍:** ସ୍ୱଚ୍ଛତା ସମସ୍ତଙ୍କ ପାଇଁ ଏକ ଅପରିହାର୍ଯ୍ୟ ଆବଶ୍ୟକତା ବୋଲି କହିଛନ୍ତି କେନ୍ଦ୍ର ଜଳ ଶକ୍ତି ମନ୍ତ୍ରୀ ସିଆର ପାଟିଲ। ସତ୍ୟବାଦୀର ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ ଖେଳପଡିଆରେ ରାଜ୍ୟସ୍ତରୀୟ ସ୍ୱଚ୍ଛତା ହିଁ ସେବା ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ପାଟିଲ ମହାତ୍ମାଗାନ୍ଧୀ ସ୍ୱଚ୍ଛତାକୁ ସର୍ବାଧିକ ଗୁରୁତ୍ୱ ଦେଉଥିଲେ ବୋଲି କହିଥିଲେ। ୨୦୧୪ରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ୱଚ୍ଛତା ପାଇଁ ଲାଲକିଲ୍ଲାରୁ ଆହ୍ୱାନ ଦେବା ବେଳେ କେତେକ ଏହାକୁ ଗ୍ରହଣ କରିପାରି ନ ଥିଲେ। କିନ୍ତୁ ସେ ଏହାକୁ ସେବା ବୋଲି ଅଭିହିତ କରି ସମସ୍ତଙ୍କ ପାଇଁ ସ୍ୱଚ୍ଛତା କେତେ ଜରୁରୀ ତାହା ପ୍ରତିପାଦିତ କରିଛନ୍ତି। ପରିମଳ ପାଇଁ ଲୋକମାନେ ଅନେକ ଅସୁବିଧାର ସମ୍ମୁଖୀନ ହେବା ସହ ରୋଗରେ ପଡୁଥିଲେ ଓ ମୃତ୍ୟୁବରଣ ମଧ୍ୟ କରୁଥିଲେ। ବର୍ତ୍ତମାନ ପ୍ରତ୍ୟେକଙ୍କ ଘରେ ଶୌଚାଳୟ ହେବା ଦ୍ୱାରା ସମସ୍ତେ ବିଶେଷ କରି ମହିଳା ମାନେ ସର୍ବାଧିକ ଉପକୃତ ହେଉଛନ୍ତି। ଆବାସ ଯୋଜନାରେ ୩କୋଟି ଗୃହ ଯୋଗାଇ ଦିଆଯିବ। ସେଥିରୁ ଗ୍ରାମାଞ୍ଚଳ ପାଇଁ ୨କୋଟି ଆବାସ ବ୍ୟବସ୍ଥା ରହିଛି ବୋଲି ସେ କହିଥିଲେ। ପ୍ରାରମ୍ଭରେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବିନାରାୟଣ ନାଏକ ସମସ୍ତଙ୍କୁ ସ୍ୱାଗତ କରିବା ସହ ସ୍ୱଚ୍ଛତା ପାଇଁ ସମସ୍ତେ ଉତ୍ତରଦାୟୀ ଭାବେ କାର୍ଯ୍ୟ କରିବା ଉଚିତ ବୋଲି କହିଥିଲେ। ଆଗାମୀ ୨୦୨୫ ଡିସେମ୍ବର ସୁଦ୍ଧା ସମସ୍ତ ଘରକୁ ଟ୍ୟାପ ପାଣି ଯୋଗାଇ ଦିଆଯିବ। ରାଜ୍ୟରେ ୭୫ହଜାର କିଲୋମିଟର ରାସ୍ତା ନିର୍ମାଣ ହେବ ବୋଲି କହିବା ସହ ଆଗାମୀ ୬ ମାସ ମଧ୍ୟରେ ସର୍ଭେ କରାଯାଇ ୨୦ଲକ୍ଷ ଗରିବ ଲୋକଙ୍କୁ ଆବାସ ଯୋଗାଇ ଦିଆଯିବ ବୋଲି ସେ ସୂଚନା ଦେଇଥିଲେ। ଶେଷରେ ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଜଳଶକ୍ତି ମନ୍ତ୍ରଣାଳୟର ଓଏସଡି ଅଶୋକ କୁମାର ମିନା, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ପ୍ରମୁଖ ସଚିବ ସୁଶୀଲ ଲୋହାନି ଯୋଗ ଦେଇଥିଲେ। ଏହି ଅବସରରେ ତରଳ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଖୋର୍ଦ୍ଧା ଜିଲ୍ଲା, କଠିନ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ସୁନ୍ଦରଗଡ ଜିଲ୍ଲା, ଗୋଷ୍ଠୀ ସହଭାଗିତା ପାଇଁ ପୁରୀ ଜିଲ୍ଲା ଓ ସାମଗ୍ରିକ ସ୍ୱଚ୍ଛତା ପାଇଁ ନୂଆପଡ଼ା ଜିଲ୍ଲାକୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ରଣା, ସୁନ୍ଦରଗଡ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଓ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶ ଏହି ସମ୍ବର୍ଦ୍ଧନା ଗ୍ରହଣ କରିଥିଲେ। ସେହିପରି ପଞ୍ଚାୟତସ୍ତରରେ ଉଲ୍ଲେଖନୀୟ ଅବଦାନ ପାଇଁ ସୁନ୍ଦରଗଡ ଜିଲ୍ଲାର କଚରୁ, ଗଞ୍ଜାମ ଜିଲ୍ଲାର ଚମ୍ପାଖଣ୍ଡି, ନୂଆପଡ଼ା ଜିଲ୍ଲାର ଭାଲେଶ୍ୱର, ଯାଜପୁର ଜିଲ୍ଲାର ସୁଜନପୁର ଓ ପୁରୀ ଜିଲ୍ଲା ସତ୍ୟବାଦୀ ବ୍ଲକ ବିଦ୍ୟାଧରପୁର ପଞ୍ଚାୟତର ସରପଞ୍ଚ ଦୁଃଶାସନ ପ୍ରଧାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସଭାସ୍ଥଳରେ ପ୍ରସ୍ତୁତ ୧୦ଗୋଟି ପ୍ରଦର୍ଶନୀ ମଣ୍ଡପକୁ ଅତିଥିମାନେ ବୁଲି ଦେଖିବା ସହ ସ୍ୱଚ୍ଛତା ମିତ୍ରଙ୍କୁ ସୁରକ୍ଷା କିଟ୍ ପ୍ରଦାନକରି ସେମାନଙ୍କ ସହ ବାର୍ତ୍ତାଳାପ କରିଥିଲେ। ପୂର୍ବରୁ ଅତିଥିମାନେ ସୁଆଣ୍ଡୋସ୍ଥିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜନ୍ମପୀଠ ପରିଦର୍ଶନ, ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

କାର୍ଯ୍ୟାଳୟରେ ବ୍ଲକ କଳା ସଂସ୍କୃତି ସଂଘର ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ପଲେଇଙ୍କ ନେତୃତ୍ୱରେ ମା' କ୍ଷେତ୍ରପାଳୀ ମୃଦଙ୍ଗ ବାଦ୍ୟ ନୃତ୍ୟ ପରିଷଦ ଓ ମା' ଜାଗେଶ୍ୱରୀ ଚଇତାଳି ଘୋଡ଼ା ନୃତ୍ୟ ପରିଷଦ, ମା' ତାରିଣୀ ମହିଳା ସଂକୀର୍ତ୍ତନ ମଣ୍ଡଳୀର କଳାକାରମାନେ ସୁଆଣ୍ଡୋ ବିଦ୍ୟାଧରପୁର, କଲେଜ ପଡ଼ିଆରେ ସ୍ୱାଗତ କରିଥିଲେ। ବିଦ୍ୟାଧରପୁର ପଞ୍ଚାୟତର ବିଭିନ୍ନ ସ୍ୱଚ୍ଛତା ପ୍ରକଳ୍ପ ଦେଖିବା ସହ ହିତାଧିକାରୀଙ୍କ ସହ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ନିର୍ଦ୍ଦେଶକ ବିନୀତ ଭରଦ୍ୱାଜ, ଅତିରିକ୍ତ ନିର୍ଦ୍ଦେଶକ ଚକ୍ରବର୍ତ୍ତୀ ସିଂ ରାଠୋର, ଏସ୍‌ପି ପିନାକ ମିଶ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ରଶ୍ମିରଞ୍ଜନ ସାହୁ, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ରାକେଶ ପଣ୍ଡା, ମନୀଷା ଷଡ଼ଙ୍ଗୀ, ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କ ସହିତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠି, ମଣ୍ଡଳ ଉନ୍ନୟନ ଅଧିକାରୀ ଲିପ୍ସା ରାୟ, ତହସିଲଦାର ଆଲୋକ କୁମାର ଦେହୁରୀ ଓ ଭାରପ୍ରାପ୍ତ ନିରୀକ୍ଷକ ଉମେଶ ଚନ୍ଦ୍ର ବେହେରା ପ୍ରମୁଖ ସ୍ଥାନୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ମୃତ ଦର୍ଶାଇ କାଟିଦେଲେ ଭତ୍ତା

### କାର୍ଯ୍ୟାନୁଷ୍ଠାନ ବଦଳରେ ରଫାଦଫା



**ଓଡ଼ଗାଁ,୨୬/୯/ଏନ୍‌ଏନ୍‌ଏସ୍:** ଦୁର୍ନୀତିର ଗନ୍ତାଘର ପାଲଟିଛି ଓଡ଼ଗାଁ ବ୍ଲକ। ଅଧିକାରୀଙ୍କ ହାତରେ ଛୁରୀ, କାକୁଡ଼ିଥିବା ନ୍ୟାୟରେ ଲୋକଙ୍କ ସହ ଖେଳଖେଳୁଛି ବ୍ଲକ୍ ପ୍ରଶାସନ। କେତେବେଳେ ଆବାସ ଦୁର୍ନୀତି ତ ଆଉ କେତେବେଳେ ମନରେଗା ଟଙ୍କାକୁ ହରିଲୁଟ କରିବା ପରେ ଏବେ ଗରିବ, ଭିନ୍ନକ୍ଷମ, ବିଧବା ଲୋକଙ୍କ ଭତ୍ତା ଉପରେ ଆଖି ପଡ଼ିଛି। ଅବସରପ୍ରାପ୍ତ ସରକାରୀ କର୍ମଚାରୀ ପତ୍ନୀଙ୍କ ନାଁରେ ଭତ୍ତା କରିବା, ସ୍ୱାମୀଙ୍କୁ ମୃତ ଦର୍ଶାଇ ସ୍ତ୍ରୀ ବିଧବା ଭତ୍ତା ପାଇବା ନେଇ ବ୍ଲକ୍ ବଦନାମ ମୁଣ୍ଡାଇଥିବାବେଳେ ପୁଣି ଆଉ ଏକ ଘଟଣା ସାମ୍ନାକୁ ଆସିଛି। ଜୀବିତକୁ ମୃତ ଘୋଷଣାକରି ଭତ୍ତା ବନ୍ଦ କରିବାଭଳି ଅଭିଯୋଗ ହୋଇଛି। ବଡ଼କଥା ହେଉଛି ଭତ୍ତା ଦୁର୍ନୀତିରେ ଏତେବଡ଼ କେଳେଙ୍କାରୀ ହୋଇଥିଲେ ମଧ୍ୟ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ନେବାବଦଳରେ ରଫାଦଫା କରି କାମସାରି ଦେଉଛି। ସୂଚନା ଅନୁଯାୟୀ ଓଡ଼ଗାଁ ବ୍ଲକ୍ ଅନ୍ତର୍ଗତ ଗିରିଡ଼ିପଲ୍ଲୀ ଗ୍ରାମର ଉଦିୟ ପାହାନ(୭୦) ଜୀବିତଥିଲେ ମଧ୍ୟ ତାଙ୍କୁ ମୃତ ଦର୍ଶାଇ ଭତ୍ତା କାଟି ଦିଆଯାଇଥିବା ସେ ଅଭିଯୋଗ କରିଛନ୍ତି। ତାଙ୍କ କହିବାକଥା ଗତବର୍ଷ ଉଦିୟଙ୍କ ନାଁରେ ଏକ ଆବାସ ଆସିଥିଲା। କିନ୍ତୁ ପଞ୍ଚାୟତ କର୍ମଚାରୀ ଉଦିୟଙ୍କୁ ଆବାସ ପାଇଁ ଟଙ୍କା ଦାବି କରିଥିଲେ। ଉଦିୟ ଅଭାବ ଅନଟନ ଭିତରେ ଥାଇ ମଧ୍ୟ ତାଙ୍କୁ ୬ହଜାର ୫ଶହ ଟଙ୍କା ଦେଇଥିଲେ ଓ ବାକି ଅର୍ଥ ପରେ ଦେବେ ବୋଲି କହି ଆଉ ଦେଇନଥିଲେ। ଏହାପରେ କର୍ମଚାରୀଙ୍କ ରାଗ ବଢ଼ିଯାଇଥିଲା। ଉଦିୟଙ୍କୁ ପାନେ ଦେବାକୁ ଯାଇ ଉଦିୟ ମୃତ୍ୟୁବରଣ କରିଥିବା ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ରାଜସ୍ୱିନୀ ପ୍ରଧାନଙ୍କୁ କହିଥିଲେ। କର୍ମଚାରୀଙ୍କ କଥାରେ ପଡ଼ି ସାମାଜିକ ସୁରକ୍ଷା ଅଧିକାରୀ କୌଣସି ତଦନ୍ତ ନକରି କିମ୍ବା ମୃତ ରିପୋର୍ଟ ନଥାଇ ୫ମାସ ହେଲା ଉଦିୟଙ୍କ ଭତ୍ତା ବନ୍ଦକରି ଦେଇଥିବା ଜଣାଯାଇଛି। ବାର୍ଦ୍ଧକ୍ୟ ସମୟରେ ନିଜ ଖର୍ଚ୍ଚ ପାଇଁ ଉଦିୟ ଏବେ ବାରଦୁଆର ହେଉଛନ୍ତି। ଏପଟେ ଅଯୋଗ୍ୟଙ୍କୁ ଭତ୍ତା ଯୋଜନାରେ ସାମିଲକରି ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ହଟହଟା ହୋଇଥିବା ବେଳେ ପାଖାପାଖି ୫ଶହ ଅଯୋଗ୍ୟଙ୍କ ଭତ୍ତା ବନ୍ଦ କରିଦିଆଯାଇଛି। ଦୁର୍ନୀତିକୁ ଘୋଡ଼ାଇବାକୁ ଯାଇ ରାତିଅଧିଆ ଭତ୍ତା ବନ୍ଦକରିବା ନିଜର ପାରିବାପଣିଆ ଉପରେ ପ୍ରଶ୍ନ ଉଠିଛି। ତେବେ ଅଯୋଗ୍ୟଙ୍କୁ କିଏ ସାମିଲ କରୁଛି, କାହା ଇସାରାରେ ପୁଣି ଭତ୍ତା କଟାଯାଉଛି ତାହା ଏବେ ତଦନ୍ତ ସାପେକ୍ଷ ହୋଇପଡ଼ିଛି। ଆଶ୍ଚର୍ଯ୍ୟର କଥାହେଉଛି ଏତେ ବଡ଼ଧରଣର ଦୁର୍ନୀତି ହେଉଥିଲେ ମଧ୍ୟ ତଦନ୍ତକୁ ବାଟବଣା କରି ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କୁ ସୁରକ୍ଷା ଦିଆଯାଉଛି। ଏହି ଦୁର୍ନୀତିର ଚେର ତଳୁ ଉପର ପର୍ଯ୍ୟନ୍ତ ଲମ୍ବିଥିବା କୁହାଯାଉଛି। ଜିଲ୍ଲାସ୍ତରରେ ପ୍ରୋଗାମ ଆସିଷ୍ଟାଣ୍ଟଙ୍କ ସଂପୂର୍ଣ୍ଣ ହାତଥିବା କୁହାଯାଉଛି। ଭୋଟ୍ ପରିଚୟପତ୍ରରେ ଚଞ୍ଚକତାକରି ବୟସ ବଢାଇବା, ବଧିର ସଜେଇବା, ଭେଣ୍ଡିଆଙ୍କୁ ବୃଦ୍ଧ କରିବାରେ ଏମାନେ ମାହିର୍ ବୋଲି କିଛି ଯୋଗ୍ୟ ହିତାଧିକାରୀ କହିଛନ୍ତି। ଜୀବିତଙ୍କୁ ମୃତ ଦର୍ଶାଇଥିବା ଉଦିୟ ପାହାନ ବୁଧବାର ବିଡ଼ିଓଙ୍କୁ ଭେଟି ଅଭିଯୋଗ କରିବା ପରେ ଭତ୍ତା ଯୋଜନାରେ ତାଙ୍କୁ ସାମିଲ କରାଯିବ ବୋଲି ବିଡିଓ ପ୍ରତିଶ୍ରୁତି ଦେଇଥିବା ସେ କହିଛନ୍ତି। ଘଟଣାର ତଦନ୍ତକରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବିହୋଇଛି।

# ମୌଳିକ ସୁବିଧାରୁ ବଞ୍ଚିତ ଗମ୍ଭାରୀ ପଞ୍ଚାୟତବାସୀ

**କୃଷ୍ଣପ୍ରସାଦ,୨୬/୯/ଏନ୍‌ଏନ୍‌ଏସ୍:** ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଗମ୍ଭାରୀ ପଞ୍ଚାୟତବାସୀ ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ବି ମୌଳିକ ସେବାରୁ ବଞ୍ଚିତ ହୋଇଥିବା ଜଣାପଡ଼ିଛି। ନିର୍ବାଚନ ପରେ ନିର୍ବାଚନ ଆସୁଛି ଯାଉଛି ହେଲେ ସୁଧୁରୁନି ସ୍ଥାନୀୟ ପଞ୍ଚାୟତବାସୀଙ୍କ ମୌଳିକ ସମସ୍ୟା। ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଓ ଗମନାଗମନ କ୍ଷେତ୍ରରେ ଏହି ପଞ୍ଚାୟତଟି ବହୁ ପଛରେ ପଡିଯାଇଥିବା ଜଣାପଡିଛି। ଏହି ପଞ୍ଚାୟତର ଚର୍ତୁପାର୍ଶ୍ୱରେ ନିଳାମ୍ବୁ ଚିଲିକା ଘେରି ରହିଛି। ପଞ୍ଚାୟତକୁ ସଂଯୋଗ କରୁଥିବା ରାସ୍ତାଟିର ଅବସ୍ଥା ମରାମତି ଅଭାବରୁ ଶୋଚନୀୟ ହୋଇପଡିଛି। ସେହିପରି ରାସ୍ତାର ଦୁରାବସ୍ଥାକୁ ନେଇ ପଞ୍ଚାୟତବାସୀ ପ୍ରମାଦ ଗଣୁଥିବାବେଳେ ଜରୁରୀକାଳୀନ ପରିସ୍ଥିତିରେ ଉକ୍ତ ପଞ୍ଚାୟତକୁ ୧୦୮, ୧୦୨ ଆମ୍ବୁଲାନ୍ସ ସେବା ଓ ଅଗ୍ନିଶମ ଗାଡ଼ି ଯିବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି। ପଞ୍ଚାୟତବାସୀ ବିଭିନ୍ନ ସମସ୍ୟା ନେଇ ବାରମ୍ବାର ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ହେଁ ବ୍ଲକ ପ୍ରଶାସନର ସ୍ଥାଣୁତା ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ଅଭିଶାପ ପାଲଟିଛି। ଉକ୍ତ ପଞ୍ଚାୟତରେ ୫ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ବାସ କରୁଥିବାବେଳେ ସେମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସେଠାରେ ଏକ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ପ୍ରାଣୀ ସହାୟକ କେନ୍ଦ୍ର, ଜରୁରୀକାଳୀନ ପରିସ୍ଥିତିରେ ଆଶ୍ରୟ ନେବା ପାଇଁ ପଞ୍ଚାୟତ ଅଧୀନ ସମସ୍ତ ଗ୍ରାମରେ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରିବାକୁ ସାଧାରଣରେ ଦାବି ହେଉଛି। ପ୍ରକାଶଥାଉ କି କେନ୍ଦ୍ର ଓ ରାଜ୍ୟ ସରକାର ଗ୍ରାମାଞ୍ଚଳରେ ଭିତ୍ତିଭୂମିର ବିକାଶ ନିମନ୍ତେ ଅନେକ କଲ୍ୟାଣକାରୀ ଯୋଜନାମାନ ପ୍ରଣୟନ କରୁଥିଲେ ହେଁ ସରକାରଙ୍କର ସମସ୍ତ ଲୋକହିତକର ଯୋଜନା ଏହି ପଞ୍ଚାୟତବାସୀଙ୍କ ପାଇଁ ପ୍ରହସନ ପାଲଟିଥିବା ଜଣାପଡ଼ିଛି। ସ୍ଥାନୀୟ ସରପଞ୍ଚ ସୁଶାନ୍ତ କୁମାର ପରିଡ଼ା, ସମିତିସଭ୍ୟା ଜାନକୀ ଜେନା ପଞ୍ଚାୟତର ବିଭିନ୍ନ ସମସ୍ୟା ସମ୍ପର୍କରେ ପଞ୍ଚାୟତ ସମିତି ବୈଠକରେ ଦାବି ଉପସ୍ଥାପନ କରିବା ସହ ସାଂସଦ ଡ଼ଃ ସମ୍ବିତ ପାତ୍ର ଏବଂ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

# ଅବସରପ୍ରାପ୍ତ ରାଜସ୍ୱ ଅଧିକାରୀଙ୍କ ସ୍ମୃତିଚାରଣ ସଭା



**ସାଲେପୁର,୨୬/୯/ଏନ୍‌ଏନ୍‌ଏସ୍:** ସାଲେପୁର ତହସିଲ୍‌ର ଅବସରପ୍ରାପ୍ତ ରାଜସ୍ୱ ବିଭାଗ ସୁପରଭାଇଜର ତଥା ବାଲିସାହି ପଞ୍ଚାୟତ ମାଛୁଆତି ଗ୍ରାମର ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ଶତପଥୀଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧ ଉତ୍ସବ ଅବସରରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ଶତପଥୀଙ୍କ ପୁଅ ସାଇ ସମୀକ୍ଷା ଫିଲିଂ ଷ୍ଟେସନର ପ୍ରତିଷ୍ଠାତା ତଥା ସମାଜସେବୀ ହରିବନ୍ଧୁ ଶତପଥୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଟାଙ୍ଗୀ ସାଲେପୁର ବିକାଶ ମଞ୍ଚର ସଭାପତି ବିଶେଶ୍ୱର ସ୍ୱାଇଁ, ସାମ୍ବାଦିକ ସାରଦା ପଣ୍ଡା, କବି ସମ୍ବିତ ଦାସ, ଇଞ୍ଜିନିୟର୍ ବିଭୂତିଭୂଷଣ ପାତ୍ର, ସୁଧୀର କୁମାର ଶତପଥି, ଶିବାନୀ ଦାଶଙ୍କ ସମେତ ଗଣମାଧ୍ୟମ ପ୍ରତିନିଧି ଓ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତ ଶତପଥୀଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପୁଅ ଗୋପବନ୍ଧୁ ଶତପଥୀ, ସୁଜିତ୍ ଶତପଥୀ, ଅଜିତ୍ ଶତପଥୀ, ଅନିଲ ଶତପଥୀ, ବୋହୂ ଶୁଭଶ୍ରୀ ଶତପଥୀ, ସ୍ୱର୍ଣ୍ଣପ୍ରଭା ଶତପଥୀ, ଶୈଳବାଳା ଶତପଥୀ, ବୈଜୟନ୍ତୀମାଳା ଶତପଥୀ, ସସ୍ମିତା ଶତପଥୀ, ଜୟଶ୍ରୀ ଶତପଥୀ, ଜ୍ୱାଇଁ ପ୍ରଦୀପ ପଣ୍ଡା, ଅମରେନ୍ଦ୍ର ପଣ୍ଡା, ନାତି ପିଙ୍କୁଲ ଶତପଥୀ, ସାଇସ୍ମରଣ ଶତପଥୀଙ୍କ ସମେତ ପରିବାର ଓ ଆତ୍ମୀୟସ୍ୱଜନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ କଟକ ଜିଲ୍ଲା ସାମ୍ବାଦିକ ସଂଘର ସମ୍ପାଦକ ଶିଶିର କୁମାର ଦାଶ ଧନ୍ୟବାଦ ଦେଇଥିଲେ।

# ଶ୍ରୀପତିପୁର ଗାଁ ରାସ୍ତା ଶୋଚନୀୟ, ପ୍ରତିଶ୍ରୁତି ରଖିଲେନି ବିଧାୟକ



**ଡେଲାଙ୍ଗ,୨୬/୯/ଏନ୍‌ଏନ୍‌ଏସ୍:** ନିର୍ବାଚନ ସମୟରେ ଲୋକଙ୍କ ସମସ୍ୟା ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ନିର୍ବାଚନରେ ବିଜୟ ପରେ ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକ ଭୁଲିଗଲେ ବୋଲି ଶ୍ରୀପତିପୁର ଗ୍ରାମର ପ୍ରଦୀପ ମହାନ୍ତି ଆରୋପ କରିଛନ୍ତି। ତେବେ ଗାଁ ଦାଣ୍ଡ ରାସ୍ତାର ଅବସ୍ଥା ଶୋଚନୀୟ ନେଇ ବିଧାୟକଙ୍କ ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି ଗ୍ରାମବାସୀ। ଘଟଣା ଅନୁଯାୟୀ ପୁରୀ ଜିଲ୍ଲା ଡେଲାଙ୍ଗ ବ୍ଲକ ଅଧୀନ ଜେନାପୁର ପଞ୍ଚାୟତର ୧ନଂ ୱାର୍ଡ ଶ୍ରୀପତିପୁର ଗାଁ ଦାଣ୍ଡ ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ସବୁଠୁ ବଡ଼ ପରିତାପର ବିଷୟ ଅସରାଏ ବର୍ଷା ହେଲେ ଗାଁ ଦାଣ୍ଡରେ ପାଣି ଜମିବା ସହିତ କାଦୁଅ ହେବା ଯୋଗୁ ଯାତାୟାତରେ ସମସ୍ୟା ସୃଷ୍ଟି ହୋଇ ଦୁର୍ଗନ୍ଧ ହେଉଛି। ଗାଁର ପିଲାମାନେ ସ୍କୁଲକୁ ଯିବାବେଳେ ଚପଲକୁ ଖୋଲି ଯାତାୟାତ କରିବାକୁ ପଡୁଛି। କୋମଳମତି ଶିଶୁମାନେ ବିଦ୍ୟାଳୟକୁ ଯିବା ସମୟରେ ଖାଲ ଖମାରେ ପଡ଼ି ଖଣ୍ଡିଆ ଖାବରା ହେବାର ମଧ୍ୟ ନଜିର ରହିଛି। ରାସ୍ତାର ଅବସ୍ଥା ସମ୍ପର୍କରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ଅଦ୍ୟାବଧି ସମସ୍ୟା ସମାଧାନ କରାଯାଇନଥିବା ଗ୍ରାମବାସୀମାନେ ଆରୋପ କରିଛନ୍ତି। ବାରମ୍ବର ସ୍ଥାନୀୟ ପ୍ରଶାସନ ଓ ସ୍ଥାନୀୟ ବିଧାୟକଙ୍କୁ ଭେଟି ଅଭିଯୋଗ କରିଥିଲେ ମଧ୍ୟ କାହାରି ଦୃଷ୍ଟିଗୋଚର ହେଉନଥିବାରୁ ଗ୍ରାମବାସୀ ଦୁଃଖପ୍ରକାଶ କରିଛନ୍ତି। ଏହି ରାସ୍ତାଟି ପଟ୍ଟନାଇକିଆ-ଖୋର୍ଦ୍ଧା ରାସ୍ତାର ଜେନାପୁର ରେଳଷ୍ଟେସନ ଛକଠାରୁ ଶ୍ରୀପତିପୁର ଗାଁ ଦେଇ ଆଳିସ କେନାଲବନ୍ଧ ଶଙ୍ଖଠାରେ ମିଶିଥିବା ବେଳେ ପ୍ରହରାଜପୁର, ଦାଶିଆପୀଠ, ଆଳିଶ ଓ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥକୁ ସଂଯୋଗ କରୁଛି। ରେଳ ଷ୍ଟେସନ ଛକଠାରୁ ୧.୩ କି.ମି ରାସ୍ତାଟିର ଅବସ୍ଥା କହିଲେ ନସରେ। ପ୍ରତ୍ୟେକ ଦିନ ଅନେକ ଯାତ୍ରୀ ଓଡ଼ିଶାର ଐତିହ୍ୟ ଭକ୍ତ ଦାସିଆପୀଠକୁ ଯିବା ପାଇଁ ଜେନାପୁର ରେଳଷ୍ଟେସନରୁ ଓହ୍ଲାଇ ଏହି ରାସ୍ତାଟି ନିମକଟତର ହୋଇଥିବାରୁ ଚାଲିଚାଲି ଯାଇଥାନ୍ତି। ଜେନାପୁର, ପୋଷଲ, ହାକପଡା, ସାଦପଡା, ଟୋଲାପଡ଼ା, ବ୍ରାହ୍ମଣବାଡ଼, କଣ୍ଟାବଣିଆ, ମଉନିମଠ, ପାଇକସାହି, ସେବକସାହୁ ପାଟଣ ସହିତ ବିଭିନ୍ନ ଗ୍ରାମପୁଞ୍ଜଗୁଡିକର ଲୋକେ ଭୁବନେଶ୍ୱର, ମଙ୍ଗଳପୁର, ପିପିଲି, କଟକ ପ୍ରଭୃତି ସହରକୁ ଯିବା ପାଇଁ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି। ସେହିପରି ଜେନାପୁର ରେଳ ଷ୍ଟେସନକୁ ଯିବାଆସିବା କରିବା ପାଇଁ ଆଳିସ, ପ୍ରହରାଜପୁର, ତେଇସପୁର, ବାଲିଗାଁ, ଆବଲପୁର, ପାଞ୍ଚବାଟିଆ, ରାୟଗିରିପୁର ପ୍ରମୁଖ ଅନେକ ଗ୍ରାମର ଜନସାଧାରଣ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି। ତେବେ ରାସ୍ତାଟି ୨୦ବର୍ଷ ପୂର୍ବେ ଢଳେଇ ପଡ଼ିଥିବା ବେଳେ ରାସ୍ତାରୁ ଢଳେଇ ଛାଡ଼ି ରାସ୍ତାଟି ଖାଲଖମାରେ ଭର୍ତ୍ତି ହୋଇଯାଇଛି। ସେହିପରି ଗାଁ ଭିତର ରାସ୍ତା ବଡ଼ ବଡ଼ ଖାଲଖମାରେ ଭର୍ତ୍ତି ହେବା ସହିତ ବର୍ଷା ହେଲେ ପାଣି ଜମିବା, କାଦୁଅ ପଚ ପଚ ହେଉଛି। ଗାଁ ଦାଣ୍ଡ ରାସ୍ତାକଡ଼ରେ ବର୍ଷା ଜଳ ଖଲାସ ପାଇଁ ମଧ୍ୟ କୌଣସି ବ୍ୟବସ୍ଥା କରାଯାଇନାହିଁ। ଏହି ଗ୍ରାମରେ ୫୫ଟି ପରିବାର ବସବାସ କରୁଥିବା ବେଳେ ସାଧାରଣତଃ ଚାଷ ଉପରେ ନିର୍ଭର କରନ୍ତି। ଏହି ଗ୍ରାମରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଟି ରହିଥିବା ବେଳେ ୭୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଅଧିକ ଅଧ୍ୟୟନ ପାଇଁ ପ୍ରହରାଜପୁର ଓ ହାକପଡ଼ା ଉଚ୍ଚ ବିଦ୍ୟାଳୟକୁ ଯାଆନ୍ତି। ଫଳରେ ଖାଲଖମାରେ ପଡ଼ି ଛାତ୍ରଛାତ୍ରୀ ଖଣ୍ଡିଆ ଖାବରା ହେଉଥିବା ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସଂଯୁକ୍ତାବାଳା ନାୟକ ପ୍ରକାଶ କରିଛନ୍ତି। ସେହିପରି ଗାଁ ଦାଣ୍ଡରେ ମଧ୍ୟ ଯିବା ଆସିବା କରିବା ସମୟରେ ଲୋକେ ଗାଡିରୁ ପଡ଼ି ରକ୍ତାକ୍ତ ହେଉଥିବାର ଅନେକ ଦୃଷ୍ଟାନ୍ତ ରହିଛି। ସମସ୍ୟା ସମାଧାନ ପାଇଁ ଗ୍ରାମବାସୀମାନେ ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କୁ ଭେଟି ଗାଁର ସମସ୍ୟା ଓ ରାସ୍ତାର ଅବସ୍ଥା ବିଷୟରେ ଅବଗତ କରାଇଥିଲେ। ବିଧାୟକ ଗାଁକୁ ଆସି ରାସ୍ତାର ସ୍ଥିତି ପରଖିବାକୁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ ନ ଆସିବାରୁ ଜନଅସନ୍ତୋଷ ବୃଦ୍ଧି ପାଇଛି। ଗ୍ରାମ୍ୟ କମିଟି ଓ ବିଦ୍ୟାଳୟ ପରିଚାଳନା କମିଟି ପୁନର୍ବାର ସ୍ଥାନୀୟ ପ୍ରଶାସନ ସହିତ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ତୁରନ୍ତ ରାସ୍ତା କାମ ଆରମ୍ଭ ନହେଲେ ଲୋକେ ବିଦ୍ୟାଳୟ ତାଲା ପକାଇବା ସହିତ ପଟ୍ଟନାଇକିଆ-ଖୋର୍ଦ୍ଧା ରାସ୍ତା ଅବରୋଧ କରିବେ ବୋଲି ନିଷ୍ପତ୍ତି ନେଇଥିବା ଗ୍ରାମ୍ୟ କମିଟି ସଭାପତି ପ୍ରଦୀପ କୁମାର ମହାନ୍ତି, ଦୀପକ ଜେନା, ରବିନ୍ଦ୍ର ମଲିକ, ଚନ୍ଦ୍ରଶେଖର ପରିଡ଼ା, ୱାର୍ଡ ସଭ୍ୟା ସରସ୍ୱତୀ ମଲିକ, ପୁଷ୍ପାଞ୍ଜଳି ଜେନା, ଚିନ୍ମୟୀ ଜେନା ପ୍ରମୁଖ ଚେତାବନୀ ଦେଇଛନ୍ତି।

# ମହାବିଦ୍ୟାଳୟରେ ରାଷ୍ଟ୍ରୀୟ ସେବା ଯୋଜନା ଦିବସ

**ଚାରିଛକ,୨୬/୯/ଏନ୍‌ଏନ୍‌ଏସ୍:** ଚାରିଛକସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ରାଷ୍ଟ୍ରୀୟ ସେବା ଯୋଜନା ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ବିନୋଦିନୀ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜୀବବିଜ୍ଞାନ ବିଭାଗର ମୁଖ୍ୟ ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ ଓ କାର୍ଯ୍ୟକ୍ରମ ଅଧିକାରୀ ମଧୁସ୍ମିତା ମହାପାତ୍ରଙ୍କ ସମେତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରୀ ଯୋଗଦେଇ ରାଷ୍ଟ୍ରୀୟ ସେବା ଯୋଜନା ସଂପର୍କରେ ଆଲୋକପାତ କରିଥିଲେ।

ନିତିଦିନ NITIDIN



## ଧାନକ୍ଷେତରେ ଚାଷୀଙ୍କ ମୃତ୍ୟୁ

**ବୋଲଗଡ଼,୨୬।୯/ଏନ୍ଏନ୍ଏସ୍:** ବୋଲଗଡ଼ ବ୍ଲକ ଡାବରଧୁଆ ପଞ୍ଚାୟତ ଅସନପଲ୍ଲୀ ଗ୍ରାମର ପରିବାବିକାଳୀ କୁବେର ପ୍ରଧାନ(୬୫) ନିଜ ଚାଷଜମିକୁ ଗତକାଲି ସନ୍ଧ୍ୟାରେ ଫସଲ ଦେଖିବାକୁ ଯାଇଥିଲାବେଳେ ଗୋଡ଼ଖସି ପଡ଼ିଯିବା ଫଳରେ ମୃତ୍ୟୁବରଣ କରିଥିବା ସୂଚନା ମିଳିଛି। ଆଜି ସକାଳେ ଗ୍ରାମର କେହିଲୋକ ତାଙ୍କୁ ବିଲରୁ ମୃତ ଅବସ୍ଥାରେ ଉଦ୍ଧାରକରି ଆଣିଥିଲେ। ସେ ଆଖପାଖ ଅଞ୍ଚଳରେ ଘର ଘର ବୁଲି ପରିବା ବିକ୍ରିକରି ପରିଚିତ ହୋଇଥିବାରୁ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ସେ ୩ଟି ପଞ୍ଚାୟତର ବିଭିନ୍ନ ଗ୍ରାମ ବୁଲି ପ୍ରାୟ ୪୦୦ରୁ ଉର୍ଦ୍ଧ୍ୱ ପରିବାରକୁ ପନିପରିବା ଦୁଆରେ ଦୁଆରେ ବହୁ ବର୍ଷ ହେଲା ବିକ୍ରି କରିଆସୁଥିଲେ। ଜଣେ ଉତ୍ତମ ବ୍ୟବହାର ସମ୍ପନ୍ନ ପରିଶ୍ରମୀ ସଚ୍ଚୋଟ କୃଷକ ପରିବା ବିକାଳୀଙ୍କୁ ହରାଇ ଅଞ୍ଚଳବାସୀ ମର୍ମାହତ ହୋଇପଡ଼ିଛନ୍ତି। ତାଙ୍କ ପରିବାର ଏକମାତ୍ର ରୋଜଗାରକ୍ଷମ ମୁରବିକୁ ହରାଇ ଦୁଃଖରେ ଭାଙ୍ଗିପଡ଼ିଛନ୍ତି। ପରିବାରକୁ ଆର୍ଥିକ ସହାୟତା ଦାବି ହେଉଛି।

## ଫାଣ୍ଡି ଅଧିକାରୀଙ୍କୁ ସମ୍ବର୍ଦ୍ଧନା



**ନୟାହାଟ,୨୬।୯/ଏନ୍ଏନ୍ଏସ୍:** ନୟାହାଟ ଫାଣ୍ଡିରେ ନୂତନରୂପେ ଦାୟିତ୍ୱ ଗ୍ରହଣକରିଥିବା ଅଶୋକ ବେହେରାଙ୍କୁ ବିଭିନ୍ନଆଡୁ ସ୍ୱାଗତ ସମ୍ବର୍ଦ୍ଧନା ମିଳୁଥିବାବେଳେ ଗୁରୁବାରଦିନ ରାତ୍ରରେ ନୟାହାଟ ବିଜେପି ପକ୍ଷରୁ ଶ୍ରୀବେହେରାଙ୍କୁ ଫୁଲତୋଡ଼ାଦେଇ କେଦାର ସାହୁ, ଅନନ୍ତ ସାହୁ, ପ୍ରଭାତ ପାତ୍ର, ପବନା ପାତ୍ର ପ୍ରମୁଖ ସମ୍ବର୍ଦ୍ଧନା ଜଣାଇଥିଲେ। ନୟାହାଟ ଅଞ୍ଚଳର ଆଇନ ଶୃଙ୍ଖଳା ଉପରେ ଆଲୋଚନା କରିବା ସହିତ ଫାଣ୍ଡିରୁ ଦଲାଲ ହଟାଇବା ପାଇଁ ଦାବି କରିଥିଲେ ଓ ଫାଣ୍ଡିରେ ପାଟ୍ରୋଲିଙ୍ଗ କରିବା ଓ ଅପରାଧୀକୁ ଧରିବା ପାଇଁ ଚାରିଚକିଆ ଗାଡ଼ି ନ ଥିବାରୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କୁ ଦୃଷ୍ଟିଗୋଚର କରାଯାଇଥିଲା। ତେବେ ଏହି ଫାଣ୍ଡିକୁ ଗାଡ଼ି ଯୋଗାଇଦେବା ପାଇଁ ବିଜେପି ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା।

## ବିଶ୍ୱ ଫାର୍ମାସୀ ଦିବସ ପାଳିତ

**କଣ୍ଟାପଡ଼ା,୨୬।୯/ଏନ୍ଏନ୍ଏସ୍:** କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ ସୁନ୍ଦରଗ୍ରାମଠାରେ ଥିବା ଦଧିଚି ଫାର୍ମାସୀ କଲେଜରେ ବିଶ୍ୱ ଫାର୍ମାସୀ ଦିବସ ପାଳିତ ହୋଇଛି। ଏହି ଉପଲକ୍ଷେ ଅଧ୍ୟକ୍ଷ ଡଃ. ରଜତକୁମାର କରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଉପାଧ୍ୟକ୍ଷ ଶୋଭାବିକାଶ ସ୍ୱାଇଁ, ଡଃ. ଦୁର୍ଗାଚରଣ ସାହୁ, ଡଃ. ସନ୍ତୋଷକୁମାର ପଣ୍ଡା, ପ୍ରଭାତରଞ୍ଜନ ଗୁରୁ ପ୍ରମୁଖ ଅତିଥିରୂପେ ମଞ୍ଚାସୀନ ରହି ଫାର୍ମାସୀ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ



ଆଲୋକପାତ କରିବା ସହ ସ୍ୱାସ୍ଥ୍ୟ ଓ ସେବା କ୍ଷେତ୍ରରେ ଏହାର ମହତ୍ତ୍ୱ ବାବଦରେ ବର୍ଣ୍ଣନା କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟରେ ବକ୍ତୃତା ପ୍ରତିଯୋଗିତା ଓ ଦାତବ୍ୟ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ଅତିଥିଙ୍କଦ୍ୱାରା କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ଚନ୍ଦ୍ରକାନ୍ତ ଦାସ, ଅନୁସ୍ୱନ୍ଦନ ରାୟ, ଅଙ୍କିତା ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ଜଗନ୍ନାଥ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ପ୍ରଶିକ୍ଷଣ ଶିବିର

**ଖଣ୍ଡପଡ଼ା,୨୬।୯/ଏନ୍ଏନ୍ଏସ୍:** ଖଣ୍ଡପଡ଼ା ବ୍ଲକ ଅଧୀନ ଖଲିସାହି ଲିଙ୍ଗରାଜ ଉଚ୍ଚ ବିଦ୍ୟାଳୟରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଶିକ୍ଷକ, ଶିକ୍ଷୟତ୍ରୀମାନଙ୍କୁ ନେଇ ଏକ ପ୍ରଶିକ୍ଷଣ ଶିବିର ଗୁରୁବାରଠାରୁ ଆରମ୍ଭ ହୋଇଛି। ବିଦ୍ୟାଳୟଗୁଡ଼ିକରେ ଶିକ୍ଷାର ମାନବୃଦ୍ଧି କରିବା, ଶିକ୍ଷକ ନେତୃତ୍ୱ, ଅର୍ନ୍ତନିବେଶୀ ଶିକ୍ଷା, ମାସିକ ପାଠ୍ୟ ଖସଡ଼ା ପ୍ରସ୍ତୁତ କରିବା ଓ ସାମାଜିକ ଗଣମାଧ୍ୟମର ବ୍ୟବହାର ସଂପର୍କରେ ପ୍ରଶିକ୍ଷକମାନେ ଶିବିରରେ ଉପସ୍ଥିତ ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ପ୍ରଶିକ୍ଷକ ଭାବେ ଶିକ୍ଷକ ବାଲୁରି ବାରିକ, ଚିତରଂଜନ ପଣ୍ଡା, ରୋଶନ କୁମାର ସାହୁ, ସନ୍ତୋଷ କୁମାର ସାହୁଙ୍କ ସହ ଅନ୍ୟମାନେ ଶିବିରରେ ଯୋଗଦେଇଥିଲେ। ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ କଳିଙ୍ଗ ଚନ୍ଦ୍ର ନାୟକ ଓ ପ୍ରଦୀପ୍ତ କୁମାର ସାହୁ ଅତିଥି ରୁପେ ଯୋଗଦେଇ ପ୍ରଶିକ୍ଷଣ ଶିବିରକୁ ଉଦ୍‌ଘାଟନ କରିବା ସହ ଶିବିର ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ସଂପର୍କରେ ଆଲୋକପାତ କରିଥିଲେ। ୩ଦିନ ଧରି ଆୟୋଜିତ ଏହି ଶିବିର ଆସନ୍ତା ଶନିବାର ଉଦ୍‌ଯାପିତ ହେବ ବୋଲି ଜଣାପଡ଼ିଛି। ଅନୁରୁପ ଭାବେ ଖଣ୍ଡପଡ଼ା ରାମଚନ୍ଦ୍ର ଉଚ୍ଚବିଦ୍ୟାଳୟରେ ମଧ୍ୟ ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଉଥିବା ନେଇ ବ୍ଲକ୍ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର କର ସୂଚନା ଦେଇଛନ୍ତି।

### ରେଡିମିକ୍ସ ପ୍ଲାଣ୍ଟ ନିର୍ମାଣକୁ ନେଇ ଗଙ୍ଗପଡ଼ାରେ ଉତ୍ତେଜନା

# ପଞ୍ଚାୟତ କାର୍ଯ୍ୟାଳୟ ଘେରିଲେ ଗ୍ରାମବାସୀ

**ମୁଣ୍ଡମୁହାଣ,୨୬।୯/ଏନ୍ଏନ୍ଏସ୍:** ଜଟଣୀ ବ୍ଲକ ଗଙ୍ଗପଡ଼ା ପଞ୍ଚାୟତ ଅଧିନ ଗଙ୍ଗପଡା ଓ ଭାତଖୁରି ଗ୍ରାମରେ ଏକ ରେଡିମିକ୍ସ ପ୍ଲାଣ୍ଟ ନିର୍ମାଣକୁ ନେଇ ଉତେଜନା ଦେଖାଦେଇଛି। ପ୍ଲାଣ୍ଟ ମାଲିକ ପୁଲିସ ଓ ବାହାର ଗୁଣ୍ଡା ଓ ବାହୁବଳ ପ୍ରୟୋଗ କରି ପ୍ଲାଣ୍ଟ ନିର୍ମାଣ କରୁଥିବା ଅଭିଯୋଗ ହୋଇଛି। ସ୍କୁଲ, ଅଙ୍ଗନବାଡ଼ି କେନ୍ଦ୍ର, ପଞ୍ଚାୟତ କାର୍ଯ୍ୟାଳୟ ଇତ୍ୟାଦିକୁ ଲାଗିରହି ପ୍ଲାଣ୍ଟ ଟି କାର୍ଯ୍ୟକାରି ହେବାକୁ ଥିବାରୁ ଗ୍ରାମବାସୀମାନେ ଏହାକୁ ବନ୍ଦ କରିବା ପାଇଁ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି। ଆଜି ଉକ୍ତ ପ୍ଲାଣ୍ଟକୁ ବିଦ୍ୟୁତ ଖୁଣ୍ଟ ପକାଇବା ସମୟରେ ଗ୍ରାମବାସୀମାନେ ବିରୋଧ କରିଥିଲେ। ଶତାଧିକ ମହିଳା ଏକାଠି ହୋଇ ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ କରିଥିଲେ। ତେବେ ପ୍ଲାଣ୍ଟ ନିର୍ମାଣକୁ ନେଇ ଏବେ ଗ୍ରାମରେ ଉତ୍ତେଜନା ଦେଖାଦେଇଛି। ଗଙ୍ଗପଡା ଓ ଭାତଖୁରି ଉଭୟ ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ରେଡିମିକ୍ସ ପ୍ଲାଣ୍ଟଟି ଘରୋଇ ଜମି ସହ କିଛି ଅଂଶ ସରକାରୀ ଜମିକୁ ମଡାଇ ନିର୍ମାଣ କରାଯାଉଛି। ତାହା ଗଙ୍ଗପଡା ହାଇସ୍କୁଲ, ଅଙ୍ଗନବାଡ଼ି କେନ୍ଦ୍ର, ପଞ୍ଚାୟତ କାର୍ଯ୍ୟାଳୟ ଓ କ୍ଲବ ଘରକୁ ଲାଗି ରହିଛି। ଏହା ସହ ଉକ୍ତ ପ୍ଲାଣ୍ଟର ଅନତି ଦୂରରେ ଗାଁ ମଧ୍ୟ ରହିଛି। ପ୍ଲାଣ୍ଟ କାର୍ଯ୍ୟକାରି ହେଲେ ଶବ୍ଦ ପ୍ରଦୁଷଣ ବଢିବା ସହ ବାୟୁ ପ୍ରଦୂଷଣରେ ବିଭିନ୍ନ ରୋଗର ଶିକାର ହେବେ। ଏସବୁ ଅଭିଯୋଗ ନେଇ ଗ୍ରାମବାସୀ ମାନେ ରେଡିମିକ୍ସ ପ୍ଲାଣ୍ଟ ମାଲିକଙ୍କୁ କାମ ବନ୍ଦ କରିବାକୁ କହିଥିଲେ। କିନ୍ତୁ ପ୍ରଥମେ ପ୍ରଥମେ ବିଭିନ୍ନ ଆଳକରି ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଥିବା ମାଲିକ ଏବେ ବାହୁବଳ ପ୍ରୟୋଗ କରୁଛନ୍ତି। ତେଣୁ ବାହାର ଗୁଣ୍ଡାମାନଙ୍କ



ଉପସ୍ଥିତି ଗାଁ ରେ ଆହୁରି ଉତ୍ତେଜନାକୁ ବଢ଼ାଇଛି। ଆଜି ଉକ୍ତ ପ୍ଲାଣ୍ଟ ଭିତରକୁ ବିଦ୍ୟୁତ ଖୁଣ୍ଟ ପକାଯାଉଥିବା ସମୟରେ ଗ୍ରାମବାସୀମାନେ ଏକାଠି ହୋଇ ବିରୋଧ କରିବା ସହ ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ କରିଥିଲେ। ଏ ନେଇ ଗତ ୧୯ତାରିଖ ଦିନ ଗ୍ରାମବାସୀମାନେ ଜିଲ୍ଲାପାଳ ଓ ତହସିଲଦାରଙ୍କୁ ପ୍ଲାଣ୍ଟ ନହେବା ପାଇଁ ଦାବିପତ୍ର ଦେଇଥିଲେ। କିନ୍ତୁ ଦାବିପତ୍ର ଦେବା ପରେ ଆଜି ବିଦ୍ୟୁତ୍‌ଖୁଣ୍ଟ ପକାଇବା ଗ୍ରାମରେ ଉତ୍ତେଜନା ବଢାଇଦେଇଛି। ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ କରିବା ଖବର ପାଇ ଇନ୍‌ଫୋଭ୍ୟାଲି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ଲୋକେ ହଟିଥିଲେ।

## ମନ୍ଦିର ବାରଣ୍ଡା ପାଲଟିଛି ଅଙ୍ଗନବାଡ଼ି କେନ୍ଦ୍ର



**ମାହାଙ୍ଗା,୨୬।୯/ଏନ୍ଏନ୍ଏସ୍:** ମାହାଙ୍ଗା ବ୍ଲକ ଅନ୍ତର୍ଗତ ମୂଳବସନ୍ତ ପଞ୍ଚାୟତ ଗୋପାଳପୁର ଅଙ୍ଗନବାଡ଼ି କେନ୍ଦ୍ରଟି ନାନା ସମସ୍ୟା ଘେରରେ ରହିଛି। ଏହି କେନ୍ଦ୍ରର ଛାତ୍ରଛାତ୍ରୀମାନେ ମା' ସୁନୁପେଇ ମନ୍ଦିର ବାରଣ୍ଡାରେ ଆଜକୁ ଦୀର୍ଘ ଦୁଇବର୍ଷ ପାଠ ପଢୁଛନ୍ତି। ଏହି କେନ୍ଦ୍ରଟିରେ ୧୨ଜଣ ଛାତ୍ରଛାତ୍ରୀମାନେ ପାଠ ପଢିଥାନ୍ତି। ବିଶେଷକରି ବର୍ଷା ଦିନରେ ଛାତ୍ରଛାତ୍ରୀମାନେ ଏହି ମନ୍ଦିର ବାରଣ୍ଡାରେ ପଢୁଥିବା ସମୟରେ ପାଣି ଛିଟା ମାରିଥାଏ। କିନ୍ତୁ ୨୦୧୬ ମସିହାରେ ଏହି ଅଙ୍ଗନବାଡ଼ି ଗୃହଟି ପୂର୍ବତନ ବିଧାୟକ ପ୍ରତାପ ଜେନାଙ୍କ ଦ୍ୱାରା ଶୁଭ ଶିଳାନ୍ୟାସ ହୋଇଥିବାବେଳେ ଏବେ ଅଙ୍ଗନବାଡ଼ି ଗୃହଟି ଅଧାପନ୍ତରିଆ ହୋଇ ପଡ଼ିରହିଛି। ଏହି ଗୃହଟିରେ ଗଛଲତା ମାଡ଼ିରହିଥିବା ବେଳେ ସରୀସୃପଙ୍କ ବାସସ୍ଥଳୀ ପାଲଟିଛି। ଏହି କେନ୍ଦ୍ରରେ ଶୌଚାଳୟ, ଭୂତଳ ପାନୀୟଜଳ ଓ ରୋଷେଇଘର ମଧ୍ୟ ନାହିଁ। ଯାହାଫଳରେ କୁନିକୁନି ପିଲାଙ୍କଠାରୁ ଆରମ୍ଭକରି ଅଙ୍ଗନବାଡ଼ି କର୍ମୀ ଓ ସହାୟିକା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ବିଭାଗୀୟ ଅଧିକାରୀଙ୍କଠାରୁ ଆରମ୍ଭକରି ଜନପ୍ରତିନିଧିଙ୍କୁ ଜଣାଇଥିଲେ ମଧ୍ୟ ସୁଫଳ ମିଳୁନାହିଁ। ତେଣୁ ଏହି କେନ୍ଦ୍ରଟିର ସମସ୍ୟା ସମାଧାନ କରିବାକୁ ସାଧାରଣରେ ଦାବି ହୋଇଛି। ଏ ନେଇ ସିଡିପିଓ ଗୁରୁବାରୀ ସିଂହଙ୍କୁ ଯୋଗାଯୋଗ କରିବାରୁ ଏହି କେନ୍ଦ୍ରର ସମସ୍ୟା ସଂପର୍କରେ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଜଣାଇଛୁ, ଖୁବ୍‌ଶିଘ୍ର ସମସ୍ୟାର ସମାଧାନ କରାଯିବ ବୋଲି କହିଥିଲେ।

## ମନ୍ଦିର ରାସ୍ତାରେ ତିନିଫୁଟ୍ ଉଚ୍ଚ ବର୍ଷାଜଳ, ଯାତାୟାତ ବାଧାପ୍ରାପ୍ତ

**ନୟାହାଟ,୨୬।୯/ଏନ୍ଏନ୍ଏସ୍:** ନୟାହାଟ ଫାଣ୍ଡି ଅନ୍ତର୍ଗତ ଜଙ୍ଗଲବୋରି ପଞ୍ଚାୟତର ବରଗଡା ଗ୍ରାମରେ ଥିବା ସାଇମନ୍ଦିର ନିକଟରେ ବର୍ଷାଜଳ ନିଷ୍କାସନ କରିବା ପାଇଁ ପ୍ରଶାସନ ତରଫରୁ କୌଣସି ବ୍ୟବସ୍ଥା କରାଯାଇ ନଥିବାରୁ ସାମାନ୍ୟ ବର୍ଷା ହେଲେ ରାସ୍ତା ଉପରେ ତିନିଫୁଟ ଜଳ ପ୍ରବାହିତ ହେଉଛି। ଯାହାଫଳରେ ସାଧାରଣ ଜନତା ଓ ସାଇଭକ୍ତମାନେ ସାହି ବାଟଦେଇ ଯାତାୟାତ କରୁଥିବା ବେଳେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାପଡ଼ିଛି। ସ୍ଥାନୀୟ ବିଧାୟକ ତୁଷାର କାନ୍ତ ବେହେରା ଜଳ ନିଷ୍କାସନ ପାଇଁ ସମସ୍ତ ବ୍ୟବସ୍ଥା କରିବେ ବୋଲି ପ୍ରତିଶ୍ରୁତି ଦେଇ ଦୀର୍ଘ ୨ବର୍ଷ ବିତିଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନଥିବାରୁ ଜନସାଧାରଣ ଅସନ୍ତୁଷ୍ଟ ପ୍ରକାଶ କରିଛନ୍ତି।



## ଭଦ୍ରେଶ୍ୱର ଥାନାରେ ଦୁର୍ଗାପୂଜା କମିଟି ବୈଠକ

**ମାହାଙ୍ଗା,୨୬।୯/ଏନ୍ଏନ୍ଏସ୍:** ଆସନ୍ତା ସାର୍ବଜନୀନ ଦୁର୍ଗା ପୂଜା ଶାନ୍ତି ଶୃଙ୍ଖଳା ପାଳନ ନିମନ୍ତେ ଭଦ୍ରେଶ୍ୱର ଥାନା ପକ୍ଷରୁ ଦୁର୍ଗା ପୂଜା କମିଟି କର୍ମକର୍ତ୍ତାଙ୍କୁ ନେଇ ଏକ ବୈଠକ ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ କାବୁଲି ବାରିକଙ୍କ ଅଧ୍ୟକ୍ଷତାରେ ଦଶହରା ପର୍ବ ପାଳନକୁ ନେଇ ଜିଲ୍ଲାପାଳଙ୍କ ଦ୍ୱାରା ଆଦର୍ଶ ମାର୍ଗଦର୍ଶିକା ସମ୍ବନ୍ଧରେ ଆଲୋଚନା କରିବା ସହ ଦୁର୍ଗାପୂଜା ଶାନ୍ତିଶୃଙ୍ଖଳାରେ ପାଳନ କରିବା ପାଇଁ ସମସ୍ତ ପୂଜା କମିଟିର ସହଯୋଗ କାମନା କରିଥିଲେ। ଏଥି ସହିତ ପୂଜା ଏବଂ ଭସାଣର କାର୍ଯ୍ୟକ୍ରମରେ ଡିଜେ ବ୍ୟହାରକୁ ସଂପୂର୍ଣ୍ଣଭାବେ ବାରଣ କରିବାକୁ କହିଥିଲେ। ଥାନା ଅଞ୍ଚଳରେ ଥିବା ପ୍ରମୁଖ ପୂଜା ମଣ୍ଡପ ମଧ୍ୟରୁ ହଳଦିଆ, ଭଦ୍ରେଶ୍ୱର, ଦୁଲ୍ଲଶରପୁର ବର୍ଜିସାହି, ବାଲିପଡା, ଅଡମ ମଠ, ଗୋତରା ମା' ଅସୁଲେଶ୍ୱାର ପୀଠ ସହିତ ଅନ୍ୟାନ୍ୟ ପୂଜା କମିଟିର କମକର୍ତ୍ତାମାନେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଏସ୍ଆଇ ପ୍ରୀତିରଞ୍ଜନ ରାୟ, କାମାକ୍ଷାପ୍ରସାଦ ନାୟକଙ୍କ ସମେତ ସମସ୍ତ ପୁଲିସ କର୍ମଚାରୀ ଉପସ୍ଥିତ ଥିଲେ।

## ସାଲେପୁର ଥାନାରେ ଥିବା ଗାଡ଼ି ଯାଞ୍ଚକଲେ କଟକ ଏମ୍‌ଭିଆଇ

**ସାଲେପୁର,୨୬।୯/ଏନ୍ଏନ୍ଏସ୍:** କଟକ ଜିଲ୍ଲାର ସାଲେପୁର ଆଦର୍ଶ ଥାନାରେ ଦୀର୍ଘବର୍ଷ ହେବ ଆକ୍ସିଡେଣ୍ଟ ହୋଇଥିବା ଓ ଘଟାଇଥିବା ଏବଂ ଅପରାଧୀଙ୍କ ଠାରୁ ଜବତ କରାଯାଇଥିବା ଗାଡିର ଯାଞ୍ଚ କରିଛନ୍ତି କଟକ ଏମ୍‌ଭିଆଇ। ସାଲେପୁର ଥାନା ଅଧୀନସ୍ଥ ବିଭିନ୍ନ ଅଞ୍ଚଳରେ ଦୁର୍ଘଟଣା ଗ୍ରସ୍ତ ଗାଡି ଏବଂ ଅପରାଧୀଙ୍କ ଠାରୁ ଜବତ ହୋଇ ଥାନାରେ ଦିର୍ଘ ଦିନ ବର୍ଷ ହେବ ପଡି ରହିଛି। ଏହି ସବୁ ଗାଡିର ସଠିକ କାଗଜପତ୍ର ସହ ଦୁର୍ଘଟଣା ଘଟାଇ ଥିବା ଗାଡି ହେଉ ବା ଦୁର୍ଘଟଣାଗ୍ରସ୍ତ ଗାଡି କେଉଁ ପରିସ୍ଥିତିରେ ଦୁର୍ଘଟଣା ଘଟିଲା ସଠିକ ଭାବେ ଯାଞ୍ଚ କରିଥିଲେ। କଟକ ଏମଭିଆଇ ରିପୋର୍ଟ ପ୍ରଦାନ କଲେ ଦୀର୍ଘବର୍ଷ ହେବ ଥାନାରେ ଜବତ ହୋଇ ରହିଥିବା ଗାଡିକୁ ରିଲିଜି କରାଯିବ ବୋଲି ଜଣାପଡ଼ିଛି।

## ଯୁବ ବ୍ୟବସାୟୀଙ୍କ ଅକାଳ ବିୟୋଗ

**ବଲଙ୍ଗା,୨୬।୯/ଏନ୍ଏନ୍ଏସ୍:** ଗରମ ତେଲରେ ପଡି ଗୁରୁତର ହୋଇ ଚିକିତ୍ସିତ ହେଉଥିବା ବଲଙ୍ଗା ବଜାରର ଯୁବବ୍ୟବସାୟୀ ତୋଟାସାହି ଗ୍ରାମର ଗୋପାଳ ମହାପାତ୍ର(୪୧) ଚିକିତ୍ସିତ ଅବସ୍ଥାରେ ଏମସ ମେଡିକାଲରେ ଗୁରୁବାର ଭୋର ସମୟରେ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ତୋଟସାହି ଗ୍ରାମ ସହ ବଲଙ୍ଗା ବଜାରର ବ୍ୟବସାୟୀ ମହଲରେ ଶୋକର ଛାୟା ଖେଳିଯାଇଛି। ସୁଚନା ମୁତାବକ ଚଳିତମାସ ୬ତାରିଖରେ ଗୋପାଳ ବଲଙ୍ଗା ବଜାରରେ ଥିବା ମିଠାଦୋକାନରେ ଷ୍ଟୁଲ ଉପରେ ଚଢ଼ି ବଲ ଲଗାଉଥିବା ବେଳେ ବିଦ୍ୟୁତ ଆଘାତ ଲାଗିବାରୁ ସେ ଷ୍ଟୁଲ୍ ଉପରୁ ଖସିପଡ଼ିଥିଲେ। ଷ୍ଟୁଲ ତଳେ ଥିବା ଗରମ ତେଲଭର୍ତ୍ତି କଡେଇରେ ପଡ଼ିଯାଇ ସେ ଗୁରୁତର ହୋଇଥିଲେ। ପରିବାର ଲୋକେ ତାଙ୍କୁ ଏମ୍ସ ମେଡିକାଲରେ ଭର୍ତ୍ତି କରିଥିଲେ।

## ଏନ୍ଏସି ସଫେଇ କର୍ମଚାରୀଙ୍କ ସ୍ୱାସ୍ଥ୍ୟପରୀକ୍ଷା ଓ ଔଷଧ ବଣ୍ଟନ

**ଓଡ଼ଗାଁ,୨୬।୯/ଏନ୍ଏନ୍ଏସ୍:** ଓଡ଼ଗାଁ ଏନ୍ଏସି ପକ୍ଷରୁ ଗୁରୁବାର ୧୦୦ ଜଣ ସଫେଇ କର୍ମଚାରୀ ଓ ସଫେଇ ମିତ୍ରଙ୍କ ସ୍ୱାସ୍ଥ୍ୟପରୀକ୍ଷା କରାଯିବା ସହିତ ସେମାନଙ୍କୁ ଔଷଧ ଓ ପୋଷାକ ବଣ୍ଟନ କରାଯାଇଛି। ଏନେଇ ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଆୟୋଜିତ ଶିବିରକୁ ଡାକ୍ତର ନିଳାଞ୍ଜନ ଦାସ ଓ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଦୁଃଶାସନ ସ୍ୱାଇଁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଡାକ୍ତର ନିଳାଞ୍ଜନ ଦାସ ସମସ୍ତ ସଫେଇ କର୍ମଚାରୀ ଓ ସଫେଇ ମିତ୍ରଙ୍କ ସ୍ୱାସ୍ଥ୍ୟପରୀକ୍ଷା କରିବା ସହିତ ସେମାନଙ୍କୁ ଔଷଧ ପ୍ରଦାନ କରିଥିବାବେଳେ



ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀସ୍ୱାଇଁ ପୋଷାକ ବଣ୍ଟନ କରିଥିଲେ। 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ ଜରିଆରେ ଜନସାଧାରଣଙ୍କୁ ବ୍ୟାପକ ସଚେତନତା କରାଯାଉଛି ଓ ବିଭିନ୍ନ ୱାର୍ଡରେ ସଫେଇ କର୍ମଚାରୀମାନେ ଭଲ ଭାବେ ସଫେଇକାର୍ଯ୍ୟ ଚାଲୁ ରଖିଥିବାରୁ କର୍ମଚାରୀ ଓ ସଫେଇମିତ୍ରଙ୍କୁ ଶ୍ରୀସ୍ୱାଇଁ କୃତଜ୍ଞତା ଜଣାଇଥିଲେ। କାର୍ଯ୍ୟକ୍ରମକୁ ପରିମଳ ବିଶେଷଜ୍ଞ ବରଦା ପ୍ରସନ୍ନ ଦାସ ପରିଚାଳନା କରିଥିବାବେଳେ ଏନଏସି ଅଫିସ୍ କର୍ମଚାରୀ ସହଯୋଗ କରିଥିଲେ।

## ଉପ ମୁଖ୍ୟମନ୍ତ୍ରୀଙ୍କୁ ପ୍ରବାସୀ ଓଡ଼ିଆଙ୍କ ସମ୍ବର୍ଦ୍ଧନା

**ଅସ୍ତରଙ୍ଗ,୨୬।୯/ଏନ୍ଏନ୍ଏସ୍:** ରାଜ୍ୟ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଦୁଇ ଦିନିଆ ବାଙ୍ଗାଲୋର ଗସ୍ତରେ ଥିବା ସମୟରେ ବାଙ୍ଗାଲୋରରେ ରହୁଥିବା ପ୍ରବାସୀ ଓଡ଼ିଆମାନଙ୍କ ସହ ଏକ ବୈଠକରେ ଯୋଗଦେଇଥିଲେ। ଏହି ଗସ୍ତ ଅବସରରେ ପ୍ରବାସୀ ଓଡ଼ିଆ ସଂଗଠନ ଓ ଓଡ଼ିଆ ଟ୍ରଷ୍ଟ ପକ୍ଷରୁ ବାଙ୍ଗାଲୋର, ଅସ୍ତରଙ୍ଗ, କାକଟପୁର ସମେତ ପୁରୀ ଜିଲ୍ଲାରେ ସମାଜସେବା ପାଇଁ ଖ୍ୟାତି ଅର୍ଜନ କରିଥିବା ମା' କଲରାଇ ଚ୍ୟାରିଟେବୁଲ୍ ଟ୍ରଷ୍ଟ ମୁଖ୍ୟ ଟ୍ରଷ୍ଟି ଇଂ. ରଞ୍ଜିତ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ପ୍ରବାସୀ ଓଡ଼ିଆଙ୍କ ଯୁବ ପ୍ରତିନିଧିମାନେ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ଗସ୍ତ କାଳରେ ବାଙ୍ଗାଲୋରରେ ରହୁଥିବା ଓଡ଼ିଆମାନଙ୍କ ବିଭିନ୍ନ ସମସ୍ୟା ଓ ଦାବି ସମ୍ବନ୍ଧରେ ଉପମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯାଇଥିଲା। ଏହି ବୈଠକରେ ସେ ପ୍ରବାସୀ ଓଡ଼ିଆମାନଙ୍କର ସମସ୍ୟା ସମ୍ପର୍କିତ ଉଦବେଗ କୁ ଅନୁଭବ କରି ରାଜ୍ୟ ସରକାର ସେ ଦିଗରେ ସଚେତନ ଥିବା କହି ନିଜ ମତାମତ




ରଖିଥିଲେ। ସେମାନଙ୍କର ସମସ୍ତ ଦାବି ଓ ସମସ୍ୟାକୁ ସମାଧାନ କରିବା ପାଇଁ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ପ୍ରତିଶ୍ରୁତି ଦେଇଥିଲେ। ସେ ଏହା ମଧ୍ୟ କହିଥିଲେ ଯେ, ସରକାର ଖୁବଶୀଘ୍ର ସମସ୍ତ ଦାବି ଓ ସମସ୍ୟାଗୁଡ଼ିକୁ ସମାଧାନ କରିବାରେ ପ୍ରଯତ୍ନ ଅଛନ୍ତି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଇ-କେ.ୱାଇ.ସି କୁ ଅପଡେଟ୍ କରିବା ପାଇଁ ପ୍ରବାସୀ ଓଡ଼ିଆ ମାନଙ୍କୁ ବିଶେଷ ପରାମର୍ଶ ଦେଇଥିଲେ ଯାହା ସେମାନଙ୍କ ପାଇଁ ଭବିଷ୍ୟତରେ ବିଭିନ୍ନ ସରକାରୀ ସୁବିଧା ଲାଭ କରିବାରେ ଉପକାରୀ ହେବ। ତାଙ୍କ ପରାମର୍ଶ ଅନୁସାରେ ଓଡ଼ିଶା ସରକାରଙ୍କ ଦୁର୍ଘଟଣା ଜନିତ ଚିକିତ୍ସା ସହାୟତା, ମୃତ୍ୟୁ ସହାୟତା, ସ୍ୱାସ୍ଥ୍ୟ ସହାୟତା, ସୁଭଦ୍ରା ଯୋଜନା, ରାସନ ସହାୟତା, ଶିକ୍ଷା ସହାୟତା ଓ ଅନ୍ୟାନ୍ୟ ସୁବିଧା ପ୍ରବାସୀ ଓଡ଼ିଆମାନେ ଇ-କେ.ୱାଇ.ସି ଅପଡେଟ୍ କରିବା ମାଧ୍ୟମରେ ପାଇପାରିବେ। ଓଡ଼ିଶାରେ ମୋହନ ମାଝୀଙ୍କ ନେତୃତ୍ୱ ଥିବା ବିଜେପି ସରକାରଙ୍କ ୧୦୦ ଦିନ ପୂର୍ତ୍ତି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ପ୍ରବାସୀ ଓଡ଼ିଆମାନଙ୍କ ଆବଶ୍ୟକତାକୁ ଅନୁଭବ କରି ସରକାରଙ୍କ ଯୋଜନାଗୁଡ଼ିକୁ ବାଙ୍ଗାଲୋରରେ ରହୁଥିବା ୧୦ ଲକ୍ଷ ପ୍ରବାସୀ ଓଡ଼ିଆଙ୍କ ସମେତ ସମଗ୍ର ଦେଶର ବିଭିନ୍ନ ପ୍ରାନ୍ତରେ ରହୁଥିବା ଓଡ଼ିଆ ସମୁଦାୟଙ୍କ ନିକଟରେ ପହଞ୍ଚାଇବା ଦିଗରେ ଗୁରୁତ୍ୱ ଦେଉଥିବା ଏବଂ ଏ ନେଇ ସରକାରଙ୍କ କାର୍ଯ୍ୟ ଜାରି ରହିଥିବା ସଂପର୍କରେ ବକ୍ତବ୍ୟ ରଖିଥିଲେ। ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ାଙ୍କ ବ୍ୟକ୍ତିଗତ ସଚିବ ତଥା ଓଡ଼ିଶା ସରକାରଙ୍କ ବରିଷ୍ଠ ଅଧିକାରୀ ମନୋଜ ବେହେରା ଉପସ୍ଥିତ ରହି ସଂଗଠନଠାରୁ ସମସ୍ତ ଆପତ୍ତି ଅଭିଯୋଗ ଗ୍ରହଣ କରିଥିଲେ। ଓଡ଼ିଆ ସଂଗଠନ ପକ୍ଷରୁ ଅନ୍ୟମାନଙ୍କ ମଧ୍ୟରେ ହର ପ୍ରସାଦ ମହାପାତ୍ର,ପ୍ରକାଶ ମଲ୍ଲ,ଜ୍ୟୋତି ରଞ୍ଜନ ନାୟକ, ମନୋଜ ପତ୍ର ଓ ସ୍ୱାଗତ ପାତ୍ରଙ୍କ ସମେତ ୨୮ଜଣ ପ୍ରବାସୀ ଓଡ଼ିଆ ଯୁବ ପ୍ରତିନିଧି ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ାଙ୍କ ଗସ୍ତ ଅବସରରେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା



**ଟାଙ୍ଗୀ,୨୬।୯/ଏନ୍ଏନ୍ଏସ୍:** ନିର୍ବାଚନ ବୈତରଣୀ ପାର ହେବା ପାଇଁ ରାଜ୍ୟରେ ବିଜେପି ସରକାର ଆସିଲେ ୩୦୦ ୟୁନିଟ ମାଗଣା ଦିଆଯିବ ବୋଲି ଘୋଷଣା କରିଥିଲେ। ହେଲେ ୩୦୦ୟୁନିଟ ତ ଛାଡ଼ ବରଙ୍ଗ ଅଧିବାସୀ ଲୋକଙ୍କ ଟାଟା ପାୱାର ବିଦ୍ୟୁତ୍ ସଂଯୋଗ କାଟି ଦୁଇମାସ ହେଲା ଅନ୍ଧାରରେ ରହିବାକୁ ଛାଡ଼ି ଦେଇଥିଲା। ଯାହାକୁ ନେଇ ସିପିଆଇ ଏମ୍ ଓଡ଼ିଶା କୃଷକସଭା ତରଫରୁ ଟାଙ୍ଗୀ ବିଦ୍ୟୁତ୍ ସେସୁ କାର୍ଯ୍ୟଳୟ ସମ୍ମୁଖରେ ଶତାଧିକ ମହିଳା ଓ ପୁରୁଷ ଟାଙ୍ଗୀ ବ୍ଲକ କାର୍ଯ୍ୟାଳୟ ନିକଟରୁ ପ୍ରତିବାଦ ରାଲିକରି ଆସି ଧାରଣା ଦେଇଥିବା ଦେଖିବାକୁ ମିଳିଥିଲା। ଅଭିଯୋଗ ଅନୁଯାୟୀ ଦୁଇମାସ ହେବ ବିଦ୍ୟୁତ୍ ବିଭାଗ କୌଣସି ନୋଟିସ ନ ଦେଇ କରଞ୍ଜି ପଞ୍ଚାୟତରେ ରହିଥିବା ୪୦ରୁ ଉର୍ଦ୍ଧ୍ୱ ଘରର ବିଦ୍ୟୁତ୍ ସଂଯୋଗ କାଟି ଦେଇଛନ୍ତି। ଯାହାଫଳରେ ପହାଡ଼ ଘେରା ଆଦିବାସୀ ଲୋକମାନଙ୍କ ପାଇଁ ଅନେକ ସମସ୍ୟା ହେବା ସହ ଅନ୍ଧାର ହେଉ ହେଉ ହାତୀ ଅରଣା ମଇଁଷି ଓ ଅନେକ ବନ୍ୟଜନ୍ତୁ ଆସି ନାହିଁ ନଥିବା ହଇରଣା କରୁଥିବା ପ୍ରକାଶ କରିଛନ୍ତି। ଏମିତି କି ବିଦ୍ୟୁତ୍ ସଂଯୋଗ ନଥିବାରୁ ରାତି ଅନ୍ଧାରରେ କାହାର ଜୀବନ ମଧ୍ୟ ଯାଇପାରେ ବୋଲି କହିଛନ୍ତି ଆଦିବାସୀ ଲୋକେ। ଯାହାକୁ ନେଇ ସିପିଆଇ ଏମ୍ କର୍ମୀ ହୋ ହାଲ୍ଲା କରୁଥିବା ବେଳେ ବିଦ୍ୟୁତ ବିଭାଗ କନିଷ୍ଠଯନ୍ତ୍ରୀ ଭବାନୀ ଶଙ୍କର ଦାସ ଫାଟକ ସମ୍ମୁଖରେ ପହଞ୍ଚି ଧାରଣାକାରୀଙ୍କ ସହ ଆଲୋଚନା କରିଥିଲେ। କନିଷ୍ଠ ଯନ୍ତ୍ରୀଙ୍କ ଲୋକମାନଙ୍କ ପାଇଁ କାର୍ଯ୍ୟ କରିବା ତରିକାକୁ ସିପିଆଇ ଏମ୍ ନେତା ଜିଲ୍ଲା ସମ୍ପାଦକ ଡମ୍ବରୁଧର ସାହୁ, ବିଷ୍ଣୁ ବେହେରା, ଚନ୍ଦ୍ର ମୋହନ ମାଝୀ, ରାଜେନ୍ଦ୍ର ବାଙ୍ଗରା, ନରେନ୍ଦ୍ର ହେମ୍ବ୍ରମ, ଗଙ୍ଗା ତିରିଆ ଓ ଜୟନ୍ତୀ ଗାଗରାଇ ପ୍ରମୁଖ ପ୍ରଶଂସା କରିଛନ୍ତି।

**ନିତି ଭାରତୀ** | ଜଣେ ନିଜେ ଠିକ୍ ଥିଲେ ତାଙ୍କୁ ନିନ୍ଦା କି ପ୍ରଶଂସା, କିଛିହେଲେ ବିଚଳିତ କରି ପାରିବ ନାହିଁ, କାରଣ ସେ କ'ଣ, ତାହା ସେ ଜାଣିଥିବେ । - **ମଦର ଟେରେସା**

NITIDIN
ନିତିଦିନ
ଶୁକ୍ରବାର, ୨୭ ସେପ୍ଟେମ୍ବର, ୨୦୨୪

# ପୁରୁଷ ଶୂନ୍ୟ ପୃଥିବୀ

'ଆମର ଏ ଶାଶ୍ୱତ ସଜୀବ ପୃଥିବୀ ସତରେ କ'ଣ ପୁରୁଷ ଶୂନ୍ୟ ହୋଇଯିବ; ଆଉ ଜନ୍ମ ନେବେନି ପୁରୁଷ ? ମଣିଷ ପରେ ଏକ ନୂତନ ପ୍ରଜାତି ପ୍ରାଣୀ ସୃଷ୍ଟି ହୋଇପାରେ କି ?' ଏଭଳି ଏକ ଭୀତ, ବିସ୍ମିତ ଓ ଭୟକମ୍ପିତ ବାର୍ତ୍ତା ବିଶ୍ୱବାସୀଙ୍କ ହୃତ୍ ସ୍ପନ୍ଦନକୁ ଦ୍ୱିଗୁଣିତ କରିବା ସହିତ ବୈଜ୍ଞାନିକମାନଙ୍କ ନିଦ ହଜାଇ ଦେଇଛି । ପ୍ରଖ୍ୟାତ ଜାତୀୟ ବିଜ୍ଞାନ ସଂସ୍ଥା (Proceedings of National Academy Science) ଭଳି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପତ୍ରିକାରେ ସଦ୍ୟ ପ୍ରକାଶିତ ଗବେଷଣାତ୍ମକ ନିବନ୍ଧରେ ଉପରୋକ୍ତ ପ୍ରକାଶିତ ତଥ୍ୟ ବାସ୍ତବିକ ଗୁରୁତ୍ୱ ବହନ କରେ । ଉକ୍ତ ତଥ୍ୟ ପ୍ରତିପାଦିତ କରେ ଯେ ନାରୀ ଗର୍ଭାଶୟରେ ପୁରୁଷ ଶିଶୁ ବିକାଶରେ ପୁରୁଷର ପ୍ରଜନନ କୋଷରେ ଥିବା 'y' ଗୁଣସୂତ୍ର ହିଁ ନିର୍ଣ୍ଣାୟକ ସାଜିଥାଏ । ମାତ୍ର ଗବେଷଣାରୁ ଜଣାଯାଏ ଯେ ବିଗତ ସହସ୍ର ବର୍ଷ ଧରି 'y' ଗୁଣସୂତ୍ରର ଜିନ୍ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି । ଉକ୍ତ ଗୁଣସୂତ୍ରରେ ଥିବା କାର୍ଯ୍ୟକ୍ଷମ ନଅ ଶହ ଜିନ୍ ସଂଖ୍ୟା ବର୍ଷ କାଳକ୍ରମେ ହ୍ରାସ ପାଇ ବର୍ତ୍ତମାନ ସ୍ଥିତିରେ ପଞ୍ଚାବନରେ ପହଞ୍ଚିଛି



**ଅଜୟ କୁମାର ପାତ୍ର**

ଯାହାକି ତା'ର ସମାହିତ କାର୍ଯ୍ୟ କ୍ଷମତା ଉପରେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଆହୁରି ମଧ୍ୟ ନିବନ୍ଧରେ ଦର୍ଶାଯାଇଛି ଯେ ପୁରୁଷ ଶିଶୁ ନିର୍ଣ୍ଣାୟକ 'y' ଗୁଣସୂତ୍ର ଧୀରେ ଧୀରେ ସଙ୍କୁଚିତ ହେବାରେ ଲାଗିଛି ଯାହାକି ଭବିଷ୍ୟତ ପୁରୁଷ ପିଢ଼ିଙ୍କ ପାଇଁ ଘୋର ବିପଦ ସୃଷ୍ଟି କରିପାରେ । କେବଳ ସେତିକି ନୁହେଁ, ପୁରୁଷ ଲିଙ୍ଗ ନିର୍ଣ୍ଣୟକାରୀ 'y' ଗୁଣସୂତ୍ରର ସଂଖ୍ୟା ତଥା ଆକାର ହ୍ରାସ ପାଇବାରେ ଲାଗିଛି, ଯାହାର ପ୍ରକୃତ ବୈଜ୍ଞାନିକ କାରଣ ଖୋଜୁଛନ୍ତି ବୈଜ୍ଞାନିକମାନେ । ପତ୍ରିକାରେ ଲିଖିତ ନିବନ୍ଧ ସାବଧାନ ମଧ୍ୟ କରି ଦେଇଛି ଯେ ସୁଦୂର ଭବିଷ୍ୟତରେ ହୁଏତ ପୃଥିବୀ ପୃଷ୍ଠରୁ ପୁରୁଷଙ୍କ ସଂଖ୍ୟା ଆଶାତୀତ ଭାବରେ କମିଯାଇ ପାରେ କିମ୍ବା ସମ୍ପୂର୍ଣ୍ଣ ଲୋପ ପାଇଯାଇପାରେ । ପୁରୁଷ ଶିଶୁ ଆଉ ଜନ୍ମଲାଭ କରିବେ ନାହିଁ, କେବଳ କନ୍ୟା ଶିଶୁ ଜନ୍ମଲାଭ କରିବେ । ଏଠାରେ ବୈଜ୍ଞାନିକ ବିଶ୍ଳେଷଣ କିରବାର ଆବଶ୍ୟକତା ରହୁଛି । ଯଦି ଉପରୋକ୍ତ ତଥ୍ୟ ସତ୍ୟ ହୁଏ, ତା'ହେଲେ ଏକଦା ପୃଥିବୀ ପୃଷ୍ଠରେ ନାରୀଙ୍କ ସଂଖ୍ୟା ଅଧିକ ହେବ । ମାତ୍ର ମନେ ରଖିବାକୁ ହେବ ଯେ ପୁରୁଷ ହୀନ ସମାଜରେ ସ୍ତ୍ରୀ-ପୁରୁଷ ମଧ୍ୟରେ ବିବାହ ସଂଘଟିତ ନହେବା ଫଳରେ କାଳକ୍ରମେ ଶିଶୁ ଜନ୍ମହାର କମି କମି ଶେଷରେ ନାରୀ ଜାତିର ଲୋପ ପାଇବ । ପୃଥିବୀ ପୁରୁଷ ଓ ନାରୀ ବିହୀନ ହୋଇ ପଡ଼ିବ ଓ ମଣିଷ ସଭ୍ୟତା ଲୋପ ପାଇଯିବ । ଅନ୍ୟ ଏକ କାରଣ ହୋଇପାରେ ଯେ କେବଳ ସ୍ତ୍ରୀ-ବହୁଳ ସମାଜରେ ସମଲିଙ୍ଗୀ ବିବାହ ପ୍ରଥା ପ୍ରଚଳିତ ହେବ, ଯାହାକି ସମ୍ପୂର୍ଣ୍ଣ ଅପ୍ରାକୃତିକ ଓ ଅପ୍ରାସଙ୍ଗିକ । ସେ ଯାହାହେଉ ନା କାହିଁକି, ପୁରୁଷ ଲିଙ୍ଗ ନିରୂପଣ କ୍ଷେତ୍ରରେ ବିଭ୍ରାଟ ସୃଷ୍ଟି ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନପାରେ ।

ମ୍ଳାନ 'y' ଗୁଣସୂତ୍ର ବୈଜ୍ଞାନିକମାନେ ଜାଣିବାକୁ ପାଇଛନ୍ତି ଯେ ଜାପାନର କ୍ଷୁଦ୍ର ଜଙ୍ଗଲୀ ପୁରୁଷ ମୂଷା (Spinny rat) ଗୁଡ଼ିକଙ୍କ କ୍ଷେତ୍ରରେ ମୌଳିକ ଜୈବ ପରିବର୍ତ୍ତନ ଘଟି ବାସ୍ତବ 'y' ଗୁଣସୂତ୍ର ବିଲୁପ୍ତ ହେବା ପୂର୍ବରୁ ଅନ୍ୟ ଏକ ପ୍ରକାରର ନୂତନ ପୁଂ ଲିଙ୍ଗ ଜିନ୍ ସୃଷ୍ଟି ହେଉଛି, ଯାହାକି ଭବିଷ୍ୟତରେ ନୂତନ ବିବର୍ତ୍ତନବାଦର (Neo-Evolution) ପଥ ଉନ୍ମୋଚିତ କରିବ । ଅନୁବଂଶ ବିଜ୍ଞାନ ବିଶାରଦ ମ୍ୟାଡାମ୍ ପ୍ରଫେସର ଜେନି ଗ୍ରେଭ୍ସ ନିଜସ୍ୱ ଗବେଷଣାଲବ୍ଧ ତଥ୍ୟକୁ ଆଧାର କରି ପ୍ରକାଶ କରିଛନ୍ତି ଯେ ପୁରୁଷ ପ୍ଲାଟିପସ୍ ପ୍ରାଣୀର 'xy' ପୁଂ ଲିଙ୍ଗ ଗୁଣସୂତ୍ର ପ୍ରାୟ ଷୋଳ ଶହ ଲକ୍ଷ ବର୍ଷ ଧରି 'ଛ' ଗୁଣସୂତ୍ର ତା'ର ନିଜସ୍ୱ ନଅ ଶହ କାର୍ଯ୍ୟକ୍ଷମ ଜିନ୍‌ରୁ ହ୍ରାସ ପାଇ ପଞ୍ଚାବନ କାର୍ଯ୍ୟକ୍ଷମ ଜିନ୍‌ରେ ପହଞ୍ଚିଛି । ଏକ ପ୍ରକାର ଜଙ୍ଗଲୀ କ୍ଷୁଦ୍ର ପୁରୁଷ ମୂଷା ପ୍ରାୟ ୧୧୦ ଲକ୍ଷ ବର୍ଷ ଭିତରେ ତା'ର ପୁରୁଷ ଲିଙ୍ଗ ନିର୍ଣ୍ଣୟକାରୀ 'y' ଗୁଣସୂତ୍ର ହରାଇ ସାରିଛି ବୋଲି ତାଙ୍କର ସଦ୍ୟ ପ୍ରକାଶିତ (ତା ୨୬.୦୮.୨୦୨୪ ରିଖ) ଗବେଷଣା ନିବନ୍ଧରେ ସ୍ଥାନ ପାଇଛି ।

'y' ଗୁଣସୂତ୍ରର କ୍ରମଶଃ ଉଭାନ ହେବା ନିଶ୍ଚିତ ଭାବରେ ପୁରୁଷର ପ୍ରଜନନ ପ୍ରକ୍ରିୟାରେ ଘୋର ବିପର୍ଯ୍ୟୟ ସୃଷ୍ଟି କରିପାରେ । ଫଳରେ ଜୀବ ବିବର୍ତ୍ତନ ଧାରାରେ ବୈପ୍ଳବିକ ପରିବର୍ତ୍ତନକୁ ସମ୍ପୂର୍ଣ୍ଣ ରୂପେ ଏଡ଼ାଇ ଦିଆ ଯାଇ ନପାରେ । ମାତ୍ର ପ୍ରଶ୍ନ ହେଉଛି ଯେ ଏହି ପରିବର୍ତ୍ତନ କିଭଳି ଓ କି ପ୍ରକାରର ନୂତନ ପ୍ରଜାତି ସୃଷ୍ଟି କରିବ! ବୈଜ୍ଞାନିକମାନେ ତାଙ୍କର ଗବେଷଣା ଜାରି ରଖିଛନ୍ତି । ସେମାନଙ୍କ ମତରେ, 'y' ଗୁଣସୂତ୍ରର ଅନୁପସ୍ଥିତିରେ ନୂତନ ପୁରୁଷ ନିର୍ଣ୍ଣୟକାରୀ ଗୁଣସୂତ୍ର ଅର୍ଥାତ 'G' ବା 'B' ସୃଷ୍ଟି ହୋଇପାରେ ଅବା ଏକ ସ୍ୱତନ୍ତ୍ର ନୂତନ ପ୍ରଜାତିର ମଣିଷ ଆତ୍ମଲାଭ କରିପାରେ । ମାତ୍ର ପ୍ରକୃତିକ୍ଷମ ବିବର୍ତ୍ତନର କାର୍ଯ୍ୟ ବା ଆଚରଣର ମୌଳିକ ସତ୍ୟ ବା ନିୟମ ପ୍ରତିପାଦିତ କରେ ଯେ ପ୍ରକୃତ ବିବର୍ତ୍ତନ ସଦା ଊର୍ଦ୍ଧ୍ୱଗାମୀ ଓ ସରଳୀକରଣରୁ ଜଟିଳକରଣ, ଅନୁନ୍ନତରୁ ଉନ୍ନତ ଯଥା: ଏକକୋଷୀରୁ (ଏମିବା) ବହୁକୋଷୀ, ମାଛରୁ ବେଙ୍ଗ, ବେଙ୍ଗରୁ ସରୀସୃପ ଓ ସରୀସୃପରୁ ଉନ୍ନତ ପକ୍ଷୀ ଓ ଅତି ଉନ୍ନତ ସ୍ତନ୍ୟପାୟୀ । ମାତ୍ର 'Y' ଗୁଣସୂତ୍ର କ୍ରମଶଃ ଦୁର୍ବଳ ହେବା ବା ସଂଖ୍ୟା, ଆକାର, ସର୍ବୋପରି ଜିନ୍ ସଂଖ୍ୟା କ୍ରମଶଃ ହ୍ରାସ ହେବା ନିଶ୍ଚିତ ଏକ ଅବାଞ୍ଛିତ, ଅପ୍ରାକୃତିକ ଜୀବ ଭବିଷ୍ୟକୁ ଅଙ୍ଗୁଳି ନିର୍ଦ୍ଦେଶ କରେ । ମ୍ୟାଡାମ୍ ପ୍ରଫେସର ଗ୍ରେଭସ୍ ସତର୍କ କରାଇ ଦେଇଛନ୍ତି ଯେ ବିବର୍ତ୍ତନର ବିକାଶଜନିତ କ୍ରମିକ ପରିବର୍ତ୍ତନ ବର୍ତ୍ତମାନ ବିପଦପୂର୍ଣ୍ଣ ଦାୟିତ୍ୱ ବହନ କରିବା ସହିତ ଶଙ୍କାକୁଳ ପରିସ୍ଥିତି ମଧ୍ୟ ଦେଇ ଗତି କରୁଛି (Evolution is fraught with risks) । ପୁରୁଷ କ୍ଷେତ୍ରରେ ନୂତନ ଲିଙ୍ଗ ନିର୍ଣ୍ଣୟକାରୀ ଜିନ୍ ବିବର୍ତ୍ତନର ମୌଳିକ ତଥା ବାସ୍ତବ ଆଭିମୁଖ୍ୟକୁ ଦୋହଲାଇ ଦେଇପାରେ । ତାଙ୍କ ମତରେ, ଭବିଷ୍ୟତରେ ବହୁବିଧ ଅପ୍ରାକୃତିକ ପୁରୁଷ-ଲିଙ୍ଗ ନିର୍ଣ୍ଣୟକାରୀ ପ୍ରଣାଳୀ ହୁଏତ ପୃଥିବୀର ବିଭିନ୍ନ ଭୌଗୋଳିକ ଖଣ୍ଡରେ ପୁରୁଷ ପ୍ରଜନନ ଅଙ୍ଗରେ ଆବିର୍ଭାବ ହୋଇପାରେ । ସେ ମଧ୍ୟ ଆଶଙ୍କା ପ୍ରକାଶ କରିଛନ୍ତି ଯେ ଭବିଷ୍ୟତରେ 'ଲିଙ୍ଗଗତ ଶୀତଳ ଜିନ୍ ଯୁଦ୍ଧ' (Cold war of the sex-genes) ହୋଇପାରେ । ସମ୍ଭବତଃ ମଣିଷ (Home sapiens) ପରେ ନୂତନ ଅଜଣା, ଅଶୁଣା ପ୍ରଜାତିର ଆବିର୍ଭାବ ହୋଇପାରେ ।

ଏଠାରେ ପ୍ରଶ୍ନ ହେଉଛି, ଏଭଳି ବିବର୍ତ୍ତିତ ପରିବର୍ତ୍ତନ କେବଳ ପୁରୁଷର 'y' ଗୁଣସୂତ୍ରରେ କାହିଁକି ଦେଖାଯାଉଛି ? ପୁରୁଷର 'x' ଗୁଣସୂତ୍ରରେ କାହିଁକି ଦେଖାଯାଉନି ? ପରିବର୍ତ୍ତିତ ବା ନୂତନ 'y' ଗୁଣସୂତ୍ର ସ୍ତ୍ରୀର ସାଧାରଣ ଲିଙ୍ଗଗତ 'x' ଗୁଣସୂତ୍ର ସହିତ କିଭଳି ମିଳନ ଘଟି କି ପ୍ରକାରର ଶିଶୁ ସନ୍ତାନ ସୃଷ୍ଟି ହେବ କିମ୍ବା ସ୍ତ୍ରୀର 'x' ଗୁଣସୂତ୍ର ପ୍ରତିପକ୍ଷ ପରିବର୍ତ୍ତିତ ବା ନୂତନ 'y' ଗୁଣସୂତ୍ରକୁ ମିଳନ ସମୟରେ (Fertilization) ପ୍ରତ୍ୟାଖାନ କରିବନି ତ ? ଯଦି 'y' ଗୁଣସୂତ୍ର ଆଂଶିକ ବା ସମ୍ପୂର୍ଣ୍ଣ ଅକାମୀ ହୋଇଯାଏ, ତା'ହେଲେ ପୁରୁଷର 'x' ଗୁଣସୂତ୍ର ଓ ସ୍ତ୍ରୀର 'x' ଗୁଣସୂତ୍ର ସହିତ ମିଳନ ଘଟି ପୃଥିବୀ ପୃଷ୍ଠରେ କେବଳ ଶିଶୁକନ୍ୟା ହିଁ ଜନ୍ମଲାଭ କରିବ ଏବଂ ନାରୀ ପ୍ରାଧାନ୍ୟ ସମାଜ ସୃଷ୍ଟି ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ । ଯଦି ଏମିତି ଘଟେ, ତା'ହେଲେ ପୁରୁଷହୀନ ସମାଜରେ ସମଲିଙ୍ଗୀ ଭଳି ଅପ୍ରାକୃତିକ ବିବାହ ବହୁଳ ଭାବରେ ଘଟିବ, ଯାହା ପୃଥିବୀକୁ ଅନିଶ୍ଚିତ ଭବିଷ୍ୟତ ଆଡ଼କୁ ଟାଣିନେବ ଓ ପରବର୍ତ୍ତୀ ସମୟରେ ପ୍ରତିପକ୍ଷ ପୁରୁଷର ଅନୁପସ୍ଥିତିରେ ନୂତନ ସନ୍ତାନ ସୃଷ୍ଟି ହୋଇ ନପାରେ । ଫଳରେ ମଣିଷ




ଜାତି ଧୀରେ ଧୀରେ ସମ୍ପୂର୍ଣ୍ଣ ଧ୍ୱଂସ ପାଇଯିବ । ପୃଥିବୀ ପୃଷ୍ଠରେ ନୂତନ ବିବର୍ତ୍ତନ ଯୁଗର ଅୟମାରମ୍ଭ ହେବ (Neo-evolution) । ମନେ ରଖିବାକୁ ହେବ ଯେ 'x' ଗୁଣସୂତ୍ରଠାରୁ 'y' ଗୁଣସୂତ୍ର ତୁଳନାତ୍ମକ ଭାବେ ଦୁର୍ବଳ । ପୁରୁଷ ଶିଶୁ ଗୁଣସୂତ୍ର ନିର୍ଣ୍ଣୟକାରୀ 'y' ଗୁଣସୂତ୍ରର ଏଭଳି ଅଧଃପତନର ମୁଖ୍ୟ କାରଣ କ'ଣ ହୋଇପାରେ ? ଏହା ଉପରେ ବୈଜ୍ଞାନିକ ବିତର୍କ ଅନେକ ହୋଇ ସାରିଛି । ବୈଜ୍ଞାନିକଙ୍କ ମତରେ, ଆଜିର ଅଧୁନାତନ ଯୁଗରେ ମଣିଷର ବ୍ୟସ୍ତବହୁଳ ଜୀବନଶୈଳୀର କୁପ୍ରଭାବ ଯୋଗୁଁ ମନସ୍ତାପ ଓ ମାନସିକ ଚାପ ଦିନକୁ ଦିନ ବଢ଼ିବାରେ ଲାଗିଛି । ଆଗ କାଳରେ ମଣିଷ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ରହି ଶରୀରକୁ ସୁସ୍ଥ, ସବଳ ଓ ସତେଜ ରଖି ପାରୁଥିଲା । ମାତ୍ର ଆଜିର ଯାନ୍ତ୍ରିକ ଯୁଗରେ ମଣିଷ ସହଜ, ସୁବିଧା ତଥା ସହସା ଦୈନନ୍ଦିନ ଦରକାରୀ ପଦାର୍ଥ ମିଳିଯାଉ ଥିବାରୁ ଅଳସୁଆମିର ବଶବର୍ତ୍ତୀ ହୋଇ ବିବିଧ ମାନସିକ ତଥା ଶାରୀରିକ ବ୍ୟାଧିକୁ ଆମନ୍ତ୍ରଣ କରୁଛି । ଏଥିରେ ଇନ୍ଧନ ଯୋଗାଉଛି ଆଜିର ଯୁବ ସମାଜରେ ବହୁଳ ଭାବରେ ଦେଖା ଯାଉଥିବା ନିଶାଦ୍ରବ୍ୟ ପାନ ଓ ନିଶା ସେବନ । ସେହିପରି ଆୟୁଷ କ୍ଷୟକାରୀ ସ୍ମାର୍ଟଫୋନ୍‌ର ଅବାରିତ ପ୍ରଚଳନ, ଆନ୍ତର୍ଜାତିକ ଖେଳ, ଘରେ, ବାହାରେ, ଶିକ୍ଷାଳୟ ଓ ବ୍ୟବସାୟିକ ଓ ସରକାରୀ କାର୍ଯ୍ୟାଳୟରେ ବ୍ୟବହୃତ କମ୍ପ୍ୟୁଟର ଓ ସେଥିରୁ ନିର୍ଗତ ସ୍ୱାସ୍ଥ୍ୟହାନିକାରକ ବିକିରଣ ସିଧାସଳଖ ମସ୍ତିଷ୍କ କୋଷ ଉପରେ କୁପ୍ରଭାବ ପକାଇ ଥାଏ । ବିବାହ ପରେ ନବ ବିବାହିତା ପତ୍ନୀ ନିଜସ୍ୱ ସୌନ୍ଦର୍ଯ୍ୟ ନଷ୍ଟ ହେବା ଭୟରେ ଗର୍ଭନିରୋଧୀ ବଟିକା ବା ଗର୍ଭନିରୋଧକ ଦ୍ରବ୍ୟ ବ୍ୟବହାରର ପ୍ରତିକୂଳ ପ୍ରଭାବ ନାରୀ ଶରୀରର ଜୀବ ରସ ଉପରେ ପଡ଼ିଥାଏ । ଫଳରେ, ଜୀବ ରସରେ ଅସନ୍ତୁଳିତ ଅବସ୍ଥା ସୃଷ୍ଟି ହୁଏ । ଏହା ସହିତ ପରିବେଶ ପ୍ରଦୂଷଣ, ବିଶ୍ୱ ତାପମାତ୍ରା ବୃଦ୍ଧି, ସବୁଜ ଘରର ପ୍ରଭାବ, ଅତ୍ୟଧିକ ଦୂଷିତ ଅଣଧାତବ ନିର୍ଗମନର ମିଳିତ ପ୍ରତିକୂଳ ପ୍ରଭାବ 'y' ଗୁଣସୂତ୍ରର ମୌଳିକ ଧର୍ମ ନଷ୍ଟ ହେବାର ବା ଉଭାନ୍ ହେବାର କାରଣ ହୋଇପାରେ ।

ଆମେ ପୃଥିବୀବାସୀ ହୃଦୟଙ୍ଗମ କରିବା ଉଚିତ ଯେ ଶରୀର ଏକ କର୍ମଶାଳା । ଏହାର ମୌଳିକ ନିୟମ ହେଉଛି, ଶରୀରର ପ୍ରତ୍ୟେକ ଅଙ୍ଗ ସହିତ ପ୍ରତ୍ୟେକ ଅଙ୍ଗର ସମନ୍ୱୟ ରହିବା । ଫଳରେ ସମସ୍ତ ଶାରୀରିକ କ୍ରିୟା ସଠିକ୍ ଭାବରେ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଚାଲିଥାଏ । ମାତ୍ର ଆଜିର ଆଧୁନିକ ମଣିଷ ବିଭିନ୍ନ ଉପାୟରେ ନିଜର ଶରୀର ଉପରେ ଅତ୍ୟାଚାର କରି ଚାଲିଛି, ଯାହାଦ୍ୱାରା ପ୍ରାକୃତିକ ଶରୀର କ୍ରମଶଃ ଅପ୍ରାକୃତିକ ହେବାରେ ଲାଗିଛି । ମଣିଷ ଜାତିକୁ ବଞ୍ଚାଇ ରଖିବାକୁ ହେଲେ ବିଶ୍ୱର ପ୍ରତ୍ୟେକ ମଣିଷ ନିଜ ନିଜର ଜୀବନଶୈଳୀର ପରିବର୍ତ୍ତନ ସହିତ ସୁସ୍ଥ, ସାବଲୀଳ ତଥା ସରଳ ଜୀବନ ପ୍ରଣାଳୀକୁ ଆପଣେଇବାକୁ ପଡ଼ିବ; ଆପଣେଇବାକୁ ପଡ଼ିବ ଶାନ୍ତି ଓ ପ୍ରଗତିର ପଥକୁ । ବିବର୍ତ୍ତନ ପଥକୁ ଚାପଶୂନ୍ୟ ତଥା ଚିର ସବୁଜ ସହ ବିକଶିତ କରିବାକୁ ପଡ଼ିବ । ଏଥିରୁ ଅନ୍ୟଥା ହେଲେ ବିବର୍ତ୍ତନ ପଥହରା ହୋଇ ହୁଏତ ନୂତନ ଓ ଉନ୍ନତ ପ୍ରଜାତି ସୃଷ୍ଟିରେ ଅନ୍ତରାୟ ସୃଷ୍ଟି ହୋଇପାରେ କିମ୍ବା ଏକ ଅନୁନ୍ନତ ବିକଳାଙ୍ଗ ପ୍ରଜାତିର ଜୀବ ଏ ପୃଥିବୀ ଆଗାମୀ ଦିନରେ ଦେଖିବ । କେଉଁ ପଥ ଅବଲମ୍ବନ କରିବେ, ଏହାର ବିଚାର ଆପଣମାନେ କରନ୍ତୁ ।

କାହାରି ସୃଷ୍ଟି, ସ୍ଥିତି, ଗତିବିଧିରେ କିଛି ମାତ୍ର ବ୍ୟତିକ୍ରମ ନ ହେଉ । ଯେଉଁ ଭୂଖଣ୍ଡର ଜଳବାୟୁରେ ଯେଉଁ ଜୀବଜନ୍ତୁ ଜନ୍ମଲାଭ କରିବାର କଥା, ତାହା ବିବର୍ତ୍ତନର ନିୟମରେ ହେଉ । ଶୀତରେ, ଗ୍ରୀଷ୍ମରେ, ବର୍ଷାରେ ଜୀବଜନ୍ତୁ, ସର୍ବୋପରି ମଣିଷ ପ୍ରକୃତିର ନିୟମରେ ନିୟତ ପରିଚାଳିତ ହେଉଥାନ୍ତୁ ।●

**ପ୍ରାକ୍ତନ ପ୍ରଫେସର ଓ ପରିବେଶ ବିଜ୍ଞାନୀ**
**ମୋ: ୯୪୩୮୬୨୧୩୯୧**

# ମଧ୍ୟପ୍ରାଚ୍ୟରେ ଶାନ୍ତିର ସ୍ୱପ୍ନ

ଏହା ହେଉଛି ବର୍ଷର ସେହି ସମୟ ଯେତେବେଳେ ବିଶ୍ୱର ସବୁଠୁ ବଡ଼ କଥାକୁହା ଦୋକାନ ନ୍ୟୁୟର୍କସ୍ଥିତ ଜାତିସଂଘ ମଞ୍ଚରେ ବିଶ୍ୱ ବ୍ୟାପାର ଉପରେ ବଡ଼ ବଡ଼ ସଂଳାପମାନ ପରିବେଷଣ କରିଥାନ୍ତି ଏହାର ସଦସ୍ୟ ରାଷ୍ଟ୍ରମାନେ । ୧୯୩ଟି ସାର୍ବଭୌମ ରାଷ୍ଟ୍ରଙ୍କର ସାମୂହିକ ମଙ୍ଗଳକାରୀ କାର୍ଯ୍ୟ ନିମନ୍ତେ ନିର୍ମିତ ଏହି ଭବ୍ୟ ଭବନଟି କିନ୍ତୁ ସମ୍ପ୍ରତି ବିଶ୍ୱର ବିଭିନ୍ନ ଭାଗରେ ଚାଲୁ ରହିଥିବା ଯୁଦ୍ଧ- ଗାଜା ଏବଂ ଲେବାନନ୍‌ରେ, ୟୁକ୍ରେନ୍‌ରେ ଏବଂ ସୁଦାନ୍‌ରେ ଗୃହଯୁଦ୍ଧର ପରିସମାପ୍ତି ଘଟାଇବା କ୍ଷେତ୍ରରେ ଏହାର ଉଦ୍ୟମ କରିବା ଓ ତାକୁ କାର୍ଯ୍ୟରେ ପରିଣତ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି । ପରିଣତି- ଉପରୋକ୍ତ ତିନୋଟିଯାକ ଯୁଦ୍ଧରେ ଏଯାବତ୍ ୧୨ ମିଲିଅନ୍‌ରୁ ଅଧିକ ସଂଖ୍ୟକ ଲୋକ ଦର୍ଫୁର ଏବଂ ଗାଜାରେ ବାସଚ୍ୟୁତ ଏବଂ ପାଖାପାଖି ଦୁଇ ଲକ୍ଷ ଲୋକ ମୃତ୍ୟୁବରଣ କରି ସାରିଛନ୍ତି । ଏଇ ଦୃଷ୍ଟିରୁ ଜାତିସଂଘ ପ୍ରତିଷ୍ଠା ହେବାର ମୂଳ ନୀତି ଏବଂ ଆଦର୍ଶଗୁଡ଼ିକ ଦୋହଲି ଯାଇଛି କହିବା ଅତ୍ୟୁକ୍ତି ହେବ କି ? ସମ୍ପ୍ରତି ଇସ୍ରାଏଲ ଇରାନ୍ ସମର୍ଥିତ ହେଜ୍‌ବୋଲ୍ଲା ଉପରେ ଦ୍ୱିତୀୟ ପର୍ଯ୍ୟାୟର ବୋମା ମାଡ଼ ଆରମ୍ଭ କରିବାକୁ ଯାଇ ଗତ ତିନି ଦିନ ଭିତରେ ଲେବାନନ୍‌ର ବିଭିନ୍ନ ଭାଗରେ ଆତଙ୍କ ସୃଷ୍ଟି କରିଛି । ଏଥିରେ ନିହାତି କମ୍‌ରେ ୬୦୦ ଲୋକ ପ୍ରାଣ ହରାଇ ସାରିଥିବା କୁହାଯାଉଛି । ଏହି ଆକ୍ରମଣର ଆରମ୍ଭରେ ପ୍ରଥମେ ପେଜରଗୁଡ଼ିକ ଏବଂ ତା'ପରେ ୱାକିଟକିଗୁଡ଼ିକ ବିସ୍ଫୋରିତ ହେଲା, ଆଉ ତା' ପରେ ପରେ ଆକ୍ରମଣର ଏକ ସମାହାର ଘଟିଲା । ଏହା ତେଲ୍ ଆଭିଭ୍ ଦ୍ୱାରା କରାଯାଇଥିବା ଅଭିଯୋଗ ହୋଇଥିବା ବେଳେ ଯୋଗାଯୋଗ ଉପକରଣଗୁଡ଼ିକୁ ଲକ୍ଷ୍ୟଭୁକ୍ତ କରାଯାଇଥିଲା ଯେଉଁଥିରେ ୩୯ ଜଣ ନିହତ ହେବା ସହିତ ୩ ହଜାରରୁ ଅଧିକ ସଂଖ୍ୟକ ଲୋକ ଆହତ ହେଲେ । ଏଇ ଆକ୍ରମଣ ବର୍ତ୍ତମାନ ବିଶ୍ୱବାସୀଙ୍କ ମନରେ ଆଶଙ୍କା ଜାତ କରାଇଛି ଯେ ସମ୍ଭବତଃ ଗାଜାରେ ଇସ୍ରାଏଲ ଏବଂ ହମାସ୍ ଭିତରେ ଚାଲିଥିବା ଯୁଦ୍ଧ ଅଧିକ ଘନେଇ ପାରେ ଯାହା ସମଗ୍ର ପଶ୍ଚିମ ଏସିଆରେ ସୃଷ୍ଟି ହୋଇଥିବା ଅସ୍ଥିରତାକୁ ଉତ୍ତେଜିତ କରିପାରେ । ଇସ୍ରାଏଲ କହିଛି ଯେ ଏହାର ଆକ୍ରମଣଗୁଡ଼ିକ କେବଳ ହେଜ୍‌ବୋଲ୍ଲାକୁ ପରାଭୂତ କରିବା ଉଦ୍ଦେଶ୍ୟରେ ଲକ୍ଷ୍ୟଭୁକ୍ତ କରିଛି, ଯଦିଓ ବାସ୍ତବତା ହେଉଛି ଆକ୍ରମଣରେ ମହିଳା ଓ ଶିଶୁମାନଙ୍କ ସମେତ ଅନେକ ସଂଖ୍ୟକ ନିରୀହ ଜନସାଧାରଣ ନିହତ ହୋଇଛନ୍ତି । ଏହି ପ୍ରେକ୍ଷାପଟରେ ଇସ୍ରାଏଲର ଆକ୍ରମଣକୁ ପ୍ରତିହତ କରିବା ନିମନ୍ତେ ଲେବାନନ୍ ଏକ ଅତି କ୍ଷୁଦ୍ର ଦେଶ ବୋଲି ଇରାନ୍‌ର ରାଷ୍ଟ୍ରପତି ଦେଇଥିବା ବିବୃତିକୁ ଅଧିକ ଅମଙ୍ଗଳସୂଚକ ବୋଲି କୁହାଯାଇପାରେ । ଇଜିପ୍ଟ, ଇରାକ୍ ଏବଂ ଜୋର୍ଡାନ୍ ଇସ୍ରାଏଲର 'ଆକ୍ରମଣାତ୍ମକ' ମନୋଭାବକୁ ନିନ୍ଦା କରିଛନ୍ତି ଏବଂ ଚେତାଇ ଦେଇଛନ୍ତି ଯେ ଏହା 'ସମଗ୍ର ଅଞ୍ଚଳକୁ ଯୁଦ୍ଧର ଘନଘଟା ଭିତରକୁ ଠେଲି ଦେଉଛି ।'

ଇସ୍ରାଏଲର ଯୁଦ୍ଧ ଗାଜା ପଟିର ସୀମିତ ପରିସରକୁ ଅତିକ୍ରମ କରି ଅନ୍ୟାନ୍ୟ ଅଞ୍ଚଳକୁ ବ୍ୟାପିବ ଏବଂ ସମ୍ପୃକ୍ତ ଅଞ୍ଚଳର ଅନ୍ୟ ରାଷ୍ଟ୍ରମାନଙ୍କୁ ଏଥିରେ ଭାଗ ନେବାକୁ ଆକର୍ଷିତ କରିବାର ଆଶଙ୍କା ବର୍ତ୍ତମାନ ବାସ୍ତବ ମନେ ହେଉଛି । ଇରାନୀୟ ସୀମା ଭିତରେ ଏବଂ ଏହାର ପ୍ରକ୍ସିମାନଙ୍କ ଉପରେ ତେଲ୍ ଆଭିଭ୍‌ର ଆକ୍ରମଣ ବିରୁଦ୍ଧରେ ତେହେରାନ୍ ଜବାବ ନଦେବାର ଅର୍ଥ ନୁହେଁ ଯେ ଇସ୍ରାଏଲ ଯେଉଁମାନଙ୍କୁ ଇସ୍ରାଏଲ-ବିରୋଧୀ ବୋଲି କହି ଲକ୍ଷ୍ୟଭୁକ୍ତ କରି ଆକ୍ରମଣ କରୁଛି ଏବଂ ଜାତୀୟ ସୀମାକୁ ଅସମ୍ମାନ ପ୍ରଦର୍ଶନ କରୁଛି, ତାହା ସବୁଦିନ ସମାନ ରହିବ । ଏକ ସମ୍ପ୍ରସାରିତ ଯୁଦ୍ଧର ରାଜନୀତିକ ତଥା ଅର୍ଥନୀତିକ ଭୟାବହ ପରିଣତି ପଶ୍ଚିମ ଏସିଆ ବାହାରେ ମଧ୍ୟ ଅନ୍ୟାନ୍ୟ ରାଷ୍ଟ୍ରମାନଙ୍କ ଉପରେ ପଡ଼ିବ ଏବଂ ସାମ୍ପ୍ରତିକ ଯୁଦ୍ଧ ଉତ୍ତର-କୋଭିଡ୍ ଦୃଶ୍ୟପଟରେ ଅର୍ଥନୀତିକ ପୁନରୁଦ୍ଧାରକୁ ପ୍ରଭାବିତ କରି ସାରିଛି । ହମାସ୍ ଆତଙ୍କୀ ଆକ୍ରମଣ ଏବଂ ଗାଜାରେ ଇସ୍ରାଏଲର ଯୁଦ୍ଧ ଆରମ୍ଭ କରିବାର ବାର୍ଷିକ ଅବସର ପାଖେଇ ଆସୁଥିବା ବେଳେ ସମୟ ଉପଗତ ହୋଇଛି ବିଶ୍ୱ ସମୁଦାୟ ଏହି ଅଶାନ୍ତ ପରିବେଶର ପରିସମାପ୍ତି ଘଟାଇବାକୁ ଆଗେଇ ଆସିବା ଉଚିତ, ଯାହାକି ବର୍ତ୍ତମାନ ଗଣହତ୍ୟାର ରୂପକୁ ଆପଣାଇ ସାରିଛି ।

ଗତ ବର୍ଷ ଅକ୍ଟୋବର ୮ ତାରିଖ ପରଠାରୁ ହେଜ୍‌ବୋଲ୍ଲା ଅବାରିତ ଭାବରେ ଉତ୍ତର ଇସ୍ରାଏଲ ଉପରେ ରକେଟ୍ ଏବଂ ମିଜାଇଲ୍ ମାଡ଼ କରି ଚାଲିଛି, ଯାହା ସେହି ଅଞ୍ଚଳରେ ଅଧିକାଂଶ ଇସ୍ରାଏଲୀଙ୍କୁ ବାସସ୍ଥାନ ଛାଡ଼ି ଅନ୍ୟତ୍ର ପଳାୟନ କରିବାକୁ ବାଧ କରିଛି, କିନ୍ତୁ ଏହା ପ୍ରତିଶ୍ରୁତି ପ୍ରଦାନ କରିଛି ଯେ ଗାଜାରେ ଯଦି ଅସ୍ତ୍ର ବିରତି କାର୍ଯ୍ୟକାରୀ ହେବ, ତା'ହେଲେ ଏହା ତା'ର ଆକ୍ରମଣ ବନ୍ଦ କରିବ । ଆଉ ତା' ସତ୍ତ୍ୱେ ଶ୍ରୀଯୁକ୍ତ ନେତାନ୍ୟାହୁ ଗାଜା ଏବଂ ୱେଷ୍ଟବ୍ୟାଙ୍କ୍‌ରେ ଆକ୍ରମଣରେ ସାମାନ୍ୟତମ ବିରତି ଆଣିବାକୁ ବି ଆଗ୍ରହ ପ୍ରଦର୍ଶନ କରି ନାହାନ୍ତି । ଫଳ ସ୍ୱରୂପ, ଆପୋଷ ଆଲୋଚନା ମାଧ୍ୟମରେ ସମ୍ପୃକ୍ତ ଅଞ୍ଚଳରେ ଶାନ୍ତି ପ୍ରତିଷ୍ଠା ତଥା ଏହାର ସ୍ଥାୟିତ୍ୱ ପାଇଁ ଆବଶ୍ୟକ ଦୁଇ-ରାଷ୍ଟ୍ର ତତ୍ତ୍ୱର ଉପସ୍ଥାପନ ନିମନ୍ତେ ଅନୁକୂଳ ପରିବେଶ ସୃଷ୍ଟି ହୋଇନାହିଁ । ହମାସ୍ କବଳରୁ ତା'ର ପଣବନ୍ଦୀ ନାଗରିକମାନଙ୍କୁ ମୁକୁଳାଇବାରେ ଏଯାବତ୍ ଅସମର୍ଥ ଇସ୍ରାଏଲ ଗାଜାରେ ନିରବଚ୍ଛିନ୍ନ ଆକ୍ରମଣ କରି ୪୧ ହଜାରରୁ ଅଧିକ ସଂଖ୍ୟକ ଲୋକଙ୍କ ପ୍ରାଣ ନେଇ ସାରିଲାଣି ଏବଂ ବର୍ତ୍ତମାନ ନିଜେ ଏକ ପ୍ରକାରର ଏକଘରିକିଆ ହୋଇ ପଡ଼ିଛି । ଇସ୍ରାଏଲର ଆକ୍ରମଣର ମାତ୍ରା କେବଳ ଯାହା ଏହା ବିରୁଦ୍ଧରେ ସମଗ୍ର ବିଶ୍ୱର ଜନମତ ସଂଗ୍ରହ କରିଛି ସିନା ଏହାର ଲକ୍ଷ୍ୟ ହାସଲ ହେବାକୁ ଦେଇନାହିଁ । ପୁନଶ୍ଚ, ଏହା ଏକ ପୃଥକ୍ ପାଲେଷ୍ଟିନୀୟ ରାଷ୍ଟ୍ର ଗଠନ କରିବାର ଦାବିକୁ ଅଧିକ ତେଜିବାରେ କାମ କରିଛି । ତେଣୁ ତେଲ୍ ଆଭିଭ୍ ପଶ୍ଚିମ ଏସିଆରେ ଏହାର ଯୁଦ୍ଧ କୂଟନୀତି ବିଷୟରେ ଆଉଥରେ ଚିନ୍ତା କରିବାର ଆବଶ୍ୟକତା ରହିଛି ।●

# କାହିଁକି କମେ କାର୍ଯ୍ୟ ଦକ୍ଷତା

କିଛି ଲୋକ ନିଜ କାମକୁ ଗୁରୁତ୍ୱ ଦେଇ ଅନ୍ୟ କାହାକୁ ଚାହାନ୍ତି ନାହିଁ । ଆଉ କିଛି ଲୋକ ନିଜ କାମ କରିବା ସହିତ ଅନ୍ୟମାନଙ୍କ କାମକୁ ବି ଦୃଷ୍ଟି ରଖି ଥାଆନ୍ତି । ତୃତୀୟ ଶ୍ରେଣୀର ଲୋକେ ନିଜ କାମ ଛାଡ଼ି ଅନ୍ୟ କିଏ କ'ଣ କରୁଛି, ତାକୁ ଦେଖୁ ଥାଆନ୍ତି । ଆଉ ଗପୁ ଥାଆନ୍ତି । ପ୍ରଥମ ଶ୍ରେଣୀର ଲୋକ ଜୀବନରେ ସମ୍ପୂର୍ଣ୍ଣ ସଫଳତା ପାଇଲା ବେଳେ ଟିକିଏ ତଳକୁ ରୁହନ୍ତି ଦ୍ୱିତୀୟ ଶ୍ରେଣୀର ଲୋକ । ସାରା ଜୀବନ ବିଫଳତା ପାଆନ୍ତି ତୃତୀୟ ଶ୍ରେଣୀର ଲୋକଟି ।


ବଡ଼ କାରଖାନା । ମାଲିକର ଜଣେ ବିଶ୍ୱସ୍ତ ଜଗୁଆଳି ଥାଏ । ସେ ନିରବରେ ସମସ୍ତ କର୍ମଚାରୀଙ୍କ ଗତିବିଧିକୁ ଲକ୍ଷ୍ୟ କରୁଥାଏ । ମାଲିକ ମଧ୍ୟ ନିଜ କାରଖାନାରେ କିଛି ଦିନ କର୍ମଚାରୀଙ୍କୁ କାମ କରାଇ ଲୋକକୁ ପରଖି ନିଏ । ତା'ପରେ ନିଯୁକ୍ତି ଦିଏ । ଦିନେ ଜଣେ ଲୋକ କାରଖାନାରୁ କିଛି ମୂଲ୍ୟବାନ ଜିନିଷ ଲୁଚାଇ ନେଉଥିଲା । ଏହା ଦେଖିଲା ତା' ପାଖରେ କାମ କରୁଥିବା କର୍ମଚାରୀ । ସେ ଚୋରି ହୋଇଥିବା ଜିନିଷ ବିଷୟରେ ମାଲିକକୁ କହିଲା । କିଛି ଦିନ ପରେ ମାଲିକଙ୍କୁ ଖବର ଦେଇଥିବା କର୍ମଚାରୀକୁ ମାଲିକ ବାହାର କରିଦେଲା । ଚୋରି କରିଥିବା ଲୋକଟି ପୂର୍ବ ପରି ଅନ୍ୟମାନଙ୍କ ଆଗରେ ଚୋରି କଲା । ଯେଉଁ କର୍ମଚାରୀମାନେ ମାଲିକକୁ ଚୋରି ହେଉଥିବା ବିଷୟରେ କହୁଥିଲେ, ମାଲିକ ସେହି ଅଭିଯୋଗକାରୀଙ୍କୁ ହିଁ ପ୍ରଥମେ ବାହାର କରି ଦେଉଥିଲା ।

ଦିନେ ଜଣେ କର୍ମଚାରୀ ମାଲିକଙ୍କୁ ଏପରି ବିଚାରର କାରଣ ପଚାରିଲେ । ମାଲିକ କହିଲା- 'କାରଖାନାରେ ଚୋରି ଧରିବାକୁ ସ୍ୱତନ୍ତ୍ର କର୍ମଚାରୀ ଅଛନ୍ତି । ଯେଉଁ କର୍ମଚାରୀ ଚୋରି ଅଭିଯୋଗ ଆଣିଲା, ସେ ନିଜ କାମରେ ଢ଼ିଲା କରି ଅନ୍ୟମାନଙ୍କୁ ଚାହୁଁଛି । ନହେଲେ ଜଣେ ଚୋରି କରୁଛି ବୋଲି ଦେଖିଲା କିପରି ? ଜଣେ ଆସି ଅନ୍ୟ ଜଣଙ୍କ ବିରୋଧରେ କହିବାର ଅର୍ଥ, ସେ ଅନ୍ୟକୁ ସହି ପାରୁ ନାହିଁ । ତା' ପ୍ରତି ଈର୍ଷାପରାୟଣ ହେଉଛି । ଈର୍ଷାପରାୟଣ ହେଲେ କର୍ମ କ୍ଷେତ୍ରରେ ନିଜର ତ ଉନ୍ନତି ହେବନାହିଁ, କାରଖାନାରେ ମଧ୍ୟ ଉନ୍ନତି ହେବନାହିଁ । କାରଣ ଈର୍ଷାଳୁ ଲୋକ ନିଜ କର୍ମ ଛାଡ଼ି ଅନ୍ୟର ଦୋଷ ଖୋଜିବାରେ ଲାଗିଥାଏ । ନିଜ କର୍ମରେ ନିଷ୍ଠା ଓ ଶ୍ରଦ୍ଧା କମିଯାଏ । ସବୁ ଦୃଷ୍ଟିରୁ ଦେଖିଲେ, ନିଜ କର୍ମକୁ ପଛରେ ପକାଇ ଅନ୍ୟ କର୍ମ ପ୍ରତି ଦୃଷ୍ଟି ରଖିଥିବା ମଣିଷ କାରଖାନା ପାଇଁ ଅନୁପଯୁକ୍ତ ।'

ଏମିତି ଆମ ପ୍ରତ୍ୟେକଙ୍କ ଜୀବନରେ ବି ଘଟିଥାଏ । ନିଜ କାମକୁ ଗୁରୁତ୍ୱ ନଦେଇ ଅନ୍ୟ କାମ କଲେ କର୍ମରେ ନିଷ୍ଠା କମିଯାଏ । ସେହି ଅନୁସାରେ କର୍ମକ୍ଷେତ୍ରରେ ଦକ୍ଷତା କମି ଯାଇଥାଏ ।●

# ପିତୃପକ୍ଷରେ ତର୍ପଣ

ଷୋଳଟି ସଂସ୍କାରରେ ଆମର ସମଗ୍ର ଜୀବନ ଚକ୍ରକୁ ରୀତିନୀତିରେ ବାନ୍ଧି ରଖିଛନ୍ତି ମୁନି ଋଷିମାନେ । ଗର୍ଭଧାରଣ ହେଉଛି ପ୍ରଥମ ସଂସ୍କାର । ପିତୃମେଘ ବା ଅନ୍ତ୍ୟେଷ୍ଟି ହେଉଛି ଅନ୍ତିମ ସଂସ୍କାର । ଗରୁଡ଼ ପୁରାଣରେ ବର୍ଣ୍ଣିତ ଅଛି- ଅର୍ଚ୍ଚିତାନାମାମୂର୍ତ୍ତାନାଂ ପିତୃଣାଂଦୀସ ତେଜସାଂ/ ନମସ୍ୟାମୀ ସଦତେଷାଂ ଧ୍ୟାନିନାଂ ଦିବ୍ୟ ଚକ୍ଷୁଣାମ୍ ।' ଅର୍ଥାତ୍- ମୁଁ ସର୍ବଦା ସେହି ପୂର୍ବପୁରୁଷମାନଙ୍କୁ ପ୍ରଣାମ କରେ, ଯେଉଁମାନେ ସମସ୍ତଙ୍କ ଦ୍ୱାରା ସେବିତ, ପୂଜିତ ଏବଂ ଅମୃତ ତେଜସ୍ୱୀ ଅଟନ୍ତି । ଭାଦ୍ରବ ଶୁକ୍ଳ ପୂର୍ଣ୍ଣିମାଠାରୁ ଅଶ୍ୱିନ କୃଷ୍ଣ ଅମାବାସ୍ୟା ପର୍ଯ୍ୟନ୍ତ



**ଲଳିତ ମୋହନ ମିଶ୍ର**

ଷୋଳ ଦିନକୁ ପିତୃପକ୍ଷ କୁହାଯାଏ । ଶାସ୍ତ୍ରରେ ମନୁଷ୍ୟ ଉପରେ ତିନୋଟି ଋଣ ବିଷୟରେ ଉଲ୍ଲେଖ ରହିଛି- ଦେବ ଋଣ, ଋଷି ଋଣ ଓ ପିତୃ ଋଣ । ଶ୍ରାଦ୍ଧ ମାଧ୍ୟମରେ ପିତାଙ୍କ ଋଣରୁ ମୁକ୍ତି ମିଳିଥାଏ । ଯେଉଁ ପିତାମାତା ଆମର ଦୀର୍ଘ ଆୟୁଷ କାମନା, ଆରୋଗ୍ୟ, ସୁଖ ଓ ସୌଭାଗ୍ୟ ଇତ୍ୟାଦି ବୃଦ୍ଧି ପାଇଁ ଅନେକ ପ୍ରକାର ଚେଷ୍ଟା କରିଛନ୍ତି ଏବଂ ନିଜ ଜୀବନକୁ ପିଲାମାନଙ୍କ ପାଇଁ ସମର୍ପିତ କରି ଦେଇଥିଲେ, ସେହି ଋଣରୁ ଯଦି ଆମେ ମୁକ୍ତ ନ ହୋଇ ପାରିବା, ତେବେ ଆମର ଜନ୍ମ ନିରର୍ଥକ ହୋଇଯିବ । ତେଣୁ ପିତୃପକ୍ଷରେ ପିତୃପୁରୁଷଙ୍କୁ ଭକ୍ତିର ସହିତ ଜଳ ଦେବା ହିଁ ତର୍ପଣ । ଅଶ୍ୱିନ ମାସର କୃଷ୍ଣପକ୍ଷରେ ତାଙ୍କର ମୃତ୍ୟୁ ଦିନ ବୋଲି ଜଳ, ରାଶି, ଚାଉଳ, କୁଶ ସହିତ ପିଣ୍ଡ ତିଆରି କରି ଶ୍ରାଦ୍ଧ କରାଯାଏ । କିଏ କିଏ ମଧ୍ୟ ଧାର୍ମିକ ଢଙ୍ଗରେ ଶ୍ରାଦ୍ଧ କରନ୍ତି ତ କିଏ ଗାଈକୁ ଘାସ, ଫଳ ମୂଳ ଦେଇ ସନ୍ତୁଷ୍ଟ କରନ୍ତି । ପୁଣି କିଏ ବ୍ରାହ୍ମଣମାନଙ୍କୁ ଭୋଜନ କରାଇ ପିତାଙ୍କ ଋଣରୁ ମୁକ୍ତ ହୋଇଥାନ୍ତି ।

ଶ୍ରାଦ୍ଧ ହେଉଛି ପୂର୍ବପୁରୁଷଙ୍କ ପ୍ରତି ଶ୍ରଦ୍ଧା ପ୍ରକାଶ କରିବାର ଏକ ରୀତିନୀତି । ଶ୍ରାଦ୍ଧ ପାଞ୍ଚ ପ୍ରକାରର ହୋଇଥାଏ, ଯେଉଁଥିରେ ପିତୃପକ୍ଷର ଶ୍ରାଦ୍ଧକୁ ପାର୍ବଣ ଶ୍ରାଦ୍ଧ କୁହାଯାଏ । ଯେଉଁମାନଙ୍କର ମୃତ୍ୟୁ ତାରିଖ ବିଷୟରେ ଜ୍ଞାନ ନାହିଁ, ସେମାନେ ଅମାବାସ୍ୟାରେ ଶ୍ରାଦ୍ଧ କରିବା ଉଚିତ୍ । ଶ୍ରାଦ୍ଧ ସର୍ବଦା ମୃତ୍ୟୁ ଦିନ କରିବା ଉଚିତ୍ । ଯେଉଁମାନେ ନିଆଁରେ ଜଳିବା ଦ୍ୱାରା କିମ୍ବା ବିଷ ଖାଇବା, ଦୁର୍ଘଟଣାରେ, ପାଣିରେ ବୁଡ଼ିବା ଇତ୍ୟାଦି କାରଣରୁ ମୃତ୍ୟୁବରଣ କରିଛନ୍ତି, ସେମାନଙ୍କୁ ଚତୁର୍ଦ୍ଦଶୀରେ ଶ୍ରାଦ୍ଧ କରାଯିବା ଉଚିତ୍ । ଅଶ୍ୱିନ କୃଷ୍ଣପକ୍ଷରେ ସନାତନ ସଂସ୍କୃତିରେ ବିଶ୍ୱାସ ରଖୁଥିବା ସମସ୍ତ ଲୋକ ପ୍ରତିଦିନ ନିଜ ପୂର୍ବପୁରୁଷଙ୍କୁ ଶ୍ରଦ୍ଧାର ସହ ସ୍ମରଣ କରିବା ଉଚିତ୍, ଯାହାଦ୍ୱାରା ପିତୃପକ୍ଷ ସନ୍ତୁଷ୍ଟ ହୋଇ ଆମକୁ ଆଶୀର୍ବାଦ ପ୍ରଦାନ କରନ୍ତି ।

ଅଶ୍ୱିନ ମାସର କୃଷ୍ଣପକ୍ଷ । ପିତୃପକ୍ଷଙ୍କ ପାଇଁ ଏହା ଏକ ପର୍ବ ସମୟ ଅଟେ । ଏଥିରେ ପିଣ୍ଡଦାନ ଓ ତର୍ପଣ ଆଶାରେ ସେମାନେ ପୃଥିବୀକୁ ଆସନ୍ତି । ତେଣୁ ଶ୍ରାଦ୍ଧ କେବେ ପରିତ୍ୟାଗ କରନ୍ତୁ ନାହିଁ । କାରଣ ଏହାଦ୍ୱାରା ପିତୃପୁରୁଷ ସନ୍ତୁଷ୍ଟ ହୁଅନ୍ତି । ଶନିବାରଠାରୁ ଆରମ୍ଭ ହୋଇଛି ପିତୃପକ୍ଷ । ଏହା ୧୫ ଦିନ ଅର୍ଥାତ୍ ମହାଳୟା ଅମାବାସ୍ୟା ପର୍ଯ୍ୟନ୍ତ ଚାଲିବ । ଏହି ୧୫ ଦିନରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ ଓ ପିଣ୍ଡଦାନ କରାଯାଇଥାଏ । ଏଥି ଲାଗି ଶ୍ରୀକ୍ଷେତ୍ରକୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଛି । ପିତୃପକ୍ଷର ପ୍ରଥମ ଦିନରେ ତୀର୍ଥରାଜ ମହୋଦଧି, ଶ୍ୱେତଗଙ୍ଗା, ମାର୍କଣ୍ଡ, ଇନ୍ଦ୍ରଦ୍ୟୁମ୍ନ ଓ ନରେନ୍ଦ୍ର ପୁଷ୍କରିଣୀରେ ଶ୍ରଦ୍ଧାଳୁମାନେ ସ୍ନାନ କରି ତିଳତର୍ପଣ କରିଛନ୍ତି ।



ଅଶ୍ୱିନ କୃଷ୍ଣପକ୍ଷ ପ୍ରତିପଦାଠାରୁ ଅମାବାସ୍ୟା ପର୍ଯ୍ୟନ୍ତ ୧୫ ଦିନକୁ ପିତୃପକ୍ଷ କୁହାଯାଏ । ପିତୃପୁରୁଷଙ୍କ ମୃତ୍ୟୁ ତିଥିରେ ତାଙ୍କ ଉତ୍ତର ପୁରୁଷ ତିଳତର୍ପଣ ସହ ମହାଳୟା ବିଧିରେ ଶ୍ରାଦ୍ଧ ପ୍ରଦାନ କରିଥାନ୍ତି । ଧାର୍ମିକ ଗ୍ରନ୍ଥ ଅନୁସାରେ, ପାରିବାରିକ କଲ୍ୟାଣ ଓ ପିତୃପୁରୁଷଙ୍କ ଆତ୍ମାର ଶାନ୍ତି ପାଇଁ ପିତୃପକ୍ଷରେ ଶ୍ରାଦ୍ଧ କର୍ମ କରିବା ଉଚିତ । ବିଧିପୂର୍ବକ ଶ୍ରାଦ୍ଧ କଲେ ପିତୃପୁରୁଷ ଆଶୀର୍ବାଦ କରିଥାନ୍ତି । ବିଶ୍ୱାସ ରହିଛି ଯେ ଏହି ପକ୍ଷରେ ପିତୃଗଣ କୌଣସି ନା କୌଣସି ରୂପରେ ଆମମାନଙ୍କ ପାଖକୁ ଆସନ୍ତି ଓ ଆଶୀର୍ବାଦ ପ୍ରଦାନ କରିଥାନ୍ତି ।

ମହଳୟା ଶ୍ରାଦ୍ଧର ତର୍ପଣରେ ବ୍ରହ୍ମା, ବିଷ୍ଣୁ, ରୁଦ୍ର, ପ୍ରଜାପତି, ଅଚାର୍ଯ୍ୟ, ବେଦ, ଛନ୍ଦ, ଗନ୍ଧର୍ବଗଣ, ଦେବଗଣ, ପୁରୁଣାଚାର୍ଯ୍ୟ, ସମ୍ବତ୍ସର, ଶାବୟବ, ନାଗଗଣ, ଯକ୍ଷ, ଭକ୍ଷ, ପିଶାଚ, ବନସ୍ପତି, ଔଷଧ, ଭୂତଗ୍ରାମ, ଚତୁଷ୍ଟୟ ଏବଂ ପୃଥିବୀ ଇତ୍ୟାଦି କୋଡ଼ିଏ ଦେବଗଣଙ୍କୁ ଗୋଟିଏ ଥର ତର୍ପଣ; ସନତ, ସନନ୍ଦ, ସନତନ, କପିଳ, ଆସୁରୀ, ଡୋବୁ, ଏବଂ ପଞ୍ଚଶିଖ ଇତ୍ୟାଦି ସାତ ଋଷିଙ୍କୁ ଦୁଇ ଥର ତର୍ପଣ ଏବଂ ପିତୃପୁରୁଷଗଣଙ୍କୁ ତିନି ଥର ତର୍ପଣରେ ଆପ୍ୟାୟିତ କରାଯାଏ । ପିତୃ ତର୍ପଣରେ ପିତାଙ୍କୁ ରୁଦ୍ର ରୂପେ, ପିତାମହଙ୍କୁ ବସୁ ରୂପେ ଓ ପ୍ରପିତାମହଙ୍କୁ ଆଦିତ୍ୟ ରୂପେ କଳ୍ପିତ କରାଯାଏ । ପିଣ୍ଡଦାତାଙ୍କ ଆଳୟରେ ସର୍ବଦେବ, ଋଷି ଏବଂ ପିତୃପୁରୁଷଙ୍କ ଉପସ୍ଥିତି ହେତୁ ଏହାକୁ ମହାଳୟା ଶ୍ରାଦ୍ଧ କୁହାଯାଏ । ଏଗୁଡ଼ିକ ହେଉଛି ଶ୍ରାଦ୍ଧର ପ୍ରତୀକ- କୁଶ, ରାଶି, ଯବ, ଗାଈ, କୁଆ ଓ କୁକୁରକୁ ଶ୍ରାଦ୍ଧର ଉପାଦାନ ଭାବରେ ବିବେଚନା କରାଯାଏ । ଅଗ୍ରଭାଗରେ ବ୍ରହ୍ମା, ମଧ୍ୟଭାଗରେ ବିଷ୍ଣୁ ଓ ମୂଳଭାଗରେ ଭଗବାନ ଶଙ୍କରଙ୍କ ବାସସ୍ଥଳୀ ବୋଲି ବିଶ୍ୱାସ କରାଯାଏ । କୁଆ ହେଉଛି ଯମର ପ୍ରତୀକ, ଯାହା ଦିଗର ଫଳାଫଳ କୁହନ୍ତି । ଗାଈଟି ବୈତରଣୀକୁ ଅତିକ୍ରମ କରିଦିଏ । ଏପରିକି ଦୈନନ୍ଦିନ ଜୀବନରେ ମଧ୍ୟ ଗାଈକୁ ପ୍ରଥମ ଖାଦ୍ୟ ଦିଆଯାଏ । ଶ୍ରାଦ୍ଧର କିଛି ଅଂଶ କୁକୁରକୁ ଦେଲେ ଯମରାଜ ଖୁସି ହୁଅନ୍ତି । ପିତୃପକ୍ଷରେ ଶ୍ରାଦ୍ଧ- ଆରମ୍ଭ ହେଲା- ଅଶ୍ୱିନ କୃଷ୍ଣପକ୍ଷ ପ୍ରତିପଦା ସେପ୍ଟେମ୍ବର ୧୭ଠାରୁ ମହାଳୟା ଅମାବାସ୍ୟା ୦୨ ଅକ୍ଟୋବର ପର୍ଯ୍ୟନ୍ତ ପକ୍ଷକୁ ପିତୃପକ୍ଷ କୁହାଯାଏ । ଶ୍ରାଦ୍ଧରେ ସଂଯମତା- ଦେବକାର୍ଯ୍ୟ, ପୂଜା ଅନୁଷ୍ଠାନ, ଉଦ୍‌ଯାପନ, କଥା, ବିବାହ, ବ୍ରତ ଇତ୍ୟାଦିରେ ବ୍ରାହ୍ମଣ ନିଷ୍ଠାର ସହିତ ନ ରହିଲେ ଚଳିବ, କିନ୍ତୁ ପିତୃପକ୍ଷରେ ନିଷ୍ଠା ଓ ଏକାଗ୍ରତାର ସହିତ ରହିବାକୁ ପଡ଼ିବ । ତେଣୁ ତ ଶାସ୍ତ୍ରରେ କହିଲେ- ଶ୍ରୋତ୍ରିୟଂ ଶ୍ରାଦ୍ଧମ୍ । ତିନି ପିଢ଼ି ଧରି ଜଣାଶୁଣା ବ୍ରାହ୍ମଣମାନଙ୍କ ଦ୍ୱାରା ଶ୍ରାଦ୍ଧ କରାନ୍ତୁ । ଯାହାର ସମସ୍ତ ବୈଶିଷ୍ଟ୍ୟ ଗୁଣ ପ୍ରକୃତ ସହୃଦୟ, ବ୍ୟାକରଣ ପଣ୍ଡିତ, ଶାଳୀନତା ଏବଂ ପୁଣ୍ୟ ସଂଯମତା ରହିଛି, ସେ ହିଁ ଶ୍ରାଦ୍ଧ କରିବା ବିଧେୟ । ଶ୍ରାଦ୍ଧ ପାଇଁ ନିଷିଦ୍ଧ- ପିତୃପକ୍ଷରେ କ୍ଷୌର ହେବା ଉଚିତ୍ ନୁହେଁ । ଏହି ସମୟରେ ବ୍ରହ୍ମଚର୍ଯ୍ୟ ପାଳନ କରିବା ଉଚିତ୍ । ପାନ କିମ୍ବା ନିଶା ଦ୍ରବ୍ୟ ସେବନ କରିବା ଉଚିତ୍ ନୁହେଁ । ତେଲ ଲଗାଇବେ ନାହିଁ । ପର ଘରେ ଖାଇବେ ନାହିଁ । ନିରାମିଷ ଭୋଜନ କରିବେ । ଖାଲି ସେତିକି ନୁହେଁ, ଶ୍ରାଦ୍ଧ ଶେଷରେ କ୍ଷମା ପ୍ରାର୍ଥନା କରିବା ଉଚିତ୍ ।●

**କୁରାଳ, ନୟାଗଡ଼**
**ମୋ: ୯୪୩୭୯୮୫୮୬୬**

# ୧୧୦୦ଲିଟରର ନକଲି ମଦ ଜବତ, ୫ ଗିରଫ



**ସାଲେପୁର,ନିଶ୍ଚିନ୍ତକୋଇଲି,ମାହାଙ୍ଗା,କୁଆଁପାଳ,୨୬।୯/ଏନ୍ଏନ୍ଏସ୍:** କଟକ ଅବକାରୀ ଏସ୍‌ପି କରୁଣାଶଙ୍କର ତିୱାରୀଙ୍କ ନିର୍ଦ୍ଦେଶକ୍ରମେ ଆଡିସନାଲ ଏସ୍‌ପିଙ୍କ ନେତୃତ୍ୱରେ ଏକ ୧୦ଜଣିଆ ଟିମ ନିଶ୍ଚିନ୍ତକୋଇଲିସ୍ଥିତ ଏସ୍ଆର୍ ବାର୍ ଉପରେ ଚଢ଼ଉକରି ୧୧୦୦ଲିଟର ନକଲି ବିଦେଶୀ ମଦ ଜବତ କରିଛନ୍ତି ଯାହାର ମୂଲ୍ୟ ୯ଲକ୍ଷରୁ ଊର୍ଦ୍ଧ୍ୱ ହେବ। ଏଥିସହ ଠିପି, ଲେବୁଲ, ସିଲ୍ ଜବତ କରାଯାଇଥିବା ସାଲେପୁର ଅବକାରୀ ଥାନାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କଟକ ଅବକାରୀ ଏସ୍‌ପି ପ୍ରକାଶ କରିଛନ୍ତି। ସୂଚନା ମୁତାବକ ଆଜି କଟକ ଅବକାରୀ ଆଡିସ୍‌ନାଲ ଏସ୍‌ପି ଅରୁପା ପାଣିଗ୍ରାହୀଙ୍କ ନେତୃତ୍ୱରେ ୧୦ଜଣିଆ ଅବକାରୀ ଟିମ ନିଶ୍ଚିନ୍ତକୋଇଲିସ୍ଥିତ ଏସ୍ଆର ବାର୍, ଏହି ବାର୍‌କୁ ଲାଗିଥିବା ଏକ ଘର ଏବଂ ପ୍ରହରାଜପୁରସ୍ଥିତ ଘର ଉପରେ ଚଢ଼ଉକରି ୧୧୦୦ଲିଟର ନକଲି ବିଦେଶୀମଦ, ୮ହଜାରଟି ପ୍ଲାଷ୍ଟିକ ଠିପି, ୯୪୦୦ଟି ସିଲ୍, ୧ହଜାରଟି ଖାଲି ବୋତଲ, ୧୧୯୦ଟି ଲେବୁଲ୍, ପାଞ୍ଚଟି ମୋବାଇଲ, ତିନୋଟି ସ୍କୁଟି ଗାଡ଼ି ସହିତ ପାଞ୍ଚଜଣଙ୍କୁ ଗିରଫ କରିଛି। ଗିରଫ ବ୍ୟକ୍ତିମାନଙ୍କ ମଧ୍ୟରେ ଭଦ୍ରେଶ୍ୱର ଥାନା ଅନ୍ତର୍ଗତ ପ୍ରହରାଜପୁର ଗ୍ରାମର ପଦ୍ମ ଚରଣ ପ୍ରଧାନଙ୍କ ପୁଅ ସୌମ୍ୟରଂଜନ ପ୍ରଧାନ(୪୭), ଆକୁଳାନନ୍ଦ ନାୟକଙ୍କ ପୁଅ ଜଗନ୍ନାଥ ନାୟକ(୪୫), ଅରକ୍ଷିତ ଜେନାଙ୍କ ପୁଅ ପବିତ୍ର ଜେନା(୩୩), ରାଜକିଶୋର ପ୍ରଧାନଙ୍କ ପୁଅ ଶ୍ରୀନିବାସ ପ୍ରଧାନ(୪୪) ଓ ମାହାଙ୍ଗା ଥାନା ଅନ୍ତର୍ଗତ ଖଦଳ ଗ୍ରାମର କୁସୁମ ବାରିକଙ୍କ ପୁଅ ଶରତଚନ୍ଦ୍ର ବାରିକ ଥିବା ଜଣାପଡିଛି। ଗିରଫ ପରେ ଏସ୍ଆର୍ ବାର୍‌କୁ ସିଲ୍ କରାଯାଇଥିବା ଏସ୍‌ପି ପ୍ରକାଶ କରିଛନ୍ତି। ଏହି ନକଲି ମଦ ପ୍ରସ୍ତୁତ କରାଯାଇ କୋଟି କୋଟି ଟଙ୍କା ବାର ମାଲିକ ଆୟ କରୁଥିବା ସାଧାରଣରେ ଆଲୋଚନା ହେଉଛି। ଏହାର ଏକ ଭିଜିଲାନ୍ସ ତଦନ୍ତ ପାଇଁ ସାଧାରଣରେ ଦାବୀ ହୋଇଛି। ଗଞ୍ଜାମ ଚିକିଟି ମଦ ମୃତ୍ୟୁ ଘଟଣା ପରେ ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ଜାଗାରେ ଚଢାଉ କରାଯାଇଥିଲା। ଆଗକୁ ପାର୍ବଣର ଋତୁ ଥିବାବେଳେ ମାହାଙ୍ଗା ଓ ଭଦ୍ରେଶ୍ୱର ଥାନା ଅଞ୍ଚଳରେ ବିଭିନ୍ନ ମଦ ଦୋକାନରେ ନକଲି ମଦ ପ୍ରସ୍ତୁତ କରାଯାଇ ବିକ୍ରି କରାଯାଉଥିବା ସାଧାରଣରେ ଅଭିଯୋଗ ହୋଇଛି। ଟିମ୍‌ରେ କଟକ ସଦର ରେଞ୍ଜର୍ ଆଇଇ କମଳଲୋଚନ ପାଇକରାୟ, ସାଲେପୁର ରେଞ୍ଜର ବିଜୟ ଭୂଷଣ ନାୟକ, କଟକ ଜିଲ୍ଲା ମୋବାଇଲ ଆଇଇ ରଙ୍ଗନିଧି ମଲ୍ଲିକ, କଟକ ଅବକାରୀ ଓଆଇସି ତରୁଣ ପାତ୍ର, ନିଶ୍ଚିନ୍ତକୋଇଲି ଅବକାରୀ ଓଆଇସି ରାଜକିଶୋର ନାୟକ, ସାଲେପୁର ରେଞ୍ଜ ଏଏସ୍ଆଇ ଦୁଷ୍ମନ୍ତ ବସନ୍ତରାଙ୍କ ସହିତ ସାଲେପୁର ଓ କଟକ ଅବକାରୀ କର୍ମଚାରୀ ସାମିଲ ଥିଲେ।

## ସ୍କୁଲ୍ ଭିତରେ ପାଣି, ପରୀକ୍ଷା ବାତିଲ୍

**ଚାରିଛକ,୨୬।୯/ଏନ୍ଏନ୍ଏସ୍:** ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁଁ ପୁରୀ ଜିଲ୍ଲାପାଳ ଆଜି ସମସ୍ତ ସ୍କୁଲକୁ ଛୁଟି ଘୋଷଣା କରିଛନ୍ତି। ଲଘୁଚାପ ଫଳରେ ୨୫ତାରିଖରୁ ୨୭ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ପ୍ରବଳରୁ ପ୍ରବଳ ବର୍ଷା ହେବା ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଏହାକୁ ଦୃଷ୍ଟିରେ ରଖି ଆଜି ପୁରୀ ଜିଲାପାଳ ଜିଲ୍ଲା ସମସ୍ତ ସ୍କୁଲକୁ ଛୁଟି ଘୋଷଣା କରିଛନ୍ତି। ଛାତ୍ରଛାତ୍ରୀମାନଙ୍କ ପରୀକ୍ଷା ଚାଲିଥିବା ବେଳେ ଛୁଟି ଘୋଷଣା ବିଳମ୍ବ ହେତୁ ବହୁ ଛାତ୍ରଛାତ୍ରୀ ନିଜ ନିଜ ସ୍କୁଲକୁ ଆସି ଫେରିଯାଇଥିବା ଜଣାପଡ଼ିଛି। ସେହିପରି ଚାରିଛକ-ନିମାପଡ଼ା ମୁଖ୍ୟ ରାସ୍ତାର ଓରପଟ ବେହେରାସାହି ମୁଖ୍ୟ ରାସ୍ତା ଉପରେ ୧ଫୁଟ ଉଚ୍ଚତାର ପାଣି ଜମା ହୋଇରହିଛି।

## ପ୍ରଥମ ପୃଷ୍ଠାରୁ

### ଶ୍ରମିକଙ୍କ ପାଇଁ...

ଏଥିରେ ପାରିଶ୍ରମିକ ବୃଦ୍ଧିର ଉଦ୍ଦେଶ୍ୟ ରୂପେ ଶ୍ରମିକମାନଙ୍କୁ ବଢୁଥିବା ଜୀବନଧାରଣ ଖର୍ଚ୍ଚର ମୁକାବିଲା କରିବାରେ ସାହାଯ୍ୟ କରିବା ବୋଲି ଦର୍ଶାଯାଇଛି। ତେବେ କେନ୍ଦ୍ରୀୟ ପ୍ରତିଷ୍ଠାନ ଅଧୀନରେ କୋଠା ନିର୍ମାଣ, ଲୋଡିଂ ଓ ଅନଲୋଡିଂ, ଘଣ୍ଟା ଓ ୱାର୍ଡ, ଝାଡୁ, ସଫେଇ, ଗୃହରକ୍ଷଣ, ଖଣି ଓ କୃଷି ସମେତ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକମାନେ ଏହି ସଂଶୋଧିତ ମଜୁରି ହାରବୃଦ୍ଧି ଦ୍ୱାରା ଉପକୃତ ହେବେ। ପ୍ରକାଶ, ନୂଆ ମଜୁରୀ ହାର ଆସନ୍ତା ଅକ୍ଟୋବର ପହିଲାରୁ ଲାଗୁ ହେବ। ଶେଷ ଥର ପାଇଁ ୨୦୨୪ ଏପ୍ରିଲରେ ମଜୁରୀ ହାର ସଂଶୋଧନ କରାଯାଇଥିଲା। ଶିଳ୍ପ ଶ୍ରମିକମାନଙ୍କ ପାଇଁ ଗ୍ରାହକ ମୂଲ୍ୟ ସୂଚକାଙ୍କରେ ୬ ମାସର ହାରାହାରି ଦରଦାମ୍ ବୃଦ୍ଧିକୁ ଆଧାର କରି କେନ୍ଦ୍ର ସରକାର ବର୍ଷକୁ ଦୁଇଥର ଭିଡିଏ ସଂଶୋଧନ କରିଥାନ୍ତି।

### ସରୋଗେସୀ...

ସେହିପରି ଯେଉଁ ମହିଳା କର୍ମଚାରୀ ଦୁଇରୁ କମ୍ ଜୀବିତ ସନ୍ତାନ ଥାଇ 'କମିଶନିଂ ମଦର' ହେଲେ ସେ ୧୮୦ଦିନର ମାତୃତ୍ୱ ଛୁଟି ପାଇବାକୁ ଯୋଗ୍ୟ ହେବେ। କମିଶନିଂ ମଦର ଅର୍ଥାତ୍ ଜଣେ ଜୈବିକ ମାତା ଯିଏ ଅନ୍ୟଜଣେ ମହିଳାଙ୍କ ଗର୍ଭରେ ଭ୍ରୁଣ ପ୍ରତିରୋପଣ କରିବା ପାଇଁ ନିଜ ଡିମ୍ବାଣୁ ବ୍ୟବହାର କରନ୍ତି ବୋଲି ସରକାରଙ୍କ ପକ୍ଷରୁ ଜାରି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି। ସେହିପରି ଜଣେ ରାଜ୍ୟ ପୁରୁଷ କର୍ମଚାରୀ ଯଦି ୨ରୁ କମ୍ ଜୀବିତ ସନ୍ତାନ ଥାଇ କମିଶନିଂ ଫାଦର ହୁଅନ୍ତି ତାଙ୍କୁ ସନ୍ତାନ ଜନ୍ମ ତାରିଖରୁ ୬ମାସ ମଧ୍ୟରେ ୧୫ଦିନର ପିତୃତ୍ୱ ଛୁଟି ସୁବିଧା ମିଳିବ। କମିଶନିଂ ଫାଦର ଅର୍ଥାତ୍ ସରୋଗେସୀ ମାଧ୍ୟମରେ ଜନ୍ମିତ ସନ୍ତାନର ଜୈବିକ ପିତା।

ଏହାସହିତ ସରୋଗେଟ୍ ମଦର ଓ କମିଶନିଂ ମଦର ରାଜ୍ୟ ସରକାରୀ କର୍ମଚାରୀ ହୋଇଥିବେ ତା'ହେଲେ ଉଭୟଙ୍କୁ ୧୮୦ଦିନର ମାତୃତ୍ୱ ଛୁଟି ସୁବିଧା ମିଳିବ। ମାତୃତ୍ୱ ଓ ପିତୃତ୍ୱ ଛୁଟି ସୁବିଧା ଲାଭ କରିବା ପାଇଁ ସରୋଗେଟ୍ ମଦର ଓ କମିଶନିଂ ଅଭିଭାବକ ମଧ୍ୟରେ ସରୋଗେସୀ ଉପରେ ହୋଇଥିବା ରାଜିନାମା ଓ ପଞ୍ଜିକୃତ ଡାକ୍ତର ଓ ଡାକ୍ତରଖାନାରୁ ପ୍ରାପ୍ତ ଚିକିତ୍ସା ସଂକ୍ରାନ୍ତ ଦସ୍ତାବିଜ ଦେବାକୁ ପଡ଼ିବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି।

### ରେକର୍ଡପତ୍ର...

ଏପରିସ୍ଥଳେ ଭରତପୁର ଥାନା ଘଟଣାରେ ହାଇକୋର୍ଟ ନିଜ ଆଡୁ ରୁଜୁ କରିଥିବା ମାମଲାର ଶୁଣାଣି କରି ଗତ ୨୩ ତାରିଖରେ ମେଜର ଓ ତାଙ୍କ ବାନ୍ଧବୀଙ୍କ ନାମ ସାର୍ବଜନୀନ ନ କରିବାକୁ ଆଦେଶ ଦେଇଛନ୍ତି।

### ବିଜେପିରେ...

କେରଳ ଓ ପଶ୍ଚିମବଙ୍ଗରେ କଂଗ୍ରେସ ଓ ବାମପନ୍ଥୀ ଦଳ ପରସ୍ପର ମଧ୍ୟରେ ଲଢ଼େଇ କରୁଥିବାବେଳେ ଦିଲ୍ଲୀରେ ମିତ୍ରତା କରୁଛନ୍ତି। ଦେଶରେ ବିଭେଦ ଓ ଅସନ୍ତୋଷ ସୃଷ୍ଟି କରୁଥିବା ଲୋକଙ୍କୁ ପ୍ରୋତ୍ସାହନ ଦେବା ସହ ସେମାନଙ୍କୁ ଆଗକୁ ବଢ଼ାଇବା କାମ ଆଜି କଂଗ୍ରେସ ଦଳ କରୁଛି। ସେମାନଙ୍କ ସହ ମିଶି ଧାରା ୩୭୦ ହଟାଇବାକୁ ବିରୋଧ କରିଛି। ୧୯୫୨ରେ ବିଜେପି ଯେତେବେଳେ ଭାରତୀୟ ଜନସଂଘ ଥିଲା ସେତେବେଳେ କହିଥିଲା, ଗୋଟିଏ ଦେଶରେ ଦୁଇଟି ପତକା, ଦୁଇଟି ନିୟମ ଚଳିବ ନାହିଁ। ବିଜେପିର ନିରନ୍ତର ପ୍ରଚେଷ୍ଟା ଓ ନୀତି ଆଦର୍ଶ ଯୋଗୁ ଏହା ସମ୍ଭବ ହୋଇପାରିଛି। ଶ୍ରୀ ନଡ୍ଡା କହିଛନ୍ତି ଯେ, ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ସବୁବେଳେ ଏକାତ୍ମ ମାନବଦର୍ଶନ ଉପରେ କହୁଥିବାବେଳେ ବିଜେପି ସରକାର ଆସିବା ପରେ ଅନ୍ତ୍ୟୋଦୟ ନାମରେ ଏହାକୁ କାର୍ଯ୍ୟକାରୀ କରିଛି। ଏବେ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ 'ସବକା ସାଥ, ସବକା ବିକାଶ, ସବକା ପ୍ରୟାସ ଓ ସବକା ବିଶ୍ୱାସ' ମନ୍ତ୍ରରେ ବିଜେପି ଆଗକୁ ବଢ଼ିଚାଲିଛି। ସମାଜର ସବୁଠାରୁ ଅନ୍ତିମ ସୋପାନରେ ଥିବା ବ୍ୟକ୍ତିଙ୍କ ପାଖରେ କିପରି ସବୁ ଯୋଜନାର ସୁଫଳ ପହଞ୍ଚିପାରିବ ସେଥିପାଇଁ ବିଜେପି ସରକାର ନିରନ୍ତର ପ୍ରୟାସ କରିଚାଲିଛି। ବଙ୍ଗଳାଦେଶଠାରୁ ଆରମ୍ଭ କରି ପାକିସ୍ତାନ, ସିରିଆ, ଆଫଗାନିସ୍ଥାନ, ଇରାନ୍ ଓ ଇଣ୍ଡୋନେସିଆ ଆଦି ଇସ୍‌ଲାମିକ ଦେଶରେ ତିନି ତଲାକ୍ ପ୍ରଥା ନଥିବାବେଳେ ଭାରତରେ ତିନି ତଲାକ୍ ଲାଗୁ କରାଯାଇଥିଲା। ଏହି ପ୍ରଥାକୁ ଉଚ୍ଛେଦ କରି ମୁସଲିମ୍ ଭଉଣୀମାନଙ୍କୁ ସମାଜର ମୁଖ୍ୟ ଧାରାରେ ସାମିଲ କରାଯାଇଛି। ୧୯୮୯ରୁ ଆରମ୍ଭ ହୋଇଥିବା ରାମମନ୍ଦିର ନିର୍ମାଣ ପ୍ରୟାସକୁ ବାସ୍ତବ ରୂପ ଦେଇଛନ୍ତି ମୋଦୀ ସରକାର।

ବର୍ତ୍ତମାନ ଆମେରିକାଠାରୁ ଆରମ୍ଭ କରି ଚୀନ, ଜାପାନ, ଅଷ୍ଟ୍ରେଲିଆ ଭଳି ଦେଶର ଅର୍ଥନୀତି ତଳକୁ ଖସୁଥିବାବେଳେ ଭାରତର ଅର୍ଥନୀତି ଆଗକୁ ବଢ଼ି ଚାଲିଛି। ଶ୍ରୀ ନଡ୍ଡା କହିଛନ୍ତି ଯେ ଅନ୍ୟ ସବୁ ଦେଶର ଅଭିବୃଦ୍ଧି ହାର ୫ ପ୍ରତିଶତରୁ କମ୍ ଥିବାବେଳେ ଭାରତର ଅଭିବୃଦ୍ଧି ହାର ୭ ପ୍ରତିଶତ ହେବ ଆକଳନ କରାଯାଇଛି। ନରେନ୍ଦ୍ର ମୋଦୀଜୀଙ୍କ ନେତୃତ୍ୱରେ ଭାରତ ବ୍ରିଟେନକୁ ପଛରେ ପକାଇ ବିଶ୍ୱ ଅର୍ଥବ୍ୟବସ୍ଥାରେ ୧୧ତମ ସ୍ଥାନରୁ ପଞ୍ଚମ ସ୍ଥାନକୁ ଉଠିପାରିଛି। ତାଙ୍କ ନେତୃତ୍ୱରେ ଭାରତ ତୃତୀୟ ସର୍ବବୃହତ ଅର୍ଥବ୍ୟବସ୍ଥାରେ ପରିଣତ ହେବାକୁ ଯାଉଛି। ବର୍ତ୍ତମାନ ୯୭% ମୋବାଇଲ ଉତ୍ପାଦନ ଭାରତରେ ହେଉଛି। ଇସ୍ପାତ ଉତ୍ପାଦନ କ୍ଷେତ୍ରରେ ଭାରତ ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଖେଳଣା ରପ୍ତାନୀ କ୍ଷେତ୍ରରେ ଭାରତ ତୃତୀୟ ସ୍ଥାନରେ ରହିଛି। ଅଟୋମୋବାଇଲ କ୍ଷେତ୍ରରେ ତୃତୀୟ ସର୍ବବୃହତ ବଜାରରେ ପରିଣତ ହୋଇଛି। ଗ୍ରାମାଞ୍ଚଳରେ ମୋଟର ସାଇକେଲ କ୍ରୟ ୩ ଗୁଣ ବୃଦ୍ଧି ପାଇଛି। ଏବେ ବିଶ୍ୱସ୍ତରୀୟ ସଡ଼କ, ରାଜପଥ, ଉନ୍ନତ ସଡ଼କ, ଅଣ୍ଡରୱେ, ମେଟ୍ରୋ ବ୍ୟବସ୍ଥା ଏବଂ ଫ୍ଲାଇଓଭର ଆଦି ନିର୍ମାଣ କରାଯାଉଛି। ଭିତିଭୂମି କ୍ଷେତ୍ରରେ ୧୦ ଲକ୍ଷ କୋଟି ଟଙ୍କା ନିବେଶ କରିବା ଲାଗି ନିଷ୍ପତି ନିଆଯାଇଛି। ମୋଦିଜୀଙ୍କ ଶାସନର ତୃତୀୟ କାର୍ଯ୍ୟକାଳର ୧୦୦ ଦିନ ମଧ୍ୟରେ ଭିତିଭୂମିର ବିକାଶ ପାଇଁ ୩ ଲକ୍ଷ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଆୟୁଷ୍ମାନ ଭାରତ ଏବେ ବିଶ୍ୱର ସର୍ବବୃହତ୍ ସ୍ୱାସ୍ଥ୍ୟ ସେବା ପ୍ରଦାନ କରୁଥିବା କାର୍ଯ୍ୟକ୍ରମ ହୋଇଛି। ଏହାଦ୍ୱାରା ୫୫ କୋଟି ଲୋକ ଉପକୃତ ହେଉଛନ୍ତି। ଏହି କାର୍ଯ୍ୟକ୍ରମ ଜରିଆରେ ୧୨ କୋଟି ୩୬ ଲକ୍ଷ ଗରିବ ଅବହେଳିତ ପରିବାରକୁ ବାର୍ଷିକ ୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା ମିଳିପାରୁଛି। ୭୦ ବର୍ଷରୁ ଅଧିକ ବର୍ଷର ପ୍ରତ୍ୟେକ ବରିଷ୍ଠ ନାଗରିକଙ୍କୁ ସେମାନଙ୍କର ଆର୍ଥିକ ସ୍ଥିତି ନିର୍ବିଶେଷରେ, ଆୟୁଷ୍ମାନ ଭାରତ ଯୋଜନାରେ ସାମିଲ କରିବାକୁ ମୋଦୀ ସରକାରଙ୍କ ତୃତୀୟ କାର୍ଯ୍ୟକାଳର ପ୍ରଥମ ୧୦୦ ଦିନ ମଧ୍ୟରେ ଅନୁମୋଦନ କରାଯାଇଛି। ଇତିମଧ୍ୟରେ ଏହି ଯୋଜନାରେ ୬ କୋଟି ବରିଷ୍ଠ ନାଗରିକ ଏହି ଯୋଜନାରେ ସାମିଲ ହୋଇସାରିଛନ୍ତି। ଏହା ଭାରତର ସ୍ୱାସ୍ଥ୍ୟ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନକୁ ପ୍ରତିଫଳିତ କରୁଛି। ଭାରତରେ କେହି ବି ଘର ବିନା ରହିବେ ନାହିଁ। ପୂର୍ବରୁ ୪ କୋଟି ଘର ନିର୍ମାଣ ହୋଇସାରିଥିବାବେଳେ ବର୍ତ୍ତମାନ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଧୀନରେ ଆଉ ୩ କୋଟି ନୂତନ ଘର ନିର୍ମାଣ କରାଯିବ। ବିଦେଶ ନୀତିରେ ଭାରତବର୍ଷ ଆଜି ସମଗ୍ର ବିଶ୍ୱରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ନେତୃତ୍ୱ ନେଉଛି। ରାଷ୍ଟ୍ରୀୟ ଅଧ୍ୟକ୍ଷ ଶ୍ରୀ ନଡ୍ଡା ଭୁବନେଶ୍ୱର ପହଞ୍ଚିବା ପରେ ଏଜି ଛକସ୍ଥିତ ଡ. ବାବାସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସଦସ୍ୟତା ଅଭିଯାନ ପ୍ରସଙ୍ଗରେ ବୁଦ୍ଧିଜୀବୀ ସମ୍ମିଳନୀରେ ଯୋଗଦେବା ପରେ ଶ୍ରୀ ନଡ୍ଡା ରାଜ୍ୟ କାର୍ଯ୍ୟାଳୟଠାରେ ମନ୍ତ୍ରୀ, ସାଂସଦ, ବିଧାୟକ ଏବଂ ପାର୍ଟୀର ପଦାଧିକାରୀ ବୈଠକରେ ଯୋଗ ଦେଇ ସଦସ୍ୟତା ଅଭିଯାନକୁ ସର୍ବସ୍ପର୍ଶୀ, ସର୍ବ ସମାବେଶୀ ଏବଂ ଗତିଶୀଳ କରିବା ପାଇଁ ପରାମର୍ଶ ଦେଇଛନ୍ତି। କାର୍ଯ୍ୟକ୍ରମ ଶେଷ କରି ସେ ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିଛନ୍ତି।

### ୪୩ ବ୍ଲକରେ...

ଏହି ସମସ୍ତ ୪ ବରିଷ୍ଠ ଓଏଏସ୍ ଅଫିସରଙ୍କୁ ସାଧାରଣ ପ୍ରଶାସନ ବିଭାଗକୁ ବଦଳି କରାଯାଇ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ମୁତୟନ କରାଯାଇଛି। ସେହିପରି କଳାହାଣ୍ଡି ଅତିରିକ୍ତ ଜିଲ୍ଲାପାଳ ବରିଷ୍ଠ ଓଏଏସ୍ ତ୍ରିଲୋଚନ ପାତ୍ରଙ୍କୁ ଅବକାରୀ ବିଭାଗର ଯୁଗ୍ମ ସଚିବ ଭାବେ ବଦଳି ହୋଇଛି। ଭଦ୍ରକ ଉପଜିଲ୍ଲାପାଳ ମନୋଜ ପାତ୍ରଙ୍କୁ ଭୁବନେଶ୍ୱର ରାଜସ୍ୱ ଅଫିସର ପ୍ରଶିକ୍ଷଣ କେନ୍ଦ୍ର(ରୋଟି) ଯୁଗ୍ମ ନିର୍ଦ୍ଦେଶକ, ବାଇତୁରା ଦୀପଙ୍କୁ କଳାହାଣ୍ଡି ଅତିରିକ୍ତ ଜିଲ୍ଲାପାଳ ଭାବେ ବଦଳି କରାଯାଇଛି। ସେହିପରି ଓଏଏସ୍ ରଶ୍ମୀରେଖା ପ୍ରଧାନଙ୍କୁ ବିଏମସି ଡେପୁଟି କମିଶନର, ସୌମ୍ୟରୂପା ରଥଙ୍କୁ ସୋନପୁର ଉପଜିଲ୍ଲାପାଳ, ମନୋଜ କୁମାର ତ୍ରିପାଠୀଙ୍କୁ ସ୍କୁଲ ଓ ଗଣଶିକ୍ଷା ବିଭାଗର ଉପସଚିବ, ସୌରଭ ଚକ୍ରବର୍ତ୍ତୀଙ୍କୁ ଭଦ୍ରକ ଉପଜିଲ୍ଲାପାଳ ଓ ଅଂଶୁମାନ ମହାପାତ୍ରଙ୍କୁ ପାରଳାଖେମୁଣ୍ଡି ଆଇଟିଡିଏର ପ୍ରକଳ୍ପ ଅଧିକାରୀ ଭାବେ ବଦଳି କରାଯାଇଛି।

ସେହିପରି ପଞ୍ଚାୟତିରାଜ ବିଭାଗ ଆଜି ୪୩ଟି ବ୍ଲକରେ ନୂଆ ବିଡିଓଙ୍କୁ ନିଯୁକ୍ତି ଦେଇଛି। ଅନ୍ୟ ୩ ଜଣ ବିଡିଓଙ୍କୁ ରାଜସ୍ୱ ବିଭାଗକୁ ଫେରାଇ ଦେଇଛି। ଗଞ୍ଜାମ ବେଗୁନିଆପଡ଼ା ବିଡିଓ ପ୍ରଜ୍ଞା ପ୍ରିୟଦର୍ଶିନୀ, ଏରସମା ବିଡିଓ ଲମ୍ବୋଦର ଝୁଟିଆ ଓ ମାହାଙ୍ଗା ବିଡିଓ ବିଶ୍ୱରଞ୍ଜନ ବିଶ୍ୱାଳଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ବିଭାଗକୁ ଫେରସ୍ତ କରାଯାଇଛି।

## ଖଣ୍ଡପଡ଼ାରେ ମନରେଗା ଜନଶୁଣାଣି ଶିବିର




**ଖଣ୍ଡପଡ଼ା,୨୬।୯/ଏନ୍ଏନ୍ଏସ୍:** ଖଣ୍ଡପଡ଼ା ବ୍ଲକ ସମ୍ମିଳନୀ କକ୍ଷରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ସଂପର୍କିତ ଜନଶୁଣାଣି ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରକଳ୍ପ ନିର୍ଦ୍ଦେଶକ ଦେବଦତ୍ତ ପଣ୍ଡା, ବ୍ଲକ ଉନ୍ନୟନ ଅଧିକାରୀ ଅଙ୍କୁର ଅଭିଲାଷ, ବ୍ଲକ ସହକାରୀ ନିର୍ବାହୀଯନ୍ତ୍ରୀ ଆଶୁତୋଷ ମହାନ୍ତି, ନୟାଗଡ ଜିଲ୍ଲା ସାମାଜିକ ସମୀକ୍ଷକ ବିଜୟ କୁମାର ବଳିୟାରସିଂ, ବ୍ଲକ ମନରେଗା ସହକାରୀ ପ୍ରକଳ୍ପ ଅଧିକାରିଣୀ ଜୟନ୍ତୀ ମିଶ୍ର, ବ୍ଲକ ସାମାଜିକ ସମୀକ୍ଷକ ଅମନଜିତ ସାହୁଙ୍କ ସମେତ ବରିଷ୍ଠ ଓ କନିଷ୍ଠଯନ୍ତ୍ରୀମାନେ ଶିବିରରେ ଉପସ୍ଥିତ ଥିଲେ। ମନରେଗା ଯୋଜନାରେ ଖଣ୍ଡପଡା ବ୍ଲକ ଅଧିନ ୨୨ଗୋଟି ପଞ୍ଚାୟତରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟ ଗୁଡିକ ସଂପର୍କରେ ଆଲୋଚନା କରାଯାଇ ସମୀକ୍ଷା କରାଯାଇଥିଲା। ଏହି ଯୋଜନାରେ ୨୦୨୪-୨୫ ଆର୍ଥିକ ବର୍ଷରେ ସର୍ବମୋଟ ୨୦୮୫୫ ଜଣ ପରିବାରକୁ ଜବକାର୍ଡ ପ୍ରଦାନ କରାଯାଇ ଥିବା ନେଇ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା। ସେହିପରି ୨୦୨୩-୨୪ ଆର୍ଥିକ ବର୍ଷରେ ସର୍ବମୋଟ ୪, ୯୭୬୫୩ ଓ ୨୦୨୪-୨୫ ଆର୍ଥିକ ବର୍ଷରେ ଅଦ୍ୟାବଧି ୧,୩୧୭୮୩ ଗୋଟି ଶ୍ରମ ଦିବସ ସୃଷ୍ଟି କରାଯାଇ ଥିବା ଜଣାପଡିଛି। ସେହିପରି ୨୦୨୩-୨୪ ଆର୍ଥିକ ବର୍ଷରେ ୧୧୬୮ ଗୋଟି ପ୍ରକଳ୍ପ କାର୍ଯ୍ୟ ସଂପୂର୍ଣ୍ଣ ଶେଷ ହୋଇଥିବା ବେଳେ ୪୪୧ ଗୋଟି ଜବକାର୍ଡଧାରୀ ୧୦୦ ଦିନର କାମଧନ୍ଦା ପାଇଥିବା ଜଣାପଡ଼ିଛି। ଖଣ୍ଡପଡା ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ୨୦୨୩-୨୪ ଆର୍ଥିକ ବର୍ଷରେ ୧୭୩୨୯ ଗୋଟି ପରିବାରବର୍ଗଙ୍କୁ କାମ ଯୋଗାଇ ଦିଆଯାଇଥିବା ବେଳେ ୨୪୨୦୩ ଜଣ କୁଶଳୀ କାରିଗର ଉନ୍ନୟନମୂଳକ କାର୍ଯ୍ୟରେ ସାମିଲ ହୋଇଥିବା ନେଇ ସୂଚନା ଦିଆଯାଇଥିଲା। ମନରେଗା ଯୋଜନାରେ ୨୮୨୭ ଗୋଟି କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ଏତଦ୍ ବ୍ୟତିତ ବିଭିନ୍ନ ବିଭାଗ ଜରିଆରେ କାର୍ଯ୍ୟକାରୀ ହୋଇଥିବା ମନରେଗା ଯୋଜନା କାର୍ଯ୍ୟ ସଂପର୍କୀତ ଅନ୍ୟ ଅଭିଯୋଗ ଗୁଡିକ ଆସନ୍ତା ୭ ଦିନ ମଧ୍ୟରେ ଶୁଣାଣି କରିବା ପାଇଁ ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ବିଭାଗୀୟ ଅଧିକାରୀ ଓ ବ୍ଲକ୍ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ରଘୁନାଥ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଦିବସ




**ବୋଲଗଡ଼,୨୬।୯/ଏନ୍ଏନ୍ଏସ୍:** ବୋଲଗଡ଼ ବ୍ଲକ ଅନ୍ତର୍ଗତ ରଘୁନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଦେଉଳି ପ୍ରାଙ୍ଗଣରେ ଜାତୀୟ ସେବା ଯୋଜନା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ କଲେଜର ଅଧ୍ୟକ୍ଷ ଡଃ ତପନ କୁମାର ଜେନା ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ଜାତୀୟ ସେବା ଯୋଜନା ଶିବିରର ପ୍ରୋଗ୍ରାମ ଅଫିସର ଅଧ୍ୟାପକ ତ୍ରିଲୋଚନ ସାହୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜାତୀୟ ସେବା ଯୋଜନା କିପରି ସାରା ଭାରତ ବର୍ଷରେ ସାମାଜିକ କାର୍ଯ୍ୟ ଜାରି ରଖିଛି ତାହା ଉପରେ ଆଲୋକପାତ କରିଥିଲେ। ଛାତ୍ରଛାତ୍ରୀମାନେ କିପରି ପାଠପଢା ସହିତ ସାମାଜିକ କାର୍ଯ୍ୟରେ ବ୍ରତୀ ହେବେ ସେଥିପାଇଁ ଅତିଥିମାନେ ସେମାନଙ୍କୁ ଉତ୍ସାହିତ କରିଥିଲେ। ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ଭାବେ ଏକଶହ ସ୍ୱେଚ୍ଛାସେବୀଙ୍କ ସମେତ ଅନୁଷ୍ଠାନର ଅନ୍ୟ ଛାତ୍ରଛାତ୍ରୀମାନେ ମଧ୍ୟ ଭାଗ ନେଇଥିଲେ। ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ଭଗବାନ ଜେନା, ରାମଚନ୍ଦ୍ର ଜେନା, ଅମୀୟବାଳା ନନ୍ଦ, ଉମାକାନ୍ତ ଓଝା, ପଦ୍ମାଳୟା ମହାରଣା, ପ୍ରତାପ ଚନ୍ଦ୍ର ବେହେରା, ସମୀର ଚନ୍ଦ୍ର ଦାସ୍ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ତମ ମଣିଷ ହେବା ସହ ସାମାଜିକ କାର୍ଯ୍ୟରେ ବ୍ରତୀ ହେବାକୁ ଉତ୍ସାହିତ କରିଥିଲେ।

## କଳାକନା ବୁଲାଇଲେ ଦୁର୍ବୃତ୍ତ, ଲୁଟିନେଲେ ଅଳଙ୍କାର ଓ ଟଙ୍କା

**ବାଣପୁର,୨୬।୯/ଏନ୍ଏନ୍ଏସ୍:** ବାଣପୁର ଥାନା ଅନ୍ତର୍ଗତ ମଙ୍ଗରାଜପୁର ଗ୍ରାମର ଅମୁଲ୍ୟ ସୁବୁଦ୍ଧିଙ୍କ ଘରୁ ୧୦ଲକ୍ଷ ଟଙ୍କାର ଅଳଙ୍କାର ଦୁର୍ବୃତ୍ତମାନେ ଚୋରି କରିଥିବା ଜଣାପଡିଛି। ପ୍ରକାଶଥାଉ କି ଅମୁଲ୍ୟଙ୍କର ଗତ ଜୁଲାଇ ମାସରେ ବିବାହ ଅନୁଷ୍ଠିତ ହୋଇଥିବା ବେଳେ ଶ୍ୱଶୁରଘରୁ ତାଙ୍କ ସ୍ତ୍ରୀ ବହୁ ସୁନା ଅଳଙ୍କାର ଆଣିଥିଲେ। ଦୁର୍ବୃତ୍ତମାନେ କୌଣସି ସୂତ୍ରରୁ ସୂଚନା ପାଇ ବାଡ଼ି ପଛପଟ ଗ୍ରିଲ ଓ କବାଟ ତାଡି ଘର ଭିତରକୁ ପଶିଥିଲେ। ଅମୁଲ୍ୟ ଶୋଇଥିବା ଘରେ ଦୁର୍ବୃତ୍ତମାନେ ବାହାରୁ ତାଲା ପକାଇ ଅନ୍ୟ ଏକ ଘରେ କାଠ ଆଲମାରିରେ ଥିବା ୪୦ଗ୍ରାମର ଦୁଇଟି ରାଣୀହାର, ୨୦ଗ୍ରାମର ଏକ ସୁନାଚେନ, ୧୨ଟି ମୁଦି, ତିନିହଳ କାନଫୁଲ, ଚାରିହଳ ସୁନାଚୁଡ଼ି, ଗୋଟିଏ ବ୍ରେସଲେଟ ସୁନା ଅଳଙ୍କାର ଯାହାର ଆନୁମାନିକ ମୂଲ୍ୟ ୧୦ଲକ୍ଷ ଟଙ୍କାରୁ ଅଧିକ ସୁନା ଅଳଙ୍କାର ଓ ଦଶହଜାର ଟଙ୍କା ଲୁଟ୍‌କରି ପଳାଇ ଯାଇଥିଲେ। ତେବେ ଘରର ବାରିପଟ ବିଲ ଭିତରେ ସୁନା ଜିଣିଷର ଖୋଳ ପଡ଼ିଥିବା ଦେଖିବାକୁ ପାଇ ପୁଲିସ୍‌କୁ ଖବର ପାଇବା ପରେ ସାଇଣ୍ଟିଫିକ ଟିମ ଓ ଡଗ୍ ସ୍କ୍ୱାର୍ଡ ଦ୍ୱାରା ଛାନ୍‌ଭିନ୍ ଜାରି ରଖିଥିବାବେଳେ ଦୁର୍ବୃତ୍ତମାନଙ୍କର ପତ୍ତା ମିଳିନି। ତେବେ ଗାଁ ମାନଙ୍କରେ ଘରୁ ଲୁଟ୍ ହେବା ପରେ ସାଧାରଣଲୋକ ଆଶ୍ଚର୍ଯ୍ୟ ପ୍ରକଟ କରିଥିବାବେଳେ ଶୀଘ୍ର ଦୁର୍ବୃତ୍ତମାନଙ୍କୁ କାବୁ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## କଣ୍ଟିଲୋରେ ବିଏସ୍ଏନ୍ଏଲ୍‌ର ୪-ଜି ମୋବାଇଲ୍ ସେବା ଆରମ୍ଭ

**କଣ୍ଟିଲୋ,୨୬।୯/ଏନ୍ଏନ୍ଏସ୍:** ବହୁ ବର୍ଷ ପ୍ରତୀକ୍ଷାର ଅନ୍ତଘଟାଇ ପୁଣିଥରେ କଣ୍ଟିଲୋ ଏବଂ ଖଣ୍ଡପଡ଼ାରେ ଭାରତ ସଞ୍ଚାର ନିଗମ (ବିଏସ୍ଏନ୍ଏଲ୍) ତା'ର ଗ୍ରାହକମାନଙ୍କ ସୁବିଧା ପାଇଁ ଗୁରୁବାର ୪-ଜି ମୋବାଇଲ ସେବା ଆରମ୍ଭ କରିଛି। ଏହି ସେବା ଯୋଗୁଁ ସର୍ବ ସାଧାରଣରେ ଆନନ୍ଦ ଦେଖାଦେଇଛି। ଏହି ସେବାର ସୁବିଧା ପାଇଁ ବିଏସଏନଏଲ କମ୍ପାନୀ ଖଣ୍ଡପଡ଼ା ଠାରେ ଏକ ଗ୍ରାହକସେବା କେନ୍ଦ୍ର କାର୍ଯ୍ୟାରମ୍ଭ କରିଥିବା ଜଣାପଡିଛି। ଏହା ଫଳରେ ଖଣ୍ଡପଡ଼ା, ଖଳିସାହି, କଣ୍ଟିଲୋ, କୋସକା, ଗଣିଆ, ଭାପୁର ଆଦି ଅନେକ ଅଞ୍ଚଳର ଜନସାଧାରଣ ୪ ଜି ସେବା ଅନାୟାଶରେ ପାଇପାରିବେ ବୋଲି ସୂଚନା ମିଳିଛି। ବିଏସ୍ଏନ୍ଏଲ୍ ନୟାଗଡ଼ କାର୍ଯ୍ୟାଳୟର ସହକାରୀ ଯନ୍ତ୍ରୀ ପ୍ରଭାତ କୁମାର ସାହୁ ଆଜିକାର ଉଦଘାଟନ ଉତ୍ସବ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ଓ ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

**କଣାସ,୨୬।୯/ଏନ୍ଏନ୍ଏସ୍:** କଣାସ ଥାନା ପରିସରଭୁକ୍ତ ମଣିଜିପୁର ଗ୍ରାମର ନିରଞ୍ଜନ ମହାପାତ୍ର(୪୫) ଆଜି ପୋଖରୀରେ ବୁଡ଼ି ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ଖବର ନେବାରେ ଜଣାପଡ଼ିଛି ଯେ ସକାଳୁ ନିରଞ୍ଜନ ଗ୍ରାମ ପୋଖରୀକୁ ଗାଧୋଇବାକୁ ଆସିଥିବା ବେଳେ ଗଭୀର ଜଳକୁ ଚାଲିଯାଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକ ଖୋଜାଖୋଜି ପରେ ନିସ୍ତେଜ ଶରୀର ପୋଖରୀ ମଧ୍ୟରୁ ଉଦ୍ଧାର କରିଥିଲେ। ତୁରନ୍ତ ତାଙ୍କୁ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିବାବେଳେ ତାଙ୍କର ମୃତ୍ୟୁ ହୋଇଯାଇଥିବା ଡାକ୍ତର ପ୍ରକାଶ କରିଥିଲେ। କଣାସ ଥାନା ପୁଲିସ୍ ନିରଞ୍ଜନଙ୍କ ଶବ ଜବତକରି ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇଥିବା ଜଣାପଡିଛି।

## ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘ ପକ୍ଷରୁ ବିଡିଓଙ୍କୁ ଦାବିପତ୍ର



**ମାହାଙ୍ଗା,୨୬।୯/ଏନ୍ଏନ୍ଏସ୍:** ଅବସରପ୍ରାପ୍ତ କର୍ମଚାରୀ ସଂଘ ଓଡିଶା ନିର୍ଦ୍ଦେଶକ୍ରମେ କର୍ମଚାରୀ ଓ ପେନସନଙ୍କ ପାଇଁ ପୁରୁଣା ପେନସନ ଯୋଜନା ଲାଗୁ କରିବା ଦାବିରେ ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘ ମାହାଙ୍ଗା ପକ୍ଷରୁ ଏକ ଦାବୀ ପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମାହାଙ୍ଗା ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବିଡିଓଙ୍କ ଜରିଆରେ ପ୍ରଦାନ କରାଯାଇଛି। ସାଲେପୁର ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘ ଜୋନ ତରଫରୁ ଉପଦେଷ୍ଟା କୈଳାସ ଚନ୍ଦ୍ର ବଳବନ୍ତରାୟ, ଧ୍ରୁବଚରଣ ପ୍ରଧାନ, କାର୍ଯ୍ୟକାରୀ ସଭାପତି ଅଲେଖ ଚନ୍ଦ୍ର ଦାସ, ଶିକ୍ଷକନେତା ମଥୁରାନନ୍ଦ ସାମଲ, ହୃଷିକେଶ ବେହେରା, ରାମଚନ୍ଦ୍ର ମହାପାତ୍ର, ଶିକ୍ଷାବିତ୍ ରତ୍ନାକର ମହାନ୍ତି, କମଳାକାନ୍ତ ପଣ୍ଡା, ସୁଧିର ମହାନ୍ତି, ପରମାନନ୍ଦ ସାହୁ, ଅଜୟ କୁମାର ସେନାପତି, ରବୀନ୍ଦ୍ରନାଥ ପ୍ରଧାନ, ଶରତ ଚନ୍ଦ୍ର ବିଶ୍ୱାଳ, ଅନନ୍ତ ଚରଣ ସାହୁ, ଅକ୍ଷୟ କୁମାର ସୁନ୍ଦରାୟ, ଶୈଳେନ୍ଦ୍ର ରାଉତ, ନଟବର ଦାସ ପ୍ରମୁଖ ଉପସ୍ଥିତ ହୋଇ ଦାବି ସଂପର୍କରେ ଆଲୋଚନା କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

## ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ପାଲାଗାୟକ ସମ୍ବର୍ଦ୍ଧିତ



**ଅସ୍ତରଙ୍ଗ,୨୬।୯/ଏନ୍ଏନ୍ଏସ୍:** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ଆୟୋଜିତ ପାଲା ସେମିନାର ଓ ପାଲା ଦାସକାଠିଆ ଉତ୍ସବ ଭୁବନେଶ୍ୱରସ୍ଥିତ ଭଞ୍ଜକଳା ମଣ୍ଡପଠାରେ ଦୁଇଦିନ ବ୍ୟାପି ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ କାକଟପୁର ଅଞ୍ଚଳର ସୁନାମଧନ୍ୟ ପାଲା ଗାୟକ ତଥା ଗାୟକ ବାଚସ୍ପତି ପଣ୍ଡିତ ବନବିହାରୀ ଗ୍ରହାଚାର୍ଯ୍ୟଙ୍କୁ 'ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ' ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ରୀ ଗ୍ରହାଚାର୍ଯ୍ୟ ଦୀର୍ଘ ୪୨ବର୍ଷ ଧରି ଉତ୍କଳର ବିଦଗ୍ଧ କଳା 'ପାଲା'କୁ ଜୀବନର ବ୍ରତ ବୋଲି ଗ୍ରହଣକରି ବହୁ ପ୍ରତିଷ୍ଠିତ ପାଲାମଞ୍ଚ ଓ ସାହିତ୍ୟ ସଂସଦ ପକ୍ଷରୁ ସମ୍ମାନିତ ହୋଇଛନ୍ତି। ସେ ଜଣେ ଅବସର ପ୍ରାପ୍ତ ସଂସ୍କୃତ ଶିକ୍ଷକ ଓ ଆଦର୍ଶ ଶିକ୍ଷକ ଭାବେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କଠାରୁ ୨୦୦୫ ମସିହା ଗୁରୁଦିବସ ଅବସରରେ ସମ୍ମାନିତ ହୋଇଥିଲେ। ଆୟୋଜିତ ଉତ୍ସବରେ 'ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ' ଓଡ଼ିଶାର ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ ମୁଖ୍ୟଅତିଥି, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ, ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟ, ବିଶିଷ୍ଟ ସଂସ୍କୃତି ଗବେଷକ ଓ ଆଲୋଚକ ଡ଼ଃ ହରିହର କାନୁନଗୋ, ସଂଯୋଜିକା ଅଭିନେତ୍ରୀ ମଧୁମିତା ମହାନ୍ତି, ରାଜ୍ୟ ପାଲାଗାୟକ ପରିଷଦର ସଭାପତି ମଦନ ମୋହନ ଜେନା ଓ ସାଧାରଣ ସମ୍ପାଦକ ବସନ୍ତ କୁମାର ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସମ୍ବର୍ଦ୍ଧିତ ପ୍ରତିଭା ଶ୍ରୀ ଗ୍ରହାଚାର୍ଯ୍ୟଙ୍କୁ କାକଟପୁର ଅଞ୍ଚଳବାସୀ ତଥା ସୋମେଶ୍ୱର ସାହିତ୍ୟ ସଂସଦର ସମ୍ପାଦକ ଅଧ୍ୟାପକ ମନୋଜ ସାହୁ କୃତଜ୍ଞତା ଜଣାଇଛନ୍ତି।

# ଜବରଦଖଲକାରୀ ଭଡ଼ାଟିଆଙ୍କୁ ଜେଲ୍ ଦଣ୍ଡାଦେଶ ଓ ଜୋରିମାନା

**ବାଲୁଗାଁ,୨୬।୯/ଏନ୍ଏନ୍ଏସ୍:** ଦୀର୍ଘ ବର୍ଷ ଧରି ଘରଭଡ଼ା ନଦେବା ଏବଂ ଜୋର୍ ଜବରଦସ୍ତ ଘରକୁ ଅକ୍ତିଆର କରିବା ସହ ମାଲିକଙ୍କୁ ମାରଣାସ୍ତ୍ର ଦେଖାଇ ଧମକଦେବା ମାମଲାର ବିଚାରକରି ଚିଲିକା କୋର୍ଟ ବିଚାରପତି ଯୁଧିଷ୍ଠିର ଦଳେଇ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ୧ବର୍ଷ ଜେଲ ଓ ୧ହଜାର ଟଙ୍କା ଜୋରିମାନା ଦଣ୍ଡାଦେଶ ଶୁଣାଣି କରିଛନ୍ତି। ଏଥିସହ ଜୋରିମାନା ଅନାଦେୟ ଅଧିକ ୧ମାସ ଜେଲ ସମେତ ଗୃହ ମାଲିକଙ୍କୁ କ୍ଷତିପୂରଣ ବାବଦରେ ୫ହଜାର ଟଙ୍କା ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତଦ୍ୱୟ ହେଲେ ଖୋର୍ଦ୍ଧା ଜିଲ୍ଲା ଚିଲିକା ବ୍ଲକ ଅଧୀନ ସୋରଣ ମାନସିଂହପୁର ଗ୍ରାମର ଭିକାରୀ ବେହେରା ଓ ଦୁଖୀ ବେହେରା। ସୂଚନା ମୁତାବକ, ମାନସିଂହପୁର ଗ୍ରାମର ବୁଧିବାମନ ବେହେରାଙ୍କ ଘରେ ୨୦୧୩ ମସିହାରେ ଅଭିଯୁକ୍ତ ଦ୍ୱୟ ଭଡ଼ା ସୂତ୍ରରେ ରହିଥିଲେ। ତେବେ ଚୁକ୍ତିନାମା ଅନୁଯାୟୀ ଭଡ଼ା ଦେବାରେ ଖିଲାପ କରିବାରୁ ୨୦୧୫ମସିହାରେ ଘର ମାଲିକ ଏ ନେଇ ଖୋର୍ଦ୍ଧା କୋର୍ଟର ଆଶ୍ରୟ ନେଇଥିଲେ। ୨୦୧୯ ମସିହାରେ ମାମଲାଟି ଗୃହ ମାଲିକଙ୍କ ସପକ୍ଷରେ ଯାଇଥିଲା ଏବଂ ୨୦୨୨ ମସିହା ନଭେମ୍ବର ୨୫ତାରିଖରେ ପ୍ରଶାସନ ଉପସ୍ଥିତିରେ ଭଡ଼ାଟିଆଙ୍କୁ ଘରୁ ବେଦଖଲ କରାଯାଇ ମାଲିକଙ୍କୁ ହସ୍ତାନ୍ତର କରାଯାଇଥିଲା। କିନ୍ତୁ ପୁଲିସ ପ୍ରଶାସନ ଯିବା ପରେ ଉକ୍ତ ଦିନ ରାତ୍ରିରେ ପୁଣି ଉକ୍ତ ଅଭିଯୁକ୍ତ ଦ୍ୱୟ ପହଞ୍ଚି ଜୋର୍ ଜବରଦସ୍ତ ତାଲା ଭାଙ୍ଗି ଘରେ ପଶିଥିଲେ ଏବଂ ଘର ମାଲିକଙ୍କ ପରିବାରକୁ ମରଣାସ୍ତ୍ର ଦେଖାଇ ଧମକ ଚମକ ଦେଇଥିଲେ। ଏ ସଂକ୍ରାନ୍ତରେ ଘର ମାଲିକ ଟାଙ୍ଗୀ ଥାନାରେ ଅଭିଯୋଗ କରିଥିଲେ। ପରବର୍ତ୍ତୀ ସମୟରେ ମାମଲାଟି ଚିଲିକା ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ଅଦାଲତରେ ବିଚାର ହୋଇ ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଆଧାରକରି ମାଜିଷ୍ଟ୍ରେଟ ଶୁଣାଣି କରିଥିଲେ। ସରକାରଙ୍କ ତରଫରୁ ଏହି ମାମଲା ପରିଚାଳନା କରିଥିଲେ କୈଳାଶ ଚନ୍ଦ୍ର ନାଥ।

# ପ୍ରବାସୀ ଶ୍ରମିକଙ୍କ ନିମନ୍ତେ ଆଇନ୍ ସଚେତନତା

**ବାଣପୁର,୨୬।୯/ଏନ୍ଏନ୍ଏସ୍:** ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ବାଣପୁର ଓ ଚିଲିକା ବ୍ଲକ ଅଞ୍ଚଳରେ ସର୍ବାଧିକ ପ୍ରବାସୀ ଶ୍ରମିକମାନେ ବାସ କରୁଥିବା ବେଳେ ବିଭିନ୍ନ ସମୟରେ ଉକ୍ତ ଶ୍ରମିକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି। କେତେବେଳେ ଦେଶ ବିଦେଶରେ କାର୍ଯ୍ୟ କରୁଥିବା ସମ୍ପୃକ୍ତ ଶ୍ରମିକମାନଙ୍କୁ ବିଭିନ୍ନ କମ୍ପାନୀମାନେ ଉଚିତ ପ୍ରାପ୍ୟ ଦେଉନଥିବା ଅଭିଯୋଗ ହେଉଛି ତ ଆଉ କେତେବେଳେ ଶ୍ରମିକମାନେ ଶାରୀରିକ ଏବଂ ମାନସିକ ନିର୍ଯାତନା ପାଉଥିବା ଅଭିଯୋଗ ହେଉଛି। ଏପରିକି ବହୁ ଶ୍ରମିକଙ୍କ ସନ୍ଦେହଜନକ ମୃତ୍ୟୁ ମଧ୍ୟ ଘଟୁଛି। ତେବେ ଏହାର ମୁଖ୍ୟ କାରଣ ହେଉଛି ଶ୍ରମିକମାନେ ରାଜ୍ୟ ତଥା ଦେଶ ବାହାରେ କାର୍ଯ୍ୟ କରିବାକୁ ଯାଉଥିବା ବେଳେ ସ୍ଥାନୀୟ ଶ୍ରମ କାର୍ଯ୍ୟାଳୟରେ ନିଜ ନାମ ପଞ୍ଜିକରଣ କରୁନାହାନ୍ତି। ଯାହାଫଳରେ ସରକାରଙ୍କ ପାଖେ ଉକ୍ତ ଶ୍ରମିକମାନଙ୍କ ପ୍ରକୃତ ତଥ୍ୟ ରହୁନାହିଁ ଏବଂ ଶ୍ରମିକମାନେ ବିପଦ ସମୟରେ ସରକାରୀ ସହାୟତାରୁ ବଞ୍ଚିତ ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ଆଜି ପ୍ରବାସୀ ଶ୍ରମିକଙ୍କ ବିଭିନ୍ନ ସମସ୍ୟା, ଆଇନଗତ ସହାୟତା ଓ ସୁବିଧା ବିଷୟରେ ବାଣପୁର ତାଲୁକ ଆଇନ ସେବା ସମିତି ପକ୍ଷରୁ ଭେଟେଶ୍ୱର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷ ତଥା ବାଣପୁର କୋର୍ଟ ବରିଷ୍ଠ ଦେୱାନୀ ବିଚାରପତି ଅମରେଶ ମହାପାତ୍ର ଅଧ୍ୟକ୍ଷତା କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ବାଣପୁର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ସ୍ମାତକୀ ଦାସ, ବ୍ଲକ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ, ଆଇଆଇସି ରମେଶ କୁମାର ଦେବତ୍ତା,ସରପଞ୍ଚ ସାବିତ୍ରୀ ଭୋଳ, ବାଣପୁର ଓକିଲ ସଂଘ ସମ୍ପାଦକ ରଞ୍ଜନ କୁମାର ବେଦମତ୍ତା, ଫ୍ରଣ୍ଟ ଅଫିସ ରିଟେନର ପଦ୍ମଜା ପଟ୍ଟନାୟକ, ବାଲୁଗାଁ ସହକାରୀ ଶ୍ରମ ଅଧିକାରୀ ସୌମ୍ୟରଞ୍ଜନ କର ଏବଂ ଆଇନଜୀବୀମାନେ ଯୋଗଦେଇଥିଲେ। ଏହି ଅବସରରେ ବିଚାରପତି ଶ୍ରୀ ମହାପାତ୍ର ପ୍ରବାସୀ ଶ୍ରମିକମାନଙ୍କ ବିଭିନ୍ନ ଆଇନଗତ ଅଧିକାର ଏବଂ ସୁବିଧା ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ପ୍ରବାସୀ ଶ୍ରମିକମାନେ ବିଭିନ୍ନ ରାଜ୍ୟ ତଥା ବିଦେଶକୁ କାର୍ଯ୍ୟ କରିବା ପାଇଁ ଯିବା ପୂର୍ବରୁ ନିଜ ନାମ ସ୍ଥାନୀୟ ଶ୍ରମ କାର୍ଯ୍ୟାଳୟରେ ପଞ୍ଜିକୃତ କରିବା ଅବା ସରପଞ୍ଚଙ୍କୁ ଅବଗତ କରାଇବା ପାଇଁ ପରାମର୍ଶ ଦେଇଥିଲେ। ବ୍ଲକ ଅଧ୍ୟକ୍ଷ ଶ୍ରୀ ରଣସିଂହ ମଧ୍ୟ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରବାସୀ ଶ୍ରମିକମାନଙ୍କ ପାଇଁ ଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ଅନୁରୂପ ଭାବେ ସହକାରୀ ଶ୍ରମ ଅଧିକାରୀ ଶ୍ରୀ କର ଶ୍ରମିକମାନଙ୍କୁ ନିଜ ନାମ ଶ୍ରମ କାର୍ଯ୍ୟାଳୟରେ ପଞ୍ଜିକୃତ କରାଇବା ପାଇଁ ଅନୁରୋଧ କରିଥିଲେ। ସମ୍ପ୍ରତି ଉକ୍ତ ପଞ୍ଜିକରଣ ଅନଲାଇନ ମାଧ୍ୟମରେ ମଧ୍ୟ ହୋଇପାରୁଛି। ବିଭିନ୍ନ ସହଜ କେନ୍ଦ୍ରରେ ଉକ୍ତ ସୁବିଧା ଉପଲବ୍ଧ। ତତ୍‌ସହିତ ଶ୍ରମିକମାନେ ଯେକୌଣସି ସମୟରେ ସେମାନଙ୍କ ଅସୁବିଧା ନେଇ ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟ ଆସିପାରିବେ ବୋଲି କହିଥିଲେ ଶ୍ରୀ କର। ଅବସରରେ ୨ଜଣ ଶ୍ରମିକଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ପୁରୁଷ ଓ ମହିଳା ଶ୍ରମିକ ଯୋଗଦେଇଥିଲେ। ସମାଜସେବୀ ଜିତେନ୍ଦ୍ର ଭୋଳ ଏଥିରେ ସହଯୋଗ କରିଥିଲେ।



# ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟରେ ବିଶ୍ୱ ଫାର୍ମାସିଷ୍ଟ ଦିବସ ପାଳିତ



**ଜଟଣୀ,୨୬।୯/ଏନ୍ଏନ୍ଏସ୍:** ଜଟଣୀସ୍ଥ ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟର ସ୍କୁଲ୍ ଅଫ୍ ଫାର୍ମାସି ଆଣ୍ଡ୍ ଲାଇଫ୍ ସାଇନ୍ସେସ୍ ତଥା ଫାର୍ମାସି ବିଭାଗର ଏକ ଦିବସୀୟ ବିଶ୍ୱ ଫାର୍ମାସିଷ୍ଟ ଦିବସ ପାଳନ କରାଯାଇଛି। ଏହି ଅବସରରେ ଫାର୍ମାସୀ ବିଭାଗର ବହୁ ଛାତ୍ରଛାତ୍ରୀ ଏକତ୍ରିତ ହୋଇ ଏକ ବିଶାଳ ପଦଯାତ୍ରାରେ ଜଟଣୀ ନିକଟସ୍ଥ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଭିମୁଖେ ଯାଇଥିଲେ। ପଦଯାତ୍ରାକୁ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସୁପ୍ରିୟା ପଟ୍ଟନାୟକ ଓ ବିଭାଗୀୟ ମୁଖ୍ୟ ଇପଦେଷ୍ଟା ପ୍ରଫେସର ଗୁରୁଦତ୍ତ ପଟ୍ଟନାୟକ ଉଦ୍ଘାଟନ କରିବା ସହ ବର୍ତ୍ତମାନ ପରିପ୍ରେକ୍ଷୀରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଫାର୍ମାସିଷ୍ଟମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ। ତତ୍ ସଙ୍ଗେ ସଙ୍ଗେ ପ୍ରଧାନମନ୍ତ୍ରୀ ଭାରତୀୟ ଜନଔଷଧି ପରିଯୋଜନାର ସହାୟକ ଉପଦେଷ୍ଟା ଦେବେନ୍ଦ୍ର କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଫାର୍ମାସିଷ୍ଟ ଗ୍ଲୋବାଲ ସ୍ୱାସ୍ଥ୍ୟ ସମ୍ପର୍କୀତ ଶୀର୍ଷକ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସାଧାରଣଜ୍ଞାନ ପ୍ରଶ୍ନଉତ୍ତର ଓ ବିଜ୍ଞାପନ ଉପସ୍ଥାପନ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

ପରିଶେଷରେ ଛାତ୍ରଛାତ୍ରୀ ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଉକ୍ତ ଫାର୍ମାସିଷ୍ଟ ଦିବସର କାର୍ଯ୍ୟକ୍ରମକୁ ଫାର୍ମାସି ବିଭାଗର ହିମାଂଶୁ ଭୁଷଣ ସାମଲ, ସୁଚରିତା ବାବୁ, ରୂପାଲୀ ରୁପସ୍ମିତା ରାଉତ, ଯଶୋବନ୍ତ ଗିରି, ବୀଣାପାଣି ବାରିକ ଓ ଅନ୍ୟଶିକ୍ଷକ ଶିକ୍ଷୟିତ୍ରୀମାନେ ସୁଚାରୁରୁପେ ପରିଚାଳନା କରିଥିଲେ। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରଦର୍ଶିତ ଏକାଙ୍କିକା ଅଧିକ ମନୋମୁଗ୍ଧକର ହୋଇଥିଲା। ଶେଷରେ ଫାର୍ମାସୀ ବିଭାଗର ଆରାଧନା ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବେଆଇନ ଫର୍ଣ୍ଣିଚର ଡିପୋ ଉପରେ ଚଢ଼ଉ, ଲକ୍ଷାଧିକ ମୂଲ୍ୟର ସାମଗ୍ରୀ ଓ ଯନ୍ତ୍ରାଂଶ ଜବତ



**ଓଡ଼ଗାଁ,୨୬।୯/ଏନ୍ଏନ୍ଏସ୍:** ବାଡ଼ିପଟେ ଖୋଲାରଖି ଭିତରେ ଚାଲିଥିଲା ଫର୍ଣିଚର କାମ।କାହାରି ମନରେ ସନ୍ଦେହ ନହେବାପାଇଁ ଦାଣ୍ଡପଟୁ ଝୁଲୁଥିଲା ତାଲା। ବ୍ୟାପକ ପରିମାଣର ମୂଲ୍ୟବାନ କାଠପଟା ମଧ୍ୟ ମହଜୁଦ୍ ଥିଲା। ଏସବୁ କାମଶେଷ ହେବାପରେ ବେଧଡ଼କ ଭାବେ ବିକ୍ରୟ କରାଯାଉଥିଲା।ରାତାରାତି କୋଟିପତି ହେବା ନିଶାରେ କାଠମାଫିଆ ଏଭଳି ଦୀର୍ଘଦିନଧରି ବ୍ୟବସାୟ ଚଳାଇ ଆସିବାସହ ଧିରେଧିରେ ନିଜର କାୟାବିସ୍ତାର କରି ଆସୁଥିଲା। ବନବିଭାଗ ଆଖିରେ ଧୂଳିଦେଇ ଦୀର୍ଘଦିନ ଧରି ଚାଲିଆସିଥିବା ଏଭଳି ବେଆଇନ ଫର୍ଣ୍ଣିଚର ଡ଼ିପୋ ଉପରେ ଗୁରୁବାର ଓଡ଼ଗାଁ ବନବିଭାଗ ପକ୍ଷରୁ ଚଢ଼ଉ କରାଯାଇଛି।ଓଡ଼ଗାଁ ଆଦର୍ଶ ଥାନା ଅନ୍ତର୍ଗତ ରଙ୍ଗଣିପାଟଣା ଇଟାସାହିରେ ଏହିଚଢ଼ଉ ହୋଇଛି। ଯାହାକି ଘରଭିତରୁ ଆଖି ଖୋସିଦେଲା ଭଳି ମୂଲ୍ୟବାନ ଶାଗୁଆନ ପଟା ଜବତ କରାଯିବାସହ ବହୁ ଫର୍ଣ୍ଣିଚର ସାମଗ୍ରୀ ଜବତ କରିବାରେ ବନବିଭାଗକୁ ସଫଳତା ମିଳିଛି।ଏହି ଚଢ଼ଉରେ ଓଡ଼ଗାଁ ମାଜିଷ୍ଟ୍ରେଟ ତଥା ଅତିରିକ୍ତ ତହସିଲଦାର ଶ୍ରୀଜିନୁଙ୍କ ସମେତ ବନାଞ୍ଚଳ ଅଧିକାରୀ ନିଖିଳେଶ ମଲିକ, ବନପାଳ ସରିତା ବରାଳ, ବନରକ୍ଷୀ ସୌମ୍ୟରଞ୍ଜନ ଦଳେଇ, ଉଦ୍ଧବ ପ୍ରଧାନ, ଦିଲୀପ ପ୍ରଧାନ, ଦୀପ୍ତିମୟୀ ରାଉତ ଏବଂ ପ୍ରୋଟେକ୍ସନ୍ ସ୍କ୍ୱାର୍ଡ଼ ସହିତ ଓଡ଼ଗାଁ ପୋଲିସ ସାମିଲ ଥିବାବେଳେ ସ୍ଥାନୀୟ ସରପଞ୍ଚ ସସ୍ମିତା ପାତ୍ର ଉପସ୍ଥିତ ଥିଲେ। ବିଶେଷସୂତ୍ରରୁ ଖବରପାଇ ନୟାଗଡ ବନଖଣ୍ଡ ଅଧିକାରୀ କ୍ଷମା ଷଡ଼ଙ୍ଗୀଙ୍କ ନିର୍ଦ୍ଦେଶକ୍ରମେ ଗ୍ରାମର ଚିତ୍ତରଞ୍ଜନ ସାହୁଙ୍କ ଘରେ ଚଢ଼ଉ କରାଯାଇଥିଲା। ଘରର ଦାଣ୍ଡପଟ ଦୁଆରେ ତାଲା ଝୁଲୁଥିବାହେତୁ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ତାଲା ଭଙ୍ଗାଯାଇଥିଲା। ମାତ୍ର ଭିତରେ ବନକର୍ମଚାରୀ ମାନେ ଯାହା ଦେଖିଥିଲେ ତାକୁନେଇ ତାଜୁବ୍ ହୋଇ ଯାଇଥିଲେ। ଏସବୁ କାଠର କୌଣସି ଅନୁମତି ନଥିବାବେଳେ କିଭଳି ଏଠାରେ ଏତେ ମାତ୍ରାରେ କାଠ ମହଜୁଦ୍ ରହି ଫର୍ଣ୍ଣିଚର ଡିପୋ ଚାଲିଥିଲା ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଘରୁ ୨୫୦ଖଣ୍ଡ ଶାଗୁଆନ ପଟା ଜବତ ହେବାସହ ଫର୍ଣ୍ଣିଚର ସାମଗ୍ରୀ ଓ ଯନ୍ତ୍ରାଂଶ ଜବତ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ୪ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବବୋଲି ବନବିଭାଗ ପକ୍ଷରୁ କୁହାଯାଇଛି। ମାତ୍ର ଏହିଘଟଣାରେ କାହାରିକୁ ଗିରଫ କରାଯାଇ ନଥିବାବେଳେ ବେଆଇନ ଭାବେ ଡିପୋ ଚଳାଇଥିବା ଚିତ୍ତରଞ୍ଜନ ସାହୁ ଏବଂ ତାଙ୍କ ପିତା ବିଶ୍ୱନାଥ ସାହୁଙ୍କ ନାମରେ ମାମଲା ରୁଜୁହୋଇଥିବା ବନାଞ୍ଚଳ ଅଧିକାରୀ ନିଖିଳେଶ ମଲ୍ଲିକ ଗଣମାଧ୍ୟମକୁ କହିଛନ୍ତି।

**AFFIDAVIT**

By virtue of an affidavit before Notary Public, Cuttack, I, Sushil Kumar Kedia, S/o Late Keshar Deo Kedia, address At. - Podar Colony, P.O. /P.S. - Khetrajpur, Town/Dist.-Sambalpur-768003 change my name from Sushil Kumar Agrawal to Sushil Kumar Kedia. Henceforth I will be known as Sushil Kumar Kedia for all purposes.

**NOTICE**

It is information of all concerned that the partnership firm "M/S HIRA LOADING-UNLOADING & TRANSPROTATION FIRM" its head office At- Nandira Chhaka, PO- N.S Nagar, Bharatpur, Dist- Angul, Pin-759148 Odisha bearing Registration No- 997/2014 has been reconstituted on 20.09.2024 due to retirement of one partner namely Amiya Pradhan (Ex-Managing Partner) and Admission of one partner namely Saraswati Sahoo (Incoming Managing Partner) w.e.f 20.09.2024.

Saraswati Sahoo
Managing Partner
M/S HIRA LOADING-UNLOADING & TRANSPROTATION FIRM

**ପୂର୍ବ ତଟ ରେଳପଥ**

Tender Notice No.: eT-M-KUR-FE-282-2024, ତାରିଖ : 19.09.2024

ବିଜ୍ଞାପିତ ମୂଲ୍ୟ : ଟ.88,66,292.16

EMD: ଟ. 1,77,300/-, ଟେଣ୍ଡର କାଗଜପତ୍ର ମୂଲ୍ୟ: ଟ.5,900/-

36 (ଛତିଶ) ମାସ

ଟ. 14.10.2024 ରିଖ 1515 ଘଣ୍ଟାରେ


www.ireps.gov.in

PR-557/P/24-25
ଖୋର୍ଦ୍ଧା ରୋଡ୍

# ସରକାରୀ ବିଦ୍ୟାଳୟ ଖେଳପଡ଼ିଆରେ ମୀନାବଜାର ଆୟୋଜନକୁ ନେଇ ବିବାଦ

**କିଶୋରନଗର,୨୬।୯/ଏନ୍ଏନ୍ଏସ୍:** କଟକ ସଦର ବ୍ଲକ ଅନ୍ତର୍ଗତ କିଶୋରନଗର ପ୍ରହରାଜପୁର ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡିଆରେ ୨୪ତାରିଖରୁ ଅକ୍ଟୋବର ୪ ତାରିଖ ପର୍ଯ୍ୟନ୍ତ ମୀନାବଜାର ଆୟୋଜନ କରାଯାଇଛି। ପ୍ରତ୍ୟେହ ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଏହି ମୀନାବଜାର ଚାଲିବ। ତେବେ ଏହାକୁ ନେଇ ବିବାଦ ମୁଣ୍ଡ ଟେକିଛି। ସ୍ଥାନୀୟ ବିଦ୍ୟାଳୟ ପରିଚାଳନା କମିଟି ଓ ପ୍ରଧାନଶିକ୍ଷୟିତ୍ରୀଙ୍କ ବିନା ଅନୁମତିରେ ଏହି ମୀନାବଜାର ଆୟୋଜନ କରାଯାଇଛି ବୋଲି ବୁଧବାର ପ୍ରଧାନ ଶିକ୍ଷୟିତ୍ରୀ ସଜନୀ ଦାସ ଲିଖିତ ଭାବେ କଟକ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଜଣାଇଛନ୍ତି। ଏହାଛଡ଼ା ଏହି ବଜାର ଆୟୋଜନ ପାଇଁ ସଦର ଉପଜିଲ୍ଲାପାଳଙ୍କ ଅନୁମତି ପତ୍ର ଅଦ୍ୟାବଧି ହସ୍ତଗତ ହୋଇନାହିଁ ବୋଲି କିଶନନଗର ଥାନା ଅଧିକାରୀ ସୁମନ୍ତ କିଶାନ କହିଛନ୍ତି। ଅନ୍ୟପକ୍ଷରେ ଆୟୋଜକମାନଙ୍କ ତରଫରୁ ପଡିଆଟି ଗୋଚର ହୋଇଥିବାରୁ ଏଥିରେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ କୌଣସି ମାଲିକାନା ନାହିଁ ବୋଲି ତହସିଲଦାରଙ୍କୁ କୁହାଯାଇଛି। ଏ ନେଇ କିଶନନଗର ତହସିଲଦାର୍ କ୍ଷୀରୋଦ ଚନ୍ଦ୍ର ଦାସଙ୍କୁ ପଚାରିବାରୁ ପ୍ରହରାଜପୁର ରାଜସ୍ୱ ନିରୀକ୍ଷକଙ୍କ ସୁପାରିଶକ୍ରମେ ପ୍ରିମିୟମ ନିଆଯାଇ ଉପଜିଲ୍ଲାପାଳଙ୍କ ପାଖକୁ ଅନୁମୋଦନ ଫାଇଲ ପଠାଯାଇଛି ବୋଲି କହିଛନ୍ତି। କିନ୍ତୁ ଅଗ୍ନିଶମ, ବିଦ୍ୟୁତ୍ ବିଭାଗ, ପୁଲିସର ଅନୁମତିପତ୍ର ଆୟୋଜକମାନେ ଆଣିଛନ୍ତି କି ନାହିଁ ତାହା ଜଣାନାହିଁ। ଅଦ୍ୟାବଧି ଉପଜିଲ୍ଲାପାଳଙ୍କ ଅନୁମତି ପତ୍ର ତାଙ୍କର ମଧ୍ୟ ହସ୍ତଗତ ହୋଇ ନାହିଁ ବୋଲି ତହସିଲଦାର ଦାସ ସ୍ୱୀକାର କରିଛନ୍ତି। ମୀନାବଜାର ପାଇଁ ରଘୁନାଥପୁର ଅଗ୍ନିଶମ ବିଭାଗର ଅନୁମତି ନିଆଯାଇଛି କି ନାହିଁ ତାହା ସ୍ପଷ୍ଟ ହୋଇପାରିନାହିଁ। କିଛି ଅଭିଭାବକଙ୍କ ମତ ହେଲା ଅର୍ଦ୍ଧ ବାର୍ଷିକ ପରୀକ୍ଷା ଆସିଯାଇଥିବାରୁ ଏଭଳି ସମୟରେ ମୀନାବଜାର ଆୟୋଜନ କରାଯିବା ଦ୍ୱାରା ପିଲାମାନଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେବ। ସ୍ଥାନୀୟ ସରପଞ୍ଚଙ୍କୁ ମଧ୍ୟ ଅଭିଯୋଗ ପତ୍ରର କପି ପ୍ରଦାନ କରାଯାଇଛି। ଜିଲ୍ଲା ଶିକ୍ଷାଧିକାରୀ ଓ ପୁଲିସ ପ୍ରଶାସନର ପଦକ୍ଷେପ ଉପରେ ସମସ୍ତଙ୍କ ନଜର ରହିଛି।

# ନନ୍ଦିଘୋରରେ ‘ସ୍ୱଚ୍ଛ ତା ହିଁ ସେବା’



**ଓଡ଼ଗାଁ,୨୬।୯/ଏନ୍ଏନ୍ଏସ୍:** ଓଡ଼ଗାଁ ବ୍ଲକ ଅନ୍ତର୍ଗତ ନନ୍ଦିଘୋରରେ ବୁଧବାର ‘ସ୍ୱଚ୍ଛତା ହିଁ ସେବା’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ବସଷ୍ଟାଣ୍ଡ ଦେଇ ମହାଦେବ ମନ୍ଦିର ପର୍ଯ୍ୟନ୍ତ ମୁଖ୍ୟ ପ୍ରବେଶପଥକୁ ସଫେଇ କରିବା ସହିତ ଆମ ସ୍ୱଭାବ ଓ ଆମ ସଂସ୍କାରରେ ସ୍ୱଚ୍ଛତା ଆସିବା ନିହାତି ଦରକାର ବୋଲି ଲୋକଙ୍କୁ ସଚେତନ କରାଯାଇଥିଲା। ଜାତିର ଜନକ ମହାତ୍ମାଗାନ୍ଧୀ କହିଥିଲେ ସ୍ୱାଧୀନତାଠାରୁ ପରିମଳ ଅଧିକ୍ ଗୁରୁତ୍ୱପୂର୍ଣ୍ଣ। ଏହି ବାର୍ତ୍ତାକୁ ଗ୍ରାମର ବିଭିନ୍ନ ସାହିରେ ଲୋକଙ୍କୁ ଅବଗତ କରିବା ସହିତ ସ୍ୱଚ୍ଛତା ସମ୍ପର୍କିତ ଜନ ସଚେତନତା କରାଯାଇଥିଲା। କାର୍ଯ୍ୟକ୍ରମରେ ସରପଞ୍ଚଙ୍କ ପ୍ରତିନିଧି ସୁଧାକର ଷଡଙ୍ଗୀ, ସମବାୟ ସମିତି ସଭାପତି ସୁରେନ୍ଦ୍ର ପ୍ରଧାନ, ଆଇନଜୀବୀ ସୁରେନ୍ଦ୍ର ସେନାପତି, ପବିତ୍ର ମହାରଣା, ପଞ୍ଚାନନ ସ୍ୱାଇଁ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ କ୍ଷେତ୍ରବାସୀ ଜାନି, ବୈକୁଣ୍ଠନାଥ ନାୟକ, ବିରେନ୍ଦ୍ର ସେନାପତି, ଜୟକୃଷ୍ଣ ସାହୁ, ଉମେଶ ପରିଡା, ନାରାୟଣ ପାତ୍ର, ମହେଶ୍ୱର ପଢ଼ିଆରି, ଗଜେନ୍ଦ୍ର ମହାରଣା, ଜୟସେନ ବିଶୋଇ, ସନ୍ତୋଷ ପ୍ରଧାନ, ଆଲୋକ ସାହୁଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଅଂଶଗ୍ରହଣ କରିଥିବା ଜଣାପଡ଼ିଛି।

**NOTICE**

The Partnership Firm "M/S. ASHIRBAD HOSPITAL" At.- Plot No. 207 & 208, Nuapada, Near Nuapada Market Square, Po/Ps.- Madhupatna, Dist.- Cuttack-753010, Odisha having its registration No. 7202101332 has been reconstituted on Dtd. 01.05.2023 as follows :-

1. Sri Pramod Kumar Rout, (Continuing Partner)
2. Smt. Sabita Nayak, (Continuing Partner)
3. Sri Shrikanta Behera, (Continuing Partner)

AND

Miss Sujata Mohapatra, (Retiring Partner)

Pramod Kumar Rout
Partner

**ZILLA SWASTHYA SAMITI, KHORDHA**
(Department of Health & FW, Govt. of Odisha)

Adv. No. 15009/2024 Date: 26.09.2024

**CORRIGENDUM**

In response to this office Advertisement No. 01/2024 Dated 27.02.2024 and Notice No. 14895/2024 Dated 24.09.2024 that the agencies applied for Housekeeping, Security & Laundry services under NIRMAL are requested to go through the district website www.khordha.odisha.gov.in instead of www.khordha.nic.in. All other contains of the said Notice vide the number mentioned above remains the same.

Sd/-
CDM & PHO, Khordha

OIPR-10029/11/0003/2425 E-360

O-319

**Government of Odisha**
**“e” Procurement Notice**
**Bid Identification No. 02 of 2024-25**

1. Number of Works : 1 No. of Building Work
2. Estimated Cost (Aprox) : Rs.52.26 lakh
3. Period of Completion : 6 (Six) Calendar Months
4. Date & Time of availability of Bid documents in the portal : 01.11.2024 at 11:00 hrs.
5. Last date & time for receipt of bids in the portal : 14.11.2024 at 17:00 hrs.
6. Date of opening of tender : 15.11.2024 at 11:00 hrs.
7. Name and address of the Officer Inviting Bid : Superintending Engineer, Rural Works Division, Jagatsinghpur

Further details can be seen from the Government website : www.tendersorissa.gov.in

Sd/- Superintending Engineer
Rural Works Division,
Jagatsinghpur

OIPR-25056/11/0002/2425

# କୋଣାର୍କ ସୂର୍ଯ୍ୟମନ୍ଦିରରେ ୨ ଦିନିଆ ସାଗରକବଚ ସମରାଭ୍ୟାସ ଶେଷ



**କୋଣାର୍କ,୨୬।୯/ଏନ୍ଏନ୍ଏସ୍:** ଗତ ବୁଧବାରଠାରୁ ଓଡ଼ିଶା ପୁଲିସ, କୋଷ୍ଟଗାର୍ଡ ଓ ନୌସେନା ପକ୍ଷରୁ ମିଳିତ ଭାବେ ଚାଲିଥିବା ଦୁଇ ଦିନିକିଆ ଉପକୂଳ ସୁରକ୍ଷା ସମରାଭ୍ୟାସ ‘ସାଗରକବଚ’ ଆଜି ଗୁରୁବାର ଶେଷ ହୋଇଛି। ଆଜି ବ୍ଲୁଫୋର୍ସର ସଫଳତା ସହ ରେଡ୍ ଫୋର୍ସର ସନ୍ଦିଗ୍ଧ ୩ ଆତଙ୍କବାଦୀଙ୍କୁ ସଠିକ ଚିହ୍ନଟକରି ଗିରଫ କରିଥିବାକୁ ନେଇ ସାଗରକବଚ ସମରାଭ୍ୟାସ ଶେଷ ହୋଇଥିଲା। ସୂଚନାଥାଉ କି ପଡ଼ୋଶୀ ଦେଶ ପାକିସ୍ଥାନରୁ ଜଳପଥରେ ଲୁଚି ଆସି କୁଖ୍ୟାତ ଆତଙ୍କବାଦୀମାନେ ମୁମ୍ବାଇରେ ୨୬/୧୧ ଆକ୍ରମଣକରି ଅନେକ କ୍ଷୟକ୍ଷତି ଘଟାଇଥିଲେ। ତାହାକୁ ଲକ୍ଷ୍ୟ ରଖି ସେବେଠାରୁ ଓଡ଼ିଶାର ୧୫୦ କିମି ଉପକୂଳକୁ ଆତଙ୍କବାଦୀଙ୍କ କବଳରୁ କିପରି ସୁରକ୍ଷା ଓ ସୁରକ୍ଷିତ ରଖାଯାଇପାରିବ ସେ ନେଇ ଏହି ସମରାଭ୍ୟାସ ପ୍ରତିବର୍ଷ ଅନୁଷ୍ଠିତ ହୋଇଆସୁଛି। ଗୁରୁବାର ସକାଳୁ କୋଣାର୍କ ସୂର୍ଯ୍ୟମନ୍ଦିର ସମ୍ମୁଖରେ ପୂର୍ବ ପ୍ରସ୍ତୁତି ଅନୁଯାୟୀ କୋଣାର୍କ ଥାନା ଏଏସ୍ଆଇ ଅଜିତ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଜଗିରହିଥିବା ବ୍ଲୁଫୋର୍ସ ସନ୍ଦିଗ୍ଧ ରେଡ୍‌ଫୋର୍ସର ୩ଜଣ ଛଦ୍ମବେଶୀ ଆତଙ୍କବାଦୀ ସୂର୍ଯ୍ୟମନ୍ଦିର ଭିତରକୁ ପ୍ରବେଶ କରୁଥିବାବେଳେ ସେମାନଙ୍କ ସନ୍ଦେହଜନକ ଚାଲିଚଳନକୁ ନେଇ ବ୍ଲୁଫୋର୍ସ ଜାଣିପାରି ତୁରନ୍ତ ସେମାନଙ୍କ ବ୍ୟାଗ୍‌ଗୁଡିକୁ ଚେକ୍‌କରିଥିଲା। ସନ୍ଦିଗ୍ଧମାନେ ୩ଗୋଟି ଡମି ବୋମା ସାଥିରେ ନେଇ ଆସିଥିବା ଦେଖି ପୁଲିସ ତାଙ୍କୁ ଗିରଫ କରି ଥାନାକୁ ଆଣିଥିଲା। କୋଣାର୍କ ଥାନା ଅଧିକାରୀ ପୂର୍ଣଚନ୍ଦ୍ର ସେଠୀ ସେମାନଙ୍କ ପରିଚୟପତ୍ର ତନଖିବା ପରେ ସେମାନଙ୍କୁ ଛାଡ଼ିଦେଇଥିଲେ। ଗିରଫ ହୋଇଥିବା ରେଡ଼ଫୋର୍ସର ୩ଜଣ ନକଲି ଆତଙ୍କବାଦୀ ଓଡ଼ିଶା ଓଡ୍ରାଫ୍ଟ ଟିମ୍‌ର ସିପାହୀ ସୁମନ୍ତ କୁମାର ଗୌଡ଼, ସିପାହୀ ଲିଙ୍ଗରାଜ ସେଠୀ, ହାବିଲଦାର ରଜତ କୁମାର ସାହୁ ବୋଲି ଜଣାପଡ଼ିଛି।

## ନିପୁଣ ଓଡ଼ିଶା ମିଶନ ଜିଲ୍ଲାସ୍ତରୀୟ ଲୋଗୋ ଉନ୍ମୋଚିତ

**ପୁରୀ,୨୬।୯/ଏନ୍‌ଏନ୍‌ଏସ୍:** ପୁରୀ ଜିଲ୍ଲା ପ୍ରଶାସନ ଓ ସମଗ୍ର ଶିକ୍ଷା ମିଳିତ ଆନୁକୂଲ୍ୟରେ ବୁଧବାର ପୂର୍ବାହ୍ଣରେ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ନିପୁଣ ଓଡ଼ିଶା ମିଶନ କାର୍ଯ୍ୟକ୍ରମର ଜିଲ୍ଲାସ୍ତରୀୟ ଲୋଗୋ ଶୁଭ ଉନ୍ମୋଚନ ହୋଇଯାଇଛି । ଜିଲ୍ଲା ଶିକ୍ଷା ଅଧିକାରୀ ଦୀପକ କୁମାର ପାଢୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ହିମାଂଶୁ ଭୂଷଣ ସମରଥ, ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ଓ ପ୍ରତିଷ୍ଠାନର ଅଧକ୍ଷ ସନ୍ତୋଷ କୁମାର ପରିଡ଼ା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ତନୁପ୍ରଭା ବେଉରା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀଙ୍କ ଉପସ୍ଥିତିରେ ନିପୁଣ ଓଡ଼ିଶା ମିଶନ ଲୋଗୋ, ଲିଫ୍ଲେଟ୍ ଓ ସଙ୍ଗୀତର ଶୁଭ ଉନ୍ମୋଚନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ବ୍ଲକର ଶିକ୍ଷା ଅଧିକାରୀ, ସମ୍ବଳ ଅଧିକାରୀ, ପ୍ରଧାନଶିକ୍ଷକ ଏବଂ ଆଞ୍ଚଳିକ ସାଧନ ସଂଯୋଜକ, ବିଭିନ୍ନ ଏନ୍‌ଜିଓ ସଂସ୍ଥା ଓ ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ଓ ପ୍ରତିଷ୍ଠାନର ସମସ୍ତ ଶିକ୍ଷକ ପ୍ରଶିକ୍ଷକ ଓ ପ୍ରଶିକ୍ଷିକା ପ୍ରମୁଖ ଯୋଗଦେଇଥିଲେ । ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ପାଢ଼ୀଙ୍କ ମତରେ ପ୍ରାଥମିକ ସ୍ତରରେ ଛାତ୍ରଛାତ୍ରୀମାନଙ୍କ ମୂଳଦୁଆ ସୁଦୃଢ ହେଲେ ସେମାନଙ୍କ ମଧ୍ୟରେ ଭାଷା ଓ ଗଣିତ କ୍ଷେତ୍ରରେ ସର୍ବନିମ୍ନ ଦକ୍ଷତା ଗୁଡ଼ିକ ସୁନିଶ୍ଚିତ ହେବା ସହିତ ସେମାନଙ୍କର ଚିନ୍ତନ, ସମସ୍ୟା ସମାଧାନ ନିର୍ଣ୍ଣୟ କରିବାର କୌଶଳ ଓ ଦକ୍ଷତା ବୃଦ୍ଧି ପାଇବାରେ ସହାୟକ ହୋଇଥାଏ । ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ଓ ପ୍ରତିଷ୍ଠାନର ଅଧକ୍ଷ ଶ୍ରୀ ପରିଡ଼ା ନିପୁଣ ଓଡ଼ିଶାର ଉଦ୍ଦେଶ୍ୟ, ଏହାର କାର୍ଯ୍ୟକାରିତା ଓ କ୍ରିୟାନ୍ୱୟନ ଉପରେ ବିଶେଷ ଭାବରେ ଆଲୋକପାତ କରିଥିଲେ । ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ହିମାଂଶୁ ଭୂଷଣ ସମର୍ଥ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ । ଜିଲ୍ଲା ଶିକ୍ଷା ସଂଯୋଜକ ରମେଶ କୁମାର ସାହୁ ଅତିଥିମାନଙ୍କୁ ସ୍ୱାଗତ କରିଥିଲାବେଳେ ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ଓ ପ୍ରତିଷ୍ଠାନର ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ସ୍ୱାଧୀନ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ଦେୱାନ କୃଷ୍ଣଚନ୍ଦ୍ର ଭ୍ରମରବର ରାୟଙ୍କ ସ୍ମୃତିସଭା

**ଖୋର୍ଦ୍ଧା,୨୬।୯/ଏନ୍‌ଏନ୍‌ଏସ୍:** ଖୋର୍ଦ୍ଧା ଐତିହାସିକ ସମାଜ ଆନୁକୂଲ୍ୟରେ ପାଇକ ବିଦ୍ରୋହର ଦ୍ୱିତୀୟ କର୍ଣ୍ଣଧାର ଖୋରଧା ରାଜ୍ୟର ଶେଷରାଜା ଗଜପତି ମୁକୁନ୍ଦଦେବଙ୍କ ଦେୱାନ କୃଷ୍ଣଚନ୍ଦ୍ର ଭ୍ରମରବର ରାୟଙ୍କ ସମ୍ପର୍କରେ ଏକ ଆଲୋଚନାଚକ୍ର ଖୋରଧା ସାହିତ୍ୟ ସଂସଦ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଐତିହାସିକ ସମାଜର ଉପସଭାପତି ଗୋପାଳକୃଷ୍ଣ ଦାସ ଏହି ସଭାରେ ପୌରୋହିତ୍ୟ କରିଥିଲେ । ସମ୍ପାଦକ ବୈକୁଣ୍ଠନାଥ ରାଜଗୁରୁ ସ୍ୱାଗତ ଭାଷଣ ସହିତ ଅନୁଷ୍ଠାନର ଆଭିମୁଖ୍ୟ ଓ ଗବେଷଣା ଦ୍ୱାରା କିପରି ନୂତନ ତଥ୍ୟର ଉନ୍ମୋଚନ ହୋଇପାରିଛି ସେ ସମ୍ପର୍କରେ ଆଲୋକପାତ କରିଥିଲେ । ତ୍ରିକଳିଙ୍ଗ ଜର୍ଣ୍ଣାଲ୍‌ର ପ୍ରତିଷ୍ଠାତା ସମ୍ପାଦକ ମୁଖ୍ୟବକ୍ତା ସମ୍ବିତ ପଟ୍ଟନାୟକ ସଂସଦର ମୁଖପତ୍ର 'ଅନ୍ୱେଷା' ପତ୍ରିକାର ସମୀକ୍ଷା କରିବା ସହ ମହାବୀର କୃଷ୍ଣଚନ୍ଦ୍ର କିପରି ଅଦ୍ୟାବଧି ଅଜ୍ଞାତ ଓ ଅବହେଳିତ ହୋଇ ରହିଛନ୍ତି ସେ ସମ୍ପର୍କରେ ଆଲୋକପାତ କରିଥିଲେ । ବିଶିଷ୍ଟ ସ୍ତମ୍ଭକାର ଉମାଶଙ୍କର ପ୍ରସାଦ ମୁଖ୍ୟମନ୍ତ୍ରୀ ଓ ସଂସ୍କୃତି ମନ୍ତ୍ରୀ ପଞ୍ଚପାଇକ ପୀଠଠାରେ ତାଙ୍କ ପ୍ରତିମୂର୍ତ୍ତି ଯଥାଶିଘ୍ର ସ୍ଥାପନ ପାଇଁ ବିହିତ ପଦକ୍ଷେପ ନେବାକୁ କହିଥିଲେ । ସଭାପତି ଶ୍ରୀ ଦାସ ୨୦୧୧ରେ ବିଜେବି କଲେଜଠାରେ ଆୟୋଜିତ ଓଡ଼ିଶା ଇତିହାସ କଂଗ୍ରେସ ଅଧିବେଶନରେ ଉପସ୍ଥାପିତ ଗବେଷଣାତ୍ମକ ପ୍ରବନ୍ଧ ସମ୍ପର୍କରେ ଉଲ୍ଲେଖ କରି କଲିକତା ଫୋର୍ଟ ଉଇଲିୟମସ୍ଥିତ ଇଷ୍ଟ ଇଣ୍ଡିଆ କମ୍ପାନୀର ଉଚ୍ଚପଦସ୍ଥ ଅଫିସରମାନେ ୧୮୨୬ରେ କିପରି ଭୟଭୀତ ହୋଇଥିଲେ ତାହାର ସଦୃଷ୍ଟାନ୍ତ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗବେଷକ ଲକ୍ଷ୍ମୀଧର ବଡ଼ଜେନା, ସମାଜସେବୀ ଇତିଶ୍ରୀ ସାହୁ, ସାମ୍ବାଦିକ ରାମ ନାରାୟଣ ଦାଶ ପ୍ରମୁଖ ମହାବୀରଙ୍କ ସଂଗ୍ରାମ ଓ ଦେଶପ୍ରେମ ସମ୍ପର୍କରେ ଆଲୋକପାତ କରିଥିଲେ । ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସମ୍ବର୍ଦ୍ଧିତ ଶିକ୍ଷାବିତ ବିଭୁପ୍ରସାଦ ହରିଚନ୍ଦନ, ପାଇକବୀରଙ୍କ ସମ୍ପର୍କରେ ବହୁ କବିତା ଉପସ୍ଥାପନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

### କଟକ ଗ୍ରାମାଞ୍ଚଳ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

# ବ୍ୟବହାର ହେବନି ଲେଜର୍ ଲାଇଟ୍, ବାଜିବନି ଡିଜେ

**କଟକ,୨୬।୯/ଏନ୍‌ଏନ୍‌ଏସ୍:** ଚଳିତବର୍ଷ କଟକ ଜିଲ୍ଲାରେ ଶାରଦୀୟ ଦୁର୍ଗାପୂଜା ଓ ଭସାଣି ଉତ୍ସବକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିବା ନିମନ୍ତେ ଗୁରୁବାର କଟକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ କଟକ ଗ୍ରାମାଞ୍ଚଳ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଚଳିତବର୍ଷ ଦୁର୍ଗାପୂଜା ସମୟରେ ଲେଜର୍ ଲାଇଟ୍ ବ୍ୟବହାର ଓ ଡିଜେକୁ ସମ୍ପୂର୍ଣ୍ଣ ନିଷେଧ କରାଯିବା ସହ ମାଦକ ଦ୍ରବ୍ୟ ବ୍ୟବହାର ଉପରେ ମଧ୍ୟ ଅଙ୍କୁଶ ଲଗାଯିବା ନେଇ ଗୁରୁତ୍ୱ ଦିଆଯାଇଥିଲା । ବିଶେଷଭାବେ ପୂଜା ଓ ଭସାଣି ସମୟରେ ଚୋରାମଦ କାରବାର ରୋକିବା ନିମନ୍ତେ ସ୍ୱତନ୍ତ୍ର ପଦକ୍ଷେପ ନେବାକୁ ଅବକାରୀ



ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ପୂଜା କମିଟି କର୍ମକର୍ତ୍ତା ପୂଜା ପେଣ୍ଡାଲରେ ଅଗ୍ନି ନିର୍ବାପକ ଯନ୍ତ୍ର ଲଗାଇବା ସୁନିଶ୍ଚିତ କରିବାକୁ ପରାମର୍ଶ ଦିଆଯାଇଛି । ବିଦ୍ୟୁତଜନିତ ଦୁର୍ଘଟଣା ନହେବା ପାଇଁ ସଂସ୍ଥାର ବିଦ୍ୟୁତ ବଣ୍ଟନ କମ୍ପାନୀର କ୍ଷେତ୍ରୀୟ ଅଧିକାରୀମାନଙ୍କ ମାଧ୍ୟମରେ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ମେଢ଼ର ଉଚ୍ଚତାକୁ ସିମୀତ ରଖିବା, ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସମୟରେ ରାସ୍ତା ଅବରୋଧ ନକରିବା ଆଦି ବିଷୟ ଉପରେ ମଧ୍ୟ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା । ପୂଜା ପେଣ୍ଡାଲ୍ ଓ ଭସାଣି ଶୋଭାଯାତ୍ରା ନିମନ୍ତେ ଅନୁମତିପତ୍ର ପ୍ରଦାନ ପାଇଁ ଆସନ୍ତାବର୍ଷଠାରୁ ଏକକ ବାତାୟନ କକ୍ଷ ଉପଲବ୍ଧ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି । ଏହି ବୈଠକରେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ଡ. ଦିବ୍ୟଲୋଚନ ମହନ୍ତ, ଜିଲ୍ଲାପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ, ଆଠଗଡ଼ ଉପଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ କୃଷ୍ଣଚନ୍ଦ୍ର ପଟ୍ଟନାୟକ ଓ ଦେବଦତ୍ତ ବରାଳଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ବିଭିନ୍ନ ଥାନାର ଆଇଆଇସି, ତହସିଲଦାର ଓ ପୂଜା କମିଟିର କର୍ମକର୍ତ୍ତା ଉପସ୍ଥିତ ଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ସ୍ୱାଗତ ଭାଷଣ ଦେଇଥିବାବେଳେ ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ ଧନ୍ୟବାଦ ଅର୍ପଣ କରିଥିଲେ ।

## ଶୈଳବାଳା ମହିଳା ମହାବିଦ୍ୟାଳୟରେ ଏନ୍‌ଏସ୍‌ଏସ୍ ଦିବସ

**କଟକ,୨୬।୯/ଏନ୍‌ଏନ୍‌ଏସ୍:** ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ଦିବସ ମଧୁସୂଦନ କକ୍ଷରେ ପାଳିତ ହୋଇଯାଇଛି । ଅଧକ୍ଷା ପ୍ରଫେସର ଡ. ଗାୟତ୍ରୀ ବିଶ୍ୱାଳଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ବିଶିଷ୍ଟ ଶିକ୍ଷାବିତ୍ ପ୍ରାଧାପକ ଡକ୍ଟର କଲିମୁଲ୍ଲା ପ୍ରମୁଖ ଯୋଗଦେଇଥିବା ବେଳେ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଡକ୍ଟର ଯୋଗମାୟା ପଣ୍ଡା ଅତିଥିପରିଚୟ ପ୍ରଦାନ କରିଥିଲେ । କଲେଜ ଛାତ୍ରୀଙ୍କ ମଧ୍ୟରେ ସାଂସ୍କୃତିକ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଜାତୀୟ ସେବା ଯୋଜନାର ଆଲୁମିନି ଜୟଶ୍ରୀ ସାହୁ ଓ ପ୍ରାଧାପକ ଅନିରୁଦ୍ଧ ଖିଲାର ଯୋଗଦେଇ ତାଙ୍କର ବାର୍ତ୍ତା ପ୍ରଦାନ କରିଥିଲେ । ଡକ୍ଟର ସସ୍ମିତା ଗାହଣ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ଜାତୀୟ ସେବା ଯୋଜନାର ଶତାଧିକ ସ୍ୱେଚ୍ଛାସେବୀ ଯୋଗଦେଇଥିଲେ ।

## ପ୍ରବଳ ବର୍ଷା ଯୋଗୁ ସ୍କୁଲ୍ ଛୁଟି ଘୋଷଣା

**ପୁରୀ,୨୬।୯/ଏନ୍‌ଏନ୍‌ଏସ୍:** ପୁରୀରେ ପ୍ରବଳ ବର୍ଷା ଯୋଗୁ ଗୁରୁବାର ଜିଲ୍ଲାର ସମସ୍ତ ସ୍କୁଲକୁ ଛୁଟି ଘୋଷଣା କରାଯାଇଛି । ଆଜି ପୁରୀରେ ଭୋରରୁ ପ୍ରବଳ ବର୍ଷା ସହ ଘଡ଼ଘଡ଼ି ଦେଖିବାକୁ ମିଳିଥିଲା । ଏଥିସହ ଜିଲ୍ଲାରେ ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା କାରଣରୁ ବିଭିନ୍ନ ସରକାରୀ ଓ ବେସରକାରୀ ସ୍କୁଲକୁ ଛୁଟି ଘୋଷଣା କରିଛି ଜିଲ୍ଲା ପ୍ରଶାସନ । ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ନିର୍ଦ୍ଦେଶ କ୍ରମେ ପୁରୀ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ସ୍ଥିତି ଅନୁଧ୍ୟାନ କରାଯାଇ ସ୍କୁଲଗୁଡ଼ିକ ଛୁଟି ଘୋଷଣା କରାଯାଇଥିବା ଜିଲ୍ଲା ଶିକ୍ଷା ଅଧିକାରୀ ଦୀପକ କୁମାର ପାଢ଼ୀ ପ୍ରକାଶ କରିଥିଲେ ।

## ରାଜ୍ୟସ୍ତରୀୟ ଖୋ ଖୋ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ



**ପୁରୀ,୨୬।୯/ଏନ୍‌ଏନ୍‌ଏସ୍ :** ଜିଲ୍ଲା ସ୍କୁଲ୍‌ଠାରେ ଆରମ୍ଭ ହୋଇଥିବା ୧୪ ଓ ୧୭ ବର୍ଷରୁ କମ୍ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ଖୋ ଖୋ କ୍ରୀଡ଼ା ପ୍ରତିଯୋଗିତା ଆଜି ଉଦ୍‌ଯାପିତ ହୋଇଯାଇଛି । ରାଜ୍ୟର ୩୦ ଜିଲ୍ଲା ଓ ଭୁବନେଶ୍ୱର କ୍ରୀଡ଼ା ହଷ୍ଟେଲ୍‌ର ସମୁଦାୟ ୧୪୫୭ କ୍ରୀଡ଼ାବିତ୍ ଏହି ସମାରୋହରେ ଯୋଗଦାନ କରିଥିଲେ । ପ୍ରତିଯୋଗିତା ଦୀର୍ଘ ପାଞ୍ଚ ଦିନ ଧରି ଚାଲିଥିଲା । ଏହାର ଉଦ୍‌ଯାପନୀ ଦିବସରେ ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ ଶରତ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦୀୟମାନ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ବିଜୟୀ ଜିଲ୍ଲାଗୁଡ଼ିକୁ ପୁରସ୍କାର ପ୍ରଦାନ କରିଥିଲେ । ୧୪ ବର୍ଷରୁ କମ୍ ପ୍ରତିଯୋଗିତାରେ ବାଳକ ବିଭାଗରୁ ପୁରୀ ଜିଲ୍ଲା ଚାମ୍ପିଅନ ଓ କଟକ ଜିଲ୍ଲା ରନର୍ସଅପ୍ ତଥା ବାଳିକା ବିଭାଗରୁ ଭୁବନେଶ୍ୱର ଓ ଗଞ୍ଜାମ ଜିଲ୍ଲା ଯଥାକ୍ରମେ ଚାମ୍ପିଅନ୍ ଓ ରନର୍ସଅପ୍ ହୋଇଥିଲେ । ସେହିପରି ୧୭ବର୍ଷରୁ କମ୍ ପ୍ରତିଯୋଗିତାରେ ବାଳକ ବିଭାଗରେ ପୁରୀ ଚାମ୍ପିଅନ ଓ କଟକ ଜିଲ୍ଲା ରନର୍ସଅପ୍ ତଥା ବାଳିକା ବିଭାଗରେ ଭୁବନେଶ୍ୱର ଚାମ୍ପିଅନ ଓ ବାଲେଶ୍ୱର ଜିଲା ରନର୍ସଅପ୍ ହୋଇଥିଲେ । ଏହି ଉଭୟ ୧୪ବର୍ଷରୁ କମ୍ ଚାମ୍ପିଅନ୍ ଟିମ୍ ଆସନ୍ତା ନଭେମ୍ବରରେ ମହାରାଷ୍ଟ୍ର ଓ ୧୭ ବର୍ଷରୁ କମ୍ ବାଳକ ବାଳିକା ଟିମ୍ ୫ରୁ ୮ ଡିସେମ୍ବର ପର୍ଯ୍ୟନ୍ତ ନ୍ୟାସନାଲ୍ ଖେଳିବାକୁ ଅଯୋଧ୍ୟା ଯିବେ । ଅନ୍ୟତମ ସମ୍ମାନିତ ଅତିଥି ରୂପେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ମମତା ମିଶ୍ର ଓ ହିମାଂଶୁ ଭୂଷଣ ସମରଥ, ପୁରୀ ଜିଲ୍ଲା ସ୍କୁଲ୍ ପୁରାତନ ଛାତ୍ର ସଂସଦର ସଭାପତି ରାଜକିଶୋର ପାତ୍ର, ସହକାରୀ ନିର୍ଦ୍ଦେଶକ ଶାରୀରିକ ଶିକ୍ଷା, ମାଧ୍ୟମିକ ନିର୍ଦ୍ଦେଶାଳୟ ଜ୍ୟୋତି ପ୍ରସାଦ ପରିଡ଼ା ଉପସ୍ଥିତ ରହି ଖେଳାଳିମାନଙ୍କୁ ପ୍ରେରଣା ପ୍ରଦାନ କରିଥିଲେ । ଜିଲ୍ଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ ଏଥିରେ ସଭାପତିତ୍ୱ କରିଥିଲେ । ଜିଲ୍ଲା ସ୍କୁଲ୍ ପ୍ରଧାନଶିକ୍ଷକ ଜ୍ୟୋତିର୍ମୟୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ପୁରୀରେ ନୌସେନା ଭାଇସ୍ ଆଡମିରାଲ୍



**ପୁରୀ,୨୬।୯/ଏନ୍‌ଏନ୍‌ଏସ୍:** ଆସନ୍ତା ଡିସେମ୍ବର ୪ତାରିଖରେ ପୁରୀରେ ଅନୁଷ୍ଠିତ ହେବ ନୌସେନା ଦିବସ । ଏହା ପୂର୍ବରୁ ପୁରୀ ଗସ୍ତ କରିଛନ୍ତି ଭାଇସ୍ ଆଡମିରାଲ୍ ସମିର ସକ୍ସେନା । ଗୁରୁବାର ଶ୍ରୀ ସକ୍ସେନା ପୁରୀରେ ପହଞ୍ଚି ସ୍ୱର୍ଣ୍ଣାଭ ବେଳାଭୂମି ବୁଲି ଦେଖିଥିଲେ । ପୁରୀ ବେଳାଭୂମିକୁ ବୁଲି ଦେଖିବା ସହିତ ପୂର୍ବ ପ୍ରସ୍ତୁତି ମଧ୍ୟ କରାଯାଉଥିବା ଦେଖିବାକୁ ମିଳିଥିଲା । ଭାଇସ୍ ଆଡମିରାଲ୍ ସମିର ସକ୍ସେନାଙ୍କ ସହିତ ଏକ ୧୫ଜଣିଆ ନାଭାଲ୍ ଟିମ୍ ମଧ୍ୟ ବେଳାଭୂମିର ସ୍ଥିତି ଅନୁଧ୍ୟାନ କରିଛନ୍ତି । ଏହା ପୂର୍ବରୁ ପୁରୀ ସମୁଦ୍ର ଉପକୂଳରେ ଭାରତୀୟ ନୌସେନା ଦ୍ୱାରା ଅନୁଧ୍ୟାନ କରାଯାଇଥିଲା । ପୁରୀ ଗୋଲଡେନ ବିଚ୍‌ରେ ହେବାକୁ ଥିବା ନାଭାଲ୍ ଡେ' ପାଳନ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଯୋଗଦାନ ରହୁଥିବା ଯୋଗୁ ସୁରକ୍ଷା ବ୍ୟବସ୍ଥା ପ୍ରତି ଧ୍ୟାନ ଦିଆଯାଉଛି ।


## ମହାତ୍ମାଗାନ୍ଧୀ ଓ ଶାସ୍ତ୍ରୀଜୀଙ୍କ ଜୟନ୍ତୀ ପ୍ରସ୍ତୁତି ବୈଠକ

**ଖୋର୍ଦ୍ଧା,୨୬।୯/ଏନ୍‌ଏନ୍‌ଏସ୍:** ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ବୁଧବାର ଗାନ୍ଧୀ ଏବଂ ଶାସ୍ତ୍ରୀଜୀଙ୍କ ଜୟନ୍ତୀ ପାଳନ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ବୁଦ୍ଧିଜୀବୀ ଏବଂ ଜିଲ୍ଲାର ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ନିଷ୍ପତ୍ତି ଅନୁସାରେ ଅକ୍ଟୋବର ୨ତାରିଖ ପ୍ରାତଃ ୪.୩୦ ମିନିଟ୍ ସମୟରେ ଜିଲ୍ଲା ସୂଚନା ଲୋକସମ୍ପର୍କ କାର୍ଯ୍ୟାଳୟ ତରଫରୁ ଡାକବାଜି ଯନ୍ତ୍ର ଦ୍ୱାରା ରାମଧୁନ ପ୍ରଚାର କରାଯିବ । ସକାଳ ୭ ଘଟିକାଠାରୁ ସକାଳ ୮ ଘଟିକା ମଧ୍ୟରେ ମହାତ୍ମାଗାନ୍ଧୀଙ୍କ ବାଣୀ ସମ୍ପର୍କିତ ଏକ ସଚେତନତା ରାଲି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି



ଗନ୍ତ୍ୟବସ୍ଥଳୀରେ ପହଞ୍ଚି ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସମେତ ଜିଲ୍ଲା ଓ ବ୍ଲକ୍‌ସ୍ତରରେ ଅନ୍ୟାନ୍ୟ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବାକୁ କାର୍ଯ୍ୟନିର୍ବାହୀ ଅଧିକାରୀ, ଗୋଷ୍ଠୀ ନିର୍ବାହୀ ଅଧିକାରୀଙ୍କୁ ପରାମର୍ଶ ଦିଆଗଲା । ବିଜେବି ହାଇସ୍କୁଲଠାରେ ସର୍ବଧର୍ମ ପ୍ରାର୍ଥନା ସଭା ସକାଳ ୮ଘଟିକାରେ ଏବଂ ପ୍ରଥମରୁ ପଞ୍ଚମଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କର ଫ୍ୟାନ୍ସି ଡ୍ରେସ୍ ପ୍ରତିଯୋଗିତା କରିବାକୁ ନିଷ୍ପତ୍ତି ନିଆଗଲା । ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ କାର୍ଯ୍ୟ ନିର୍ବାହୀ ଅଧିକାରୀ ରିଜୱାନା କବାବ, ଅଧାପକ ପି ଏନ୍ କଲେଜ ସୁଶାନ୍ତ କୁମାର ମିଶ୍ର, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦିଲୀପ କୁମାର ହିଆଲ, ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ମୀରା ବାଇ ବେହେରା, ଏବିଇ ଓ ସନ୍ଧ୍ୟାବତୀ ଲେଙ୍କା ପ୍ରମୁଖ ଯୋଗଦେଇଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଯୋସ୍ନାମୟୀ ଆଚାର୍ଯ୍ୟ ବୈଠକରେ ସ୍ୱାଗତ ଭାଷଣ ସହିତ ଧନ୍ୟବାଦ ଅର୍ପଣ କରିଥିଲେ ।

## ଚୋରା ମଦ କାରବାର ପ୍ରତିବାଦରେ ବିକ୍ଷୋଭ



**କଟକ,୨୬।୯/ଏନ୍‌ଏନ୍‌ଏସ୍:** ଭାରତୀୟ କମ୍ୟୁନିଷ୍ଟ ପାର୍ଟି ମହାନଗର ଆଞ୍ଚଳିକ କମିଟି ପକ୍ଷରୁ ସାଲେପୁର ତହସିଲ ଅନ୍ତର୍ଗତ ଗୋପୀନାଥପୁର ଗ୍ରାମବାସୀମାନେ ବିଭିନ୍ନ ସମସ୍ୟାର ସମାଧାନ ଦାବିକରି ଗୁରୁବାର ଜିଲ୍ଲାପାଳ କାର୍ଯ୍ୟାଳୟଠାରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଏଥିସହିତ ଏଠାରେ ଦୈନନ୍ଦିନ ଘଟୁଥିବା ସମସ୍ୟାର ସମାଧାନ ନିମନ୍ତେ ଜିଲ୍ଲା ପ୍ରଶାସନକୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଉକ୍ତ ସ୍ମାରକପତ୍ରରେ ଦର୍ଶାଯାଇଛି ଯେ ଗୋପୀନାଥପୁର ପଞ୍ଚାୟତରେ ଚୋରା ମଦ କାରବାର ଦିନକୁଦିନ ବୃଦ୍ଧିପାଉଛି । ସମାଜ ବିରୋଧିଙ୍କର ଉତ୍ପାତ ବଢ଼ି ବଢ଼ିଚାଲିଛି । ମହିଳାମାନେ ନିଜକୁ ସୁରକ୍ଷିତ ମନେ କରୁନାହାନ୍ତି । ତେଣୁ ଏଠାରେ ଚୋରା ମଦ କାରବାରକୁ ବନ୍ଦ କରାଯାଉ ବୋଲି ଗ୍ରାମବାସୀମାନ ଦାବି କରିଛନ୍ତି । ଏହି ବିକ୍ଷୋଭରେ ସିପିଆଇ ନେତା ଅମରେନ୍ଦ୍ର ମହାନ୍ତି, ଉଦୟ କେଶରୀ ବର୍ମା, ଲକ୍ଷ୍ମୀପ୍ରିୟା ଦାସ, ରୀନା ବିବି, ବିଦ୍ୟା ପ୍ରସନ୍ନ ମହାପାତ୍ର ପ୍ରମୁଖ ସାମିଲ ହୋଇଥିଲେ ।

## ରାଜ୍ୟସ୍ତରୀୟ ସ୍ୱଚ୍ଛତା ସମାରୋହରେ ପୁରୀ ଜିଲ୍ଲା ସମ୍ବର୍ଦ୍ଧିତ

**ପୁରୀ,୨୬।୯/ଏନ୍‌ଏନ୍‌ଏସ୍ :** ସ୍ୱଚ୍ଛତାକୁ ସାର୍ବଜନୀନ କରିବା ସହ ଗୋଷ୍ଠୀ ସହଭାଗୀତାରେ ଉଲ୍ଲେଖନୀୟ ଅବଦାନ ପାଇଁ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି ଆର ପାଟିଲ ଆଜି ପୁରୀ ଜିଲ୍ଲାକୁ ସମ୍ବର୍ଦ୍ଧିତ କରିଛନ୍ତି । ସତ୍ୟବାଦୀଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସ୍ୱଚ୍ଛତା ହିଁ ସେବା ମହୋତ୍ସବରେ ମନ୍ତ୍ରୀ ଶ୍ରୀ ପାଟିଲ ସ୍ୱଚ୍ଛତାରେ ଜିଲ୍ଲାର ଅବଦାନକୁ ସ୍ୱୀକୃତି ଦେଇ ଗୋଷ୍ଠୀ ସହଭାଗିତାର ସଫଳତା ପାଇଁ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଓ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟିଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସେହିପରି ସତ୍ୟବାଦୀ ବ୍ଲକ ବିଦ୍ୟାଧରପୁର ପଞ୍ଚାୟତକୁ ମଧ୍ୟ ସ୍ୱଚ୍ଛତା ପାଇଁ ପ୍ରଶଂସାସୂଚକ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ସମ୍ବର୍ଦ୍ଧନା ସମୟରେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବି ନାରାୟଣ ନାଏକ, ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର, କେନ୍ଦ୍ର ଜଳ ଶକ୍ତି ମନ୍ତ୍ରଣାଳୟର ସ୍ୱତନ୍ତ୍ର ଅଧିକାରୀ ଅଶୋକ କୁମାର ମିନା, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପ୍ରମୁଖ ସଚିବ ସୁଶୀଲ ଲୋହାନି ପ୍ରମୁଖ ଉପସ୍ଥିତ ଥିଲେ ।

ନିତିଦିନ NITIDIN

DISPLAY CLASSIFIED
Every Day All Odisha Publications

For Booking
BHUBANESWAR : 9668817285
CUTTACK : 9937069825
advt@nitidin.com | advtnitidin@gmail.com

Odisha's Most Reliable Nursing Institution Since Last 22 Years
FIRST TIME IN ODISHA FREE INTEGRATED COACHING FOR AIIMS/ OSSSC/JIPMER/ESIC/NURSING OFFICER EXAM
ANM ELG.- +2, DURATION- 2 YRS. | B.Sc Nursing ELG.- +2 (PCB), DURATION- 4 YRS.
GNM ELG.- +2, DURATION- 3 YRS. | P.B.B.Sc Nursing ELG.- GNM PASS, DURATION- 2 YRS.
DMLT / DMRT ELG.- +2 SC., DURATION- 2 YRS. | M.Sc Nursing DURATION- 2 YRS.
Recognised by D.M.E.T., Govt. of Odisha
100% PLACEMENT ASSISTANCE Smart Class Room Practical at SCB Medical College www.dgeiodisha.com
DHANESWAR GROUP OF EDUCATIONAL INSTITUTIONS
BHUBANESWAR COLLEGE OF NURSING & DHANESWAR SCHOOL AND COLLEGE OF NURSING
RECOGNISED BY GOVT. OF ODISHA, INDIAN NURSING COUNCIL, OUHS
UTTAMAPUR, BALIKUDA, CUTTACK Contact 9348896738 9938100766

TO-LET
House for rent three Bhk at Panda Colony 4th line Berhampur basement and lift facility available
Contact number 9040515170

NARAYANI SCHOOL OF NURSING
GANDHI CHHAK, JAGATSINGHPUR
Few seats Available
GNM
ELIGIBILTY 40% (35% FOR SC/ST) IN +2 ANY STREAM
SCHOLARSHIP AVAILABLE FOR SC/ST STUDENTS.
CONTACT:- 7008545532 9040707835 9778435741

ଅଗରବତି କମ୍ପାନୀ
କମ୍ ଖର୍ଚ୍ଚରେ ନିଜ ଘରେ ଧୂପକାଠି ମେସିନ୍ ବସାଇ ଦୈନିକ ୧୦୦୦ରୁ ୧୫୦୦ ଟଙ୍କା ରୋଜଗାର କରନ୍ତୁ
ପ୍ରତ୍ୟେକ ମେସିନ୍ ସହ Raw Material Free
7682938106 8018493464

ସୂଚନା
ସର୍ବସାଧାରଣ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଖବର କାଗଜରେ ପ୍ରକାଶିତ ବିଜ୍ଞାପନଗୁଡ଼ିକ ଦାବି ସମ୍ପୃକ୍ତ ବିଜ୍ଞାପନ ଦାତାଙ୍କର ନିଜସ୍ୱ ଅଟେ । ଏଥିପାଇଁ ଖବରକାଗଜ ପକ୍ଷରୁ କୌଣସି ଅନୁସନ୍ଧାନ କରାଯାଇନଥାଏ କିମ୍ବା ଏଥିପାଇଁ ଖବରକାଗଜ କିମ୍ବା କୌଣସି କର୍ମକର୍ତ୍ତା ଉତ୍ତରଦାୟୀ ନୁହନ୍ତି । ପାଠକମାନେ ବିଜ୍ଞାପନଦାତାଙ୍କୁ କୌଣସି ଅର୍ଥରାଶି ପଇଠ କରିବା ପୂର୍ବରୁ ସମ୍ପୃକ୍ତ ସଂସ୍ଥା ସମ୍ପର୍କରେ ସମ୍ପୂର୍ଣ୍ଣ ବିବରଣୀ ନିଜେ ସଂଗ୍ରହ କରିବା ଆବଶ୍ୟକ ।

## ଆଜିର ଇତିହାସ

- ୧୭୬୦-ମୀର୍ କାସିମ୍ ବଙ୍ଗର ନବାବ ହୋଇଥିଲେ।
- ୧୯୩୨-ଭାରତୀୟ ସିନେମାର ରୋମାନ୍ସ କିଙ୍ଗ୍ ଯଶ୍ ଚୋପ୍ରା ଜନ୍ମଗ୍ରହଣ କରିଥିଲେ।
- ୧୯୫୮- ମିହିର ସେନ୍ ବ୍ରିଟିଶ ଚ୍ୟାନେଲ୍‌କୁ ଅତିକ୍ରମ କରିଥିବା ପ୍ରଥମ ଭାରତୀୟ ହେବାର ମାନ୍ୟତା ପାଇଥିଲେ।
- ୨୦୦୮-ହିନ୍ଦୀ ଫିଲ୍ମର ପାର୍ଶ୍ୱଗାୟକ ମହେନ୍ଦ୍ର କପୁରଙ୍କ ନିଧନ।
- ୨୦୦୯-ଭାରତ-ପାକ୍ ବିଦେଶ ମନ୍ତ୍ରୀଙ୍କ ମଧ୍ୟରେ କଥାବାର୍ତ୍ତା ହୋଇଥିଲା।



## ଶ୍ରୀମଦ୍ ଭଗବଦ୍‌ଗୀତା

ତଦ୍‌ବୁଦ୍ଧୟସ୍ତଦାତ୍ମାନସ୍ତନ୍ନିଷ୍ଠାସ୍ତତ୍‌ପରାୟଣାଃ।
ଗଚ୍ଛନ୍ତ୍ୟପୁନରାବୃତ୍ତିଂ ଜ୍ଞାନନିର୍ଦ୍ଧୂତକଲ୍ମଷାଃ। (୫/୧୭)




ଯେଉଁମାନେ ସେହି ବ୍ରହ୍ମଙ୍କ ଉପରେ ଭାବନ୍ତି, ନିଶ୍ଚଳ ବୁଦ୍ଧିରେ ଅବସ୍ଥାନ କରନ୍ତି, ପ୍ରଯତ୍ନ ଭାବେ ତାଙ୍କୁ ଏକମାତ୍ର ଲକ୍ଷ୍ୟ ଭାବେ ସ୍ଥାପନ କରନ୍ତି ଏବଂ ବ୍ରହ୍ମନିଷ୍ଠ ଓ ବ୍ରହ୍ମପରାୟଣ, ସେମାନେ ଆଉ ସଂସାରକୁ ପ୍ରତ୍ୟାବର୍ତ୍ତନ କରନ୍ତି ନାହିଁ। କାରଣ ସେମାନଙ୍କର ସମସ୍ତ କଲୁଷ ଜ୍ଞାନ ଦ୍ୱାରା ଦୂର ହେଇଥାଏ। ସୂର୍ଯ୍ୟ ଯୁଆଡେ ଗଲେ ବି ଅନ୍ଧକାରକୁ କେଉଁଠି ଦେଖି ପାରିବେନି। ସେ ସର୍ବଦା ଦୀପ୍ତିମନ୍ତ ଓ ଉଜ୍ଜ୍ୱଳ। ବ୍ରହ୍ମ ଜ୍ଞାତାଙ୍କର ଅନ୍ୟ କିଛି ନାହିଁ, କେବଳ ବ୍ରହ୍ମ ହେଉଛନ୍ତି ସବୁକିଛି। ବାହ୍ୟ ଓ ଭିତର ଭଳି ପାର୍ଥକ୍ୟ ତାଙ୍କର ନ ଥାଏ। ଏକ ଅଖଣ୍ଡ ଓ ଅପରିବର୍ତ୍ତନୀୟ ଚେତନାରେ ସମସୀନ ଥିବା ହେତୁ ସେ ମୋକ୍ଷ ପ୍ରାପ୍ତି କରନ୍ତି। ଶ୍ରୀ ରାମକୃଷ୍ଣ ବ୍ରହ୍ମଙ୍କ ବିଷୟରେ କହନ୍ତି- ବ୍ରହ୍ମ ବିବେକ-ଜ୍ଞାନରେ ଅସ୍ପଷ୍ଟ ଦେଖାଯାନ୍ତି। କେତେବେଳେ ବି ଧ୍ୟାନରେ ପରିଷ୍କାର ଦେଖାଯାନ୍ତି କିନ୍ତୁ ସମାଧିରେ ନିଜର ମୂଳ ଜ୍ୟୋତିର୍ମୟ ସ୍ୱରୂପରେ ଉଦ୍ଭାସିତ ହୁଅନ୍ତି।

# ଭୟଭୀତ କରଉଛି ଅଜଣା ଚିଠି

ଏକ ଗ୍ରାମରେ ଦୁଇ ବର୍ଷ ହେଲାଣି ରହସ୍ୟମୟ ଭାବରେ ଘଟଣା ଘଟୁଛି। ସେଠାରେ ଧମକପୂର୍ଣ୍ଣ ଅଜଣା ଚିଠି ମିଳୁଛି ଲୋକଙ୍କୁ। ୟୁକେର ୟର୍କସାୟାର୍ ଠାରେ ଥିବା ସିପ୍ଟନଥୋର୍‌ପେ ଗ୍ରାମରେ ବସବାସ କରୁଥିବା ଲୋକମାନଙ୍କର ଏପରି ପରିସ୍ଥିତି ହୋଇଗଲା ଯେ କିଛି ଲୋକ ଗ୍ରାମ ଛାଡ଼ି ଅନ୍ୟତ୍ର ଚାଲିଯାଇଛନ୍ତି। ଏହି ଗ୍ରାମର ଲୋକମାନଙ୍କୁ ଅଜଣା ଲୋକ ଠାରୁ ଭୟଭୀତ କରଉଥିବା ଚିଠି ମିଳୁଛି ଯେଉଁ କାରଣରୁ ଅପରାଧହୀନ ଏହି ଗ୍ରାମର ଲୋକମାନେ ଏବେ ସମସ୍ୟାରେ ପଡ଼ିଯାଇଛନ୍ତି। କୌଣସି ଅଜ୍ଞାତ ବ୍ୟକ୍ତି ଘୃଣିତ ନୋଟ୍ ସବୁ ଲେଖି ଲେଟର୍ ବକ୍ସରେ ପକଉଛି ଯାହାର ସମାଧାନ ଏ ପର୍ଯ୍ୟନ୍ତ ପୁଲିସ୍ କରିପାରି ନାହିଁ। ଏହି ବିଚିତ୍ର ରହସ୍ୟର ଯାଞ୍ଚ ଆରମ୍ଭ କରିଛି ପୁଲିସ୍। ଗୋଟିଏ ପତ୍ରରେ ଲେଖାଯାଇଛି ଯେ ଏହି ଚିଠି ପାଇଥିବା ଲୋକକୁ କ୍ୟାନ୍ସର ହୋଇଯିବାର ଭୟ ରହିଛି ତ ଅନ୍ୟ ଏକ ପତ୍ରରେ ବସ୍ ତଳକୁ ତୁମକୁ ଠେଲିଦିଆଯିବା ପରି ଧମକପୂର୍ଣ୍ଣ ଲେଖା ରହିଛି। ଜଣେ ନିବାସୀ ୨୦୨୨ର ଡିସେମ୍ବର ମାସରେ ପ୍ରଥମ ଥର ପାଇଁ ଏହିପରି ପତ୍ର ପାଇ ପୁଲିସ୍‌କୁ ସୂଚନା ଦେଇଥିଲେ। ପୁଲିସ୍ ତାଙ୍କୁ ସୁରକ୍ଷିତ ରହିବା ପାଇଁ ପରାମର୍ଶ ଦେଇଥିଲେ ମଧ ସେ ଏହିପରି ତିନୋଟି ଚିଠି ପାଇସାରିଲେଣି। ତେବେ ଏକ ଖବର ଅନୁସାରେ ୧୦ ଜଣ ଲୋକଙ୍କୁ ଅତି କମ୍‌ରେ ଏହିପରି ବିଭିନ୍ନ ଆରୋପ, ଅଭିଯୋଗ ଓ ଚେତାବନୀ ସହିତ ୨୫ଟି ଚିଠି ପଠାଯାଇଛି। ଏହି ଚିଠିଗୁଡ଼ିକ ଗ୍ରାମ ଉପରେ ଗଭୀର ପ୍ରଭାବ ପକାଇଛି।





# ବିଶ୍ୱ ପର୍ଯ୍ୟଟନ ଦିବସ

ପର୍ଯ୍ୟଟନ କୌଣସି ଦେଶର ସମୃଦ୍ଧିର ପ୍ରତୀକ ହୋଇପାରେ। ଏହା ସାଂସ୍କୃତିକ ଆଧାରରେ ଲୋକମାନଙ୍କୁ ପ୍ରଭାବିତ କରିଥାଏ ଓ ଦେଶର ଆର୍ଥିକ ସ୍ଥିତିକୁ ଆହୁରି ତ୍ୱରାନ୍ୱିତ କରିବାରେ ଯୋଗଦାନ ଦେଇଥାଏ। ପର୍ଯ୍ୟଟନର ମହତ୍ତ୍ୱ ପ୍ରତି ଲୋକମାନଙ୍କୁ ଜାଗ୍ରତ କରେଇବା ପାଇଁ ପ୍ରତିବର୍ଷ ବିଶ୍ୱ ସ୍ତରରେ ଆଜିର ଦିନରେ ପାଳନ କରାଯାଏ ବିଶ୍ୱ ପର୍ଯ୍ୟଟନ ଦିବସ। ପର୍ଯ୍ୟଟନ କେବଳ ଯାତ୍ରା ଓ ମନୋରଞ୍ଜନର ସାଧନ ନୁହେଁ ଏହା ମାଧ୍ୟମରେ ଆମର ପର୍ଯ୍ୟାବରଣର ରକ୍ଷା ଓ ସଂରକ୍ଷଣ ସହିତ ସ୍ଥାନୀୟ ସମୁଦାୟଗୁଡ଼ିକର ବିକାଶ ମଧ୍ୟ ହୋଇଥାଏ। ୨୭ ସେପ୍ଟେମ୍ବର, ୧୯୭୦ରେ ମେକ୍ସିକୋ ସିଟିରେ ଇଣ୍ଟରନ୍ୟାସନାଲ୍ ୟୁନିଅନ୍ ଅଫ୍ ଅଫିସିଆଲ୍ ଟ୍ରାଭେଲ୍ ଅର୍ଗାନାଇଜେସନ୍ ଦ୍ୱାରା ଆୟୋଜିତ ଏକ ବୈଠକରୁ ଆରମ୍ଭ ହୋଇଥିଲା ବିଶ୍ୱ ପର୍ଯ୍ୟଟନ ଦିବସର କାହାଣୀ। ଏହାର ଠିକ୍ ଦଶ ବର୍ଷ ପରେ ୧୯୮୦ର ଆଜିର ଦିନକୁ ଆଧିକାରିକ ଭାବରେ ପର୍ଯ୍ୟଟନ ଦିବସ ଭାବରେ ପାଳନ କରାଯିବା ପାଇଁ ଚୟନ କରାଯାଇଥିଲା। ପ୍ରତି ବର୍ଷ ଏକ ନୂଆ ଥିମ୍ ପର୍ଯ୍ୟଟନର ମହତ୍ତ୍ୱପୂର୍ଣ୍ଣ ଦିଗଗୁଡ଼ିକ ଉପରେ ଆଲୋକପାତ କରେ। ଏ ବର୍ଷର ଥିମ୍ ରଖାଯାଇଛି 'ପର୍ଯ୍ୟଟନ ଓ ଶାନ୍ତି'। ପର୍ଯ୍ୟଟନର ଅର୍ଥ ଦେଶରେ ପ୍ରଚଳିତ ଏପରି ଏକ ଗତିବିଧି ଯେଉଁଠାରେ ବ୍ୟକ୍ତି କୌଣସି ଐତିହାସିକ ବା ପ୍ରସିଦ୍ଧ ସ୍ଥାନର ସଂସ୍କୃତି ଓ ସୌନ୍ଦର୍ଯ୍ୟ ଦେଖିବା ପାଇଁ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାଇଥାଏ। ଅନେକଗୁଡ଼ିଏ ଦେଶ ପାଇଁ ପର୍ଯ୍ୟଟନ ଅର୍ଥବ୍ୟବସ୍ଥାର ଏକ ପ୍ରମୁଖ ସୋର୍ସ। ଉଦାହରଣ ସ୍ୱରୂପ ଆମ ଦେଶ ଅନେକ ସଂସ୍କୃତି, ଧର୍ମ ଓ କଳାର ସମୂହ। ଏହି ଦେଶର ପ୍ରାଚୀନ ସଂସ୍କୃତି ଓ ପ୍ରାଚୀନ ସ୍ଥଳଗୁଡ଼ିକ ପୂରା ଦୁନିଆରେ ପର୍ଯ୍ୟଟକଙ୍କ ଆକର୍ଷଣର କାରଣ ଯେଉଁଗୁଡ଼ିକୁ ଦେଖିବା ପାଇଁ ଦୂରଦୂରାନ୍ତରୁ ଲୋକମାନେ ଆସିଥାନ୍ତି। ଅନ୍ତଃରାଷ୍ଟ୍ରୀୟ ସ୍ତରରେ ଶାନ୍ତି ଓ ଭାଇଚାରାର ସମ୍ବନ୍ଧକୁ ବଜାୟ ରଖିବା ପାଇଁ ପର୍ଯ୍ୟଟନ ଏକ ଭଲ ଉପାୟ ହୋଇପାରେ। ପର୍ଯ୍ୟଟନ ଦିବସ ଏକ ଉତ୍ସବର ଦିନ କିନ୍ତୁ ସାର୍ବଜନିକ ଅବକାଶ ନୁହେଁ।

# ଖପୁରି ଡିଜାଇନ୍‌ର ପିଜ୍ଜା

ଖାଇବାର ସୌଖୀନ ଲୋକମାନଙ୍କୁ ଆକର୍ଷିତ କରିବା ପାଇଁ ଷ୍ଟ୍ରିଟ୍ ଭେଣ୍ଡର୍‌ମାନେ ପ୍ରାୟତଃ ନୂଆ ନୂଆ ଖାଦ୍ୟ ପ୍ରଣାଳୀକୁ ତିଆରି କରିଥାନ୍ତି। ନିକଟରେ ଭାଇରାଲ୍ ହୋଇଛି ଜଣେ ଷ୍ଟ୍ରିଟ୍ ଭେଣ୍ଡର୍‌ଙ୍କ ଭିଡିଓ ଯେଉଁଥିରେ ସେ ତିଆରି କରୁଛନ୍ତି ଏକ ଅନୋଖା ପିଜ୍ଜା। ଏହାର ନାମ ରଖାଯାଇଛି ଖପୁରି ପିଜ୍ଜା। ନାମ ଏପରି ରଖାଯାଇଥିଲେ ମଧ ଏଥିରେ ଖପୁରିର କୌଣସି ଚିହ୍ନବର୍ଣ୍ଣ ନାହିଁ। ଆପଣ ବି ଭାବୁଥିବେ ଖପୁରି ପିଜ୍ଜା ନାମ ଦେବା ପଛରେ କାରଣ କ'ଣ ଥାଇପାରେ। ଖପୁରି ପିଜ୍ଜାକୁ ତିଆରି କରିବା ପାଇଁ ଭେଣ୍ଡର୍ ଜଣକ ଅଟାର ରୁଟି ଭିତରେ ପିଜ୍ଜାର ଷ୍ଟଫିଙ୍ଗ୍ ପୂରଉଛି। ଏହି ଷ୍ଟଫିଙ୍ଗ୍‌ରେ ରହିଛି କର୍ଣ୍ଣ, କ୍ୟାପ୍‌ସିକମ୍, ପନିର୍, ଲିକ୍ୱିଡ୍ ଚିଜ୍ ଆଦି। ଖପୁରିର ଆକାର ଦେଇ ସାରିବା ପରେ ଏହାକୁ କୋଇଲା ଆଞ୍ଚରେ ସେକି ଦିଆଯାଉଛି। ଏହାପରେ ତନ୍ଦୁରୀ ସସ୍ ଲଗାଇ ତେଜ ଆଞ୍ଚରେ କିଛି ସମୟ ସେକିବା ପରେ ଏହାକୁ ସଜେଇ ଚିପ୍ସ ଓ ସସ୍ ସହିତ ପରଷା ଯାଉଛି। ତେବେ ଏହି ଭିଡିଓଟିକୁ ଅନ୍‌ଲାଇନ୍‌ରେ ମିଶ୍ରିତ ପ୍ରତିକ୍ରିୟା ମିଳିଛି। ଅନେକ ଦର୍ଶକ ଏହାକୁ ଭୟଙ୍କର ବୋଲି କହିଛନ୍ତି। ଏସବୁ ପରେ ବି ସୋସିଆଲ୍ ମିଡିଆରେ ଦ୍ରୁତଗତିରେ ଭାଇରାଲ୍ ହେଉଛି ଖପୁରି ପିଜ୍ଜା। ତେବେ ଅପରମ୍ପରାଗତ ଖାଦ୍ୟପଦାର୍ଥ ଆଡ଼କୁ ଲୋକମାନଙ୍କୁ ଆକର୍ଷିତ କରିବା ପାଇଁ ଭେଣ୍ଡର୍ସ କିପରି ଏହି ପ୍ରକାରର ଖାଦ୍ୟ ପ୍ରସ୍ତୁତ କରୁଛନ୍ତି ତାହା ଉପରେ ଆଲୋକପାତ କରାଯାଇଛି। ଖାଇବାର ସୌଖୀନ ଲୋକମାନେ ସବୁବେଳେ ଖାଦ୍ୟପଦାର୍ଥକୁ ନେଇ ପରୀକ୍ଷା କରୁଥାନ୍ତି। ଏପରି ସ୍ଥଳେ ଖପୁରି ପିଜ୍ଜା, ଆଗ୍ରହୀ ଲୋକମାନଙ୍କୁ ଆକର୍ଷିତ କରିବାରେ ସଫଳ ହୋଇଛି।






# ଚାର୍ ଦିନ୍ କି ଜିନ୍ଦେଗୀ


ମିଷ୍ଟର୍ ପରଫେକ୍ସନିଷ୍ଟ ଅମୀର ଖାନ ଓ ନିର୍ଦ୍ଦେଶକ ରାଜକୁମାର ସନ୍ତୋଷୀ ୩୦ ବର୍ଷ ପରେ ପୁଣି ଥରେ ଏକା ସହିତ କାମ କରିବାକୁ ଯାଉଛନ୍ତି। ଶେଷ ଥର ପାଇଁ ଏମାନେ ଫିଲ୍ମ 'ଅନ୍ଦାଜ ଅପ୍‌ନା ଅପ୍‌ନା'ରେ ଏକା ସହିତ କାମ କରିଥିଲେ। 'ସିତାରେ ଜମିନ୍ ପର୍' ପରେ ଏମାନେ ଏବେ ନୂଆ ଫିଲ୍ମ 'ଚାର୍ ଦିନ କି ଜିନ୍ଦେଗୀ'ରେ ଏକା ସହିତ କାମ କରିବେ। କିଛି ମାସ ପୂର୍ବରୁ ଅମୀର ଖାନ ଦୁଇଟି ଫିଲ୍ମ ପାଇଁ ରାଜକୁମାରଙ୍କ ସହିତ ହାତ ମିଳାଇଥିଲେ ଯେଉଁଥିରୁ ଗୋଟିଏ 'ଲାହୋର ୧୯୪୭'। ଏହି ଫିଲ୍ମଟିକୁ ପ୍ରଡ୍ୟୁସ୍ କରୁଛନ୍ତି ଅମୀର ଖାନ। ଏଥିରେ ସନି ଦେଓଲ୍ ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି। ଫିଲ୍ମରେ ଅମୀରଙ୍କର ରହିଛି ଏକ କ୍ୟାମିଓ ଭୂମିକା। ଆସନ୍ତା ବର୍ଷ ଫିଲ୍ମଟି ବଡ଼ ପରଦାରେ ରିଲିଜ ହେବ। ତେବେ ବର୍ତ୍ତମାନ ସମୟରେ ଅମୀର ଖାନ ଅନ୍ୟ ଫିଲ୍ମଟି ଉପରେ କାମ କରୁଛନ୍ତି ଯେଉଁଥିରେ ସେ ମୁଖ୍ୟ ଭୂମିକାରେ ନଜର ଆସିବେ। ଅମୀର ଓ ରାଜକୁମାର ସନ୍ତୋଷୀ ବିଗତ କିଛି ଦିନ ହେଲା ଏହି ଫିଲ୍ମ ଉପରେ କାମ ଆରମ୍ଭ କରିଛନ୍ତି। ଅମୀରଙ୍କ ପରବର୍ତ୍ତୀ ଫିଲ୍ମ ଉପରେ ମଧ କଥାବାର୍ତ୍ତା ଚାଲିଛି ଯାହା ଜୋୟା ଅଖ୍‌ତାରଙ୍କ ସହିତ ହେବ ଓ ଦକ୍ଷିଣର ଶୀର୍ଷ ଫିଲ୍ମ ନିର୍ମାତାମାନଙ୍କ ସହିତ ଦୁଇଟି ଓ ଗୋଟିଏ ପ୍ୟାନ୍ ଇଣ୍ଡିଆ ପ୍ରୋଜେକ୍ଟ ସାମିଲ ଅଛି। କିନ୍ତୁ ରାଜକୁମାର ସନ୍ତୋଷୀଙ୍କ ପ୍ରୋଜେକ୍ଟଟି ଆଗରେ ରହିଛି। ଫିଲ୍ମ 'ଚାର୍ ଦିନ୍ କି ଜିନ୍ଦେଗୀ' ଟାଇମ୍ ଲୁପ୍ ଉପରେ ଆଧାରିତ ଏକ କାହାଣୀ।

# ରାଜା ରାମ ମୋହନ ରାୟ



ପଶ୍ଚିମ ବଙ୍ଗର ରାଧାନଗରରେ ୨୨ ମେ', ୧୭୭୨ରେ ଏକ ରୁଢ଼ିବାଦୀ ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରିଥିଲେ ଆଧୁନିକ ଭାରତର ପୁନର୍ଜାଗରଣର ଜନକ, ଜଣେ କ୍ଳାନ୍ତହୀନ ସମାଜ ସୁଧାରକ ରାଜା ରାମ ମୋହନ ରାୟ। ଦେଶରେ ପ୍ରବୋଧନ ଓ ଉଦାର ସୁଧାରବାଦୀ ଆଧୁନିକୀକରଣ ଯୁଗର ପ୍ରାରମ୍ଭ ସେ କରିଥିଲେ। ତାଙ୍କର ପ୍ରାରମ୍ଭିକ ଶିକ୍ଷା ପାର୍ସୀ ଓ ଆରବୀ ଭାଷାରେ ଆରମ୍ଭ ହୋଇଥିଲା। ସେଠାରେ ସେ କୋରାନ୍, ସୁଫି ରହସ୍ୟବାଦୀ କବିମାନଙ୍କର କାର୍ଯ୍ୟଗୁଡ଼ିକୁ ଆରବୀ ଭାଷାରେ ଅନୁବାଦ କରିବା ଉପରେ ଅଧ୍ୟୟନ କରିଥିଲେ। କାରଣ ଇସ୍ଲାମିକ୍ ଏକେଶ୍ୱରବାଦ ପ୍ରତି ସେ ଆକର୍ଷିତ ଥିଲେ। ଏକେଶ୍ୱରବାଦକୁ ସେ ହିନ୍ଦୁଧର୍ମର ବହୁଦେବବାଦ ଓ ଈସାଇ ଧର୍ମବାଦ ପ୍ରତି ଏକ ସୁଧାରାତ୍ମକ ପଦକ୍ଷେପ ଭାବରେ ଗ୍ରହଣ କରିଥିଲେ। ବନାରସ୍ ଠାରେ ସେ ସଂସ୍କୃତ ଉପରେ ଅଧ୍ୟୟନ କରି ବେଦ ତଥା ଉପନିଷଦ ଉପରେ ଜ୍ଞାନ ଆହରଣ କରିବା ପରେ ଗ୍ରାମକୁ ଫେରି ହିନ୍ଦୁମାନଙ୍କ ମୂର୍ତ୍ତି ପୂଜା ଉପରେ ଏକ ତର୍କସଙ୍ଗତ ଆଲୋଚନା ଲେଖିଥିଲେ। ଏହାପରେ ଇଷ୍ଟ୍ ଇଣ୍ଡିଆ କମ୍ପାନୀ ପାଇଁ ଜଣେ ଦେୱାନ ଭାବରେ କାମ ଆରମ୍ଭ କରି ୧୮୧୪ରେ ସେ ଚାକିରିରୁ ଇସ୍ତଫା ଦେଲେ। ଦିଲ୍ଲୀର ମୋଗଲ ସମ୍ରାଟ ଆକବର-୨ଙ୍କ ପେନ୍‌ସନ୍ ସମ୍ବନ୍ଧୀୟ ଅଭିଯୋଗ ନେଇ ଇଂଲଣ୍ଡ ଯିବା ପରେ ତାଙ୍କୁ 'ରାଜା' ଉପାଧି ଦିଆଯାଇଥିଲା। ଜାତି ବ୍ୟବସ୍ଥା, ଛୁଆଁଅଛୁଆଁ, ଅନ୍ଧବିଶ୍ୱାସ ଓ ନିଶାଦ୍ରବ୍ୟ ଔଷଧର ବ୍ୟବହାର ବିରୁଦ୍ଧରେ ଅଭିଯାନ ଚଳାଇଥିବା ରାଜା ରାମ ମୋହନ ପୁରୋହିତ, ଅନୁଷ୍ଠାନ ଓ ବଳି ଆଦିର ବିରୋଧୀ ଥିଲେ। ପ୍ରାର୍ଥନା, ଧ୍ୟାନ ଓ ଶାସ୍ତ୍ରଗୁଡ଼ିକ ପଠନ ଉପରେ ଅଧିକ ଧ୍ୟାନ କେନ୍ଦ୍ରିତ କରୁଥିବା ଓ ସବୁ ଧର୍ମରେ ଏକତାର ବିଶ୍ୱାସ ରଖୁଥିବା ରାଜା ରାମମୋହନ ରାୟଙ୍କର ୧୮୩୩ ମସିହା ଆଜିର ଦିନରେ ନିଧନ ହୋଇଥିଲା।

# ସନ୍ଧ୍ୟା ସମୟର ମୁଣ୍ଡବିନ୍ଧା




ଆମ ଦେଶରେ କ୍ଷୀର, ଦହି ଓ ଘିଅକୁ ସବୁଠାରୁ ସ୍ୱାସ୍ଥ୍ୟକାରୀ ଖାଦ୍ୟ ଭାବରେ ଗ୍ରହଣ କରାଯାଏ। ଅଧିକାଂଶ ଭାରତୀୟଙ୍କ ଖାଦ୍ୟରେ କ୍ଷୀର ଓ ଦହି ନିଶ୍ଚିତ ଭାବରେ ଥାଏ। ତେବେ ୭୦ ପ୍ରତିଶତ ଲୋକ ଲ୍ୟାକ୍ଟୋଜ୍‌କୁ ହଜମ କରିପାରନ୍ତି ନାହିଁ ଓ ଏହାର ପରିଣାମରେ କୋଷ୍ଠକାଠିନ୍ୟ, ଗ୍ୟାସ୍ ଓ ପେଟ ଫୁଲିବା ପରି ସମସ୍ୟା ହୋଇଥାଏ। ଏହା ସହିତ ବର୍ତ୍ତମାନ ଲୋକମାନେ ଫଳ ଓ ପରିବାକୁ କମ୍ ଖାଉଛନ୍ତି ଅର୍ଥାତ ଭିଟାମିନ୍, ମିନେରାଲ୍ ଓ ଫାଇବରର ସୋର୍ସ ମଧ କମ୍ ହୋଇଯାଉଛି। ଫଳ ଓ ପରିବାରୁ ମିଳୁଥିବା ଫାଇବର୍ ପାଚନ ପ୍ରଣାଳୀକୁ ଠିକ୍ ରଖେ। ଏହା ଆନ୍ତରେ ହେଲ୍‌ଦି ବ୍ୟାକ୍ଟେରିଆର ମାତ୍ରାକୁ ବୃଦ୍ଧି କରାଏ। ଏହାଦ୍ୱାରା ଆନ୍ତରେ କ୍ୟାନ୍ସର୍ ହେବାର ଆଶଙ୍କା କମ୍ ରହେ। ଏହା ସହିତ ମୋଟାପଣ, ହାର୍ଟ ଆଟାକ୍, ଡାଇବେଟିସ୍ ଓ ଫ୍ୟାଟି ଲିଭର୍‌ର ବିପଦ କମ୍ ରହେ। ତେଣୁ ଡାଏଟ୍‌ରେ ପୋଷଣର ଅଭାବ ଓ ଲ୍ୟାକ୍ଟୋଜ୍ ଇନ୍‌ଟଲେରାନ୍ସ କାରଣରୁ ଅପଚ ହୁଏ ଯାହା ମୁଣ୍ଡବିନ୍ଧାର କାରଣ ହୁଏ, ପେଟ ଫୁଲିବା ଠାରୁ ଆରମ୍ଭ କରି ନର୍ଭସ୍ ସିଷ୍ଟମ୍ ଉପରେ ଏହା ଚାପ ବୃଦ୍ଧି କରାଏ ଓ ମାଇଗ୍ରେନ୍ ସମସ୍ୟା ଆରମ୍ଭ ହୋଇଯାଏ। ତେଣୁ ଖାଦ୍ୟର ସମ୍ବନ୍ଧ ପେଟ, ହାର୍ଟ ଓ ମସ୍ତିଷ୍କ ସହିତ ରହିଛି। ଏଥିରେ ଅଳ୍ପ ଟିକିଏ ଗଡ଼ବଡ଼ି ହୋଇଗଲେ ଅନେକ ରୋଗ ସହିତ ମୁଣ୍ଡବିନ୍ଧା ବି ହୋଇଥାଏ। ତେବେ ଦୁନିଆର ପ୍ରତି ସପ୍ତମ ବ୍ୟକ୍ତି ଏ ସମୟରେ ମାଇଗ୍ରେନ୍ ଦ୍ୱାରା ଆକ୍ରାନ୍ତ ରହିବାର ଦେଖିବାକୁ ମିଳୁଛି। ବର୍ତ୍ତମାନ ୧୭ ପ୍ରତିଶତ ମହିଳା ଓ ୮.୬ ପ୍ରତିଶତ ପୁରୁଷ ଏହି ସମସ୍ୟା ସହିତ ସଂଘର୍ଷ କରୁଛନ୍ତି।

# ମହାସାଗରର ନିର୍ମାଣ



ପୃଥିବୀରେ ପାହାଡ଼ର ନିର୍ମାଣ କିପରି ହୋଇଥିଲା ସେ ସମ୍ପର୍କରେ ଆମେମାନେ ଜାଣିଛନ୍ତି। କିନ୍ତୁ ଏଠାରେ ଥିବା ବିଶାଳ ସମୁଦ୍ର ଓ ମହାସାଗରଗୁଡ଼ିକର ନିର୍ମାଣ କିପରି ହେଲା ସେ ବିଷୟରେ ବୋଧହୁଏ କମ୍ ଲୋକ ଜାଣିଥିବେ। ବିଶେଷଜ୍ଞମାନେ ଏହା ଉପରେ ଅନେକ ତର୍କ ରଖିଥିଲେ। ବୈଜ୍ଞାନିକମାନଙ୍କ କହିବା ଅନୁସାରେ କୋଟି କୋଟି ବର୍ଷର ଭୂ-ବୈଜ୍ଞାନିକ ପରିବର୍ତ୍ତନ, ଜଳବାୟୁ ପରିବର୍ତ୍ତନ ଓ ପ୍ରାକୃତିକ ଘଟଣାଗୁଡ଼ିକ କାରଣରୁ ସମୁଦ୍ରର ନିର୍ମାଣ ହୋଇଥିଲା। ପୃଥିବୀର ବଡ଼ ବଡ଼ ଗର୍ତ୍ତ ସବୁକୁ କ୍ରାଟର ବା ସିଙ୍କ୍‌ହୋଲ୍ ନାମରେ ସମସ୍ତେ ଜାଣନ୍ତି ଯେଉଁଗୁଡ଼ିକ ପ୍ରାକୃତିକ ପ୍ରକ୍ରିୟାର କାରଣରୁ ହୋଇଥାଏ। ଏଥିମଧ୍ୟରୁ ଅନ୍ୟତମ କାରଣ ଉଲ୍‌କାପିଣ୍ଡଗୁଡ଼ିକର ପରସ୍ପର ସହିତ ଟକ୍କର। ସେତେବେଳେ ବଡ଼ ଉଲ୍‌କାପିଣ୍ଡର ପୃଥିବୀର ପୃଷ୍ଠଭାଗ ସହିତ ଟକ୍କର ହୋଇ ଗଭୀର ଗର୍ତ୍ତ ତିଆରି ହୋଇଥିଲା। ଏହି ଟକ୍କର ଯୋଗୁ ବହୁତ ଅଧିକ ଉର୍ଜା ସୃଷ୍ଟି ହୁଏ। ଏହି କାରଣରୁ ପୃଥିବୀର ପୃଷ୍ଠଭାଗରେ ବଡ଼ ବଡ଼ ଗର୍ତ୍ତର ନିର୍ମାଣ ହୋଇଥିଲା। ଉଦାହରଣ ସ୍ୱରୂପ ମେକ୍ସିକୋର ୟୁକାଟନ୍ ଉପଦ୍ୱୀପରେ ଚିକ୍ସୁଲବ୍ କ୍ରାଟର ଦେଖିପାରିବେ। ପାଖାପାଖି ୬୬ ମିଲିଅନ୍ ବର୍ଷ ପୂର୍ବରୁ ଏହାର ନିର୍ମାଣ ହୋଇଥିଲା ଓ ଡାଇନୋସୋରଙ୍କ ବିଲୁପ୍ତ ହେବାର ଏହା ଏକ ବଡ଼ କାରଣ ବୋଲି କୁହାଯାଏ। ବିଶାଳ ଉଲ୍‌କାପିଣ୍ଡର ପୃଥିବୀର କୌଣସି ଭାଗ ସହିତ ଟକ୍କର, ପ୍ରଚୁର ପରିମାଣରେ ଉର୍ଜା ଓ ଉଷ୍ମତା କାରଣରୁ ବାଦଲର ନିର୍ମାଣ ହୋଇ ବହୁ ପରିମାଣରେ ବର୍ଷା ହୁଏ। ବଡ଼ ବଡ଼ ଗର୍ତ୍ତରେ ପାଣି ଏକତ୍ରିତ ହୁଏ। ଏହି ଘଟଣା କେତେଗୁଡ଼ିଏ ପ୍ରକ୍ରିୟା ଦେଇ ଗତି କରେ ଓ ଗର୍ତ୍ତଗୁଡ଼ିକ ସମୁଦ୍ରରେ ପରିଣତ ହୁଏ। ସେହିପରି ଜଳବାୟୁ ପରିବର୍ତ୍ତନ ପାଇଁ ବରଫ ତରଳିବା ଓ ବର୍ଷା ସମୟରେ ଅଧିକ ଜଳର ସଞ୍ଚୟ ହେବା ଦ୍ୱାରା ଗର୍ତ୍ତଗୁଡ଼ିକରେ ପାଣି ଭରିଯାଏ। ବର୍ଷା ସମୟରେ ମାଟି ଓ ପଥରରୁ ଅଲଗା ଅଲଗା ଖଣିଜ ପଦାର୍ଥ ଯଥା ସୋଡିୟମ୍ ଓ କ୍ଲୋରାଇଡ୍ ପ୍ରବାହିତ ହୋଇଆସେ ଓ ନଦୀ, ସମୁଦ୍ରରେ ମିଶିବା ଯୋଗୁ ସମୁଦ୍ରର ପାଣି କ୍ଷାରୀୟ ହୋଇଯାଏ।

## ଆଜିର ରାଶିଫଳ




ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା
ନିମାପଡ଼ା, ପୁରୀ,
ମୋ: ୯୭୭୭୨୫୨୨୪୦


**ମେଷ:** ପୁରୁଣା ବନ୍ଧୁଙ୍କ ସହିତ ସାକ୍ଷାତ ହୋଇପାରେ। ନିଜ ବ୍ୟବହାର ପାଇଁ ସାବଧାନ ରୁହନ୍ତୁ। ପ୍ରଦର୍ଶନ ପାଇଁ ଆତ୍ମବିଶ୍ୱାସ ବୃଦ୍ଧି ହେବ। ଗତ ନିବେଶରୁ ଲାଭ ପାଇବେ। ବ୍ୟସ୍ତତା ପାଇଁ ରୋମାଣ୍ଟିକ ସନ୍ଧ୍ୟା ବିତେଇ ପାରିବେ ନାହିଁ।

**ବୃଷ:** ଆଜି ସକାରାତ୍ମକ ଏନର୍ଜିରେ ଭରପୂର ରହିବେ। ପ୍ରପର୍ଟି କିମ୍ବା ପୂର୍ବ ନିବେଶରୁ ଭଲ ରିଟର୍ଣ୍ଣ ପାଇବେ। ପ୍ରେମ ଜୀବନର ସମସ୍ୟା ଦୂର ହେବ। ସ୍ୱାସ୍ଥ୍ୟଗତ ସମସ୍ୟା ଆସିପାରେ। ଶରୀରକୁ ହାଇଡ୍ରେଟ୍ ରଖନ୍ତୁ।

**ମିଥୁନ:** ଘରେ ଆଜି ଅଶାନ୍ତି ଦେଖାଦେବ। ପ୍ରମୋଶନର ସମ୍ଭାବନା ରହିଛି। ପାର୍ଟନର୍‌ଙ୍କ ସହିତ ଯାତ୍ରାରେ କରିପାରନ୍ତି। ବିଦ୍ୟାର୍ଥୀମାନେ ଆଗକୁ ବଢ଼ିବା ପାଇଁ ସକ୍ଷମ ହେବେ। ସୁସ୍ଥ ଡାଏଟ୍ ଓ ସକ୍ରିୟ ରହିବା ଜୀବନ ମନ୍ତ୍ର ହେବ।

**କର୍କଟ:** ଆଜି ଆତ୍ମବିଶ୍ୱାସୀ ହେବେ। କଠିନ ପରିଶ୍ରମ ଓ କୌଶଳକୁ ଅଣଦେଖା କରିପାରିବେ ନାହିଁ। ବାରମ୍ବାର ଯାତ୍ରା ଯୋଗ ରହିଛି। ବ୍ୟବସାୟୀଙ୍କୁ ଲାଭ ମିଳିବ। ସୁସ୍ଥ ଡାଏଟ୍ ପ୍ଲାନ୍ ଆପଣଙ୍କୁ ଲାଭ ଦେବ। ନିଜ ସଉକକୁ ଲୁଚେଇ ପାରନ୍ତି।

**ସିଂହ:** ନେଟ୍‌ୱର୍କ କ୍ୟାରିୟର୍‌ରେ ଆଗକୁ ବଢ଼ିବେ। ଆଜିର ଦିନଟିର ଆନନ୍ଦ ନିଅନ୍ତୁ। ଫିଟ୍ ରହିବା ପାଇଁ ଭଲ ଭୋଜନ କରନ୍ତୁ। ଶିକ୍ଷାଗତ ଦୃଷ୍ଟିରୁ ପରିସ୍ଥିତି ପୂର୍ବାପେକ୍ଷା ଭଲ ରହିବ। ରୋମାଣ୍ଟିକ ସମ୍ପର୍କରେ ତିକ୍ତତା ଦେଖାଦେଇପାରେ।

**କନ୍ୟା:** ସ୍ୱାସ୍ଥ୍ୟଗତ ଦୃଷ୍ଟିରୁ ଦିନଟି ଉତ୍ତମ। ଆୟର ଖୁବ୍ ଭଲ ଅବସର ଆସିବ। ଏଥିପାଇଁ ପରିସ୍ଥିତିରେ ପରିବର୍ତ୍ତନ ହୋଇପାରେ। କାର୍ଯ୍ୟକ୍ରମ ଆଦିରେ ଭାଗ ନେଲେ ଗସିପ୍‌ର ସୁଯୋଗ ପାଇବେ। କ୍ୱାଲିଟି ସମୟ ଅତିବାହିତ କରିବେ।

**ତୁଳା:** ଦିନଟି ନର୍ମାଲ୍ ରହିବ। କାର୍ଯ୍ୟସ୍ଥଳରେ ପ୍ରଶଂସିତ ହେବେ। ସମ୍ପତ୍ତି ମାମଲାରେ ସାଙ୍ଗର ସାହାଯ୍ୟ ନେଇପାରନ୍ତି। ସିଙ୍ଗିଲ୍‌ମାନଙ୍କର ସ୍ପେଶାଲ୍ ବ୍ୟକ୍ତିଙ୍କ ସହିତ ସାକ୍ଷାତ ହେବ। ଧନ ମାମଲାରେ ଆଜି ସାବଧାନ ରୁହନ୍ତୁ।

**ବିଛା:** ଜିନିଷ କିଣିବା ସମୟରେ ବଜେଟ୍ ଉପରେ ଧ୍ୟାନ ଦେବେ। ଜମି କିମ୍ବା ଘର ଖୋଜୁଥିବା ଲୋକମାନଙ୍କୁ ଭଲ ଡିଲ୍ ମିଳିଯିବ। ପରିବାରର ସପୋର୍ଟ ପାଇବେ। ସ୍ୱାସ୍ଥ୍ୟର ଆନନ୍ଦ ସହିତ ବିଦେଶରେ ଛୁଟି କଟେଇ ପାରନ୍ତି।

**ଧନୁ:** ପରିବାର ସହିତ ସମୟ ଅତିବାହିତ କରିବା ପାଇଁ ହେଲେ ପିକ୍‌ନିକ୍ ବା ମୁଭି ଦେଖିପାରନ୍ତି। କ୍ୟାରିୟର୍‌କୁ ଆଗକୁ ନେବାରେ ସଫଳ ହେବେ। ସ୍ୱପ୍ନକୁ ସାକାର କରିବା ପାଇଁ ଖୁବ୍ ଭଲ ସମୟ।

**ମକର:** ବିଦ୍ୟାର୍ଥୀମାନେ ଆଜି ଖୁବ୍ ଭଲ ପ୍ରଦର୍ଶନ କରିବେ। ପରିବାର ସହିତ ଫଙ୍କ୍‌ସନର ଆୟୋଜନ କରିପାରନ୍ତି। କାମର ବୋଝ ନିଜେ ଉଠାନ୍ତୁ। ବ୍ୟାୟାମ ଦ୍ୱାରା ଫିଟ୍ ରହିବେ। ଲକ୍ଷ୍ୟ ହାସଲ ଉପରେ ଧ୍ୟାନ ରହିବ।

**କୁମ୍ଭ:** ବ୍ୟବସାୟ ସହିତ ଜଡ଼ିତ ଅବସର ମିଳିବ। ଧନ ଓ ସମ୍ପତ୍ତି ଲାଭର ସମ୍ଭାବନା ରହିଛି। ପରିବାରର କୌଣସି ସଦସ୍ୟ ଭଲ ଖବର ଶୁଣାଇ ପାରନ୍ତି। କୌଣସି ଜରୁରୀ କାମରେ ଯାତ୍ରା ଯୋଜନା କରିପାରନ୍ତି।

**ମୀନ:** କ୍ୟାରିୟର୍ ପାଇଁ ଅଧିକ ସମୟ ଦେବେ। କୌଣସି ପ୍ରୋଜେକ୍ଟରୁ ଲାଭ ମିଳିପାରେ। କଥା ମନେଇବା ପାଇଁ ଚାଲାକି କରିପାରନ୍ତି। ମା'ଙ୍କ ସ୍ୱାସ୍ଥ୍ୟର ଧ୍ୟାନ ଦେବେ। ପରିବାର ସହିତ ସମୟ ବିତାନ୍ତୁ।

## ଠିକାଦାରଙ୍କଠୁ ଲାଞ୍ଚ ନେବା ପଡ଼ିଲା ମହଙ୍ଗା
# ନିର୍ବାହୀ ଯନ୍ତ୍ରୀଙ୍କୁ ଜେଲ୍ ଦଣ୍ଡାଦେଶ

**କେନ୍ଦ୍ରାପଡ଼ା,୨୬।୯/ଏନ୍ଏନ୍ଏସ୍:** କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ଆର୍‌ଡି ଡିଭିଜନର ଆସିଷ୍ଟାଣ୍ଟ ଇଞ୍ଜିନିୟର ତଥା ବର୍ତ୍ତମାନ ଭଦ୍ରକ ଜିଲ୍ଲା ବାସୁଦେବପୁରରେ କାର୍ଯ୍ୟରତ ଅତିରିକ୍ତ ନିର୍ବାହୀ ଅଧିକାରୀ ଶ୍ରୀକାନ୍ତ କୁମାର ମାହୁନ୍ତଙ୍କୁ କଟକ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଦୋଷୀ ସାବ୍ୟସ୍ତ କରି ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ଘଟଣାରୁ ପ୍ରକାଶ, ଶ୍ରୀ ମାହୁନ୍ତ ପଟ୍ଟାମୁଣ୍ଡାଇ ଆର୍‌ଡି ଡିଭିଜନରେ ଥିବାବେଳେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ରାସ୍ତା କାର୍ଯ୍ୟରେ ବିଲ୍ ପାସ କରାଇଦେବା ପାଇଁ ଜୈନିକ ଠିକାଦାରଙ୍କଠାରୁ ୨୦ ହଜାର ଟଙ୍କା ଲାଞ୍ଚ ମାଗି ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିଲେ। ଉକ୍ତ ମାମଲାର ବିଚାର କରାଯାଇ ମାନ୍ୟବର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟର ବିଚାରପତି ଶ୍ରୀ ମାହୁନ୍ତଙ୍କୁ ୪ ବର୍ଷ ଜେଲ ଦଣ୍ଡାଦେଶ ସହିତ ଜୋରିମାନ ଆଦେଶ ଦେଇଛନ୍ତି।

## ଦରମା ଦାବିରେ ମିଶନଶକ୍ତି ମହିଳାଙ୍କ ବିକ୍ଷୋଭ



**ତାଳଚେର,୨୬।୯/ଏନ୍ଏନ୍ଏସ୍:** ମିଶନଶକ୍ତି ମହିଳାଙ୍କୁ ଗତ ୬ ମାସ ହେବ ଦରମା ମିଳିନଥିବାରୁ ଏହାର ପ୍ରତିବାଦରେ ତାଳଚେରରେ କାର୍ଯ୍ୟରତ ମିଶନଶକ୍ତି ମହିଳାକର୍ମୀ ବ୍ଲକ୍ କାର୍ଯ୍ୟାଳୟକୁ ଘେରିବା ସହ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

ଗତ ୬ ମାସ ହେବ ମିଶନଶକ୍ତି ମହିଳାମାନେ ସରକାରଙ୍କ ନୀତିନିୟମକୁ ମାନି ସମସ୍ତ କାର୍ଯ୍ୟ ସୁରୁଖୁରୁରେ ସମ୍ପର୍ଣ୍ଣ କରି ଆସୁଥିବାବେଳେ ସେମାନଙ୍କ ପେଟକୁ ନାତ ମରାଯାଉଥିବାରୁ ସେମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହିତ ବକେୟା ଦରମା ଶୀଘ୍ର ପ୍ରଦାନ କରିବାକୁ ଦାବି କରିଛନ୍ତି। ପ୍ରକାଶଥାଉକି ତାଳଚେର ବ୍ଲକ୍‌ରେ ୨୧ଟି ପଞ୍ଚାୟତରେ ୨୬୭ ଜଣ ମିଶନଶକ୍ତି ମହିଳା କର୍ମୀ କାର୍ଯ୍ୟରତ ଅଛନ୍ତି।

ଯଦି ତାଙ୍କ ପ୍ରତି ଏଭଳି ଅଣଦେଖା କରାଯାଏ ତେବେ ସେମାନଙ୍କ ପରିବାର କିପରି ଚଳିବ ଏବଂସେମାନେ କାର୍ଯ୍ୟ କିପରି ସମ୍ପାଦନ କରିବେ ବୋଲି ଚର୍ଚ୍ଚା ଜୋର ଧରିଛି।

## ୨ ମାଛଧରା ବୋଟ୍ ଉଦ୍ଧାର, ୧୪ ମତ୍ସ୍ୟଜୀବୀ ସୁରକ୍ଷିତ



**ପାରାଦୀପ,୨୬।୯/ଏନ୍ଏନ୍ଏସ୍:** ପାରାଦୀପ ସମୁଦ୍ର ମୁହାଣରେ ବୁଡ଼ି ଯାଉଥିବା ୨ଟି ମାଛଧରା ବୋଟ୍ ସହ ୧୪ ଜଣ ମତ୍ସ୍ୟଜୀବୀଙ୍କୁ ସୁରକ୍ଷିତ ଭାବେ ପାରାଦୀପ ବନ୍ଦର ମେରାଇନ୍ ବିଭାଗ ଉଦ୍ଧାର କରିଛି। ଘଟଣାରୁ ପ୍ରକାଶ, ଗୁରୁବାର ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ସମୁଦ୍ର ଅଶାନ୍ତ ରହିଥିଲା।

ଏଭଳି ସ୍ଥିତିରେ ପାରାଦୀପ ମାଛଧରା ବନ୍ଦରରୁ 'ଧର୍ମସାକ୍ଷୀ-୨' ନାମକ ଏକ ମାଛଧରା ବୋଟ୍ ସମୁଦ୍ରକୁ ମାଛ ଧରିବାକୁ ଯାଇଥିଲା। ସମୁଦ୍ର ଅଶାନ୍ତ ଥିବାରୁ ଧର୍ମସାକ୍ଷୀ-୨ ବୋଟ୍ ପାରାଦୀପ ନେହେରୁ ବଙ୍ଗଳା ମାଛଧରା ବନ୍ଦରକୁ ଫେରୁଥିଲା। କିନ୍ତୁ ମହାନଦୀ ଓ ସମୁଦ୍ର ମୁହାଣ ନିକଟରେ ହଠାତ୍ ବୋଟ୍‌ଟି ଖରାପ ହୋଇଯାଇଥିଲା। ଏହି ବୋଟ୍‌କୁ ଆଣିବାକୁ ଧର୍ମସାକ୍ଷୀ-୩ ବୋଟ୍ ସେଠାକୁ ଯାଇଥିଲା। ଧର୍ମସାକ୍ଷୀ-୩ ବୋଟ୍‌ଟି ଧର୍ମସାକ୍ଷୀ-୨କୁ ବାନ୍ଧି ଆଣୁଥିବାବେଳେ ହଠାତ୍ ରଶି ଛିଣ୍ଡି ବୋଟ୍ ଫ୍ୟାନ୍‌ରେ ଗୁଡ଼େଇ ଯାଇଥିଲା। ଫଳରେ ୨ଟି ବୋଟ୍ ସମୁଦ୍ର ମୁହାଣ ନିକଟରେ ବିପଦଜ୍ଜନକ ଭାବେ ରହି ଯାଇଥିଲେ।

୨ଟି ବୋଟ୍‌ରେ ଥିବା ୧୪ଜଣ ମତ୍ସ୍ୟଜୀବୀ ସହାୟତା ପାଇଁ ମତ୍ସ୍ୟ ଉତ୍ପାଦକ ସଂଘକୁ ସାହାଯ୍ୟ ମାଗିଥିଲେ। ସଂଘ ପକ୍ଷରୁ ତଟରକ୍ଷୀ ବାହିନୀ, ମେରାଇନ୍ ପୁଲିସ ଓ ପାରାଦୀପ ବନ୍ଦରକୁ ସହାୟତା ଲୋଡ଼ା ଯାଇଥିଲା। ପାରାଦୀପ ଡିଏସ୍‌ପି ଏବଂ ଏଏଫ୍‌ଓ କୁଜଙ୍ଗଙ୍କଠାରୁ ଖବରପାଇ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ବନ୍ଦର ମେରାଇନ୍ ବିଭାଗର ଟଗ୍‌ବୋଟ୍ ତାରିଣୀ, ପେଟ୍ରୋଲିଙ୍ଗ ବୋଟ୍ ଜଗନ୍ନାଥ ଓ ସାନ୍‌ଭି ବୋଟ୍ ୨ଟିକୁ ଉଦ୍ଧାର କରିବାକୁ ପଠାଇଥିଲେ। ଏହି ବୋଟ୍ ଗୁଡ଼ିକ ଘଟଣାସ୍ଥଳରେ ପହଞ୍ଚି ୨ଟି ମାଛଧରା ବୋଟ୍‌କୁ ସଫଳତାର ସହିତ ଉଦ୍ଧାର କରିଛନ୍ତି। ପରେ ମତ୍ସ୍ୟ ଉତ୍ପାଦକ ସଂଘର ସାଧାରଣ ସମ୍ପାଦକ ଅରବିନ୍ଦ ସ୍ୱାଇଁ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ, ଉପସଂରକ୍ଷକ କ୍ୟାପଟେନ୍ ଅଲେଖ ଚନ୍ଦ୍ର ସାହୁ, ପାରାଦୀପ ମତ୍ସ୍ୟ ବିଭାଗ ଡିଏସ୍‌ପି ସନ୍ତୋଷ କୁମାର ଜେନାଙ୍କୁ କୃତଜ୍ଞତା ଜଣାଇଛନ୍ତି।

# କଲ୍ୟାଣ ମଣ୍ଡପ ନିର୍ମାଣ କାର୍ଯ୍ୟ ନିମ୍ନମାନର

**ଧାମନଗର,୨୬।୯/ଏନ୍ଏନ୍ଏସ୍:** ଧାମନଗର ପୂର୍ତ୍ତ ରାସ୍ତାର ଭଣ୍ଡାରୀପଦି ପଡ଼ିଆରେ ପାଖାପାଖି ୨ କୋଟି ଟଙ୍କା ବ୍ୟୟରେ କଲ୍ୟାଣ ମଣ୍ଡପ ନିର୍ମାଣ କରାଯାଉଛି। କିନ୍ତୁ ଏହାର କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହେଉଥିବା ନେଇ ଧାମନଗର ଏନ୍ଏସିର ୧ନଂ ୱାର୍ଡର ପାରିଷଦଙ୍କ ସମେତ ସ୍ଥାନୀୟ ଗ୍ରାମବାସୀମାନେ ବାରମ୍ବାର ଅଭିଯୋଗ କରିଆସୁଥିଲେ। ଏଥିରେ ନିମ୍ନମାନର ରଡ୍, ସିମେଣ୍ଟ ବ୍ୟବହାର ସହ ମାଟି ମିଶା ବାଲି ଫିଲିଂ କରାଯାଇଥିଲା। ଏହାର ପାଇଲିଂ ଗଭୀରତା ୧୨ ଫୁଟ ବଦଳରେ ୫ରୁ ୬ ଫୁଟ ହୋଇଥିବା ନେଇ ମଧ୍ୟ ଅଭିଯୋଗ ହୋଇଥିଲା। ବିନା ସୂଚନାଫଳକରେ ଚଳିତ ମାର୍ଚ୍ଚ ମାସରୁ ଆରମ୍ଭ ହେଇଥିବା ଏହି କଲ୍ୟାଣ ମଣ୍ଡପ କାର୍ଯ୍ୟର ସ୍ଥାୟିତ୍ୱ ନେଇ ମଧ୍ୟ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏସବୁ ସତ୍ତ୍ୱେ ପାଇଲିଂ ଗଭୀରତା ସହ ବ୍ୟବହୃତ ସରଞ୍ଜାମ ମାନ ଯାଞ୍ଚ ସମ୍ପର୍କରେ କୌଣସି ତଦନ୍ତ ନହୋଇ କାର୍ଯ୍ୟ ଜାରି ରହିଥିଲା।



ସେଥିପାଇଁ କିଛିଦିନ ପରେ ସ୍ଥାନୀୟ ପାରିଷଦଙ୍କ ସମେତ ଗ୍ରାମବାସୀମାନେ କଲ୍ୟାଣ ମଣ୍ଡପ ନିର୍ମାଣ କାର୍ଯ୍ୟ ବନ୍ଦ କରିବାକୁ ବାଧ୍ୟ ହେଲେ। ଫଳରେ ମୂଳରୁ ନିମ୍ନମାନର କାର୍ଯ୍ୟକୁ ଅସ୍ୱୀକାର କରୁଥିବା ଗ୍ରାମ୍ୟ ଉନ୍ନୟନ ଯନ୍ତ୍ରୀ ମନୋରଞ୍ଜନ ମହାପାତ୍ର ପାଇଲିଂ ଗଭୀରତା ଯାଞ୍ଚ ସହ କାର୍ଯ୍ୟ ଅନୁଧ୍ୟାନ କରାଯିବାକୁ ପ୍ରତିଶ୍ରୁତି ଦେଇଥିଲେ ଏବଂ ତଦନ୍ତ ପରେ କାର୍ଯ୍ୟ ହେବ ବୋଲି କହିଥିଲେ। ଖୁବ୍‌ଶୀଘ୍ର ସୂଚନାଫଳକ ଲଗାଯିବ ବୋଲି ମଧ୍ୟ ଯନ୍ତ୍ରୀ ଶ୍ରୀ ମହାପାତ୍ର ସୂଚନା ଦେଇଥିଲେ। ମାତ୍ର ବିରୋଧ ଓ କାର୍ଯ୍ୟ ବନ୍ଦର ୭ ଦିନ ପରେ ପୁଣି କାର୍ଯ୍ୟ ଆରମ୍ଭ ହେଲା। ତେବେ ଏହି ୭ ଦିନ ମଧ୍ୟରେ ଗ୍ରେଡ୍ ବିମ୍ ଏବଂ ପିଲର୍‌ରେ ବ୍ୟବହୃତ ରଡ୍, ସିମେଣ୍ଟ ଓ ଚିପ୍ସର ମାନ କିପରି ପରିବର୍ତ୍ତନ ହୋଇ ଉନ୍ନତ ହେଲା। ଆଉ କାହା ଆଦେଶରେ ପୁନଶ୍ଚ ନିର୍ମାଣ କାର୍ଯ୍ୟ ଆରମ୍ଭ ହେଲା ସେନେଇ ବୁଦ୍ଧିଜୀବୀ ମହଲରେ ସନ୍ଦେହ ସୃଷ୍ଟି ହୋଇଛି। ତେବେ ସମ୍ପୃକ୍ତ ବିଭାଗର ଉଚ୍ଚ ଅଧିକାରୀଙ୍କ ସମେତ ଭଦ୍ରକ ଜିଲ୍ଲାପାଳ ଓ ଦୁର୍ନୀତି ନିବାରଣ ବିଭାଗ ଘଟଣାର ଗୁରୁତ୍ୱ ଉପଲବ୍ଧି ପୂର୍ବକ ତୁରନ୍ତ ତଦନ୍ତ କରିବାକୁ ସାଧାରଣରେ ଦାବି ହେଉଛି। ପ୍ରକାଶଥାଉକି ସରକାର ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରୁଥିବାବେଳେ ବିଭାଗୀୟ ଯନ୍ତ୍ରୀଙ୍କ ଖାମଖିଆଲି ନୀତି ଓ ଅର୍ଥଖୋର ମନବୃତ୍ତି ଯୋଗୁ ନିମ୍ନମାନର କାମ ହେଉଛି।

### ବାରମ୍ବାର ଅଭିଯୋଗ ସତ୍ତ୍ୱେ ହେଉନି ତଦନ୍ତ
### ଜିଲ୍ଲାପାଳ ଓ ଦୁର୍ନୀତି ନିବାରଣ ବିଭାଗ ଦୃଷ୍ଟିଦେବାକୁ ଦାବି

# 'ଗାନ୍ଧୀ ଜଣେ ବ୍ୟକ୍ତି ନୁହଁନ୍ତି, ଏକ ବିଚାର'

**ଜଗତସିଂହପୁର,୨୬।୯/ଏନ୍ଏନ୍ଏସ୍:** ଓଡ଼ିଶାର ଅଗ୍ରଣୀ ସ୍ୱେଚ୍ଛାସେବୀ ତଥା ଗାନ୍ଧିବାଦୀ ଅନୁଷ୍ଠାନ ଗ୍ରାମୀଣ ସେବକ ସମାଜ ଟ୍ରଷ୍ଟ ତରଫରୁ ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକସ୍ଥିତ ବାଲିକୁଦା ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଗାନ୍ଧୀକଥା ଓ ଗାନ୍ଧୀ ଯୁବ ଶିବିର ଅନୁଷ୍ଠିତ ହୋଇଯାଇଛି। ଜାତୀୟ ସେବା ଯୋଜନାର ପ୍ରତିଷ୍ଠା ଦିବସ ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷା ପ୍ରଫେସର ସୌଦାମିନୀ ଶତପଥୀ ସଭାପତିତ୍ୱ କରିଥିଲେ। ଅନୁଷ୍ଠାନର ଅଧକ୍ଷ ଯୁବ ସମାଜସେବୀ ସନ୍ତୋଷ କୁମାର ମାଝୀ, ମହାବିଦ୍ୟାଳୟ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ପ୍ରଫେସର ରାଜଶ୍ରୀ ହୋତା, ଗ୍ରନ୍ଥାକାର ଦେବେନ୍ଦ୍ର କୁମାର ମୁଦୁଲି, ଡ଼ ଅନିତା ପାତ୍ର, ଅଧାପିକା କଲ୍ୟାଣୀ ପଣ୍ଡା, ଜିଲ୍ଲା ସଂଯୋଜିକା ସୁଶ୍ରୀ ମୋନାଲିସା ମୁଦୁଲି, ଉପସଭାପତି କବି ପ୍ରସାଦ ମହାନ୍ତି ଓ ଜିଲ୍ଲା ଆବାହକ ସବ୍ୟସାଚୀ ତ୍ରିପାଠୀ ଯୋଗଦେଇ ଗାନ୍ଧୀଙ୍କ ଦର୍ଶନ ଉପରେ ଆଲୋଚନା କରି ଗାନ୍ଧୀ ଜଣେ ବ୍ୟକ୍ତି ନୁହଁନ୍ତି ଏକ ବିଚାର ବୋଲି କହିଥିଲେ। ଏହି ଅବସରରେ ଛାତ୍ରୀଙ୍କ ମଧ୍ୟରେ ଲେଖନୀ, ଗାନ୍ଧିଜୀଙ୍କ ଉପରେ କବିତା ଓ ବକ୍ତୃତା ଅନୁଷ୍ଠିତ ହୋଇଥିଲା। କୃତୀ ଛାତ୍ରୀଙ୍କୁ ପ୍ରମାଣପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ଗାନ୍ଧୀ ଦର୍ଶନ, ଭଜନ ଓ ଗାନ୍ଧୀଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାପାଇଁ ଶ୍ରୀ ମୁଦୁଲି ଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଶ୍ରୀ ମାଝୀ ଛାତ୍ରୀଙ୍କୁ ମିଥ୍ୟା ଖବର ଏବଂ ମିଥ୍ୟା ହ୍ୱାଟ୍ସଆପ୍ ୟୁନିଭର୍ସିଟିର ଅପପ୍ରଚାରଠାରୁ ଦୂରେଇ ରହି ଗାନ୍ଧିଜୀଙ୍କ ଉପରେ ଅଧ୍ୟୟନ କରିବାକୁ ପରାମର୍ଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମହାତ୍ମା ଗାନ୍ଧୀ କମ୍ପ୍ୟୁଟର ସେଣ୍ଟରର ଛାତ୍ରୀ ପ୍ରୀତିପ୍ରଜ୍ଞା ପଟ୍ଟନାୟକ, ସୋନାଲି ବେହେରା, ମିତୁ ଜେନା, ସୁପ୍ରିୟା ବାରିକ, ଜଗତସିଂହପୁର ଜିଲ୍ଲା ସଭ୍ୟ ରେଖାରାଣୀ ସାମଲ, ରଶ୍ମି ରଞ୍ଜନ ବାରିକ ଓ ଗୋପାଳକୃଷ୍ଣ ଦାସଙ୍କ ସହ ଗାନ୍ଧିବାଦୀ ଅନୁଷ୍ଠାନ ଏଡ଼ ଇଣ୍ଡିଆ ଓଡ଼ିଶା ଶାଖା ସହଯୋଗ କରିଥିଲେ। ଶେଷରେ କାର୍ଯ୍ୟକ୍ରମ ଅଧିକାରୀ ରାଜଶ୍ରୀ ହୋତା ଧନ୍ୟବାଦ ଦେଇଥିଲେ। ସେହିପରି ଦ୍ୱିତୀୟ ଅଧିବେଶନରେ ମୁଖ୍ୟଅତିଥି ରୂପେ ଉଦୟନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ଯୋଗ ଅଧ୍ୟାପକ ସନ୍ତୋଷ କୁମାର ମାଝୀ ଯୋଗଦେଇ ଏନ୍ଏସ୍ଏସ୍‌ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ବନ୍ଧରେ ଛାତ୍ରୀଙ୍କ ସହ ଆଲୋଚନା କରିଥିଲେ। ଏଥିରେ ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରୀ ଭାଗ ନେଇଥିଲେ। ଶେଷରେ ସ୍ୱେଚ୍ଛାସେବୀ ଅନୁରାଧା ସ୍ୱାଇଁ ଧନ୍ୟବାଦ ଦେଇଥିଲେ।




## ଯୁବକଙ୍କୁ କୁରାଢ଼ୀରେ ଆକ୍ରମଣ

**ସୋର,୨୬।୯/ଏନ୍ଏନ୍ଏସ୍:** ସୋର ଥାନା ହେଁସଗୁଡ଼ା ଗ୍ରାମରେ ଜଣେ ଯୁବକ କୁରାଢ଼ି ଆକ୍ରମଣର ଶିକାର ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ନିତ୍ୟାନନ୍ଦ ସାହୁ ବୁଧବାର ରାତିରେ ଭୋଜି ଖାଇ ଫେରୁଥିବାବେଳେ ସେହି ଗ୍ରାମର ରଘୁନାଥ ପାତ୍ର ତାଙ୍କୁ ଏକ ଧାରୁଆ କୁରାଢ଼ିରେ ଆକ୍ରମଣ କରିଥିଲେ। ଫଳରେ ନିତ୍ୟାନନ୍ଦଙ୍କ ବାମ କାନ୍ଧରେ ଗଭୀର କ୍ଷତ ସୃଷ୍ଟି ହେବାସହ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୋର ମେଡ଼ିକାଲରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ଡାକ୍ତର ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଥିଲେ। ଚିକିତ୍ସିତ ହୋଇ ଫେରିବା ପରେ ଗୁରୁବାର ମଧ୍ୟାହ୍ନରେ ନିତ୍ୟାନନ୍ଦ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ମୂଳେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

## ୨ଲକ୍ଷ ଲୁଟିନେଲେ ଦୁର୍ବୃତ୍ତ

**ତାଳଚେର,୨୬।୯/ଏନ୍ଏନ୍ଏସ୍:** ତାଳଚେର ଟାଉନ ଥାନା ଅନ୍ତର୍ଗତ ଗୋଡ଼ିବନ୍ଧ ଏନ୍‌ଟିପିସି ରାସ୍ତାରେ ମୁଖାପିନ୍ଧା ୪ଜଣ ଦୁର୍ବୃତ୍ତ ଅମୂଲ୍ କମ୍ପାନୀର ସେଲସ୍‌ମ୍ୟାନ୍‌ଙ୍କୁ ଆକ୍ରମଣ କରି ୨ଲକ୍ଷ ୧୭ହଜାର ଟଙ୍କା ଲୁଟିଥିବା ନେଇ ତାଳଚେର ଟାଉନ ଥାନାରେ ଅଭିଯୋଗ ହୋଇଛି। ତାଳଚେର ଟାଉନରେ ଥିବା ଅମୂଲ୍ କମ୍ପାନୀର ଅମୁଲ ସାମଗ୍ରୀକୁ ରାକେଶ ଏକ ୪୦୭ ଗାଡ଼ିରେ ଏନ୍‌ଟିପିସିକୁ ପଠାଇଥିଲେ। ସେଠାରେ ସାମଗ୍ରୀ ବିକ୍ରି କରିସାରି ନଗଦ ୨ଲକ୍ଷ ୧୭ହଜାର ଟଙ୍କା ଧରି ରାଜେନ୍ଦ୍ର ତାଳଚେର ଫେରୁଥିବାବେଳେ ଗୋଡ଼ିବନ୍ଧ ଏନ୍‌ଟିପିସି ରାସ୍ତାର ଶିବରାମପୁର ନିକଟରେ ଦୁର୍ବୃତ୍ତମାନେ ଏକ ବୋଲେରୋରେ ଆସି ତାଙ୍କୁ ଅଟକାଇଥିଲେ। ହଠାତ୍ ରାକେଶଙ୍କ ଗୋଡ଼କୁ ଭୁଜାଲିରେ ହାଣିବା ସହ ଭୟଭୀତ କରାଇ ଗାଡ଼ି ଭିତରେ ଥିବା ଟଙ୍କା ଲୁଟିନେଇ ଚମ୍ପଟ ମାରିଥିଲେ।

### ଡ୍ରିମ୍‌ସରେ ପୂଜ୍ୟପୂଜା ସମାରୋହ
# ୫ ପ୍ରତିଭାଙ୍କୁ 'ଧନେଶ୍ୱର ରଥ ସ୍ମୃତି ସମ୍ମାନ'

**କଟକ,୨୬।୯/ଏନ୍ଏନ୍ଏସ୍:** କର୍ମଯୋଗୀ ଧନେଶ୍ୱର ରଥଙ୍କ ତ୍ରିଂଶତମ ଶ୍ରାଦ୍ଧ ବାର୍ଷିକୀ ଅବସରରେ 'ପୂଜ୍ୟପୂଜ୍ୟ ସମାରୋହ-୨୦୨୪' ଟାଙ୍ଗୀସ୍ଥିତ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଧନେଶ୍ୱର ରଥ ଫାଉଣ୍ଡେସନ୍ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବିଶିଷ୍ଟ ଶିକ୍ଷାବିତ୍ ତଥା ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରସନ୍ନ କୁମାର ସ୍ୱାଇଁ, ବିଶିଷ୍ଟ ସାମ୍ବାଦିକ ତଥା ରାଜ୍ୟ ସୂଚନା କମିଶନର ସୁଶାନ୍ତ କୁମାର ମହାନ୍ତି, ବିଶିଷ୍ଟ କଣ୍ଠଶିଳ୍ପୀ ଗୀତା ପଟ୍ଟନାୟକ, ଶ୍ରୀ ଜଗନ୍ନାଥ ସଂସ୍କୃତି ଗବେଷକ ଡ. ଭାସ୍କର ମିଶ୍ର ଓ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ କ୍ରୀଡ଼ାବିତ୍ ଶ୍ରାବଣୀ ନନ୍ଦଙ୍କୁ 'ଧନେଶ୍ୱର ରଥ ସ୍ମୃତି ସମ୍ମାନ-୨୦୨୪'ରେ ସମ୍ମାନିତ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ସନ୍ଥ ତଥା ପୁରୀ ଶ୍ରୀନିଗମାନନ୍ଦ ସାରସ୍ୱତ ଆଶ୍ରମର ଅଧକ୍ଷ ଡ. ସ୍ୱାମୀ ଶ୍ରୀ ଶଙ୍କରାନନ୍ଦ ସରସ୍ୱତୀ ମହାରାଜ ଯୋଗଦେଇ ମୃତ୍ୟୁ ପରେ ବି କର୍ମଫଳ ଭୋଗିବାକୁ ପଡ଼େ। ମନୁଷ୍ୟର ସତ୍‌କର୍ମ ହିଁ ପଶ୍ଚାତ୍ ଆତ୍ମାର ମୋକ୍ଷ ପ୍ରାପ୍ତି ସହ ପରପୀଡ଼ାକୁ ସୁଖୀ କରାଏ। ସୁତରାଂ ମନୁଷ୍ୟ ନିଜର ବୁଦ୍ଧିକୁ ବିବେକ ଓ ଚେତନା ଦ୍ୱାରା ଜାଗ୍ରତ କରିବା ଉଚିତ ବୋଲି ଶ୍ରୀ ଶଙ୍କରାନନ୍ଦ ସରସ୍ୱତୀ କହିଥିଲେ। ଏହାସହ ଛାତ୍ରଛାତ୍ରୀ ଆହରିତ ଜ୍ଞାନକୌଶଳକୁ ସମାଜ କଲ୍ୟାଣ ପାଇଁ ବିନିଯୋଗ କରିବାକୁ ସ୍ୱାମିଜୀ ଦିଗ୍‌ଦର୍ଶନ ଦେଇଥିଲେ। ଏଥିରେ ଅତିଥିଗଣ ଧନେଶ୍ୱର ରଥ ଫାଉଣ୍ଡେସନ୍‌କୁ କୃତଜ୍ଞତା ଜଣାଇବା ସହ ଛାତ୍ରଛାତ୍ରୀ ସ୍ୱପ୍ନ ସାକାର ଲାଗି ପିତାମାତା, ଗୁରୁଜନଙ୍କ ପ୍ରତି ଶ୍ରଦ୍ଧା ଓ ଭକ୍ତିଭାବ ରଖି କର୍ତ୍ତବ୍ୟନିଷ୍ଠ ହେବାକୁ କହିଥିଲେ।




ଫାଉଣ୍ଡେସନ୍ ଅଧକ୍ଷ ଇଂ ଲଳିତ ମୋହନ ମିଶ୍ରଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ମୁଖ୍ୟଅତିଥି ଭାବେ ସ୍ୱାମୀ ଶଙ୍କରାନନ୍ଦ ସରସ୍ୱତୀ ମହାରାଜଙ୍କୁ ଶ୍ରୀ ଜଗନ୍ନାଥଙ୍କ ଖଣ୍ଡୁଆ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ସ୍ମରଣିକା 'ଅମୃତ ଅନୁଭବ' ଉନ୍ମୋଚନ ସହିତ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଡ୍ରିମ୍‌ସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ 'ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତ ଗାନ କରିଥିଲେ। ଛାତ୍ରୀ ସୁଜୟିନୀ ମୁଦୁଲି ଓ ଅଙ୍କିତା ସ୍ୱାଇଁ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଦ୍ମଶ୍ରୀ ଡ. ଉତ୍ସବ ଚରଣ ଦାସ, ବାବାଜୀ ବିଶ୍ୱନାଥ ଦାସ, ବିଧାୟକ ପ୍ରଶାନ୍ତ କୁମାର ବେହେରା, ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ରେଜିଷ୍ଟ୍ରାର ଡ. ଭକ୍ତ ଚରଣ ପ୍ରଧାନ, ଅବସରପ୍ରାପ୍ତ ପ୍ରଶାସକ ପ୍ରଫୁଲ୍ଲ ଚନ୍ଦ୍ର ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ସହ ଅଧକ୍ଷ ଇଂ ଦୁର୍ଗାପ୍ରସାଦ ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ନିର୍ଦ୍ଦେଶକ ଲୋକନାଥ ବେହେରା, ମେଡିକାଲ କଲେଜର ଡିନ୍ ପ୍ରଫେସର ଡା. ବିରଞ୍ଚି ନାରାୟଣ ମହାପାତ୍ର, ପ୍ରଫେସର ସୁଶାନ୍ତ କୁମାର ଦାସ, ପ୍ରଫେସର ଡା. ଶକ୍ତି ପ୍ରସାଦ ଦାସ, ପ୍ରଫେସର ଡା. ଶିଶୁଶଙ୍କର ମିଶ୍ର, କ୍ରୀଡ଼ା ନିର୍ଦ୍ଦେଶକ ନବକିଶୋର ମିଶ୍ର, ବିଜେପି ନେତା ଅରିନ୍ଦମ୍ ରାୟ, ଡ. ନୟନ ରଞ୍ଜନ ସାମଲ, ଡ. ଆଶୁତୋଷ ଦେବତା, ଡ. ଶ୍ରୀତା ଭୋଳ ଓ ଆଶୁତୋଷ ଦ୍ୱିବେଦୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ପ୍ରାଧାପିକା ଡ. ଅନୁରେଖା ନାୟକ, ଫାଉଣ୍ଡେସନ୍‌ର ଆବାହକ ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା ଓ ଅଧ୍ୟାପକ ଡ. ଅଜିତ୍ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ପୁରୁଣା ପେନ୍‌ସନ୍ ପୁନଃ ପ୍ରଚଳନ ଦାବିରେ ସ୍ମାରକପତ୍ର

**କେନ୍ଦୁଝର,୨୬।୯/ଏନ୍ଏନ୍ଏସ୍:** ଓଡ଼ିଶା ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତି କେନ୍ଦୁଝର ଜିଲ୍ଲା ଶାଖା ପକ୍ଷରୁ ପୁରୁଣା ପେନସନ୍ ପୁନଃ ପ୍ରଚଳନ ଦାବି ନେଇ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ପିଏଫ୍‌ଆର୍‌ଡି ଆକ୍ଟ, ଏନ୍‌ପିଏସ୍ ଓ ୟୁପିଏସ୍ ବାତିଲ କରି ପୁରୁଣା ପେନସନ୍ ପୁନଃପ୍ରଚଳନ କରିବା ଆଦି ଅନ୍ୟ ୧୦ ଦଫା ଦାବିକୁ ନେଇ ଅଖିଳ ଭାରତ ରାଜ୍ୟ ସରକାରୀ କର୍ମଚାରୀ ମହାସଂଘ ଓ ଓଡ଼ିଶା ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତି ଭୁବନେଶ୍ୱରର ଆହ୍ୱାନକ୍ରମେ ଜାତୀୟ ପ୍ରତିବାଦ ଦିବସ ଅବସରରେ ଜିଲ୍ଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି।

କିଛିଦିନ ତଳେ କେନ୍ଦ୍ର ସରକାର ନୂତନ ପେନସନ୍ ଯୋଜନାରେ ଆଂଶିକ ପରିବର୍ତ୍ତନ କରି ଏହାକୁ ୟୁନିଫାଏଡ୍ ପେନସନ୍ ଯୋଜନା ପ୍ରଚଳନ କରିବା ନିମନ୍ତେ ଘୋଷଣା କରିଛନ୍ତି। ୧୨ ମାସ ଦରମାର ଆଭରେଜ୍ ହିସାବରେ ମୂଳ ଦରମାର ୨୫ ବର୍ଷ ଚାକିରି କଲେ ୫୦ ପ୍ରତିଶତ ପେନସନ୍ ମିଳିବ। କିନ୍ତୁ ପ୍ରତି ମାସରେ ଦରମାରୁ ପୂର୍ବ ଅପେକ୍ଷା ୪.୫ ପ୍ରତିଶତ ଅଧିକ କଟିବ। ମୂଳ ପେନସନ୍‌ର ୬୦ ଭାଗ ଫ୍ୟାମିଲି ପେନସନ୍ ଭାବେ ମିଳିବ ଏବଂ ନିର୍ଦ୍ଦିଷ୍ଟ ଭତ୍ତା ପ୍ରତି ୬ ମାସରେ ଥରେ ମିଳିବ। କିନ୍ତୁ ପୁରୁଣା ପେନସନ୍ ଯୋଜନାରେ ଯେଉଁସବୁ ସୁବିଧା ମିଳୁଥିଲା ସେପରି ମିଳିବ ନାହିଁ।

ପ୍ରକାଶଥାଉକି ୨୦୦୩ ଡିସେମ୍ବର ୨୬ ତାରିଖରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଏକ ଅଧାଦେଶ ବଳରେ ନୂଆ ପେନସନ୍ ଯୋଜନା ଘୋଷଣା କରାଯାଇଥିଲା। ପରବର୍ତ୍ତୀ ଅବସ୍ଥାରେ କେନ୍ଦ୍ରର ଉପା ସରକାର ଏହାକୁ ପିଏଫ୍‌ଆର୍‌ଟିଏ ଅଧିନିୟମ ନାମକ ଏକ ବିଲ୍ ସଂସଦରେ ଆଣି ବିରୋଧୀ ଦଳର ସମର୍ଥନରେ କାର୍ଯ୍ୟକାରୀ କରିଥିଲା। ଏହାକୁ ବିରୋଧ କରି ଅଖିଳ ଭାରତ ରାଜ୍ୟ ସରକାରୀ କର୍ମଚାରୀ ମହାସଂଘ ବିଭିନ୍ନ ସମୟରେ ଆନ୍ଦୋଳନ କରିଆସୁଛି। ନିକଟରେ ଘୋଷଣା ହୋଇଥିବା ୟୁନିଫାଏଡ୍ ପେନସନ୍ ଯୋଜନାକୁ ଓଡ଼ିଶା ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତି କେନ୍ଦୁଝର ଜିଲ୍ଲା ଶାଖା ନିନ୍ଦା କରିବା ସହ ପିଏଫ୍‌ଆର୍‌ଡି ଆକ୍ଟ, ଏନ୍‌ପିଏସ୍ ଓ ୟୁପିଏସ୍ ବାତିଲ କରି ପୁରୁଣା ପେନସନ୍ ପୁନଃପ୍ରଚଳନ କରିବା ଓ ଅନ୍ୟାନ୍ୟ ୧୦ ଦଫା ଦାବି ପୂରଣ କରିବାକୁ ଦାବି କରିଛି। ଏହି ସ୍ମାରକପତ୍ର ପ୍ରଦାନ ସମୟରେ ରାଜ୍ୟ ସାଧାରଣ ସମ୍ପାଦକ ସୁଜିତ କୁମାର ନାୟକ, ଜିଲ୍ଲା ଶାଖା ସଭାପତି ହରେକୃଷ୍ଣ ବେଜ, ସମ୍ପାଦକ ପବିତ୍ର ପାତ୍ର, ଉପଦେଷ୍ଟା ନୀଳମଣି ପାଣିଗ୍ରାହୀ ଓ କାର୍ଯ୍ୟକାରୀ ସଭାପତି ସୀତା ଭୋଳଙ୍କ ସମେତ ବହୁ କର୍ମଚାରୀ ସାମିଲ ଥିଲେ।




## ପୁଣି ହାତୀ ଆକ୍ରମଣରେ ଜଣେ ମୃତ

**ବାରିପଦା,୨୬।୯/ଏନ୍ଏନ୍ଏସ୍:** ନିକଟରେ ମୟୂରଭଞ୍ଜ ଜିଲ୍ଲାରେ ହାତୀ ଆକ୍ରମଣରେ ୩ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ପୁଣି ଜଣଙ୍କର ମୃତ୍ୟୁ ଘଟିଛି। ଅନ୍ୟଜଣେ ଆହତ ହୋଇଥିବା ସୂଚନା ମିଳିଛି। ମୃତକ ଜଣକ ହେଲେ ମାନକା ହାଁସଦା(୩୫)। ଘଟଣାରୁ ପ୍ରକାଶ, ଗାଁକୁ ବଣୁଆ ହାତୀ ଅନୁପ୍ରବେଶର ସମ୍ଭାବନାକୁ ଦୃଷ୍ଟିରେ ରଖି ବନବିଭାଗ ପକ୍ଷରୁ ଘରୁ ନବାହାରିବାକୁ ଡାକବାଜି ଯନ୍ତ୍ରଦ୍ୱାରା ପ୍ରଚାର କରି ଗ୍ରାମବାସୀଙ୍କୁ ସତର୍କ କରାଯାଇଥିଲା। କିନ୍ତୁ ବେତନଟୀ ରେଞ୍ଜରେ ବିଚରଣ କରୁଥିବା ଏକ ଦନ୍ତା ହାତୀ ୧୮ନଂ ଜାତୀୟ ରାଜପଥ ଅତିକ୍ରମ କରି ଭୋର ୩ଟା ପାଖାପାଖି ସମୟରେ ରାଧିକାଶୋଳ ଗ୍ରାମରେ ପ୍ରବେଶ କରିଥିଲା। ଏହି ସମୟରେ ୩ରୁ ୪ଟି ଘର ଭାଙ୍ଗିବା ସହିତ ଘର ଭିତରେ ଶୋଇଥିବା ମାନକାଙ୍କୁ ଘୋଷାଡ଼ି ଆଣି ଘର ଅଗଣାରେ କଚାଡ଼ି ଦଳି ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଭାଗ୍ୟଶତଃ ପାଖରେ ଶୋଇଥିବା ସ୍ୱାମୀ ସୀତାନାଥ ଅଳ୍ପକେ ବର୍ତ୍ତି ଯାଇଥିଲେ। ଖବରପାଇ ଗୁରୁବାର ସକାଳେ କୃଷ୍ଣଚନ୍ଦ୍ରପୁର ଫାଣ୍ଡି ଅଧିକାରୀ ଏଏସ୍‌ଆଇ ସୁତାର କୁମାର ମହାନ୍ତ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ବାରିପଦା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ସେହିପରି ସୁରେଇଡ଼ିହି ଗ୍ରାମର ଅନ୍ୟଜଣେ ମଧ୍ୟ ଦନ୍ତା ଆକ୍ରମଣରେ ଆହତ ହୋଇଥିବା ଖବର ମିଳିଛି। ତେବେ ବାରମ୍ବାର ବନ ବିଭାଗର ଅବହେଳା ଓ ଅପାରଗତା ପାଇଁ ହାତୀ ଜନବସତି ଭିତରେ ପଶି ଧନଜୀବନ ହାନି କରୁଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଲାଗି ରହିଛି।

# ସାକିବ ଅଲ୍ ହସନ୍‌ଙ୍କ ଅବସର ଘୋଷଣା

## କାନପୁର ଟେଷ୍ଟ ହୋଇପାରେ ଶେଷ ଟେଷ୍ଟ



**କାନପୁର,୨୬।୯/ଏଜେନ୍ସି:** ବାଂଲାଦେଶର ମହାନ୍ ଅଲ୍‌ରାଉଣ୍ଡର୍ ସାକିବ୍ ଅଲ୍ ହସନ୍ ଟି-୨୦ କ୍ରିକେଟ୍‌ରୁ ଅବସର ଘୋଷଣା କରିଛନ୍ତି। ଏହା ସହିତ ଟେଷ୍ଟ କ୍ରିକେଟ୍‌ରୁ ଅବସର କଥା ମଧ୍ୟ କହିଛନ୍ତି। ଅବଶ୍ୟ ଅନ୍ତିମ ଟେଷ୍ଟ କେଉଁଠି ଖେଳିବେ ତାହା ଏପର୍ଯ୍ୟନ୍ତ ସ୍ଥିର ହୋଇନାହିଁ। ମୀରପୁରରେ ତାଙ୍କୁ ଅନ୍ତିମ ଟେଷ୍ଟ ଖେଳିବାକୁ ଦେବା ନିମନ୍ତେ ସେ ବାଂଲାଦେଶ କ୍ରିକେଟ୍ ବୋର୍ଡ (ବିସିବି) ନିକଟରେ ଇଚ୍ଛାପ୍ରକାଶ କରିଛନ୍ତି। ଯଦି ବିସିବି ଏହି ଦାବିକୁ ମାନେ ତେବେ ଠିକ୍। ନଚେତ୍ କାନପୁରରେ ଭାରତ ବିପକ୍ଷ ଟେଷ୍ଟ ତାଙ୍କ କ୍ୟାରିୟର୍‌ର ଅନ୍ତି ଟେଷ୍ଟ ମ୍ୟାଚ୍ ହେବ।

ଭାରତ ବିପକ୍ଷ ଦ୍ୱିତୀୟ ଟେଷ୍ଟ ପୂର୍ବରୁ ଗୁରୁବାର ସାକିବ୍ କାନପୁରରେ ମିଡିଆକୁ ସମ୍ବୋଧିତ କରିଥିଲେ। ଏହି ଅନୁଭବୀ ଅଲ୍‌ରାଉଣ୍ଡର୍ ତତ୍କାଳ ପ୍ରଭାବରେ ଟି-୨୦ ଅନ୍ତର୍ଜାତୀୟରୁ ଅବସର ଘୋଷଣା କରିଥିଲେ। ସେ ବିସିବି ନିକଟରେ ଆସନ୍ତା ମାସରେ ମୀରପୁରରେ ସାଉଥ୍ ଆଫ୍ରିକା ବିପକ୍ଷ ଘରୋଇ ଟେଷ୍ଟ ସିରିଜ୍ ପରେ ଟେଷ୍ଟ କ୍ରିକେଟ୍‌ରୁ ଅବସର ନେବାର ଇଚ୍ଛାବ୍ୟକ୍ତ କରିଛନ୍ତି। ଅବଶ୍ୟ ଏହି ସିରିଜ୍‌ରେ ଶୀର୍ଷ ଅଲ୍‌ରାଉଣ୍ଡର୍‌ଙ୍କ ଖେଳିବା ସୁରକ୍ଷା ମଞ୍ଜୁରୀ ହାସଲ କରିବା ଉପରେ ନିର୍ଭର କରୁଛି। ଯଦି ସାକିବ୍ ସେହି ଟେଷ୍ଟରେ ସାମିଲ ହୋଇପାରନ୍ତି, ତେବେ ଭାରତ ବିପକ୍ଷ ସିରିଜ୍‌ର ଦ୍ୱିତୀୟ ତଥା ଅନ୍ତିମ ମ୍ୟାଚ୍ ବାଂଲାଦେଶ ପକ୍ଷରୁ ତାଙ୍କର ଶେଷ ଟେଷ୍ଟ ହୋଇପାରେ।

୩୭ ବର୍ଷୀୟ ସାକିବ୍ ବାଂଲାଦେଶର ମହାନ୍ କ୍ରିକେଟର୍‌ଙ୍କ ମଧ୍ୟରୁ ଅନ୍ୟତମ। ସେ ବାଂଲାଦେଶ ପକ୍ଷରୁ ୧୨୯ ଟି-୨୦ ଅନ୍ତର୍ଜାତୀୟ ଖେଳିଛନ୍ତି। ସେ ବାଂଲାଦେଶ ପକ୍ଷରୁ ସମସ୍ତ ଟି-୨୦ ବିଶ୍ୱକପ୍ ଖେଳିବାରେ ଏକମାତ୍ର ଖେଳାଳି। ସାକିବ୍ କହିଛନ୍ତି, ମୁଁ ମୋର ଅନ୍ତିମ ଟି-୨୦ ମ୍ୟାଚ୍ ଗତ ବିଶ୍ୱକପ୍‌ରେ ଖେଳିସାରିଛି। ଚୟନକର୍ତ୍ତାଙ୍କ ସହ ଏ ସମ୍ପର୍କରେ ଆଲୋଚନା କରିଛି। ୨୦୨୬ ବିଶ୍ୱକପ୍ ଦୃଷ୍ଟିରୁ ଅବସର ପାଇଁ ଏହା ମୋର ପ୍ରକୃଷ୍ଟ ସମୟ। ସାକିବ୍ ବାଂଲାଦେଶ ପକ୍ଷରୁ ୭୦ ଟେଷ୍ଟ ମ୍ୟାଚ୍ ଖେଳି ୪୬୦୦ ରନ୍ ସଂଗ୍ରହ କରିଛନ୍ତି। ଏହା ମଧ୍ୟରେ ୫ ଶତକ ଏବଂ ୩୧ ଅର୍ଦ୍ଧଶତକ ସାମିଲ। ସେହିପରି ଟେଷ୍ଟରେ ୨୪୨ ୱିକେଟ୍ ତାଙ୍କ ନାମରେ ରହିଛି। ୩୬ ରନ୍‌ରେ ୭ ୱିକେଟ୍ ତାଙ୍କର ସର୍ବଶ୍ରେଷ୍ଠ ବୋଲିଂ ହୋଇଥିବା ବେଳେ ଟେଷ୍ଟରେ ୧୯ ଥର ଗୋଟିଏ ଇନିଂସ୍‌ରେ ପାଞ୍ଚ ୱିକେଟ୍ ସଫଳତା ହାସଲ କରିଛନ୍ତି। ସେହିପରି ୧୨୯ ଟି-୨୦ରେ ସେ ୧୨୧.୨୫ ଷ୍ଟ୍ରାଇକ୍ ରେଟ୍‌ରେ ୨୫୫୧ ରନ୍ କରିଛନ୍ତି। ଏଥିରେ ୧୩ ଅର୍ଦ୍ଧଶତକ ସାମିଲ। ଏହା ବ୍ୟତୀତ ସେ ୧୪୯ ୱିକେଟ୍ ମଧ୍ୟ ନେଇଛନ୍ତି। ୨୦ ରନ୍ ବ୍ୟୟରେ ପାଞ୍ଚ ୱିକେଟ୍ ତାଙ୍କର ସର୍ବଶ୍ରେଷ୍ଠ ବୋଲିଂ ପ୍ରଦର୍ଶନ ରହିଛି।

ସୂଚନାଯୋଗ୍ୟ, ବାଂଲାଦେଶରେ ରାଜନୈତିକ ଅଶାନ୍ତି ବୋଲି ସାକିବ୍‌ଙ୍କୁ ଏକ ଛାତ୍ର ହତ୍ୟାର ଅଭିଯୁକ୍ତ କରାଯାଇଛି। ସାକିବ୍ ଅପଦସ୍ଥ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କ ପାର୍ଟି ଆୱାମୀ ଲିଗ୍‌ର ସଂସଦ ସଦସ୍ୟ ଥିଲେ।

## ଆଜିଠାରୁ ଭାରତ-ବାଂଲାଦେଶ ଦ୍ୱିତୀୟ ଟେଷ୍ଟ

# ତିନି ସ୍ପିନର୍ ନେଇ ଖେଳିପାରେ ଭାରତ

**କାନପୁର,୨୬।୯/ଏଜେନ୍ସି:** ଭାରତ ଓ ବାଂଲାଦେଶ ମଧ୍ୟରେ ଟେଷ୍ଟ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଆସନ୍ତାକାଲି (ଶୁକ୍ରବାର)ଠାରୁ କାନପୁରର ଗ୍ରୀନ୍ ପାର୍କ ଷ୍ଟାଡିୟମ୍‌ରେ ଖେଳାଯିବ। ଚେନ୍ନାଇରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ଭାରତ ବିଜୟୀ ହୋଇ ସିରିଜ୍‌ରେ ୧-୦ରେ ଆଗୁଆ ରହିଛି। ତେଣୁ ଆଗାମୀ ମ୍ୟାଚ୍‌ରେ ଟିମ୍ ଇଣ୍ଡିଆ ୨-୦ କ୍ଲିନ୍ ସ୍ୱିପ୍ ଲକ୍ଷ୍ୟରେ ପଡ଼ିଆକୁ ଓହ୍ଲାଇବ। କୁହାଯାଉଛି

### କୁଲଦୀପ କିମ୍ବା ଅକ୍ଷରଙ୍କୁ ମିଳିବ ସୁଯୋଗ !



କ୍ୟାପ୍ଟେନ୍ ଏହି ମ୍ୟାଚ୍ ପାଇଁ ଚୂଡ଼ାନ୍ତ ଏକାଦଶରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କରିପାରନ୍ତି। ସେ ଜଣେ ଫାଷ୍ଟ ବୋଲର୍‌ଙ୍କୁ ବିଶ୍ରାମ ଦେଇ ଜଣେ ଅତିରିକ୍ତ ସ୍ପିନର୍‌ଙ୍କୁ ସୁଯୋଗ ଦେଇପାରନ୍ତି। କାନପୁର ଗ୍ରୀନ୍ ପାର୍କ ଷ୍ଟାଡିୟମ୍‌ରେ ଭାରତର ଟେଷ୍ଟ ରେକର୍ଡ ଚମତ୍କାର ରହିଛି। ଭାରତୀୟ ଟିମ୍ ଏଠାରେ ମୋଟ ୨୩ ମ୍ୟାଚ୍ ଖେଳିଥିବା ବେଳେ ସାତଟିରେ ବିଜୟୀ ହୋଇଛି। ମାତ୍ର ତିନି ମ୍ୟାଚ୍ ହାରିଥିବା ବେଳେ ୧୩ ଟେଷ୍ଟ ଡ୍ର'ରେ ଶେଷ ହୋଇଛି। ଏହି ପିଚ୍‌ରେ ସର୍ବଦା ସ୍ପିନର୍‌ଙ୍କ ଆଧିପତ୍ୟ ରହିଆସିଛି। ତେଣୁ ଭାରତୀୟ କ୍ୟାପ୍ଟେନ୍ ମ୍ୟାଚ୍‌ରେ ତିନିଜଣ ସ୍ପିନର୍‌ଙ୍କୁ ଖେଳାଇ ପାରନ୍ତି। କାନପୁର ପିଚ୍ ମନ୍ଥର ଗତିର ବୋଲର୍‌ଙ୍କୁ ସହାୟତା ଦେଇ ଆସୁଥିବାରୁ ରୋହିତ ଶର୍ମା କୁଲଦୀପ୍ ଯାଦବ କିମ୍ବା ଅକ୍ଷର ପଟେଲ୍‌ଙ୍କୁ ସୁଯୋଗ ଦେଇପାରନ୍ତି। ଏଥିପାଇଁ ଜଣେ ଫାଷ୍ଟ ବୋଲର୍‌ଙ୍କୁ ବିଶ୍ରାମ ଦେବାକୁ ପଡ଼ିବ। ଏପରି ସ୍ଥିତିରେ ଟିମ୍ ମହମ୍ମଦ ସିରାଜ୍‌ଙ୍କୁ ବିଶ୍ରାମ ଦେଇପାରେ। ଫଳରେ ଜସ୍‌ପ୍ରୀତ୍ ବୁମ୍‌ରାଙ୍କ ସହିତ ଆକାଶ ଦୀପ୍‌ଙ୍କୁ ଫାଷ୍ଟ ବୋଲିଂ ବିଭାଗ ଦାୟିତ୍ୱ ମିଳିବା ସମ୍ଭାବନା ରହିଛି। ଏବେ ଦେଖିବାର ଅଛି ରୋହିତ ଶର୍ମା ବ୍ୟାଟିଂ ବିଭାଗକୁ ବଳ ଦେବା ପାଇଁ ଅକ୍ଷର ପଟେଲ୍‌ଙ୍କୁ ସୁଯୋଗ ଦେଉଛନ୍ତି କି ସ୍ପିନ୍ ବୋଲିଂ ଡିପାର୍ଟମେଣ୍ଟକୁ ଶକ୍ତିଶାଳୀ କରିବା ପାଇଁ ଚାଇନାମ୍ୟାନ୍ ବୋଲର୍ କୁଲଦୀପଙ୍କୁ ସାମିଲ କରୁଛନ୍ତି।

ଅନ୍ୟପକ୍ଷରେ କାନପୁର ଟେଷ୍ଟରେ ଟିମ୍ ଇଣ୍ଡିଆର ବ୍ୟାଟିଂ ଲାଇନ୍-ଅପ୍‌ରେ କୌଣସି ପରିବର୍ତ୍ତନର ସମ୍ଭାବନା ନାହିଁ। ମ୍ୟାଚ୍‌ରେ ପାଞ୍ଚ ବ୍ୟାଟର୍ ଏବଂ ଜଣେ ୱିକେଟ୍‌କିପର୍‌ଙ୍କୁ ସୁଯୋଗ ମିଳିବ। ବିରାଟ କୋହଲି, କେଏଲ୍ ରାହୁଲ ଏବଂ ୱିକେଟ୍‌କିପର୍ ଋଷଭ ପନ୍ତ୍‌ଙ୍କ ପରି ସିନିୟର୍ ଖେଳାଳିଙ୍କ ଟେଷ୍ଟ ଟିମ୍‌କୁ ପ୍ରତ୍ୟାବର୍ତ୍ତନ ଘଟିଛି। ସେହିପରି ପନ୍ତ୍ ପ୍ରଥମ ଟେଷ୍ଟର ଦ୍ୱିତୀୟ ଇନିଂସ୍‌ରେ ଶତକ ହାସଲ ସହ ଚମତ୍କାର ପ୍ରତ୍ୟାବର୍ତ୍ତନ କରିଛନ୍ତି। ଶୀର୍ଷ-୩ ସ୍ଥାନରେ କ୍ୟାପ୍ଟେନ୍ ରୋହିତ ଶର୍ମା, ଯଶସ୍ୱୀ ଜୟସ୍ୱାଲ୍ ଏବଂ ଶୁବମନ ଗିଲ୍ ଖେଳିବା ନିଶ୍ଚିତ।

ଅନ୍ୟପକ୍ଷରେ ଧ୍ରୁବ ଜରେଲ, ଯଶ୍ ଦୟାଲ୍ ଏବଂ ସରଫରାଜ ଖାନ୍ ଯଦି ଚୂଡ଼ାନ୍ତ ଏକାଦଶରେ ସାମିଲ ନହୁଅନ୍ତି, ତେବେ ଟିମ୍ ସେମାନଙ୍କୁ ଇରାନୀ କପ୍ ପାଇଁ ରିଲିଜ୍ କରିବ। ସେହିପରୀ ଅକ୍ଷର ପଟେଲ୍ ଓ ଆକାଶ ଦୀପଙ୍କୁ ବେଞ୍ଚରେ ବସିବାକୁ ପଡ଼ିବ।

ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ପାଇଁ ବାଂଲାଦେଶ ଟିମ୍‌ରେ ଗୋଟିଏ ପରିବର୍ତ୍ତନ ଘଟିପାରେ। ଟିମ୍‌ରେ ଦୁଇଜଣ ସ୍ପିନ୍ ବୋଲିଂ ଅଲ୍‌ରାଉଣ୍ଡର୍ ସାକିବ୍ ଅଲ୍ ହସନ୍ ଓ ମେହଦୀ ହସନ୍ ମିରାଜଙ୍କ ଖେଳିବା ପ୍ରାୟ ନିଶ୍ଚିତ। ଟିମ୍ ଫାଷ୍ଟ ବୋଲର୍ ନାହିଦ୍ ରାଣାଙ୍କ ସ୍ଥାନରେ ତୃତୀୟ ସ୍ପିନର୍ ତାଇଜୁଲ୍ ଇସ୍ଲାମ୍‌ଙ୍କୁ ସାମିଲ କରିପାରେ। ଫଳରେ ମହମୁଦୁଲ ହସନ ଜୟ, ନାହିଦ ରାଣା, ନଇମ୍ ହସନ୍, ସୟଦ୍ ଖାଲିଦ୍ ଏବଂ ଜାକିର ଅଲୀ ଅନିକ୍ ବାହାରେ ବସିବା ନିଶ୍ଚିତ।

**ସମ୍ଭାବ୍ୟ ଭାରତ ଏକାଦଶ:** ରୋହିତ ଶର୍ମା (କ୍ୟାପ୍ଟେନ୍), ଯଶସ୍ୱୀ ଜୟସ୍ୱାଲ୍, ଶୁବମନ ଗିଲ୍, ବିରାଟ କୋହଲି, ଋଷଭ ପନ୍ତ, କେଏଲ୍ ରାହୁଲ, ରବୀନ୍ଦ୍ର ଜାଡ଼େଜା, ଆର୍ ଅଶ୍ୱିନ, ଜସ୍‌ପ୍ରୀତ୍ ବୁମ୍‌ରା, ମହମ୍ମଦ ସିରାଜ/ଆକାଶ ଦୀପ୍, କୁଲଦୀପ୍ ଯାଦବ/ଅକ୍ଷର ପଟେଲ୍।

**ସମ୍ଭାବ୍ୟ ବାଂଲାଦେଶ ଏକାଦଶ:** ନଜମୁଲ୍ ହସନ ଶାନ୍ତୋ (କ୍ୟାପ୍ଟେନ୍), ଶାଦମାନ ଇସ୍ଲାମ, ଜାକିର ହସନ୍, ମୁଶଫିକୁର ରହିମ, ଲିଟନ ଦାସ, ମୋମିନୁଲ୍ ହକ୍, ସାକିବ୍ ଅଲ୍ ହସନ୍, ମେହଦୀ ହସନ ମିରାଜ, ତାଇଜୁଲ୍ ଇସ୍ଲାମ, ହସନ ମହମୁଦ, ତାସ୍କିନ୍ ଅହମଦ।

**ଭେନ୍ୟୁ:** କାନପୁର
**ସମୟ:** ସକାଳ ୯.୩୦
**ପ୍ରସାରଣ:** ସ୍ପୋର୍ଟ୍ସ ୧୮ ନେଟ୍‌ୱର୍କ

# ମକାଉ ଓପନ୍ କ୍ୱାର୍ଟର୍‌ରେ ଶ୍ରୀକାନ୍ତ, ତ୍ରିଷା-ଗାୟତ୍ରୀ

**ନୂଆଦିଲ୍ଲୀ,୨୬।୯/ଏଜେନ୍ସି:** ଭାରତର ଷ୍ଟାର୍ ଶଟ୍‌ଲର୍ କିଦାମ୍ବୀ ଶ୍ରୀକାନ୍ତ ନିଜର ଦେଶର ଆୟୁଷ ସେଟ୍ଟୀଙ୍କୁ ସିଧା ଗେମ୍‌ରେ ହରାଇ ଗୁରୁବାର ମକାଉ ଓପନ୍ ସୁପର୍ ୩୦୦ ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟର ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର୍ ଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ଷଷ୍ଠ ସିଡ୍ ଶ୍ରୀକାନ୍ତ ୨୦୨୩ ଓଡ଼ିଶା ମାଷ୍ଟର୍ସ ରନର୍ସଅପ୍ ଆୟୁଷଙ୍କୁ ୨୧-୧୩, ୨୧-୧୮ରେ ପରାଜିତ କରିଛନ୍ତି। ଆୟୁଷଙ୍କ ପରାଜୟ ପରେ ସିଙ୍ଗଲ୍ସ ଇଭେଣ୍ଟ୍‌ରେ ଶ୍ରୀକାନ୍ତ ଏବେ ଏକମାତ୍ର ଭାରତୀୟ ପ୍ରତିଯୋଗୀ। ୨୦୨୧ ବିଶ୍ୱ ଚାମ୍ପିଅନ୍‌ଶିପ୍ ରୌପ୍ୟ ବିଜେତା ଶ୍ରୀକାନ୍ତ ପରବର୍ତ୍ତୀ ରାଉଣ୍ଡ୍‌ରେ ଦ୍ୱିତୀୟ ସିଡ୍ ହଂକଂର ଏନ୍‌ଜି କା ଲଙ୍ଗ୍ ଅନ୍‌ଗସ୍‌ଙ୍କୁ ଭେଟିବେ।

ମହିଳା ଡବଲ୍ସରେ ତ୍ରିଷା ଜଲି ଓ ଗାୟତ୍ରୀ ଗୋପିଚାନ୍ଦଙ୍କ ଭାରତୀୟ ଯୋଡ଼ି ମଧ୍ୟ କ୍ୱାର୍ଟର୍ ଫାଇନାଲ୍‌ରେ ପ୍ରବେଶ କରିଛି। ଏହି ଯୋଡ଼ି ଚୀନା ତାଇପେଇର ଲିନ୍ ଚିହ-ଚୁନ୍ ଏବଂ ଟେଙ୍ଗ୍ ଚୁନ୍ ହୁସୁନ୍‌ଙ୍କୁ ୩୮ ମିନିଟ୍ ମଧ୍ୟରେ ୨୨-୨୦, ୨୧-୧୧ରେ ମାତ୍ ଦେଇଛି। ତେବେ ମହିଳା ସିଙ୍ଗଲ୍ସରେ ପୂର୍ବତନ ଜୁନିୟର୍ ନଂ.୧ ତସ୍‌ନିମ୍ ମିର୍ ଚତୁର୍ଥ ସିଡ୍ ଜାପାନର ଟୋମୋକା ମିୟାଜାକିଙ୍କଠାରୁ ୧୭-୨୧, ୨୧-୧୩, ୧୦-୨୧ରେ ହାରିଯାଇଛନ୍ତି। ସେହିପରି ବି ସୁମିତ୍ ରେଡ୍ଡୀ ଓ ଏନ୍ ସିକ୍କି ରେଡ୍ଡୀଙ୍କ ମିକ୍ସଡ୍ ଡବଲ୍ସ ଟିମ୍ ଦ୍ୱିତୀୟ ରାଉଣ୍ଡ୍‌ରେ ମାଲେସିଆର ୱଙ୍ଗ୍ ତିଏନ୍ ସି ଓ ଲିମ୍ ଚିଉ ସିଏନ୍‌ଙ୍କଠାରୁ ୧୭-୨୧, ୧୪-୨୧ରେ ପରାଜିତ ହୋଇଛି।

# ଫେକ୍ ନ୍ୟୁଜ୍‌କୁ ନେଇ ଚିଡ଼ିଲେ ପନ୍ତ୍



**କାନପୁର,୨୬।୯/ଏଜେନ୍ସି:** ଦିଲ୍ଲୀ କ୍ୟାପିଟାଲ୍ସର ଷ୍ଟାର୍ ୱିକେଟ୍‌କିପର୍ ବ୍ୟାଟର୍ ଋଷଭ ପନ୍ତ୍ ଫେକ୍ ନ୍ୟୁଜ୍ ବିପକ୍ଷରେ ଅଭିଯାନ ଆରମ୍ଭ କରିଛନ୍ତି। ଆର୍‌ସିବିରେ ତାଙ୍କ ସାମିଲ ନେଇ ଖବର ଶେୟାର୍ କରିଥିବାରୁ ଜଣେ 'ଏକ୍ସ' ୟୁଜର୍‌ଙ୍କୁ ପନ୍ତ୍ ଭର୍ତ୍ସନା କରିଛନ୍ତି। ଗୁରୁବାର ଜଣେ ୟୁଜର୍ ଦାବି କରିଥିଲେ ଯେ ପନ୍ତ୍ ଏହି ସପ୍ତାହ ଆରମ୍ଭରେ ତାଙ୍କ ମ୍ୟାନେଜରଙ୍କ ଜରିଆରେ ଆର୍‌ସିବି ସହିତ ସମ୍ପର୍କ କରିଥିଲେ। ୟୁଜର୍ ଜଣକ ଆହୁରି ଲେଖିଛନ୍ତି 'ସେଠାରେ ତାଙ୍କୁ ନେତୃତ୍ୱ ମିଳିବାର ଆଶା ଥିଲା। ମାତ୍ର ଆର୍‌ସିବି ମ୍ୟାନେଜମେଣ୍ଟ ତାଙ୍କୁ ଅସ୍ୱୀକାର କରିଦେଇଛି।'

ଏହା ଜବାବରେ ପନ୍ତ୍ ଲେଖିଛନ୍ତି- 'ଫେକ୍ ଖବର। ଆପଣମାନେ ସୋସିଆଲ୍ ମିଡିଆରେ ଏତେ ଫେକ୍ ଖବର କାହିଁକି ପ୍ରସାରଣ କରୁଛ। ବିନା କାରଣ ଅବିଶ୍ୱସନୀୟ ପରିବେଶ ସୃଷ୍ଟି କରନାହିଁ।'

# ୩-୦ରେ ଭାରତର କ୍ଲିନ୍‌ସ୍ୱିପ୍



**ପୁଡୁଚେରୀ,୨୬।୯/ଏଜେନ୍ସି:** ଭାରତୀୟ ଅଣ୍ଡର-୧୯ ଟିମ୍ ଯୁବ ଦିନିକିଆ ସିରିଜ୍‌ର ଅନ୍ତିମ ମ୍ୟାଚ୍‌ରେ ଅଷ୍ଟ୍ରେଲିଆକୁ ୭ ରନ୍‌ରେ ହରାଇ ଦେଇଛି। ଏହା ସହିତ ଅଷ୍ଟ୍ରେଲିଆ ବିପକ୍ଷ ତିନି ମ୍ୟାଚ୍ ବିଶିଷ୍ଟ ସିରିଜ୍‌କୁ ଭାରତ ୩-୦ରେ କ୍ଲିନ୍ ସ୍ୱିପ୍ କରିଛି। ପୁଡୁଚେରୀରେ ଖେଳାଯାଇଥିବା ମ୍ୟାଚ୍‌ରେ ଭାରତୀୟ ଟିମ୍ ପ୍ରଥମେ ନିର୍ଦ୍ଧାରିତ ୫୦ ଓଭର୍‌ରେ ୮ ୱିକେଟ୍ ହରାଇ ୩୨୪ ରନ୍ କରିଥିଲା। ଜବାବରେ ଅଷ୍ଟ୍ରେଲିଆର ଅଣ୍ଡର-୧୯ ଟିମ୍ ୭ ୱିକେଟ୍ ବିନିମୟରେ ୩୧୭ ରନ୍ କରିବାକୁ ସମର୍ଥ ହୋଇଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ପକ୍ଷରୁ ସାହିଲ୍ ପାରିଖ୍ ୨୦, ରୁଦ୍ର ପଟେଲ୍ ୭୭, ହରବଂଶ ୪୬ ଏବଂ କ୍ୟାପ୍ଟେନ୍ ମହମ୍ମଦ ଅମାନ ୭୧ ରନ୍‌ର ଇନିଂସ୍ ଖେଳି ୩୨୪ ରନ୍‌ର ବଡ଼ ସ୍କୋର୍ ଛିଡ଼ା କରିଥିଲେ। ଜବାବରେ ଅଷ୍ଟ୍ରେଲିଆ ଜୋର୍‌ଦାର ଆରମ୍ଭ କରି ୪୧ ଓଭର୍‌ରେ ୨ ୱିକେଟ୍ ବିନିମୟରେ ୨୪୧ ରନ୍ କରିଥିଲା। କ୍ୟାପ୍ଟେନ୍ ଅଲିଭର୍ ପିକ୍ (୧୧୧) ଏବଂ ଷ୍ଟିଭେନ୍ ହୋଗାନ୍ (୧୦୪) ତୃତୀୟ ୱିକେଟ୍ ପାଇଁ ୧୮୦ ରନ୍‌ର ଭାଗୀଦାରି କରିଥିଲେ। ମାତ୍ର ଟିମ୍ ନିର୍ଦ୍ଧାରିତ ୫୦ ଓଭର୍‌ରେ ୭ ୱିକେଟ୍ ବିନିମୟରେ ୩୧୭ ରନ୍ କରିବାକୁ ସମର୍ଥ ହୋଇଥିଲା। ଭାରତ ପକ୍ଷରୁ ବାମହାତୀ ସ୍ପିନର୍ ହାର୍ଦ୍ଦିକ ରାଜ ୩ଟି ଓ ଅଫ୍ ସ୍ପିନର୍ କିରଣ କୋର୍‌ମାଲେ ୨ଟି ୱିକେଟ୍ ନେଇଥିଲେ।

**ଯୁଥ୍ ଦିନିକିଆ**

ଏବେ ଦୁଇ ଟିମ୍ ମଧ୍ୟରେ ଚେନ୍ନାଇରେ ସେପ୍ଟେମ୍ବର ୩୦ରୁ ଅକ୍ଟୋବର ୩ ତାରିଖ ପର୍ଯ୍ୟନ୍ତ ପ୍ରଥମ ଅନ୍‌ଅଫିସିଆଲ୍ ଟେଷ୍ଟ ମ୍ୟାଚ୍ ଖେଳାଯିବ।

## ଗଲ୍ ଟେଷ୍ଟ: ଚାଣ୍ଡିମଲ୍‌ଙ୍କ ଶତକ, ମାଥ୍ୟୁଜ୍-ମେଣ୍ଡିଜ୍‌ଙ୍କ ଅର୍ଦ୍ଧଶତକ

# ପ୍ରଥମ ଦିନ ଶ୍ରୀଲଙ୍କା ୩୦୬/୩

**ଗଲ୍,୨୬।୯/ଏଜେନ୍ସି:** ଶ୍ରୀଲଙ୍କା ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଗଲ୍‌ରେ ଗୁରୁବାରଠାରୁ ଆରମ୍ଭ ହୋଇଥିବା ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ର ପ୍ରଥମ ଦିନ ଶ୍ରୀଲଙ୍କା ୩ ୱିକେଟ୍ ହରାଇ ୩୦୬ ରନ୍ କରିଛି। ଟିମ୍ ପକ୍ଷରୁ ଦିନେଶ ଚାଣ୍ଡିମଲ୍ ଶତକ ହାସଲ କରିଥିବା ବେଳ ଆଞ୍ଜେଲୋ ମାଥ୍ୟୁଜ୍ ଓ କାମିନ୍ଦୁ ମେଣ୍ଡିଜ୍ ଅର୍ଦ୍ଧଶତକ କରି ଅପରାଜିତ ରହିଛନ୍ତି। ନ୍ୟୁଜିଲାଣ୍ଡ କ୍ୟାପ୍ଟେନ୍ ଟିମ୍ ସାଉଦି ଓ ଗ୍ଲେନ୍ ଫିଲିପ୍ସ ୧-୧ ୱିକେଟ୍ ନେଇଥିବା ବେଳେ ଦିମୁଥ୍ କରୁଣାରତ୍ନେ ୪୬ ରନ୍‌ରେ ରନ୍‌ଆଉଟ୍ ହୋଇଛନ୍ତି। ପ୍ରଥମ ମ୍ୟାଚ୍‌ରେ ଶ୍ରୀଲଙ୍କା ବିଜୟୀ ହୋଇ ଦୁଇ ମ୍ୟାଚ୍‌ର ସିରିଜ୍‌ରେ ୧-୦ରେ ଆଗୁଆ ରହିଛି।

ଟସ୍ ଜିତି ବ୍ୟାଟିଂ ନେଇଥିବା ଶ୍ରୀଲଙ୍କା ପ୍ରଥମ ଓଭର୍‌ରେ ହିଁ ପାଥୁମ୍ ନିସାଙ୍କା (୧)ଙ୍କ ୱିକେଟ୍ ହରାଇଥିଲା। ସେ ସାଉଦିଙ୍କ ବଲ୍‌ରେ ୱିକେଟ୍ ପଛରେ କ୍ୟାଚ୍ ହୋଇଥିଲେ। ଏହାପରେ କରୁଣାରତ୍ନେ ୱିକେଟ୍‌କିପର୍ ଦିନେଶ ଚାଣ୍ଡିମଲ୍‌ଙ୍କ ସହ ୧୨୨ ରନ୍‌ର ଭାଗୀଦାରି କରିଥିଲେ। ତେବେ ଭୁଲ ବୁଝାମଣା ଯୋଗୁଁ କରୁଣାରତ୍ନେ ରନ୍ ଆଉଟ୍ ହୋଇଥିଲେ। ସେ ୧୦୯ ବଲ୍‌ରେ ୪ ଚୌକା ସହ ୪୬ ରନ୍ କରିଥିଲେ। ଏହାପରେ ଆଞ୍ଜେଲୋ ମାଥ୍ୟୁଜ୍‌ଙ୍କ ସହ ଚାଣ୍ଡିମଲ୍ ଟିମ୍‌ର ସ୍କୋର୍ ୨୦୦ ରନ୍ ପାର୍ କରାଇଥିଲେ। ଦ୍ୱିତୀୟ ସେସନ୍ ଶେଷ ପୂର୍ବରୁ ଚାଣ୍ଡିମଲ୍ ଶତକ ପୂରଣ କରିଥିଲେ। ୨୦୮ ବଲ୍‌ରେ ୧୬ ଚୌକା ସହାୟତାରେ ୧୧୬ ରନ୍ କରିଥିବା ବେଳେ ଗ୍ଲେନ୍ ଫିଲିପ୍ସଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇଥିଲେ। ଏହା ସହିତ ମାଥ୍ୟୁଜ୍‌ଙ୍କ ସହ ତାଙ୍କର ୯୭ ରନ୍‌ର ଭାଗୀଦାରିରେ ବ୍ରେକ୍ ଲାଗିଥିଲା। ମାଥ୍ୟୁଜ୍ ପରେ କାମିନ୍ଦୁ ମେଣ୍ଡିଜ୍‌ଙ୍କ ସହ ମିଶି ଟିମ୍‌ର ସ୍କୋର୍ ୩୦୬ ରନ୍‌ରେ ପହଞ୍ଚାଇଥିଲେ। ଷ୍ଟମ୍ପ୍ ବେଳକୁ ମାଥ୍ୟୁଜ୍ ୭୮ ଏବଂ କାମିନ୍ଦୁ ୫୧ ରନ୍‌ରେ ଅପରାଜିତ ଥିଲେ।



### କାମିନ୍ଦୁ ମେଣ୍ଡିଜ୍‌ଙ୍କ ବିଶ୍ୱ ରେକର୍ଡ

ଶ୍ରୀଲଙ୍କା ଅଲ୍‌ରାଉଣ୍ଡର୍ କାମିନ୍ଦୁ ମେଣ୍ଡିଜ୍ ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ଅର୍ଦ୍ଧଶତକ ହାସଲ କରିବା ମାତ୍ରେ ହିଁ ଏକ ବିଶ୍ୱ ରେକର୍ଡର ଅଧିକାରୀ ହୋଇଛନ୍ତି। ସେ ଡେବ୍ୟୁ ପରଠାରୁ ଲଗାତାର ୮ ଟେଷ୍ଟରେ ୫୦ରୁ ଊର୍ଦ୍ଧ୍ୱ ସ୍କୋର୍ କରିବାରେ ବିଶ୍ୱର ପ୍ରଥମ ଖେଳାଳି ହୋଇଛନ୍ତି। ତାଙ୍କ ନାମରେ ୮ ଟେଷ୍ଟର ୧୩ ଇନିଂସ୍‌ରେ ୪ ଶତକ ଏବଂ ୫ ଅର୍ଦ୍ଧଶତକ ରହିଛି। ଏହି ମାମଲାରେ କାମିନ୍ଦୁ ପାକିସ୍ତାନର ସଉଦ ଶକିଲ୍‌ଙ୍କ ପଛରେ ପକାଇଛନ୍ତି। ଶକିଲ୍‌ଙ୍କ ନାମରେ ଡେବ୍ୟୁ ପରେ ଲଗାତାର ୭ ଟେଷ୍ଟରେ ୫୦+ ସ୍କୋର୍‌ର ରେକର୍ଡ ରହିଥିଲା।




Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, 2581886, 2582886, Fax: 0674-2583886, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra